# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୨/୨୦୧୮ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, December 12/ 2018 | ★★★★★★

୪୫ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଶାଢ଼ି ପିନ୍ଧିଲେ ଫୂର୍ତ୍ତି ଅନୁଭବ କରେ: କଙ୍ଗନା**

ଶାଢ଼ି ପିନ୍ଧିଲେ ଖୁବ୍ ହାଲୁକା ଓ ଫୂର୍ତ୍ତି ଅନୁଭବ କରେ ବୋଲି ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।

୦୪

୧୪

**ମହାଭିଯୋଗ ଚିନ୍ତାରେ ଟ୍ରମ୍ପ୍**

୨୦୧୬ ନିର୍ବାଚନ ପ୍ରଚାର ସମୟରେ ବେଆଇନ ଅର୍ଥ କାରବାର ଭଳି ମହାଭିଯୋଗ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିନ୍ତା ବଢ଼ାଇଛି ।








# ଭୁଶୁଡ଼ିଲା ଭାଜପା ଗଡ଼

ନୂଆଦିଲ୍ଲୀ,୧୧।୧୨
(ଆଇଏଏନ୍ଏସ୍/ପି.ଟି.)

ସବୁ କଳ୍ପନାଜଳ୍ପନାର ଅବସାନ ଘଟିଛି। ୫ ରାଜ୍ୟର ଜନାଦେଶ ଭାଜପା ବିପକ୍ଷରେ ଯାଇଛି। ମଧ୍ୟପ୍ରଦେଶ (ଏମ୍ପି), ଛତିଶଗଡ଼ ଓ ରାଜସ୍ଥାନରେ ଭାଜପାର ଗଡ଼ ଭୁଶୁଡ଼ିପଡ଼ିଛି। ଏହି ୩ ହିନ୍ଦୀ ଭାଷୀ ରାଜ୍ୟକୁ ଗୈରିକ ଦଳ ହାତରୁ କଂଗ୍ରେସ ଛଡ଼ାଇନେଇଛି। ତେଲେଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ବିପୁଳ ବିଜୟ ସହ କ୍ଷମତାକୁ ଫେରିଛି। ସେପଟେ ମିଜୋରାମରେ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍ଏନ୍ଏଫ୍)ର ଏକତରଫା ବିଜୟ ଶାସକ କଂଗ୍ରେସକୁ ଝଟକା ଦେଇଛି। ସେମି ଫାଇନାଲ କୁହାଯାଉଥିବା ଏହି ନିର୍ବାଚନର ଫଳ ମୋଟାମୋଟି ଭାବେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ପାଇଁ ୨୦୧୯ ପୂର୍ବରୁ ସତର୍କଘଣ୍ଟି ହୋଇଛି। ପରିଣାମକୁ ନେଇ କଂଗ୍ରେସ ନେତା ଓ କର୍ମୀ ଉତ୍ସବ ମନାଉଥିବାବେଳେ ଭାଜପା ଶିବିରରେ ନୈରାଶ୍ୟ ଖେଳିଯାଇଛି।

ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ୫ ରାଜ୍ୟରେ ଭୋଟଗ୍ରହଣ କରାଯାଇଥିଲା। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ମାଓବାଦୀ ପ୍ରଭାବିତ ୧୮ ଆସନରେ ନଭେମ୍ବର ୧୨ରେ ଓ ଅବଶିଷ୍ଟ ୭୨ ଆସନରେ ସେହି ମାସ ୨୦ ତାରିଖରେ ମତଦାନ ହୋଇଥିଲା। ୨୩୦ ସଦସ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଓ ମିଜୋରାମର ୪୦ ଆସନ ପାଇଁ ନଭେମ୍ବର ୨୮ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ତେଲେଙ୍ଗାନାର ୧୧୯ ଏବଂ ରାଜସ୍ଥାନର ୨୦୦ ଆସନରୁ ୧୯୯ରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯାଇଥିଲା। ରାଜସ୍ଥାନର ରାମଗଡ଼ ଆସନର ବିଏସ୍ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି। ସମସ୍ତ ୫ ରାଜ୍ୟରେ ମଙ୍ଗଳବାର ଭୋଟ ଗଣତି କରାଯାଇଛି। ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଖବର ଲେଖାଯିବା ଯାଏ ମିଳିଥିବା ସୂଚନାନୁସାରେ ନିର୍ବାଚନ ହୋଇଥିବା ରାଜ୍ୟଗୁଡ଼ିକ ମଧ୍ୟରୁ ସବୁଠୁ ବଡ଼ ମଧ୍ୟପ୍ରଦେଶରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ଏଠାରେ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଶିବରାଜ ସିଂ ଚୌହାନଙ୍କୁ ସରକାର ବିରୋଧୀ ହାୱା ଯୋଗୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ହେଁ ଶେଷ ମୁହୂର୍ତ୍ତରେ କଂଗ୍ରେସ ବାଜି ମାରିନେଇଛି। କଂଗ୍ରେସ ଓ ସହଯୋଗୀଙ୍କୁ ୧୧୪ ନିର୍ବାଚନମଣ୍ଡଳୀରେ ସଫଳତା ମିଳିଥିବାବେଳେ ଭାଜପାକୁ ୧୦୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ମାୟାବତୀଙ୍କ ନେତୃତ୍ୱାଧୀନ ବହୁଜନ ସମାଜ ପାର୍ଟି (ବିଏସ୍ପି)କୁ ୨ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୫ ଆସନରେ ସଫଳତା ମିଳିଛି। ଶିବରାଜ ବୁଧନି ଆସନରେ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ କ୍ୟାବିନେଟର ଅନେକ ମନ୍ତ୍ରୀ କଂଗ୍ରେସ ପ୍ରାର୍ଥୀମାନଙ୍କ ଆଗରେ ହାର ମାନିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହାକୁ ପରିବର୍ତ୍ତନ ପାଇଁ ଜନାଦେଶ ଭାବେ ଅଭିହିତ କରିଥିବାବେଳେ ପିସିସି ସଭାପତି କମଲନାଥ ସରକାର ଗଠନ ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଭୋଟଗ୍ରହଣ କରାଯାଇଥିବା ଦ୍ୱିତୀୟ ବଡ଼ ରାଜ୍ୟ ରାଜସ୍ଥାନରେ ମଧ୍ୟ କଂଗ୍ରେସକୁ ବଡ଼ ସଫଳତା ମିଳିଛି। ରାଜସ୍ଥାନବାସୀ କୌଣସି ଦଳକୁ ଲଗାତର ଦୁଇଥର ସରକାର ଗଠନ କରିବାକୁ ସୁଯୋଗ ନ ଦେବାର ଇତିହାସ ଦୋହରାଇଛନ୍ତି। ଏଠାରେ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ଭାଜପା ସରକାରକୁ ଭୋଟରେ ପ୍ରତ୍ୟାଖ୍ୟାନ କରିଛନ୍ତି। ପିସିସି ସଭାପତି ସଚିନ୍ ପାଇଲଟଙ୍କ ଲୋକପ୍ରିୟତା ଓ ବରିଷ୍ଠ ନେତା ଅଶୋକ ଗେହଲଟ୍ଙ୍କ ଅନୁଭବ ଆଗରେ ବସୁନ୍ଧରାଙ୍କ ରଣନୀତି ହାର୍ ମାନିଛି। ☞ପୃଷ୍ଠା-୧୬

## ମଧ୍ୟପ୍ରଦେଶ

ମୋଟ ଆସନ:୨୩୦
ଲକ୍ଷ୍ୟ:୧୧୬

| | |
|---|---|
| କଂଗ୍ରେସ | ୧୧୪ |
| ଭାଜପା | ୧୦୯ |
| ବିଏସ୍ପି | ୨ |
| ଅନ୍ୟ | ୫ |



## ରାଜସ୍ଥାନ

ମୋଟ ଆସନ:୧୯୯/୨୦୦
ଲକ୍ଷ୍ୟ:୧୦୧

| | |
|---|---|
| କଂଗ୍ରେସ | ୯୯ |
| ଭାଜପା | ୭୩ |
| ବିଏସ୍ପି | ୬ |
| ଅନ୍ୟ | ୨୧ |



## ଛତିଶଗଡ଼

ମୋଟ ଆସନ:୯୦
ଲକ୍ଷ୍ୟ:୪୬

| | |
|---|---|
| କଂଗ୍ରେସ | ୬୮ |
| ଭାଜପା | ୧୫ |
| ବିଏସ୍ପି+ | ୭ |
| ଅନ୍ୟ | ୦ |



## ୫ ରାଜ୍ୟର ଜନାଦେଶ

- ଏମ୍ପି, ଛତିଶଗଡ଼, ରାଜସ୍ଥାନରେ କଂଗ୍ରେସ
- ତେଲେଙ୍ଗାନାରେ ପୁଣି କେସିଆର୍ ସରକାର
- ମିଜୋରାମରେ ଏମ୍ଏନ୍ଏଫ୍ର ଏକତରଫା ବିଜୟ



"ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶର ଜନାଦେଶ ନରେନ୍ଦ୍ର ମୋଦି ସରକାରଙ୍କ ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ ନୀତି ଓ ନିଷ୍ପତ୍ତିରେ ଦେଶବାସୀ ଖୁସି ନ ଥିବାରୁ ପରିବର୍ତ୍ତନ ଆସିଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି। -ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ




## ତେଲେଙ୍ଗାନା

ମୋଟ ଆସନ:୧୧୯
ଲକ୍ଷ୍ୟ:୬୦

| | |
|---|---|
| ଟିଆର୍ଏସ୍ | ୮୮ |
| କଂଗ୍ରେସ+ | ୨୧ |
| ଭାଜପା | ୧ |
| ଏଆଇଏମ୍ଆଇଏମ୍ | ୭ |
| ଅନ୍ୟ | ୨ |



## ମିଜୋରାମ

ମୋଟ ଆସନ:୪୦
ଲକ୍ଷ୍ୟ:୨୧

| | |
|---|---|
| ଏମ୍ଏନ୍ଏଫ୍ | ୨୬ |
| କଂଗ୍ରେସ | ୦୫ |
| ଭାଜପା | ୧ |
| ଅନ୍ୟ | ୮ |



ରିପୋର୍ଟ ପ୍ରସ୍ତୁତ ସୁଦ୍ଧା ବିଜୟ+ଆଗୁଆ ସ୍ଥିତି

# 'ଚାଷୀ ସମସ୍ୟାକୁ ଗୁରୁତ୍ୱ ଦେଇନାହିଁ ଭାଜପା'



ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ଭାଜପା ଚାଷୀ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇନାହିଁ। ନିର୍ବାଚନ ହେଉଥିବା ଏହି ସମସ୍ତ ରାଜ୍ୟରେ ଚାଷୀ ଆନ୍ଦୋଳନ ଜୋର ଧରିଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବୃଦ୍ଧି କରିବାକୁ ସ୍ୱାମୀନାଥନ କମିଟି ସୁପାରିସ କରିଥିଲେ। ହେଲେ ଏହାକୁ କେନ୍ଦ୍ରରେ ସରକାରରେ ଥିବା ଭାଜପା କାର୍ଯ୍ୟକାରୀ କରିନାହିଁ। ଅନୁରୂପ ଭାବେ କେନ୍ଦ୍ର କୃଷି ଋଣ ଛାଡ଼ କରିନାହିଁ, ଯାହାର ଫଳାଫଳ ଭାଜପାକୁ ଭୋଗିବାକୁ ପଡ଼ିଲା । ଏହି ସମସ୍ତ ରାଜ୍ୟର ଫଳାଫଳ ଦେଶର ଜନମତକୁ ସ୍ପଷ୍ଟ ପ୍ରତିଫଳିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜସ୍ଥାନ, ଛତିଶଗଡ଼,ମଧ୍ୟପ୍ରଦେଶ, ତେଲେଙ୍ଗାନା ଏବଂ ମିଜୋରାମ୍ ବିଧାନସଭା ☞ପୃଷ୍ଠା-୧୬


ଆପଣଙ୍କ ଏହି କପି ସହିତ
ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**CBSE Exam Mate**

ପୃଷ୍ଠା-୧୫


NECC NATIONAL EGG CO-ORDINATION COMMITTEE | 11.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 74 | 124 | 134 |
| BLS | 75 | 126 | 136 |
| ANG | 75 | 126 | 136 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

୫ ଫଳ

**ଆଜିର ମନ୍ତବ୍ୟ**

"ଲୋକେ ଭାଜପା ବିରୋଧରେ ଭୋଟ ଦେଇ ଦେଶକୁ ଅହଙ୍କାରମୁକ୍ତ କରିଛନ୍ତି।
-ଏଚ୍.ଡି. ଦେବେଗୌଡ଼ା, ପୂର୍ବତନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ-ନଭେମ୍ବର ସମୟ ମଧ୍ୟରେ ଦେଶରେ କୋଇଲା ଉତ୍ପାଦନ ୧୦% ବୃଦ୍ଧି ଘଟି ୧୫୬ ନିୟୁତ ଟନ୍ ଛୁଇଁଛି।
- ଏମ୍ଜଙ୍କସନ ସର୍ଭିସ ଲିମିଟେଡ୍

# ଶକ୍ତିକାନ୍ତ ଦାସ ଆର୍ବିଆଇ ଗଭର୍ନର

ନୂଆଦିଲ୍ଲୀ,୧୧।୧୨



କେନ୍ଦ୍ର ସରକାର ପୂର୍ବତନ ବ୍ୟୁରୋକ୍ରାଟ୍ ଶକ୍ତିକାନ୍ତ ଦାସଙ୍କୁ ମଙ୍ଗଳବାର ରିଜର୍ଭ ବ୍ୟାଙ୍କର ୨୫ ତମ ଗଭର୍ନର ଭାବେ ନିଯୁକ୍ତ କରିଛନ୍ତି। ସେ ୩ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ। ଉର୍ଜିତ ପଟେଲଙ୍କ ଇସ୍ତଫା ପରେ ଏହି ପଦଟି ଖାଲି ପଡିଥିଲା। କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନର ହେବାରେ ସେ ପ୍ରଥମ ଓଡ଼ିଆ। ତାମିଲନାଡୁ କ୍ୟାଡରର ୧୯୮୦ ବ୍ୟାଚ୍ର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ଆର୍ଥିକ ବ୍ୟାପାର ସଚିବ ଭାବେ ଦାୟିତ୍ୱ ତୁଲାଇ ଅବସର ନେଇଥିଲେ। ଦେଶରେ ବିମୁଦ୍ରୀକରଣ ଓ ଜିଏସ୍ଟି ଲାଗୁ କରିବାରେ ସେ ପୁରୋଧା ଥିଲେ। ଦୀର୍ଘଦିନ ଧରି ରିଜର୍ଭ ବ୍ୟାଙ୍କ ସହ ଘନିଷ୍ଠ ଭାବେ ଜଡିତ ଥିବା ଶକ୍ତିକାନ୍ତ ୧୫ ତମ ଅର୍ଥ କମିଶନର ସଦସ୍ୟ ଥିଲେ। ଏହାଛଡା ସେ ଜି-୨୦ ସମ୍ମିଳନୀରେ ସେର୍ପା ଭାବେ ଭାରତର ପ୍ରତିନିଧିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ତାଙ୍କୁ ପ୍ରଥମେ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ରାଜସ୍ୱ ବିଭାଗରେ ଅବସ୍ଥାପିତ କରାଯାଇଥିଲା। ପରେ ସେ ଆର୍ଥିକ ବ୍ୟାପାର ବିଭାଗକୁ ସ୍ଥାନାନ୍ତର ହୋଇଥିଲେ। ☞ପୃଷ୍ଠା-୧୬

# କ୍ୱାର୍ଟରରେ ଭାରତ-ନେଦରଲାଣ୍ଡ ମୁକାବିଲା

ଭୁବନେଶ୍ୱର, ୧୧।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ଭାରତ ଓ ନେଦରଲାଣ୍ଡ ମଧ୍ୟରେ ମୁକାବିଲା ହେବ। ପୁଲ୍ 'ସି'ର ଶୀର୍ଷ ଦଳଭାବେ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ମଙ୍ଗଳବାର ଅନୁଷ୍ଠିତ ଅନ୍ତିମ କ୍ରସ୍ ଓଭର ମ୍ୟାଚରେ ନେଦରଲାଣ୍ଡ ୫-୦ ଗୋଲରେ କାନାଡ଼ାକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଫଳରେ କାନାଡ଼ାର ଅଭିଯାନ ଶେଷ ହୋଇଛି। କ୍ରସ୍ ଓଭର ମ୍ୟାଚ ଶେଷ ହେବାପରେ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍ଅପ୍ ହୋଇ ଯାଇଛି। ଡିସେମ୍ବର ୧୨ରେ ଆର୍ଜେଣ୍ଟିନା-ଇଂଲଣ୍ଡ ପ୍ରଥମ, ଅଷ୍ଟ୍ରେଲିଆ-ଫ୍ରାନ୍ସ ଦ୍ୱିତୀୟ ଏବଂ ଡିସେମ୍ବର ୧୩ରେ ଭାରତ-ନେଦରଲାଣ୍ଡ ତୃତୀୟ ଓ ଜର୍ମାନୀ-ବେଲଜିୟମ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। କାନାଡ଼ା ବିପକ୍ଷ ମ୍ୟାଚରେ ନେଦରଲାଣ୍ଡ ପକ୍ଷରୁ ଥିଜ୍ ଭାନ୍ ଡାମ ୪୦ ଓ ୫୮ ଦୁଇଟି ଏବଂ ଲାର୍ସ ବଲ୍କ ୧୬, ରବର୍ଟ କେମ୍ପରମ୍ୟାନ ୨୦ ଓ ଥିଏରି ବ୍ରିଙ୍କ୍ମ୍ୟାନ ୪୧ (ସମସ୍ତ ଫିଲ୍ଡ ଗୋଲ) ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ☞ପୃଷ୍ଠା-୧୬

**ହକି ବିଶ୍ୱକପ୍** — ODISHA HOCKEY MEN'S WORLD CUP BHUBANESWAR 2018

**ଫଳାଫଳ**

**ମଙ୍ଗଳବାର**

ପ୍ରଥମ ମ୍ୟାଚ
ବେଲ୍ଜିୟମ-୫
ପାକିସ୍ତାନ-୦

ଦ୍ୱିତୀୟ ମ୍ୟାଚ
ନେଦରଲାଣ୍ଡ-୫
କାନାଡ଼ା-୦

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଡିସେମ୍ବର, ୨୦୧୮



# ଉଣେଇଶ ପାଇଁ ସତର୍କଘଣ୍ଟି

ନୂଆଦିଲ୍ଲୀ,୧୧।୧୨

ସାଧାରଣ ନିର୍ବାଚନକୁ ୫ ମାସରୁ କମ ସମୟ ବାକିଥିବାବେଳେ କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ମଙ୍ଗଳବାର ଲାଗିଛି ଶକ୍ତ ଝଟକା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ଯୋଡ଼ିକୁ ହିନ୍ଦୀ ଭାଷୀ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଦକ୍ଷିଣର ତେଲେଙ୍ଗାନା ଓ ଉତ୍ତର-ପୂର୍ବ ରାଜ୍ୟ ମିଜୋରାମରେ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ନିର୍ବାଚନୀ ଫଳ ମୋଦିଙ୍କ ଲୋକପ୍ରିୟତା ଉପରେ ପ୍ରଶ୍ନଚିହ୍ନ ଲଗାଇଥିବାବେଳେ ଶାହଙ୍କ ରଣନୀତିକୁ ଭୁଲ୍ ପ୍ରମାଣିତ କରିଛି। ୫ ରାଜ୍ୟର ଜନାଦେଶ ଏନ୍‌ଡିଏ ସରକାରଙ୍କୁ ଆତ୍ମସମୀକ୍ଷା କରି ରଣନୀତି ବଦଳାଇବା ପାଇଁ ଏକପ୍ରକାର ବାଧ୍ୟ କରିଛି। ଏହାସହ ଉଣେଇଶ ନିର୍ବାଚନରେ ପୁଣିଥରେ ବିଜୟ ହାସଲ ସେତେଟା ସହଜ ନୁହେଁ ବୋଲି ଏହା ସତର୍କ କରାଇଦେଇଛି।

ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନକୁ ସେମିଫାଇନାଲ କୁହାଯାଉଥିଲା। ଏଥିରେ ବିଜୟୀ ହେଲେ ଆସନ୍ତା ସାଧାରଣ ନିର୍ବାଚନ ବୈତରଣୀ ପାର ହେବାରେ ଅସୁବିଧା ହେବ ବୋଲି ଭାଜପା ଧରିନେଇଥିଲା। ଏଥିପାଇଁ ବିଜୟ ଆଶାରେ ମଙ୍ଗଳବାର ଭୋଟଗଣତି ପୂର୍ବରୁ ଭାଜପା କାର୍ଯ୍ୟାଳୟ ଉତ୍ସବମୁଖର ହୋଇଯାଇଥିଲା।



ମିଷ୍ଟାନ୍ନ ବଣ୍ଟନ କରି ପରସ୍ପରକୁ ଅଭିନନ୍ଦନ ଜଣାଇବା ପାଇଁ ଦଳୀୟ ନେତା ଓ କର୍ମୀ ପ୍ରସ୍ତୁତ ହୋଇଥିଲେ। ହେଲେ ପରିଣାମ ଆସିବା ଆରମ୍ଭ ହେଲାବେଳକୁ ସବୁ ଆଶା ଆଶାରେ ରହିଗଲା। ଭାଜପା ଶାସିତ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନକୁ ଛଡ଼ାଇନେଲା କଂଗ୍ରେସ। ଏହି ୩ ରାଜ୍ୟରେ କଂଗ୍ରେସ ସରକାର ଗଢ଼ିବା ନିଶ୍ଚିତ ହୋଇଛି। ସେହିପରି ତେଲେଙ୍ଗାନା ଓ ମିଜୋରାମରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନ ଦଳୀୟ ନେତାଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛି। ତେଲେଙ୍ଗାନାରେ କଂଗ୍ରେସ ପୂର୍ବାପେକ୍ଷା ତଳକୁ ଖସିଥିବାବେଳେ ମିଜୋରାମରେ ଏମ୍‌ଏନ୍‌ଏଫ୍ ସରକାର ଗଢ଼ିବାକୁ ଯାଉଛି। ଏହି ଦୁଇରାଜ୍ୟରେ କଂଗ୍ରେସର କ୍ଷତିକୁ ୩ ଭାଜପା ଶାସିତ ରାଜ୍ୟରେ ସଫଳତା ଭରଣା କରିଛି। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶର ମହାବିଜୟ ପାଇଁ ଭୋଟରଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ମୋଦି ସରକାରଙ୍କ ଭୁଲ ନୀତି ଯୋଗୁ ଏଭଳି ଜନାଦେଶ ଆସିଛି। ବିମୁଦ୍ରୀକରଣ ଓ ଜିଏସ୍‌ଟି ଭଳି ପଦକ୍ଷେପ ଦେଶର କୃଷକ ଓ ଯୁବପିଢ଼ିଙ୍କୁ ନିରାଶ କରିଛି। ଏବେ ପରିବର୍ତ୍ତନର ସମୟ ଆସିଛି। ଭାଜପାର କଂଗ୍ରେସମୁକ୍ତ ଭାରତ ସମ୍ପର୍କରେ ରାହୁଲ କହିଛନ୍ତି, ଆମେ ଗୈରିକ ଦଳର ନୀତି ଓ ଆଦର୍ଶ ବିରୋଧରେ ଲଢ଼େଇ କରୁଛୁ। ଏହି ନିର୍ବାଚନ ଜିତିଲୁ ଏବଂ ଆଗାମୀ ନିର୍ବାଚନ ଜିତିବୁ। ତେବେ ଆମେ କାହାକୁ ମୁକ୍ତ କରିବାକୁ ଚାହୁଁନୁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ସଦ୍ୟ ଜନାଦେଶ କେନ୍ଦ୍ର ସରକାରଙ୍କ ଲାଗି ସତର୍କଘଣ୍ଟି। ଏବେଠାରୁ ସଜାଗ ନ ହେଲେ ଆଗାମୀ ନିର୍ବାଚନରେ ଭାଜପାକୁ ବହୁମୂଲ୍ୟ ଦେବାକୁ ପଡିପାରେ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ପାଇଁ ୨୦୧୯ ଲୋକ ସଭା ନିର୍ବାଚନ ହିଁ ଅସଲ ପରୀକ୍ଷା ହେବ ବୋଲି କେତେଜଣ ବିଶ୍ଳେଷକ କହିଛନ୍ତି।



"ଏହି ଜନାଦେଶ ମୋଦିଙ୍କ ପ୍ରତି ଜନ ଅସନ୍ତୋଷର ପ୍ରତିଫଳନ। ଏବେ ପରିବର୍ତ୍ତନର ସମୟ।"
**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

## ମୋଦି, ଶାହଙ୍କୁ ଝଟକା

ନୂଆଦିଲ୍ଲୀ,୧୧।୧୨: ୫ ରାଜ୍ୟର ଭୋଟ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଶକ୍ତ ଝଟକା ଦେଇଛି। ଛତିଶଗଡ ଏବଂ ମଧ୍ୟପ୍ରଦେଶରେ ଭାଜପା ୧୫ ବର୍ଷ ଧରି କ୍ଷମତାରେ ଥିଲା। ଏହି ୨ ରାଜ୍ୟ ଓ ରାଜସ୍ଥାନରେ କ୍ଷମତା ବଜାୟ ରଖିବା ଲାଗି ମୋଦି, ଶାହଙ୍କ ସମେତ ବହୁସଂଖ୍ୟାରେ କେନ୍ଦ୍ରମନ୍ତ୍ରୀ ଏବଂ ଷ୍ଟାର ପ୍ରଚାରକ ତୁହାକୁ ତୁହା ଗସ୍ତ କରି ଜୋରଦାର ପ୍ରଚାର ଚଳାଇଥିଲେ। ଏହାସତ୍ତ୍ୱେ ଭାଜପାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଏହି ତିନୋଟି ରାଜ୍ୟ ଦଖଲ କରିବାରେ ସଫଳ ହୋଇଛି । ଏହି ଫଳାଫଳ ଆଗାମୀ ଲୋକ ସଭା ନିର୍ବାଚନକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଦେଶକୁ କଂଗ୍ରେସମୁକ୍ତ କରିବା ଲାଗି ମୋଦି ଓ ଶାହଙ୍କ ସଙ୍କଳ୍ପ ଧୂଳିସାତ ହୋଇଛି। ଫଳାଫଳକୁ ନେଇ ବିରୋଧୀ ଦଳ ଓ ଅନ୍ୟ ଆଞ୍ଚଳିକ ଦଳଗୁଡିକ ବେଶ୍ ଉତ୍ସାହିତ ହୋଇଛନ୍ତି। ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବା ଲାଗି ବିରୋଧୀ ପୁଣିଥରେ ଅଣ୍ଟା ଭିଡିଛନ୍ତି।

### ଜନାଦେଶକୁ ସମ୍ମାନ ଦେଉଛୁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଟିଆରଏସ୍ ଏବଂ ମିଜୋରାମର ଏମ୍‌ଏନ୍‌ଏଫ୍‌କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଭାଜପା ସବୁବେଳେ ଜନାଦେଶକୁ ସମ୍ମାନ ଦିଏ। ଜୟ ପରାଜୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଏହି ଫଳାଫଳ ଆଗକୁ ବିକାଶ ପାଇଁ ଅଧିକ ତତ୍ପର ହୋଇ ଲୋକଙ୍କ ସେବା କରିବାକୁ ଆମକୁ ପ୍ରେରଣା ଦେବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।

## ଭାଜପା ବିରୋଧରେ ଜନାଦେଶ



"୫ ରାଜ୍ୟରୁ ୪ଟିରେ ଭାଜପାକୁ ନିର୍ଭୀକ ଭୋଟରମାନେ ହରାଇ ଦେଇଥିବାରୁ ସେମାନଙ୍କୁ ସାଲ୍ୟୁଟ କରୁଛି। ସେମାନେ ଅର୍ଥବଳ, ବାହୁବଳରେ ପ୍ରଭାବିତ ନ ହୋଇ ନିର୍ଭୟରେ ପରିବର୍ତ୍ତନ ଆଣିବା ସହ ଦେଶକୁ ଏକ ନୂଆ ଦିଶା ଦେଖାଇଛନ୍ତି।
**-ଉଦ୍ଧବ ଠାକରେ, ଶିବସେନା ଅଧ୍ୟକ୍ଷ**



"ରାଜ୍ୟ ସରକାରଗୁଡିକର ପ୍ରଦର୍ଶନକୁ ନେଇ ନିର୍ବାଚନ ଲଢ଼ାଯାଇଥିଲା। ଏହାର ଫଳାଫଳ ଜାତୀୟ ସ୍ତରରେ ମୋଦି ସରକାର ଉପରେ କୌଣସି ପ୍ରଭାବ ପକାଇବ ନାହିଁ।
**-ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ**



"ଛତିଶଗଡ଼ ଜନସାଧାରଣ ରମଣ ସିଂ ସରକାରକୁ ଗାଦିଚ୍ୟୁତ କରିବା ଲାଗି ଜନାଦେଶ ଦେଇଥିବାରୁ ମୁଁ ବହୁତ ଖୁସୀ। କଂଗ୍ରେସକୁ ସେମାନେ ଉପଯୁକ୍ତ ବିକଳ୍ପ ଭାବେ ଚୟନ କରିଛନ୍ତି।
**-ଅଜିତ ଯୋଗୀ, ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ**



"ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନ କେନ୍ଦ୍ରରେ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାରଙ୍କ ପ୍ରତି ଲୋକଙ୍କ କ୍ରୋଧକୁ ପ୍ରତିଫଳିତ କରୁଛି। ଏହି ଫଳାଫଳ ୨୦୧୯ ଲୋକ ସଭା ନିର୍ବାଚନକୁ ପ୍ରଭାବିତ କରିବ।
**-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**



"ଧର୍ମନିରପେକ୍ଷ ଦଳଙ୍କର ବିଜୟ ହୋଇଥିବା ୫ ରାଜ୍ୟ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ଆଗାମୀ ଲୋକ ସଭା ନିର୍ବାଚନରେ ଜନସାଧାରଣ ଧର୍ମନିରପେକ୍ଷ ଦଳଗୁଡିକ ଉପରେ ଆସ୍ଥା ସ୍ଥାପନ କରିବେ ଏଥିରୁ ସୂଚନା ମିଳୁଛି।
**-ଏଚ୍.ଡି. କୁମାରସ୍ୱାମୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ**



"ଭାଜପାର ପରାଜୟ ପଛରେ ବିମୁଦ୍ରୀକରଣ, ଗଣତାନ୍ତ୍ରିକ ଅନୁଷ୍ଠାନକୁ ଦୁର୍ବଳ କରିବା ଆଦି ବିଭିନ୍ନ କାରଣ ଦାୟୀ। ସବୁ ଆଞ୍ଚଳିକ ଦଳ ଏକାଠି ହେବା ଉଚିତ। ଏକ ଦୃଢ଼ ସଂଘୀୟ ମେଣ୍ଟ ଅର୍ଥ ସୁଦୃଢ଼ ଭାରତ।
**-ମମତା ବାନାର୍ଜୀ , ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ଲୋକଙ୍କଠାରୁ ଏଭଳି ଆଶୀର୍ବାଦ ମିଳିବ ଏହା ଆମେ ଆଶା କରି ନ ଥିଲୁ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହ ଲୋକଙ୍କ ପାଇଁ ଲଢ଼େଇ କରୁଥିଲୁ।
**-ଭୁପେଶ ବାଘେଲ, ଛତିଶଗଡ଼ ପିସିସି ସଭାପତି**

## ପ୍ରମୁଖ ବିଜୟୀ

### ବସୁନ୍ଧରା ରାଜେ



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଝଲରପାଟନା ଆସନରୁ ଚତୁର୍ଥ ଥର ଲାଗି ବିଜୟୀ ହୋଇଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ମାନବେନ୍ଦ୍ର ସିଂଙ୍କୁ ପାଖାପାଖି ୪୦ ହଜାର ଭୋଟରେ ପରାଜିତ କରିଛନ୍ତି।

### ସଚିନ ପାଇଲଟ



ରାଜସ୍ଥାନ ପିସିସି ସଭାପତି ସଚିନ ପାଇଲଟ ଟୋଙ୍କ ଆସନରୁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଏକମାତ୍ର ମୁସଲମାନ ପ୍ରାର୍ଥୀ ତଥା ରାଜ୍ୟ ପରିବହନ ମନ୍ତ୍ରୀ ୟୁନୁସ ଖାନ୍‌ଙ୍କୁ ୫୪,୧୭୯ ଭୋଟରେ ପରାଜିତ କରିଛନ୍ତି। ପୂର୍ବରୁ ଦୁଇ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିବା ସଚିନ ପ୍ରଥମ ଥର ଲାଗି ବିଧାନସଭା ନିର୍ବାଚନ ଲଢ଼ିଥିଲେ।

### ଅଶୋକ ଗେହଲଟ୍



ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସର୍ଦ୍ଦାରପୁରା ଆସନରୁ ବିଜୟୀ ହୋଇଛନ୍ତି। ସେ ଭାଜପାର ଶମ୍ଭୁ ସିଂ ଖେତାସାଙ୍କୁ ପରାଜିତ କରିଛନ୍ତି।

### କେ.ଚନ୍ଦ୍ରଶେଖର ରାଓ



ଟିଆର୍‌ଏସ୍ ଅଧ୍ୟକ୍ଷ ତଥା ତେଲେଙ୍ଗାନାର କାମଚଳା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଗଜ୍ୱେଲ ଆସନରୁ ୫୧ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଛନ୍ତି।

### ଆକବରୁଦ୍ଦିନ ଓୱାଇସି



ଏଆଇଏମ୍‌ଆଇଏମ୍ ନେତା ଆକବରୁଦ୍ଦିନ ଓୱାଇସି ତେଲେଙ୍ଗାନାର ଚନ୍ଦ୍ରାୟଣ୍ଗୁଟ୍ଟା ଆସନରୁ ପଞ୍ଚମ ଥର ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୟେଦ ଶେହଜାଦିଙ୍କୁ ୮୦ ହଜାର ଭୋଟରେ ପରାଜିତ କରିଛନ୍ତି।

## ପରାଜିତ ନେତା

### ଲାଲ୍ ଥନୱାଲା



ମିଜୋରାମ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଲାଲ୍ ଥନୱାଲା ଦୁଇଟିଯାକ ଆସନରୁ ହାରିଯାଇଛନ୍ତି। ସେରଛିପ ଆସନରେ ସେ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେପିଏମ)ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଲାଲ୍‌ଡୁହୋମାଙ୍କଠାରୁ ୪୧୦ ଭୋଟରେ ପରାଜିତ ହୋଇଥିଲାବେଳେ ଚମ୍ପାଇ ଦକ୍ଷିଣ ଆସନରୁ ଏମ୍‌ଏନ୍‌ଏଫ ପ୍ରାର୍ଥୀ ଟି.ଜେ. ଲାଲନୁଣ୍ଟଲୁଆଙ୍ଗାଙ୍କଠାରୁ ୧୦୪୯ ଭୋଟରେ ହାରିଛନ୍ତି।

### ପ୍ରଭୁଲାଲ୍ ସାଇନି



ରାଜସ୍ଥାନର କୃଷିମନ୍ତ୍ରୀ ପ୍ରଭୁଲାଲ୍ ସାଇନି ବାରନ ଜିଲାର ଅନ୍ତା ଆସନରୁ ହାରିଯାଇଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ଭାୟାଙ୍କଠାରୁ ୩୪,୦୬୩ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି।

## ରାହୁଲଙ୍କୁ ଉପହାର

ନୂଆଦିଲ୍ଲୀ,୧୧।୧୨

ଠିକ୍ ବର୍ଷକ ତଳେ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦ ସମ୍ଭାଳିଥିଲେ। ଦଳର ମଙ୍ଗ ଧରିବାକୁ ମଙ୍ଗଳବାର ବର୍ଷେ ପୂରିଥିବାବେଳେ ୩ ରାଜ୍ୟର ନିର୍ବାଚନ ଫଳ ରାହୁଲଙ୍କ ପାଇଁ ଉପହାର ସଦୃଶ । ୨୦୧୭ ଡିସେମ୍ବର ୧୧ରେ କଂଗ୍ରେସ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିବା ରାହୁଲଙ୍କ ନେତୃତ୍ୱର ଗ୍ରହଣୀୟତା ବଢ଼ିଛି ଏବଂ ୩ ରାଜ୍ୟରେ କଂଗ୍ରେସର ବିଜୟ ହୋଇଛି।

## ବସୁନ୍ଧରାଙ୍କ ୧୯ ମନ୍ତ୍ରୀଙ୍କ ମଧ୍ୟରୁ ୧୩ ହାରିଛନ୍ତି

ଜୟପୁର,୧୧।୧୨(ପି.ଟି.)

ରାଜସ୍ଥାନର ୧୯ ମନ୍ତ୍ରୀଙ୍କ ମଧ୍ୟରୁ ୧୩ ଜଣ ନିର୍ବାଚନରେ ହାରିଯାଇଛନ୍ତି। କେବଳ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଓ ତାଙ୍କ କ୍ୟାବିନେଟ୍‌ର ୫ ମନ୍ତ୍ରୀ ବିଜୟୀ ହୋଇଛନ୍ତି। ରାଜେ ଝଲରପାଟନାରୁ ଜିତିଥିଲାବେଳେ ଗୃହମନ୍ତ୍ରୀ ଗୁଲାବ ଚାନ୍ଦ କଟାରିଆ ଉଦୟପୁରରୁ, ଶିକ୍ଷାମନ୍ତ୍ରୀ ବସୁନଦେବ ଦେବନାନି ଆଜମେର ଉତ୍ତର ଆସନରୁ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନିତା ଭାଦେଲ ଆଜମେର ଦକ୍ଷିଣରୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ ରାଜେନ୍ଦ୍ର ରାଠୋର ଚୁରୁ ଆସନରୁ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ କିରନ ମହେଶ୍ୱରୀ ରାଜସମନ୍ଦ ଆସନରୁ ବିଜୟୀ ହୋଇଛନ୍ତି।

## ୩ ଦଳଠାରୁ ନୋଟାକୁ ଅଧିକ ଭୋଟ

ନୂଆଦିଲ୍ଲୀ,୧୧।୧୨(ପି.ଟି.)




ସମାଜବାଦୀ ପାର୍ଟି (ଏସ୍‌ପି), ଆମ ଆଦମୀ ପାର୍ଟି (ଏଏପି) ଏବଂ ଏନ୍‌ସିପିଠାରୁ ନୋଟା (ନନ୍ ଅଫ୍ ଦି ଏବଭ)କୁ ଅଧିକ ଭୋଟ ମିଳିଛି। ଛତିଶଗଡରେ ନୋଟାକୁ ୨.୧% ଭୋଟ ମିଳିଥିବାବେଳେ ମିଜୋରାମରେ ୦.୫%, ମଧ୍ୟପ୍ରଦେଶରେ ୧.୫%, ରାଜସ୍ଥାନରେ ୧.୩ % ଏବଂ ତେଲେଙ୍ଗାନାରେ ୧.୧% ଭୋଟ ମିଳିଛି। ଅନ୍ୟପକ୍ଷରେ ଛତିଶଗଡରେ ଏଏପିକୁ ୦.୯%, ଏସପି ଏବଂ ଏନସିପିକୁ ୦.୨% ଲେଖାଏଁ ଏବଂ ସିପିଆଇକୁ ୦.୩% ଭୋଟ ମିଳିଛି। ରାଜସ୍ଥାନରେ ସିପିଏମ୍ ଏବଂ ଏସ୍‌ପିକୁ ଯଥାକ୍ରମେ ୧.୨% ଏବଂ ୦.୨% ଭୋଟ ମିଳିଛି। ସେଠାରେ ଏଏପି ଏବଂ ଆର୍‌ଏଲ୍‌ଡିକୁ ୦.୪ ଏବଂ ୦.୩ % ଭୋଟ ମିଳିଥିବା ନିର୍ବାଚନ କମିଶନଙ୍କ ୱେବସାଇଟରୁ ଜଣାପଡିଛି। ସେହିପରି ତେଲେଙ୍ଗାନାରେ ଏନସିପି ୦.୧%, ସିପିଏମ୍ ଏବଂ ସିପିଆଇ ୦.୪% ଲେଖାଏଁ ଭୋଟ ପାଇଛନ୍ତି। ମିଜୋରାମରେ ପିଆର୍‌ଆଇଏସ୍‌ଏମ୍‌କୁ ୦.୨ ପ୍ରତିଶତ ଭୋଟ ମିଳିଛି।

## ୱିକିପେଡିଆରେ ପାଇଲଟ ମୁଖ୍ୟମନ୍ତ୍ରୀ

ଜୟପୁର,୧୧।୧୨(ପି.ଟି.)

ୱିକିପେଡିଆରେ କଂଗ୍ରେସ ନେତା ସଚିନ ପାଇଲଟଙ୍କୁ ରାଜସ୍ଥାନର ଚତୁର୍ଦ୍ଦଶ ମୁଖ୍ୟମନ୍ତ୍ରୀ ଭାବେ ଦର୍ଶାଯାଇଛି। ସେଠାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପାଇଲଟ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନାଁ ଚର୍ଚ୍ଚା ହେଉଥିବାବେଳେ ଦଳ ପକ୍ଷରୁ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ଦଳର ନେତୃତ୍ୱ ଏବଂ ନବନିର୍ବାଚିତ ବିଧାୟକମାନେ ବୁଧବାର ମୁଖ୍ୟମନ୍ତ୍ରୀ ଚୟନ କରିବେ ।

## ଇତିହାସ ଦୋହରାଇଲା ରାଜସ୍ଥାନ

ଜୟପୁର,୧୧।୧୨

ରାଜସ୍ଥାନରେ କଂଗ୍ରେସର ବିଜୟ ଫଳରେ ଇତିହାସର ପୁନରାବୃତ୍ତି ହୋଇଛି। ଏଠାରେ ପ୍ରତି ୫ ବର୍ଷରେ ସରକାର ବଦଳି ଆସୁଛି। ୨୦୦୩ ବିଧାନସଭା ନିର୍ବାଚନରେ ୧୨୦ ଆସନରେ ବିଜୟୀ ହୋଇ ଭାଜପା ସରକାର ଗଢ଼ିଥିଲା। ୨୦୦୮ରେ କଂଗ୍ରେସ ୯୬ ଆସନରେ ବିଜୟୀ ହୋଇ କ୍ଷମତାକୁ ଫେରିଥିଲାବେଳେ ଭାଜପାକୁ ୭୮ରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ୨୦୧୩ରେ ଭାଜପା ୧୬୨ ଆସନ ଦଖଲ କରି ସରକାର ଗଢ଼ିଥିଲାବେଳେ କଂଗ୍ରେସକୁ ୨୧ ଆସନ ମିଳିଥିଲା।

## ତେଲେଙ୍ଗାନାରେ ଇଭିଏମ୍ ଜାଲିଆତି

### କଂଗ୍ରେସର ସନ୍ଦେହ



ହାଇଦ୍ରାବାଦ,୧୧।୧୨(ପି.ଟି.)

ତେଲେଙ୍ଗାନାରେ ବଡ଼ ପରାଜୟର ସମ୍ମୁଖୀନ ହୋଇଥିବା କଂଗ୍ରେସ ଇଭିଏମ୍‌ରେ ଜାଲିଆତି ସନ୍ଦେହ କରିଛି। ସମସ୍ତ ଭିଭିପିଏଟି ସ୍ଲିପ୍ ଗଣନା କରିବାକୁ ରାଜ୍ୟ କଂଗ୍ରେସ ସଭାପତି ଉତ୍ତମ କୁମାର ରେଡ୍ଡୀ ଦାବି କରିଛନ୍ତି। ଗତ ୭ ତାରିଖରେ ୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଠାରେ କେ.ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱରେ ଟିଆର୍‌ଏସ୍ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ସରକାର ଗଢ଼ିବାକୁ ଯାଉଥିଲା ବେଳେ କଂଗ୍ରେସ ବହୁ ପଛରେ ପଡିଯାଇଛି।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦୌଡରେ ବହୁ ଆଶାୟୀ

ରାୟପୁର,୧୧।୧୨(ପି.ଟି.)

ଦୀର୍ଘ ୧୫ ବର୍ଷ ପରେ କଂଗ୍ରେସ ଛତିଶଗଡ଼ରେ ସରକାର ଗଢ଼ିବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ଦୌଡରେ ବହୁ ଆଶାୟୀ ରହିଥିବା ଚର୍ଚ୍ଚା ହେଉଛି। ବିଧାନସଭାରେ ବିରୋଧୀ ଦଳ ନେତା ଥିବା ପୂର୍ବତନ ରାଜପରିବାରର ଦାୟାଦ ଟି.ଏସ୍ ସିଂଦେଓଙ୍କ ନାଁ ସର୍ବାଗ୍ରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି କଂଗ୍ରେସ ଏମ୍‌ପି ତାମ୍ରଧ୍ୱଜ ସାହୁ, ରାଜ୍ୟ କଂଗ୍ରେସ ସଭାପତି ଭୁପେଶ ବାଘେଲ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚରଣଦାସ ମହନ୍ତ।

## ରମଣ, ବସୁନ୍ଧରା, ଲାଲ୍ ଥନୱାଲାଙ୍କ ଇସ୍ତଫା

ରାୟପୁର, ଐଜଲ,୧୧।୧୨(ପି.ଟି.)



ରମଣ ସିଂ

ଛତିଶଗଡ ମୁଖ୍ୟମନ୍ତ୍ରୀ ରମଣ ସିଂ ପରାଜୟ ପାଇଁ ନୈତିକ ଭାବେ ନିଜକୁ ଦାୟୀ କରି ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟପାଳଙ୍କ ପାଖକୁ ପଠାଇ ଦେଇଛନ୍ତି। ଏହା ସହ ସେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଛତିଶଗଡରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ସରକାର ଗଢ଼ିବାକୁ ଯାଉଛି। ରାଜସ୍ଥାନରେ ଭାଜପାର ପରାଜୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ବସୁନ୍ଧରା ରାଜେ ଇସ୍ତଫା ଦେଇଛନ୍ତି। ସେ ମଙ୍ଗଳବାର ରାତିରେ ତାଙ୍କ ଇସ୍ତଫାପତ୍ର ରାଜ୍ୟପାଳ କଲ୍ୟାଣ ସିଂଙ୍କୁ ପ୍ରଦାନ କରିଛନ୍ତି। ସେହିପରି ମିଜୋରାମରେ କଂଗ୍ରେସର ପରାଜୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ଲାଲ୍ ଥାନୱାଲା ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟପାଳ କୁମନାମ ରାଜଶେଖରଙ୍କୁ ପ୍ରଦାନ କରିଛନ୍ତି।

## କଂଗ୍ରେସ ଶିବିରରେ ବିଜୟ ଉତ୍ସବ

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ତିନି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ଛତିଶଗଡ ଓ ମଧ୍ୟପ୍ରଦେଶରେ ଶାସକ ଭାଜପାକୁ ଶକ୍ତ ଝଟକା ଲାଗିଛି। ଛତିଶଗଡ ଓ ରାଜସ୍ଥାନରେ କଂଗ୍ରେସ ବିଜୟୀ ହୋଇଥିଲାବେଳେ ମଧ୍ୟପ୍ରଦେଶରେ ଦୁଇ ଦଳ ମଧ୍ୟରେ ଜୋରଦାର ଲଢ଼େଇ ପରେ କଂଗ୍ରେସ ଭାଜପାକୁ ପଛରେ ପକାଇଦେଇଛି। କଂଗ୍ରେସର ଏହି ସଫଳତା ଲାଗି ଦଳୀୟ ଶିବିରରେ ଉତ୍ସବ ପାଳନ କରାଯାଉଛି। ଅନ୍ୟପକ୍ଷରେ ସାଧାରଣ ନିର୍ବାଚନ ପୂର୍ବରୁ ସେମିଫାଇନାଲ କୁହାଯାଉଥିବା ଏହି ୫ ରାଜ୍ୟ ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଭାଜପା ଶିବିରରେ ହତାଶାର ବାତାବରଣ ସୃଷ୍ଟି ହୋଇଛି। ଭାଜପାର ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଖାଁ ଖାଁ ଲାଗୁଥିଲା।

ଛତିଶଗଡ ଏବଂ ରାଜସ୍ଥାନରେ କ୍ରମାଗତ ଭାବେ ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବା ସହିତ ରାଜସ୍ଥାନରେ ଦ୍ୱିତୀୟ ଥର ସରକାର ଗଢ଼ିବା ପାଇଁ ଭାଜପା ଆଶାବାଦୀ ଥିଲା।



ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଦଳୀୟ କର୍ମୀ ବିଜୟ ଉତ୍ସବ ମନାଉଛନ୍ତି।

### ଭାଜପା ଅଫିସ ଖାଁ ଖାଁ

ଏଥିପାଇଁ ଦଳର ଷ୍ଟାର କାମ୍ପେନରମାନେ ଜୋରଦାର ପ୍ରଚାର ଚଳାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ନିର୍ବାଚନ ଫଳାଫଳ ଆସିବା ପରେ ପ୍ରବଳ ଗହଳି ହେବା ଆଶଙ୍କା କରି ଦିଲ୍ଲୀ ପୋଲିସ ମଙ୍ଗଳବାର ସକାଳେ ଭାଜପା ମୁଖ୍ୟାଳୟ ନିକଟ ଆଇଟିଓଠାରେ ବାରିକେଡ୍ ନିର୍ମାଣ କରିଥିଲା। କିନ୍ତୁ ଭୋଟଗଣତି ଆରମ୍ଭରୁ ରାଜସ୍ଥାନ ଓ ଛତିଶଗଡରେ ଭାଜପା ପଛରେ ପଡିବା ଏବଂ ମଧ୍ୟପ୍ରଦେଶରେ ଜୋରଦାର ସଂଘର୍ଷ ଜାରି ରହିବାରୁ ଦୀନ ଦୟାଲ ଉପାଧ୍ୟାୟ ମାର୍ଗରେ ଥିବା ଦଳ ମୁଖ୍ୟାଳୟକୁ କେହି ଆସି ନ ଥିଲେ। ଅନ୍ୟପକ୍ଷରେ ଆକବର ରୋଡରେ ଥିବା କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। କଂଗ୍ରେସ ନେତା ଓ କର୍ମୀମାନେ ପରସ୍ପରକୁ ମିଠା ବାଣ୍ଟିବା ସହ ବାଣ ଫୁଟାଇ ଉତ୍ସବ ମନାଇଥିଲେ।

# ଶକ୍ତିକାନ୍ତଙ୍କ ଯାତ୍ରା : ନର୍ଥ ବ୍ଲକରୁ ମିଣ୍ଟ ଷ୍ଟ୍ରିଟ୍

**ନୂଆଦିଲ୍ଲୀ,୧୧।୧୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ନର ଉର୍ଜିତ ପଟେଲଙ୍କ ଇସ୍ତଫା ପରେ କେନ୍ଦ୍ରୀୟ ବ୍ୟାଙ୍କର ମଙ୍ଗ ଧରିଛନ୍ତି ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସ। ଦ୍ୱନ୍ଦ୍ୱଠାରୁ ଦୂରରେ ରହି ସମାଧାନ ଲାଗି ସହମତି ଉପରେ ଜୋର ଦେଉଥିବା ଶକ୍ତିକାନ୍ତ ବ୍ୟୁରୋକ୍ରାଟ୍ ଭାବେ ନର୍ଥ ବ୍ଲକରୁ ମିଣ୍ଟ ଷ୍ଟ୍ରିଟରେ ପଦାର୍ପଣ କରିଛନ୍ତି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କର ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ସେ ପ୍ରଥମ ଓଡ଼ିଆ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ମଙ୍ଗଳବାର ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ସର୍ବଦା ଟିମ୍‌କୁ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଉଥିବା ଶକ୍ତିକାନ୍ତ ଏକ ଘଡିସନ୍ଧି ମୁହୂର୍ତ୍ତରେ କେନ୍ଦ୍ରୀୟ ବ୍ୟାଙ୍କର ଭାର ସମ୍ଭାଳିଛନ୍ତି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ଉଭୟ ତାମିଲନାଡୁ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି।

ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଦାସ ତାଙ୍କ କ୍ୟାରିୟରରେ ଅର୍ଥ ମନ୍ତ୍ରଣାଳୟ ସହ ଜଡିତ ବିଭିନ୍ନ ବିଭାଗରେ କାର୍ଯ୍ୟକରିବାର ଅଭିଜ୍ଞତା ହାସଲ କରିଛନ୍ତି। ତତ୍କାଳୀନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ସମୟରେ ୨୦୦୮ରେ ସେ ଯୁଗ୍ମ ସଚିବ ଭାବେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟରେ ଯୋଗ ଦେଇଥିଲେ। ଉଭୟ ଚିଦାମ୍ବରମ ଓ ପ୍ରଣବ ମୁଖାର୍ଜୀ ଅର୍ଥମନ୍ତ୍ରୀ ଥିବା ବେଳେ ଦୀର୍ଘ ୫ ବର୍ଷ ଧରି ସେ କ୍ରମାଗତ ଭାବେ ବଜେଟ ପ୍ରସ୍ତୁତି ପ୍ରକ୍ରିୟାରେ ଯୁଗ୍ମ ସଚିବ ଓ


ଶକ୍ତିକାନ୍ତ ଦାସ

ପରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୩ ଡିସେମ୍ବରରେ ସେ ରସାୟନ ଓ ସାର ମନ୍ତ୍ରଣାଳୟ ସଚିବ ଭାବେ ପଦୋନ୍ନତି ପାଇଥିଲେ। ତେବେ ୨୦୧୪ ମଧ୍ୟ ଭାଗରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ତାଙ୍କୁ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ରାଜସ୍ୱ ବିଭାଗର ସଚିବ ଭାବେ ବଦଳି କରାଯାଇଥିଲା।ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳାଧନ ବିରୋଧୀ ଅଭିଯାନ ବିମୁଦ୍ରୀକରଣର ପୁରୋଧା ଥିଲେ। ଦେଶରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ କରିବା ନେଇ ସେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହମତି ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଜିଏସ୍‌ଟିର ଚିଠା ପ୍ରସ୍ତୁତ କରିଥିଲେ। ଏହି ସମୟରେ କେନ୍ଦ୍ରର ପାୱାର କରିଡରରେ ଦେଶର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ତାଙ୍କୁ ବିଚାର କରାଯାଉଥିଲା।

୨୦୧୫ ସେପ୍ଟେମ୍ବରରେ ଆର୍ଥିକ ବ୍ୟାପାର ବିଭାଗରେ ସଚିବ ଭାବେ ସ୍ଥାନାନ୍ତର କରାଯିବା ପରେ ଦେଶରେ ବିମୁଦ୍ରୀକରଣ ଲାଗୁ କରିବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏଥିପାଇଁ ସେ ରଣନୀତି ପ୍ରସ୍ତୁତ କରିବା ପରେ କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ଫଳରେ ଦେଶରେ ପ୍ରଚଳନରେ ଥିବା ୮୬% ୫୦୦ ଓ ୧୦୦୦ ଟଙ୍କିଆ ନୋଟ ରାତାରାତି ଅଚଳ ହୋଇଯାଇଥିଲା। ଏହି କାରଣରୁ ନଗଦ ସଙ୍କଟ ଦୂର କରିବା ଉଦ୍ଦେଶ୍ୟରେ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ ଛାପିବା ଓ ଯୋଗାଣ ଦିଗରେ ସେ ପ୍ରମୁଖ ଦାୟିତ୍ୱ ନେଇଥିଲେ। ଘଡିସନ୍ଧି ମୁହୂର୍ତ୍ତରେ ଅବିଚଳିତ ଭାବେ କାର୍ଯ୍ୟ କରିବା ତାଙ୍କର ବିଶେଷ ଗୁଣ ରହିଛି। ମୃଦୁ ସ୍ୱଭାବ ତଥା ମିଷ୍ଟଭାଷୀ ଦାସ ଅଧୈର୍ଯ୍ୟ ହେବା ପରିବର୍ତ୍ତେ ସମସ୍ୟା ସମାଧାନ ଉପରେ ଦୃଷ୍ଟିନିବଦ୍ଧ କରିଥାନ୍ତି। କେନ୍ଦ୍ର ସହ ଆରବିଆଇର ବିବାଦ ବଢିବା କାରଣରୁ ତାଙ୍କ ପୂର୍ବସୂରୀ ଉର୍ଜିତ ପଟେଲ ଇସ୍ତଫା ଦେଲେ। ଏଥି ପୂର୍ବରୁ ଦାସ ୨୦୧୫ରେ ଆର୍‌ବିଆଇର ବୋର୍ଡ ଅଫ୍ ଡାଇରେକ୍ଟର୍ସକୁ ମନୋନୀତ ହୋଇଥିଲେ। ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଜଣେ ଉତ୍ତମ ସମନ୍ୱୟ ରକ୍ଷାକାରୀ ଭାବେ ତାଙ୍କର ଭଲ ଟ୍ରାକ୍ ରେକର୍ଡ ରହିଛି। ଏହା ବିବାଦ ସମାଧାନରେ ସହାୟକ ହେବ ବୋଲି ନୀତିନିର୍ଦ୍ଧାରକମାନେ ଅନୁମାନ କରୁଛନ୍ତି। ଭାରତୀୟ ପ୍ରଶାସନିକ ସେବାରୁ ଅବସର ନେବା ପରେ ପଞ୍ଚଦଶ ଅର୍ଥ କମିଶନର ସଦସ୍ୟ, ଏବଂ ଜି-୨୦ ଲାଗି ଭାରତର ସେର୍‌ପା ଭାବେ ସେ ଅବସ୍ଥାପିତ ହୋଇଥିଲେ। ଦୀର୍ଘ ୩୭ ବର୍ଷ ଧରି କେନ୍ଦ୍ର ତଥା ରାଜ୍ୟ ସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିବା ଦାସଙ୍କ ନିଯୁକ୍ତି ଆର୍‌ବିଆଇକୁ ନୂଆ ଦିଗନ୍ତ ଦେବ ବୋଲି ଆଶା କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୩୬ ଦେଶର ପ୍ରତିନିଧି

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ମଙ୍ଗଳବାର ୩୬ଟି ଦେଶର ପ୍ରତିନିଧିମାନେ ଭେଟିଛନ୍ତି। ଅନ୍ତର୍ଜାତୀୟସ୍ତରର ପରଫର୍ମାନ୍ସ ଅଡିଟ୍‌ରେ ଭାଗ ନେବାକୁ ଉକ୍ତ ପ୍ରତିନିଧି ଦଳ ଭାରତ ଆସିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ୍‌କୁ ସୌଜନ୍ୟ ବୋଲି କୁହାଯାଇଛି। ଏହି ସାକ୍ଷାତ୍ ସମୟରେ ଏଜି, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ରହିଥିଲେ।

## ■ ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

# ସରିଲା ସାଇଣ୍ଟିଫିକ୍ ଅଧିକାରୀଙ୍କ ସାକ୍ଷ୍ୟଗ୍ରହଣ

**କଟକ ଅଫିସ,୧୧।୧୨**

କଟକ ସ୍ୱତନ୍ତ୍ର ଅଦାଲତରେ ଚାଲିଛି ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ସାକ୍ଷ୍ୟଗ୍ରହଣ। ମଙ୍ଗଳବାର ଜିଲା ଫରେନ୍‌ସିକ ଲାବୋରେଟୋରିର ସାଇଣ୍ଟିଫିକ ଅଧିକାରୀ ସନ୍ଧ୍ୟାରାଣୀ ଭୂୟାଁ ସାକ୍ଷ୍ୟ ପ୍ରଦାନ କରିଥିଲେ। ଗତ ୪ ତାରିଖରେ ତାଙ୍କ ସାକ୍ଷ୍ୟଗ୍ରହଣ ଅଧା ରହିଥିଲା। ଭୂୟାଁଙ୍କୁ ମିଶାଇଲେ ଏହି ମାମଲାରେ ଅଦ୍ୟାବଧି ମୋଟ ୨୨ ଜଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି।

ସୂଚନା ଥାଉକି, ଗତ ଏପ୍ରିଲ ୨୧ରେ ସାଲେପୁର ଥାନାଞ୍ଚଳର ଜଣେ ୬ବର୍ଷର ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଅଭିଯୁକ୍ତ ମହମ୍ମଦ ମୁସ୍ତାକ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଯୋଜନା କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୮ଦିନ କାଳ ଏସ୍‌ସିବି ଆଇସିୟୁରେ ମୃତ୍ୟୁ ସହିତ ସଂଘର୍ଷ କରିବା ପରେ ଏପ୍ରିଲ ୨୯ରେ ପୀଡିତା ଆଖି ବୁଜିଥିଲେ। ଏହି ମାମଲାରେ ଅଭିଯୁକ୍ତ ମୁସ୍ତାକଙ୍କ ବିରୋଧରେ ଶୁଣାଣି ଜାରି ରହିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅକ୍ଷୟ ନାୟକ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ୨୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# ବଙ୍ଗୋପସାଗରରେ ଲଘୁଚାପ

- ଓଡ଼ିଶା ଉପରେ ପ୍ରଭାବ ନାହିଁ
- ୨୪ ଘଣ୍ଟାରେ ଡିପ୍ ଡିପ୍ରେଶନରେ ପରିଣତ ହେବା ସମ୍ଭାବନା

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ଦକ୍ଷିଣ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଡିପ୍ ଡିପ୍ରେଶନରେ ପରିଣତ ହେବ। ଏହା ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଦକ୍ଷିଣ ଆନ୍ଧ୍ର ଏବଂ ଉତ୍ତର ତାମିଲନାଡୁ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ଯୋଗୁ ରାଜ୍ୟରେ ଶୀତ ହ୍ରାସ ପାଇଛି। କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏଥିଯୋଗୁ ରାଜ୍ୟରେ ଶୀତର ପ୍ରକୋପ କମିଯାଇଛି। ଗତ ୩/୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ମଙ୍ଗଳବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀ ୧୧, ଅନୁଗୋଳ ୧୧.୬, ବାଲେଶ୍ୱର ୧୨.୭, କଟକ ୧୩.୮, କେନ୍ଦୁଝର ୧୨.୭, କେନ୍ଦୁଝର ୧୨.୭, ସୁନ୍ଦରଗଡ଼ ୧୦ ଏବଂ ତାଳଚେରରେ ସର୍ବନିମ୍ନ ତାପମାତ୍ରା୧୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ଯାଏ ପାଗ ଶୁଖିଲା ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ କରିଛି। ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଛି। ତେବେ ଆସନ୍ତା ୧୫ ତାରିଖ ବେଳକୁ ପାରଦ ପୁଣି ତଳମୁହାଁ ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୫ ବ୍ଲକ ପାଇଁ ୨୩.୭୨ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୪ଜିଲାର ୫ଟି ବ୍ଲକ ପାଇଁ ୨୩.୭୨କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତ ପାଇଁ ୫.୫୦କୋଟି ଟଙ୍କାରେ ୨୪୦ ପ୍ରକଳ୍ପ, ଏମ୍.ରାମପୁର ବ୍ଲକର ୧୯ପଞ୍ଚାୟତ ପାଇଁ ୩.୮୦କୋଟି ଟଙ୍କାରେ ୧୩୬ପ୍ରକଳ୍ପ, କଟକ ଜିଲା ନରସିଂହପୁର ବ୍ଲକର ୩୭ ପଞ୍ଚାୟତ ପାଇଁ ୫.୯୭କୋଟି ଟଙ୍କାରେ ୩୨୦ ପ୍ରକଳ୍ପ, କୋରାପୁଟ ଜିଲା କୁନ୍ଦ୍ରା ବ୍ଲକର ୧୬ପଞ୍ଚାୟତ ପାଇଁ ୩.୬୦କୋଟି ଟଙ୍କାରେ ୧୩୪ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏହିପରି ସମୁଦାୟ ୫ ବ୍ଲକର ୧୧୪ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୨୩.୭୨କୋଟି ଟଙ୍କାରେ ୧୦୪୫ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏବେ ସୁଦ୍ଧା ମୁଖ୍ୟମନ୍ତ୍ରୀ ରାଜ୍ୟର ୨୬୦ ବ୍ଲକର ୫୬୫୨ଟି ଗ୍ରାମପଞ୍ଚାୟତ ଜନସାଧାରଣଙ୍କ ସହ ଆଲୋଚନା କରି ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏ ପର୍ଯ୍ୟନ୍ତ ୫୨,୨୭୪ଟି ପ୍ରକଳ୍ପ ପାଇଁ ୧୨୮୪.୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି।

# ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଗୁରୁତ୍ୱ ଦେଉଛନ୍ତି ପ୍ରଧାନମନ୍ତ୍ରୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**



ଆର୍ଥିକ ବିକାଶ ପାଇଁ ଶକ୍ତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଭାରତର ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା, ଶକ୍ତି ଓ ଜଳବାୟୁ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ଉପରେ କେନ୍ଦ୍ର ସରକାର ଧ୍ୟାନ ଦେଉଛନ୍ତି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର କହିଛନ୍ତି, ଭାରତୀୟ ଶକ୍ତି କ୍ଷେତ୍ର ନୂଆ ଆରମ୍ଭର ସୂଚନା ଦେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶକ୍ତି ଉପଲବ୍ଧତା, ଶକ୍ତି ଦକ୍ଷତା, ଶକ୍ତି ଚିରସ୍ଥାୟିତ୍ୱତା ଓ ଶକ୍ତି ସୁରକ୍ଷା ପରି ଚାରୋଟି ସ୍ତମ୍ଭକୁ ନେଇ ଶକ୍ତି ସମ୍ପର୍କିତ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ପ୍ରଧାନମନ୍ତ୍ରୀ ଶକ୍ତି ସମ୍ପର୍କିତ ଯେଉଁ ଦୃଷ୍ଟି ସ୍ଥିର କରିଛନ୍ତି ତା' ଅନୁସାରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କାମ କରୁଛି। ଗତ ଚାରିବର୍ଷ ମଧ୍ୟରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଶକ୍ତି କ୍ଷେତ୍ରରେ ସଂସ୍କାର ଓ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି କାର୍ଯ୍ୟକ୍ରମଗୁଡିକର ସୁଦୂରପ୍ରସାରୀ ପ୍ରଭାବ ଦେଖାଦେଇଛି । ଦେଶର ପ୍ରତି ବ୍ୟକ୍ତିର ଶକ୍ତି ଖର୍ଚ୍ଚ ହେଉଛି ବିଶ୍ୱର ହାରାହାରି ଶକ୍ତି ଖର୍ଚ୍ଚର ଏକ ତୃତୀୟାଂଶ। ଆମକୁ ଏହାକୁ ପରିବର୍ତ୍ତନ କରିବାକୁ ପଡିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ଲୋକଙ୍କୁ ବିଶୁଦ୍ଧ ଓ କମ୍ ମୂଲ୍ୟରେ ଶକ୍ତି ପହଞ୍ଚାଇ ସେମାନଙ୍କର ଜୀବନରେ ରୂପାନ୍ତରଣ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ନୂତନ ଭାରତର ଆଧାର ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏବେ ଆମେରିକା ଓ ଚାଇନା ପରେ ଶକ୍ତି ବ୍ୟବହାରକାରୀ ଦେଶରେ ପରିଣତ ହୋଇଛି। ୨୦୪୦ ସୁଦ୍ଧା ଭାରତର ଶକ୍ତି ଆବଶ୍ୟକତା ତିନି ଗୁଣ ବଢିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବାଇକ୍‌କୁ ପିଟିଲା ହାଇୱା, ୩ ଯୁବକ ମୃତ

**ପାଇକମାଳ, ୧୧।୧୨ (ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ଗଣ୍ଡପାଲି ଓ ଗୋଇବାହାଲି ଛକ ମଝିରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୩ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପଦ୍ମପୁର ଥାନା ଅନ୍ତର୍ଗତ ସିଂହନପୁର ଗ୍ରାମର ଗ୍ରାମର ମାଧବ କମଲିଆ (୨୮), ମିନକେତନ ଖରସେଲ (୩୦) ଓ ମୁଟଳ ବରିହା (୨୮)। ତେବେ ମୃତ ଯୁବକମାନଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ପାଇକମାଳ ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ଗାଡି ମାଲିକଙ୍କ ପକ୍ଷରୁ ୧ଲକ୍ଷ, ରେଡକ୍ରସ୍‌ରୁ ୧୦ ହଜାର ଓ ସାମାଜିକ ସୁରକ୍ଷା ଯୋଜନାରେ ୨୦ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ସିଂହନପୁର ଗ୍ରାମର ଉକ୍ତ ୩ଜଣ ଯୁବକ ଡୁଙ୍ଗୁରିପାଲିରୁ ଗୋଟିଏ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତିନି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।









## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସିଲୁ
ପରିବାରବର୍ଗ


ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




**BRIDE WANTED**

Wanted fair and beautiful bride for Bania boy TCS Engineer, BBSR, 5'6" 32+, caste no bar. Contact: 8093742890, 8249127628. D-64923

(ଶୁଣ୍ଡି) ୩୪ବର୍ଷ, ଉଚ୍ଚତା 5'10" ବି.ଟେକ୍, ଏମ୍‌ବିଏ, Territory sales Executive (HP Printer) ପଦରେ ସମ୍ବଲପୁରରେ କାର୍ଯ୍ୟରତ ବରପାତ୍ର ପାଇଁ କନ୍ୟା ଆବଶ୍ୟକ। 8280084330. D-9912

Wanted Brahmin homely bride for 1980 born 5'9" Diploma Engineer Brahmin boy. Contact: 3917628852, 6370737397. D-64760

SC groom Engineer 36, Clerk 40, Business 39 (caste-no-bar). 7873374269. D-65097

Handsome Brahmin boy well established 1991, 5'4", 27/12, B.Tech, service OGB. Contact Swayamver. 9776510271, 8895228425. D-60821

କରଣ ପାତ୍ର ବୟସ ୩୩ବର୍ଷ ଉଚ୍ଚତା 5'4" ଡିପ୍ଲୋମା ଇନ୍ Medical laboratory technician have own Business like Kalyan Mandap and lodging near Hotel Mayfair require vegetarian housewife, Khandayat candidate may be considered. Contact: 9437184377, 9337881713. D-9956

**GROOM WANTED**

Wanted boy state/ central/ Bank/ Engg. employed for Niari/ Kaibarta fair girl 28+, 5'+, Post Graduate. Contact: 9437969051, 9090153620, 9337302751. D-9932

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired senior executive of a PSB. Contact: 9619485527, 9167149844. D-9907

Required groom Brahmin/ Karan for divorcee Karan bride 1992, 1/1, 5'5", MBA Quality, Supervisor Kolkata. Contact Swayamver: 9776510271, 8249607537. D-60820

ବରପାତ୍ର ଆବଶ୍ୟକ: ସରକାରୀ ଚାକିରିଆ ତେଲି ଜାତିର ଝିଅ ବୟସ ୩୫ ପାଇଁ ଭୁବନେଶ୍ୱର / ଭୁବନେଶ୍ୱର ପାଖର ବାସିନ୍ଦା ହୋଇଥିବା ଏବଂ ସରକାରୀ/ କମ୍ପାନୀ ଚାକିରି କରିଥିବା ସ୍ୱଜାତିର/ ସାଧାରଣ ବର୍ଗର ପାତ୍ର ହୋଇଥିବେ। Mob: 9238987694. D-9961

800 sqft. at Kharvel Nagar, 3rd floor, back side Priya Hotel. Call: 9437033691. D-63881

4 storied building of 6000 sqft. for rent (Hostel, educational institute, Nursing home, corporate office) near Ruchi factory, Press Chhak, Cuttack. Mob: 9437039956. D-65243

HIG-1 ground floor house at BDA Colonly, Kapila Prasad, Bhubaneswar-2, facing Lingaraj Railway Station is on rent. Contact: 9437378450, 9438239510. D-9913




Shivam logistic packers movers. Household/ car relocation countrywide. 9777044177, 9338461133. D-9832




All type of full body massage by expert therapist. 7609005923. D-65230

Herbal full body massage by smart/ expert therapist. Contact: 8338067247. D-65231

Newly opening ayurvedic massage smart therapist, Shree herbal. 7750020754. D-65232

Pamper yourself this Mansoon professional massage. Contact Purple Orchid. 9776598888. D-65233

Improving your health, skin care through expert therapist, excellent offer. 9668374480. D-65234

**Marriage Wish**



***Ritanjali* (Gouri)**
***weds***
***Bibekananda* (Pupun)**
Padatira, Kasarda, Cuttack
ତୁମ ଦାମ୍ପତ୍ୟଜୀବନ ସୁଖମୟ ହେଉ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। Best wishes from: ବଡବାପା, ମା, ସାନବୋଉ, ଦାଦା, ଖୁଡୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୯୯୫୫


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## classified




**SALE**

Indigo 2008 private A/C, power steering, window, stereo excellent condition and Suzuki Access Scooter. 9040013345. D-63883




**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65235

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

Building sale 1.30 cr Meria Bazar Makarbag Sahi, Cuttack. Owner: 7008533986. D-9968

ଭୁବନେଶ୍ୱର Sudhananda College ପାଖରେ ଏବଂ ବାଲିଅନ୍ତାରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରି ହେବ। 9776811399, 8093465134. D-65093

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

Immediate sale 1815 sqft 30" road gharabari boundary residential plot at mouza bhaula near dhauli temple contact: 9861995518. D-63210

Ready to construct 2 nos. 2000 sqft. plot back site Utkal Heights. 9938424085, 9040096679. D-9967

3500sqft. homestead land with boundary near Patia Square for sale. Contact: 9668988979. D-65099

Bhubaneswar ପଟିଆ KIIT ପାଖରେ 40/30" Road, boundary ସମସ୍ତ ସୁବିଧା ସହିତ ଗୃହୋପଯୋଗୀ plot sqft. 1100/- ବିକ୍ରିହେବ: 8018611122. D-64662

ଭୁବନେଶ୍ୱର Sum Hospital, କାଟେଣୀ MITM, ZEE School ନିକଟରେ gharabari boundary 30' road patta plot 520/-. 9853144622. D-64757

ଭୁବନେଶ୍ୱର AIIMS Hospital, DOON International School ନିକଟରେ gharabari boundary patta plot. 7978274744. D-64758

Two bedroom flat with parking available for sale near High Tech Square, Sundarpada on main road. Contact: 9938810414. D-64550

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପାଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64395

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Cuttack ବାଲିକୁଦା ନିକଟରେ developed ଘରବାରି boundary ହୋଇଥିବା plot କିଣନ୍ତୁ: 9439487505. D-64394

Book 3BHK duplex house at Jagamara, Bhubaneswar having land area 1400 sqft. and 2000 sqft. construction area, Price- 74 lakh. 9078151122. D-65242

1 duplex @ Hanspal Syphon Chhak @ 49 lakh. 9040096679. D-9972

1575 single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64400

470 decimal gharabari land mouza Mahura near CV Raman College. 7328078899. D-9957

**GENERAL**

**SALE**

Running hotel near ITER College, Jagamara for sale. Contact: 9668988979. D-65100




One big room, two small room at Goutam Nagar, ground floor office cum residence. Call: 9437033691. D-63880

Shop for rent/ sale at Priyadarshini Market, CRP Square, Bhubaneswar. Contact: 9861804991, 9861566790. D-65239

Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Roshni ayurvedic massage club fully relaxed by smart lady, home service facility available. 9937637219. D-9839

Saishree ayurvedic full body massage ladies & gents. Contact: 7438896074. D-64657

Herbal full body massage with refreshment by well trained therapist. 7381239385. D-65240

Experienced full body massage with us by experts. En-quiry: 06742597822, 7377048581. D-65241

Ayurvedic full body massage ladies / gents smart experts therapist. 9114697517. D-64655

Ayurvedic full body massage smart boy therapist. Home service available here. 9937929638. D-9838


# ବିଲ୍ଡର୍‌ଙ୍କ ଗାଡ଼ିକୁ ଗୁଳିମାଡ଼, ଦେହରକ୍ଷୀ ଆହତ

ବେଦବ୍ୟାସ,୧୧।୧୨(ଡି.ଏନ୍.ଏ)

ରାଉରକେଲା ସହର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଛକରେ ବିଲ୍ଡର ଅନମୋଲ ସିଂଙ୍କ ଗାଡ଼ି ଉପରକୁ ସୋମବାର ବିଳମ୍ବିତ ରାତିରେ ଗୁଳିମାଡ଼ ହୋଇଛି। ଏଥିରେ ଅନମୋଲଙ୍କ ଦେହରକ୍ଷୀ ମିକୁ କୁମାର ରାୟ ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ ଅନମୋଲ ଓ ମିକୁ ସୁନ୍ଦରଗଡ଼ ପାର୍ଶ୍ୱରୁ ରାଉରକେଲା ଆଡ଼କୁ ଆସୁଥିଲେ। ବେଲଡିହି ଛକରେ ଶୌଚ ହୋଇ ଗାଡ଼ିରେ ବସୁଥିବାବେଳେ ହଠାତ ବାଇକ୍‌ରେ ୪ରୁ ୫ ଜଣ ଯୁବକ ଆସି ଗାଡ଼ିକୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଅନମୋଲ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ମିକୁ ସାମାନ୍ୟ ଆହତ ହୋଇଥିଲେ। ଗାଡ଼ିର ବିଭିନ୍ନ ପାର୍ଶ୍ୱରେ ଗୁଳିବାଜି କଣା ହୋଇଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୨୭୫/୨୦୧୮) ରୁଜୁ ହୋଇଛି। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କୁ ଧରିପାରି ନାହିଁ। ବ୍ୟବସାୟିକ ଶତ୍ରୁତା ପାଇଁ ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି।

# ଶାଢ଼ି ପିନ୍ଧିଲେ ଫୂର୍ତ୍ତି ଅନୁଭବ କରେ: କଙ୍ଗନା ରାଣାଓ୍ୱତ୍

ନୂଆଦିଲ୍ଲୀ

ଶାଢ଼ି ପିନ୍ଧିଲେ ଖୁବ୍ ହାଲୁକା ଓ ଫୂର୍ତ୍ତି ଅନୁଭବ କରେ ବୋଲି ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ପ୍ରକାଶ କରିଛନ୍ତି। ଖୁବ୍ ବିଳମ୍ବରେ ଶାଢ଼ି ପିନ୍ଧିବା ଅଭ୍ୟାସ କଲି। କାରଣ ପାର୍ବତ୍ୟାଞ୍ଚଳରେ ବାସ କରୁଥିବାରୁ ସେଠାରେ ଶାଢ଼ି ପିନ୍ଧିବାର ପରମ୍ପରା ନାହିଁ। ଅଭିନୟ ଜୀବନ ଆରମ୍ଭ ହେବାପରେ ଶାଢ଼ି ପ୍ରତି ତାଙ୍କର ଆଦର ଧୀରେଧୀରେ ବଢ଼ିବାକୁ ଲାଗିଲା। ଅଭିନୟ ମାଧ୍ୟମରେ ସେ ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାର ସୁଯୋଗ ପାଇଲେ ଏବଂ ବିଭିନ୍ନ ସଂସ୍କୃତିକୁ ମଧ୍ୟ ଦେଖିଲେ। ଏହାପରେ ଶାଢ଼ି ପିନ୍ଧିବାର ଅଭ୍ୟାସ ଆରମ୍ଭ ହେଲା। ଶାଢ଼ି ପିନ୍ଧିବା ଦ୍ୱାରା ଅଧିକ ମୁକ୍ତ ଓ ହାଲୁକା ଲାଗେ। ଏହାଦ୍ୱାରା ସେ ନିଜକୁ ଭଲ ଭାବେ ବ୍ୟକ୍ତ କରିପାରିଲେ। ଶାଢ଼ିର ଏକ ଯାଦୁକରୀ ଶକ୍ତି ରହିଛି। ଶାଢ଼ିକୁ ପ୍ରଶଂସା କରିବାବେଳେ ଆମ ଦେଶର ବୁଣାକାରଙ୍କ ପ୍ରତି ସେ ମଧ୍ୟ ସମ୍ବେଦନା ପ୍ରକାଶ କରିଛନ୍ତି। ବହୁ ହସ୍ତତନ୍ତ ଓ କୁଟୀରଶିଳ୍ପ ଅଦୃଶ୍ୟ ହୋଇଗଲାଣି। ଯୁବ ସମ୍ପ୍ରଦାୟ ମଧ୍ୟରେ ସିନ୍ଥେଟିକ୍ ଫାଇବର ଲୋକପ୍ରିୟତା ହାସଲ କରିଥିବା ବେଳେ ହସ୍ତତନ୍ତ ବୁଣାକାରମାନେ କ୍ଷତିଗ୍ରସ୍ତ ହୋଇଥିବା ସେ କହିଥିଲେ। ଏକ ହସ୍ତତନ୍ତ ଶାଢ଼ି ଶୋ' ରୁମ୍ ଲଞ୍ଚ୍ ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ 'କୁଇନ୍' ଅଭିନେତ୍ରୀ କଙ୍ଗନା ଏହା ପ୍ରକାଶ କରିଥିଲେ।




## ମନେ ପଡ଼ନ୍ତି

**ସପ୍ତଦଶ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ତାରିଣୀ ଦେବୀ ଶର୍ମା**
କଟି-ଭଗବାନ କୁଟୀରମ୍
(ତାରିଣୀ ବୈକୁଣ୍ଠ)
ପ୍ଲଟ. ନଂ.: ଏ-୧୨୯
ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ତିରୋଧାନ : ତା ୧୨/୧୨/୨୦୦୧
"ଏ କୁଟୀରଟି ତୋର ବୈକୁଣ୍ଠ,
ତୋ ଲୀଳା ଖେଳା ସଦା ପ୍ରକଟ।
ତୋ ସ୍ନେହଧାରା ଝରୁଛି ଯହିଁ
ଆମକୁ ଛାଡି ଯାଇନୁ ତୁହି"।
ସ୍ମୃତି ଶୋକାପ୍ଲୁତ
ସ୍ୱାମୀ ଆଚାର୍ଯ୍ୟ ଦାମୋଦର ଶର୍ମା,
ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ,
ପ୍ରିୟ-ପରିଜନ ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୬୪୫୫୧

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାଇଧର ମିଶ୍ର**
ବୀରପୁରୁଷୋତ୍ତମପୁର, ପୁରୀ
ଆବିର୍ଭାବ: ୧୯୧୬ ମସିହା
ତିରୋଧାନ: ୦୩।୧୨।୨୦୧୮
ତୁମ ପଞ୍ଚଭୂତର ଶରୀର ବିଲୀନ ହେଲା ସତ ତୁମେ କିନ୍ତୁ ଚିର ଦିନ ଆମ ହୃଦୟରେ ଜୀବନ୍ତ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତୁଣୀ-ନାତୁଣୀଜ୍ୱାଇଁ, ନାତି। ଧ-୬୩୭୪୧


# ପୂର୍ବତନ ସରପଞ୍ଚଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

ନବରଙ୍ଗପୁର,୧୧।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଏକ ଅଞ୍ଚଳର ଜଣେ ପୂର୍ବତନ ମହିଳା ସରପଞ୍ଚଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଛି। ଏହି ଘଟଣା ପରେ ମହିଳାଙ୍କ ସ୍ୱାମୀ ପ୍ରଥମେ ଜଣେ ଠିକାଦାରଙ୍କ ନାମରେ ଏତଲା ଦେଇଛନ୍ତି। ପରେ ମହିଳା ଜଣକ ତାଙ୍କ ସ୍ୱାମୀ ସମେତ ୭ ଜଣଙ୍କ ନାମରେ ଏତଲା ଦେଇଛନ୍ତି। ଭିଡିଓ କାହିଁକି ଭାଇରାଲ କଲୁ ବୋଲି ଠିକାଦାରଙ୍କୁ ପଚାରିବା ପରେ ସେ ବିଭିନ୍ନ ଧମକ ଚମକ ଦେଉଥିବା ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୧୬୨/୧୮ ରେ ଏକ ମାମଲା ରୁଜୁ ହୋଇଛି। ଏହାପରେ ପୂର୍ବତନ ସରପଞ୍ଚ ତାଙ୍କ ସ୍ୱାମୀଙ୍କ ସମେତ ୭ ଜଣଙ୍କ ବିରୋଧରେ ମଧ୍ୟ ଏତଲା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଚେଷ୍ଟାକରୁଥିବା କାର୍ଯ୍ୟଟି ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବାରେ କୌଣସି ବ୍ୟତିକ୍ରମ ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ବନ୍ଧୁ ମାନଙ୍କ ସହ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ,ଭୂମି,ଗାଡ଼ିମୋଟର, ଧାର କରଜ,ଟଙ୍କା ପଇସା ପ୍ରଭୃତି ପାଇବାରେ ଅସୁବିଧା ହେବ ନାହିଁ।

**ବୃଷ** - ଷଷ୍ଠସ୍ଥାନରେ ଶୁଭଫଳ ପ୍ରଦାନକାରୀ ଶୁକ୍ର ମନ ଚାହିଁଲା ଭଳି ଦ୍ରବ୍ୟଲାଭ କରାଇବ। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** - ରାଶି ପ୍ରତି ଶନିଙ୍କ ଦୃଷ୍ଟି ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି କରାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନା ମୂଳକ କଥା କିମ୍ବା ତ୍ରୁଟିତ କାର୍ଯ୍ୟାନୁଷ୍ଠାନ ହେବା କଷ୍ଟକର ହୋଇପାରେ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। କୌଣସି କାରଣ ନ ଥାଇ ଅଯଥା ମିଥ୍ୟାଭିଯୋଗ ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** - ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସତର୍କତା ଅବଲମ୍ବନ ନ କଲେ ପଶ୍ଚାତାପ କରିବାକୁ ପଡ଼ିପାରେ।

**ସିଂହ** - ବନ୍ଧୁଙ୍କ ଜରିଆରେ ହଠାତ୍ ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସୀ ହୋଇପାରେ। ଈର୍ଷାପରାୟଣ ଓ ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଆଜି ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ପରିବହନ, ନିର୍ମାଣ,ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ମନ୍ଦ ହେବନାହିଁ।

**କନ୍ୟା** - ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ଲଢ଼େଇ କରି ନିଶ୍ଚୟ ପାଇବେ। ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହେବାରେ କୌଣସି ଅସୁବିଧା ରହିବ ନାହିଁ। ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗ ଜାଗ୍ରତ ହୋଇପାରେ।

**ତୁଳା** - ଶୁକ୍ର ପ୍ରଭାବରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। କର୍ମକ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ଆନୁଷ୍ଠାନିକ କାମରେ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରାୟତଃ ଅନୁକୂଳ ମନେହେବ।

**ବିଛା** - ଆକସ୍ମିକ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇ ପଡିବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ନୂତନ ପଦକ୍ଷେପ ନେଇପାରନ୍ତି।

**ଧନୁ** - ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସରକାରୀ ସ୍ତରରୁ ସକାଳୁ ସକାଳୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡ଼ି ହେବନାହିଁ। ବୈଷୟିକ ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି।

**ମକର** - କର୍ମକ୍ଷେତ୍ରରେ ମନ କଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ନିର୍ମାଣାଧୀନ କାମଟି ଆଜି ପାଇଁ ଅଟକି ରହିଯାଇପାରେ। ଅସମର୍ଥିତ ସୂତ୍ରରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ।

**କୁମ୍ଭ** - ଆରମ୍ଭ କରିଥିବା ନୂତନ ଯୋଜନା ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ରାଶ୍ୟାଧିପତି ଶନିଙ୍କ ରାଶି ପ୍ରତି ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟା କଲେ ଉପକୃତ ହେବେ। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ** - କର୍ମସ୍ଥାନରେ ଶନି ରହିଥିବାରୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଅଫିସ୍ କାମରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ଉନ୍ନତି ପରିଲକ୍ଷିତ ହେବ।

ଆଜି ମାର୍ଗଶିର ଶୁକ୍ଳପକ୍ଷର କୁରାଳ ୫ମୀ ବୁଧବାର, ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା, ରାଶି ନକ୍ଷତ୍ର-ଶ୍ରବଣା/ମକର, କର୍କଟ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ। ସକାଳ ଘ୬।୩୮ମି. ମଧ୍ୟେ ଘ୯।୦୦ମି. ଗତେ, ଘ୨।୧୧ମି. ମଧ୍ୟେ, ଘ୩।୪୨ମି. ଗତେ, ଘ୫।୦୩ମି. ମଧ୍ୟରେ ଅମୃତବେଳା। ଦିବା ଘ୯।୦୦ମି.ଗତେ, ଘ୧୦।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୦ମି. ଗତେ ଘ୧।୦୧ମି. ମଧ୍ୟେ ରାହୁକାଳ।



ସଂସଦୀୟ ଶୀତ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଥିବାବେଳେ ଜନସାଧାରଣଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ଦଳମାନଙ୍କୁ ସମ୍ବୋଧିତ କରିଛନ୍ତି। କେନ୍ଦ୍ର ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ, ଯବାନ ଗୁରୁତର

**ମାଲକାନଗିରି,୧୧।୧୨(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମାର ଚିନ୍ତାଗୁମ୍ଫାରେ ସୋମବାର ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଚିନ୍ତାଗୁମ୍ଫା ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାରେ ୧୫୦ ବାଟାଲିୟନ ସିଆରପିଏଫ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଥିଲା। ଏହି ସମୟରେ ପୋଲିସକୁ ଟାର୍ଗେଟ କରି ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟାଇଥିଲେ। ଏଥିରେ ଜଣେ ଯବାନ ଗୁରୁତର ହୋଇଥିଲେ। ତାଙ୍କ ନାମ ଶିବ୍ କୁମାର। ତାଙ୍କର ୨ଟିଯାକ ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ରାୟପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି ବୋଲି ସୁକୁମା ଏସପି ଅଭିଷେକ ମିନା କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇ ତଲାସି ଅଭିଯାନ ଜାରି ରହିଥିବା ମାଲକାନଗିରି ଏସପି ଜଗମୋହନ ମୀନା କହିଛନ୍ତି।

### ଜିଲା ପରିଷଦ ସଭାପତି ନିର୍ବାଚନ ଅସିଦ୍ଧ

**ଜେକେପୁର,୧୧।୧୨(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଓ ଦୌରାଜଜ୍ ବିଶ୍ୱଜିତ ଦାସ ଗୋପନୀୟତା ଉଲ୍ଲଂଘନ ହୋଇଥିବା ଦର୍ଶାଇ ଜିଲା ପରିଷଦ ସଭାପତି ପଦ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି। ପୁନର୍ବାର ସଭାପତି ନିର୍ବାଚନ କରାଇବାକୁ ନିର୍ବାଚନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ ୨୦୧୭, ମାର୍ଚ୍ଚ ମାସରେ ଅନୁଷ୍ଠିତ ରାୟଗଡ଼ା ଜିଲା ପରିଷଦ ସଭାପତି ନିର୍ବାଚନରେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ୍ ସଭାପତିଭାବେ ନିର୍ବାଚିତ ହୋଇଥିଲେ। ନିୟମ ଅନୁସାରେ କଂଗ୍ରେସ, ଭାଜପା ଓ ବିଜେଡି ଏଜେଣ୍ଟ ଭୋଟ ଗ୍ରହଣ କେନ୍ଦ୍ରରେ ଉପସ୍ଥିତ ରହିପାରିବେ। ତେବେ ନିର୍ବାଚନବେଳେ ବିଜେଡି ଓ କଂଗ୍ରେସର ଏଜେଣ୍ଟ ରହିଥିବାବେଳେ ଭାଜପାର କେହି ନ ଥିଲେ। ଭାଜପା ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା ନିଜର ମତଦାନ ପରେ ବାଲଟକୁ କଂଗ୍ରେସ ଏଜେଣ୍ଟଙ୍କୁ ଦେଖାଇ ବାକ୍ସରେ ପକାଇଥିବାରୁ ନିର୍ବାଚନ ନିୟମ ଉଲ୍ଲଂଘନ ହୋଇଥିବା ବିଜେଡି ସଭାପତି ପ୍ରାର୍ଥୀ ଗଙ୍ଗାଧର ପୁଆଲା ଅଭିଯୋଗ କରିଥିଲେ। ହେଲେ ନିର୍ବାଚନ ଅଧିକାରୀ ଏହାକୁ ଗ୍ରହଣ କରି ନ ଥିବାରୁ ପୁଆଲା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ରାୟଗଡା ଜିଲା ଓ ଦୌରାଜଜଙ୍କ ଅଦାଲତରେ ସେ ଏକ ଏତଲା ଦେଇଥିଲେ। ଉକ୍ତ ମାମଲାର ବିଚାର କରି ଅଦାଲତ ଏହି ରାୟ୍ ଶୁଣାଇଛନ୍ତି।

## ୫ ରାଜ୍ୟର ନିର୍ବାଚନ ଫଳାଫଳ

# ଓଡ଼ିଶାକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**

ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ ଭାଜପାକୁ କ୍ଷମତାଚ୍ୟୁତ କରି କଂଗ୍ରେସ ସରକାର ଗଠନ କରିବାକୁ ଯାଉଛି। ତେଲେଙ୍ଗାନାରେ ତେଲେଙ୍ଗାନା ରାଷ୍ଟ୍ର ସମିତି(ଟିଆର୍‌ଏସ୍) କ୍ଷମତା ବଜାୟ ରଖିଛି। ଅନ୍ୟପକ୍ଷରେ ମିଜୋରମରେ ମିଜୋ ନ୍ୟାସ୍‌ନାଲ ଫ୍ରଣ୍ଟ(ଏମ୍‌ଏନ୍‌ଏଫ) କଂଗ୍ରେସକୁ ପରାଜିତ କରି ସରକାର ଗଠନ କରିବାକୁ ଯାଉଛି। ଏହିସବୁ ନିର୍ବାଚନ ଫଳାଫଳର ପ୍ରଭାବ ଆସନ୍ତା ଦିନରେ ଓଡ଼ିଶା ରାଜନୀତିରେ ପଡ଼ିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଫଳାଫଳ ରାଜ୍ୟ ପ୍ରଦେଶ କଂଗ୍ରେସ ନେତାଙ୍କୁ ଏକ ପ୍ରକାର ଉତ୍ସାହିତ କରିଛି। କଂଗ୍ରେସ ଭବନ ପରିସର ବାଣ, ନାଚଗୀତରେ କମ୍ପୁଥିବା ଦେଖିବାକୁ ମିଳିଛି। ଏହା ନିଶ୍ଚିତଭାବେ ରାଜ୍ୟ ରାଜନୀତିରେ କଂଗ୍ରେସକୁ ପୁଣି ଆଗକୁ ନେବାରେ ସହାୟକ ହେବ ବୋଲି କୁହାଯାଉଛି। ସେହିପରି ପୂର୍ବରୁ ହେଉଥିବା ବିଭିନ୍ନ ରାଜ୍ୟର ନିର୍ବାଚନ ଫଳାଫଳ ପରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଯେପରି ଖୁସିର ମାହୋଲ ଦେଖିବାକୁ ମିଳୁଥିଲା ତାହା ଏଥର ନାହିଁ। ଭାଜପା ରାଜ୍ୟ ମୁଖ୍ୟାଳୟ ଏକ ପ୍ରକାର ଖାଁ ଖାଁ ରହିଛି। ରାଜ୍ୟରେ ଭାଜପା ଯେପରି ପଞ୍ଚାୟତ ନିର୍ବାଚନରେ ଉତ୍ତମ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇଥିଲା ତାହା ଆସନ୍ତା ନିର୍ବାଚନରେ ରହି ନ ପାରେ ବୋଲି କୁହାଯାଉଛି। ମୁଖ୍ୟତଃ ଦୀର୍ଘ ୧୮ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ପ୍ରତି ରାଜ୍ୟରେ ବିରୋଧୀ ହାୱା ରହିଛି। ଛତିଶଗଡରେ ଦୀର୍ଘଦିନ ଶାସନ କ୍ଷମତାରେ ଥିବା ରମଣ ସିଂଙ୍କ ସରକାର ହାରିବାପରେ ଓଡିଶାରେ ସମାନ ସ୍ଥିତି ଉପୁଜିବା ନେଇ କୁହାଯାଉଛି। ମାତ୍ର ଯେଉଁ ରାଜ୍ୟଗୁଡିକରେ ଆଞ୍ଚଳିକ ଦଳର ଭଲ ସଙ୍ଗଠନ ରହିଛି ସେଠାରେ ଜାତୀୟ ଦଳମାନଙ୍କ ପ୍ରବେଶ ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଏନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ୩ ରାଜ୍ୟର ଲୋକମାନେ ଶାସନ ଗାଦିରେ ଥିବା ଦଳର ନେତୃତ୍ୱକୁ ବୁଝି କଂଗ୍ରେସକୁ କ୍ଷମତାସୀନ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଓଡିଶାରେ ମଧ୍ୟ ସମାନଭାବେ ଲୋକମାନେ ଏ ସରକାରକୁ ବୁଝିସାରିଛନ୍ତି। ଆସନ୍ତା ନିର୍ବାଚନରେ କଂଗ୍ରେସକୁ ଭୋଟ୍ ଦେଇ ଏହାର ପ୍ରମାଣ କରିବେ ବୋଲି ନିରଞ୍ଜନ କହିଛନ୍ତି।

ଭାଜପା ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ କହିଛନ୍ତି, ଯେଉଁ ରାଜ୍ୟରେ ଦୀର୍ଘଦିନ ଧରି ଗୋଟିଏ ଦଳ ଶାସନ କ୍ଷମତାରେ ରହିଛି ସେଠାରେ ଲୋକମାନେ ପରିବର୍ତ୍ତନ ଚାହିଁଛନ୍ତି। ସେହିପରି ରାଜ୍ୟରେ ଦୀର୍ଘଦିନ ଧରି ଶାସନରେ ଥିବା ବିଜେଡିକୁ ଲୋକମାନେ ପ୍ରତ୍ୟାଖ୍ୟାତ କରିବେ। ଭାଜପାକୁ ରାଜ୍ୟବାସୀ ସରକାରକୁ ଆଣିବେ ବୋଲି ପ୍ରତାପ କହିଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଭାରତୀୟ ଭୋଟର ସଚେତନ ଅଛନ୍ତି। ଆଜି ଏହାର ପ୍ରମାଣ ମିଳିଯାଇଛି। ବଡବଡ ପ୍ରତିଶ୍ରୁତି ଦେଇ ବର୍ତ୍ତମାନ ଭାଜପାର ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏହି ଫଳାଫଳରୁ ସ୍ପଷ୍ଟ ହୋଇଛି ଆସନ୍ତା ନିର୍ବାଚନରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ପାଇଁ ପ୍ରତିଯୋଗିତା ହେବ। ପ୍ରଥମ ସ୍ଥାନରେ ବିଜେଡି ରହିବ ଏବଂ ପଞ୍ଚମଥର ପାଇଁ ସରକାର ଗଠନ କରିବ। ବିଜେଡିବିରୋଧରେ ଜନାଦେଶ ଯିବାର ପ୍ରଶ୍ନ ଉଠୁନାହିଁ। ଯଦି ବିଜେଡି କ୍ଷେତ୍ରରେ ବିରୋଧୀ ହାୱା ଥାଆନ୍ତା ତେବେ ଦଳର ଦ୍ୱିତୀୟ କିମ୍ବା ତୃତୀୟ ପାଳିରେ ସ୍ପଷ୍ଟ ହୋଇଯାଇ ଥାଆନ୍ତା। ତେଣୁ ଏଥର କିଛି ହେବାର ନାହିଁ ବୋଲି ପ୍ରସନ୍ନ କହିଛନ୍ତି।



ନିରଞ୍ଜନ ପଟ୍ଟନାୟକ



ପ୍ରତାପ ଷଡ଼ଙ୍ଗୀ



ପ୍ରସନ୍ନ ଆଚାର୍ଯ୍ୟ

## ସେମାନେ ଯାହା କୁହନ୍ତି



### କଂଗ୍ରେସ କର୍ମୀଙ୍କୁ ଉତ୍ସାହିତ କରିବ

ତିନୋଟି ରାଜ୍ୟରେ କଂଗ୍ରେସ ଭଲ ଫଳାଫଳ କରିଛି। ସରକାର ମଧ୍ୟ ଗଢିବାକୁ ଯାଉଛି। ଏହା ଦଳପାଇଁ ଶୁଭ ସୂଚନା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ମୁକ୍ତ ଭାରତ କଥା କହୁଥିଲେ। ହେଲେ ବର୍ତ୍ତମାନ ତାହାର ଓଲଟା ଦେଖିବାକୁ ମିଳୁଛି। ଦେଶ ଭାଜପା ମୁକ୍ତ ହେବାକୁ ଯାଉଛି। ଏହି ବିଜୟ କଂଗ୍ରେସ କର୍ମୀଙ୍କୁ ଉତ୍ସାହିତ କରିବ। କର୍ମୀ ଉତ୍ସାହିତ ହେଲେ, ଦଳ ଆଗକୁ ବଢିବ।

**– ନରସିଂହ ମିଶ୍ର, ବିରୋଧୀ ଦଳ ନେତା, ଓଡ଼ିଶା ବିଧାନସଭା**

### ୯୪ ପ୍ରତିଶତଙ୍କୁ କ୍ଷମତା ମିଳିବ: ଶ୍ରୀକାନ୍ତ



ଓଡ଼ିଶାରୁ ପଟ୍ଟନାୟକ ପରିବାର ହାତରୁ ଶାସନ କ୍ଷମତା ଯିବ। ରାଜ୍ୟର ୯୪ ପ୍ରତିଶତ(ଏସ୍‌ସି,ଏସ୍‌ଟି,ଓବିସି,ସଂଖ୍ୟାଲଘୁ)ଙ୍କ ପାଖକୁ କ୍ଷମତା ଆସିବ। ଛତିଶଗଡ଼ରେ ଯେପରି ଓବିସି,ଏସ୍‌ସି,ଏସ୍‌ଟି ଭୋଟ କଂଗ୍ରେସକୁ କ୍ଷମତାସୀନ କରିଲା, ଓଡ଼ିଶାରେ ତା'ର ପୁନରାବୃତ୍ତି ହେବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଙ୍ଗଳବାର ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପରେ ଏହି କଥା କହିଛନ୍ତି।

ଛତିଶଗଡ଼ ନିର୍ବାଚନ ଫଳାଫଳକୁ ନେଇ ପଟ୍ଟନାୟକ ପରିବାରକୁ ଶ୍ରୀକାନ୍ତ ଟାର୍ଗେଟ କରିଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବର୍ତ୍ତମାନ ରାଜ୍ୟ କଂଗ୍ରେସର ନେତୃତ୍ୱ ନିରଞ୍ଜନ ପଟ୍ଟନାୟକଙ୍କ ହାତରେ ରହିଛି। ତାଙ୍କ ଭାଇ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବେ ବିଜେଡିରୁ ରାଜ୍ୟ ସଭା ସଦସ୍ୟ ଅଛନ୍ତି। ତେଣୁ ଗୋଟିଏ ପରିବାରର ଦୁଇ ସଦସ୍ୟ ଭିନ୍ନ ଦଳରେ କଂଗ୍ରେସକୁ ଦୁର୍ବଳ କରୁଥିବା ସେ କହିଆସୁଛନ୍ତି। ଛତିଶଗଡ଼ରେ ଓବିସି ନେତା ଭୁପେଶ ବାଘେଲ, ରାଜସ୍ଥାନର ଅଶୋକ ଗେହଲଟଙ୍କ ଯୋଗୁ କଂଗ୍ରେସ ଭଲ ଫଳାଫଳ କରିଥିବା କୁହାଯାଇଛି। ସେହିପରି ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଯଦି ବିଏସ୍‌ପି ସହ ମେଣ୍ଟ ହୋଇଥାନ୍ତା, ତେବେ କଂଗ୍ରେସ ଆହୁରି ଭଲ ଫଳାଫଳ କରିଥାନ୍ତା ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ଶ୍ରୀକାନ୍ତଙ୍କୁ ନିର୍ବାଚନ ଇସ୍ତାହାର କମିଟିରୁ ଅବ୍ୟାହତି ଦିଆଯାଇଥିଲା। ଏହା ପରେ ସେ ପିସିସିର ସମସ୍ତ ପଦପଦବୀରୁ ଇସ୍ତଫା ଦେଇଥିଲେ।

### ଚାଷୀଙ୍କ ସମସ୍ୟା ବିଜେଡି ପାଇଁ ମହଙ୍ଗା ପଡ଼ିବ : ସମୀର



କଂଗ୍ରେସକୁ ଅଭିନନ୍ଦନ ଜଣାଇବା ଆଳରେ ଭାଜପାକୁ ଗାଳିଦେବା ପାଇଁ ଯେଉଁ କୃଷକ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଠାଇଛନ୍ତି ଏହା ଆଗାମୀ ଦିନରେ ତାଙ୍କୁ ମହଙ୍ଗା ପଡିବ। ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢି ଚାଲିଛି । ଓଡିଶାର ଚାଷୀ ସାରା ଦେଶରେ ସବୁଠାରୁ ଖରାପ ସ୍ଥିତିରେ ଅଛନ୍ତି। ୭୦ଭାଗ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ଅର୍ଥନୀତି ସହ ଜଡିତ ବୋଲି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି। ମୁଖ୍ୟମନ୍ତ୍ରୀ ୫ ରାଜ୍ୟର ଫଳାଫଳ ବାହାରିବାପରେ ନିଜର ମନ୍ତବ୍ୟ ରଖିବାପରେ ଭାଜପା ଏଭଳି ଅଭିଯୋଗ ଆଣିଛି।

ଦଳୀୟ ମୁଖ୍ୟାଳୟଠାରେ ମଙ୍ଗଳବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଡାକି ସମୀର କହିଛନ୍ତି, ରାଜ୍ୟର ଚାଷୀ ସାରା ଦେଶରେ ସବୁଠାରୁ ଖରାପ ସ୍ଥିତିରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି । ଆସନ୍ତା ୨୦୧୯ ନିର୍ବାଚନରେ ଚାଷୀମାନେ ବିଜେଡି ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିବେ। କଂଗ୍ରେସ ସଫଳତାରେ ବିଜେଡି ଉତ୍ସବ ପାଳନ କରୁଥିବା କହିବା ସହ ଭାଜପା ପ୍ରତି ରହିଥିବା ଡରକୁ ପ୍ରମାଣିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟତା ଅକ୍ଷୁଣ୍ଣ ରହିଛି ଓ ଏହାର ପ୍ରଭାବ ଦେଶ ଓ ରାଜ୍ୟରେ ଆଗାମୀ ନିର୍ବାଚନରେ ପ୍ରମାଣିତ ହେବ ବୋଲି ସମୀର କହିଛନ୍ତି ।

## ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତଙ୍କୁ ଶୁଭେଚ୍ଛା

### ପ୍ରତି ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗଭର୍ନର ଭାବେ ନିଯୁକ୍ତ ହୋଇଛନ୍ତି। ଶକ୍ତିକାନ୍ତ ଓଡ଼ିଆ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସମେତ ରାଜ୍ୟର ବହୁବିଶିଷ୍ଟ ବ୍ୟକ୍ତି ଏବଂ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ଓଡ଼ିଆ ଭାବେ ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ଅବସ୍ଥାପିତ ହୋଇଥିବାରୁ ଶକ୍ତିକାନ୍ତ ଦାସଙ୍କୁ ଅଭିନନ୍ଦନ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି ଯେ, ଆରବିଆଇ ଗଭର୍ନର ଭାବେ ନିଯୁକ୍ତ ହୋଇଥିବାରୁ ଶକ୍ତିକାନ୍ତଙ୍କୁ ଧନ୍ୟବାଦ। ଅର୍ଥନୈତିକ ବ୍ୟାପାରରେ ତାଙ୍କ ଅଭିଜ୍ଞତା ନିଶ୍ଚୟ ସହାୟକ ହେବ। ଏହା ଦେଶକୁ ନିରନ୍ତର ଏବଂ ଉର୍ଦ୍ଧ୍ୱମୁଖୀ ଅଭିବୃଦ୍ଧି ଦେବ। ଓଡ଼ିଆଙ୍କ ପାଇଁ ଏହା ଏକ ଗର୍ବର ବିଷୟ। ଟୁଇଟ୍ ମାଧ୍ୟମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଶକ୍ତିକାନ୍ତଙ୍କ ନିଯୁକ୍ତି ପ୍ରତି ଓଡ଼ିଆ ପାଇଁ ଗର୍ବ କରିବାର ବିଷୟ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ଶକ୍ତିକାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଶକ୍ତିକାନ୍ତ ଆରବିଆଇ ଗଭର୍ନର ହେବା ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। ଅତୀତରେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରଣାଳୟର ମନ୍ତ୍ରୀ ଥିବାବେଳେ ଶକ୍ତିକାନ୍ତଙ୍କ ସହ କାର୍ଯ୍ୟ କରିବାର ଅଭିଜ୍ଞତା ଅଛି। ତାଙ୍କର ନୂତନ ନିଯୁକ୍ତି ପାଇଁ ଶୁଭକାମନା।

### ୧୪ ଫୁଟର ଅହିରାଜ ଉଦ୍ଧାର

**ଭଞ୍ଜନଗର,୧୧।୧୨(ଡି.ଏନ.ଏ.):** ଭଞ୍ଜନଗର ନବନିର୍ମିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରୁ ମଙ୍ଗଳବାର ଏକ ୧୪ଫୁଟର ଅହିରାଜ ଉଦ୍ଧାର କରାଯାଇଛି। ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି, ବନ ବିଭାଗ କର୍ମଚାରୀ ସଞ୍ଜୟ ସ୍ୱାଇଁ, କେଦାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ବିଞ୍ଜିଗିରି ଜଳାଶୟ ନିକଟରେ ନେଇ ଛାଡି ଦେଇଛନ୍ତି।

### ଜାଳିଦେଲେ ଧାନଗଦା

**ବାଲିକୁଦା,୧୧।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ମରିଚିପୁର ଗାଁର ପାଗୁ ବେହେରାଙ୍କ ଧାନ ଗଦାକୁ କେହି ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ପାଗୁ ପ୍ରାୟ ୨ ଏକର ଜମିର ଧାନ କାଟି ଅମଳ ପାଇଁ ଘରଠାରୁ ମାତ୍ର ଦୁଇ ସହ ମିଟର ଦୂର ବିଲରେ ଗଦା କରିଥିଲେ। ମେଶିନ ଆସିଥିଲେ ଧାନ ଅମଳ ହୋଇଥାନ୍ତା। ମାତ୍ର ଏହା ପୂର୍ବରୁ ମଙ୍ଗଳବାର ମଧ୍ୟାହ୍ନରେ ଧାନ ଗଦା ଜଳୁଥିବା ଦେଖି କେହି ଲୋକ ପାଗୁଙ୍କୁ ଡାକ ପକାଇଥିଲେ। ଗାଁ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ବାଲିକୁଦା ଅଗ୍ନିଶମ ଅଧିକାରୀ ପି ଜଗନ୍ନାଥ ରାଓ ନିଜ ଟିମ ସହ ପହଞ୍ଚି ନିଆଁ ଲିଭାଇଥିଲେ।










# ୫ ଫଳ

ନିକଟରେ ଶେଷ ହୋଇଥିବା ନିର୍ବାଚନ କୌଣସି ସାଧାରଣ ନିର୍ବାଚନ ନ ଥିଲା ଏବଂ ଏହାର ଫଳାଫଳରୁ ଯେଉଁ ସୂଚନା ମିଳୁଛି, ତାକୁ ମଧ୍ୟ ଉପେକ୍ଷା କରାଯାଇ ନ ପାରେ । କେବଳ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ୬୫ ଲୋକ ସଭା ଆସନ ଥିବାରୁ ଏହା ଭବିଷ୍ୟତ ପାଇଁ ଭାବିବାର ଖୋରାକ ଯୋଗାଉଛି । ଗୋଟିଏ ବଡ଼କଥା ହେଉଛି, ଏହି ରାଜ୍ୟଗୁଡ଼ିକରୁ ୨୦୧୪ ନିର୍ବାଚନରେ କଂଗ୍ରେସ ମାତ୍ର ୩ଟି ଲୋକ ସଭା ଆସନ ଜିତିଥିଲା । ଆଗକୁ ସାଧାରଣ ନିର୍ବାଚନ ଆଉ ମାତ୍ର କେଇ ମାସ ବାକି ଥିବାବେଳେ ଏହି ଫଳାଫଳରୁ ଜଣାପଡୁଛି, ସରକାରଙ୍କର ଧନୀ–ସପକ୍ଷବାଦୀ ମନୋଭାବ ଓ ଧନୀ–ସପକ୍ଷବାଦୀ ନୀତି ନିର୍ଦ୍ଧାରଣ କରିବାର ମାନସିକତାକୁ ଜନତା ଗ୍ରହଣ କରୁନାହାନ୍ତି । ଏଥର ମଧ୍ୟପ୍ରଦେଶ ଓ ଛତିଶଗଡ଼ର ଗ୍ରାମାଞ୍ଚଳ ଲୋକ ଭାଜପା ପ୍ରତି କିପରି ବୀତସ୍ପୃହ ହୋଇପଡ଼ିଛନ୍ତି, ତାହା ମଧ୍ୟ ନିର୍ବାଚନ ଫଳାଫଳରୁ ଜଣାପଡୁଛି ।

କେବଳ ତେଲେଙ୍ଗାନା, ଯେଉଁଠି ପ୍ରାୟ ୨୨ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ନେଇ ଅଭିଯୋଗ ଆସିଛି, ତାକୁ ଛାଡ଼ିଦେଲେ ଏ ନିର୍ବାଚନଗୁଡ଼ିକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ବୋଲି ବିବେଚନା କରାଯାଇପାରେ । କୌତୂହଳର ବିଷୟ ହେଉଛି, କେବଳ ସେଇ ତେଲେଙ୍ଗାନାକୁ ଛାଡ଼ିଦେଲେ ଅନ୍ୟ କେଉଁଠି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରେ କାରସାଦି କରାଯାଇଥିବା ନେଇ ସେମିତି କିଛି ଅଭିଯୋଗ ଆସିନାହିଁ । ଏଥିରୁ ସ୍ପଷ୍ଟ ବାର୍ତ୍ତା ମିଳୁଛି ଯେ, ପ୍ରଯୁକ୍ତିବିଦ୍ୟାକୁ ଦୋଷ ଦେବା ବୁଦ୍ଧିମାନର କାମ ନୁହେଁ । ବରଂ ସେଥିରେ ତ୍ରୁଟି ସେତିକିବେଳେ ଦିଶେ, ଯେତେବେଳେ ତାହାକୁ ପରିଚାଳନା କରୁଥିବା ବ୍ୟକ୍ତିବିଶେଷର ମନ୍ଦ ଉଦ୍ଦେଶ୍ୟ ଥିବ ।

ମିଜୋରାମରେ କଂଗ୍ରେସ ହାରିଯାଇଥିଲେ ବି ଅବଶିଷ୍ଟ ଭାରତ କଂଗ୍ରେସମୁକ୍ତ ହୋଇନାହିଁ, ଯାହା ଭାଜପା ନେତାମାନେ ଆଶା କରୁଥିଲେ । ଏଥିରୁ ପ୍ରମାଣ ମିଳୁଛି ଯେ, କଂଗ୍ରେସ ନିକଟ ଅତୀତରେ ଉପା ସରକାର ସମୟରେ ପ୍ରବଳ ଦୁର୍ନୀତିରେ ବୁଡ଼ିଥିବା ସତ୍ତ୍ୱେ ଭାରତ ପରି ଗଣତାନ୍ତ୍ରିକ ଦେଶରେ ଜନସାଧାରଣ ମୁକ୍ତ ବିଚାରଧାରାକୁ ମୂଲ୍ୟ ଦେଇଥାନ୍ତି । ଭାଜପା କେନ୍ଦ୍ରରେ ସରକାର ଗଢ଼ିବା ପରଠାରୁ ଗତ ସାଢ଼େ ଚାରିବର୍ଷ ଭିତରେ ନିଜର ଏକଛତ୍ରବାଦର ଛବି ପ୍ରଦର୍ଶନ କରିବାକୁ ପସନ୍ଦ କରିଥିବାରୁ ତାହା ଦଳର ନିର୍ବାଚନୀ ଭବିଷ୍ୟତକୁ ଆଘାତ ଦେଇଛି । ତା'ଛଡ଼ା ଭାଜପାର ଦେଶକୁ ଭାଗ ଭାଗ କରିବାର ଚିନ୍ତାଧାରା ନକାରାତ୍ମକ ପ୍ରଭାବ ପକାଇଛି । ସେହିପରି ବିକାଶ କିମ୍ବା କଳାଧନର ମୂଳୋତ୍ପାଟନ ନେଇ ଭାଜପା ଯେଉଁ ବାହୁସ୍ଫୋଟ ମାରୁଥିଲା, ତାହା ନିଷ୍ଫଳ ହୋଇଛି । ବିମୁଦ୍ରୀକରଣ ଓ ଜିଏସ୍‌ଟି ଭଳି ପଦକ୍ଷେପ ଯୋଗୁ ଗରିବ ଓ ଗ୍ରାମୀଣ ଭୋଟରମାନେ ଘୋର ପ୍ରଭାବିତ ହୋଇଛନ୍ତି ।

ଭାଜପା ସମ୍ଭବତଃ କେବଳ ହିନ୍ଦୁତ୍ୱ କାର୍ଯ୍ୟସୂଚୀକୁ ନେଇ ଆଗେଇଚାଲିଥିଲା । ଧର୍ମ ଖେଳ ସମସ୍ତେ ସହଜରେ ଖେଳିପାରନ୍ତି । ରାହୁଲ ଗାନ୍ଧୀ ବିଭିନ୍ନ ମନ୍ଦିର ପରିଦର୍ଶନ କରିବା ସହ ପୂଜା କରିବାକୁ ଆରମ୍ଭ କରିବା ହେତୁ ସେହି ଖେଳରେ ସାମିଲ ହୋଇଯାଇଛନ୍ତି । ବିଶେଷକରି ଭାଜପାକୁ ସମର୍ଥନ କରୁଥିବା ହିନ୍ଦୁମାନେ ଆଶା କରିଥିଲେ ଯେ, ମୋଦିଙ୍କ ନେତୃତ୍ୱାଧୀନ ଭାଜପା ଷୋଡ଼ଶ ଲୋକ ସଭା ଏବଂ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ବୃହତ୍ ଜନାଦେଶ ପାଇଥିବାରୁ ନିଶ୍ଚୟ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିଦେବ । କିନ୍ତୁ ତାହା ହେଲା ନାହିଁ । ସେଥିପାଇଁ ସମ୍ଭବତଃ ଏକ ବଡ଼ ସଂଖ୍ୟାର ହିନ୍ଦୁ ଭୋଟର ଭାଜପାଠାରୁ ଦୂରେଇଗଲେ । ଏହାକୁ ବୁଝିପାରିଥିବା ଭାଜପା ନେତୃତ୍ୱ ହିନ୍ଦୁତ୍ୱ ଧ୍ୱନିକୁ ଶକ୍ତିଶାଳୀ କରିବା ପାଇଁ ଯୋଗୀ ଆଦିତ୍ୟନାଥଙ୍କ ଭଳି ଲୋକଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କଲା । ସେଥିରେ ସଫଳତା ମିଳିଥିବା ଭଳି ମନେହେଉ ନାହିଁ । ଅପରପକ୍ଷରେ ଅନୁସୂଚିତ ଜାତି ଓ ଉପଜାତିଙ୍କୁ ଦମନ କରୁଥିବାର ଭାବମୂର୍ତ୍ତି ଭାଜପାକୁ ଅଧିକ କ୍ଷତିଗ୍ରସ୍ତ କରିଛି । ଏଥିସହ ହିନ୍ଦୁମାନଙ୍କର ହତାଶାଭାବ ମଧ୍ୟ ଦୂର ହୋଇପାରିନାହିଁ । ତେବେ ତେଲେଙ୍ଗାନା ଓ ମିଜୋରାମରେ ଆଞ୍ଚଳିକ ଦଳଗୁଡ଼ିକ ଦୃଢ଼ ଥିବାରୁ ସେଠାରେ କଂଗ୍ରେସ ପରାସ୍ତ ହୋଇଛି ବୋଲି ଅନୁମାନ କରିବାରେ କିଛି ଭୁଲ ନାହିଁ । ସେହିପରି ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ପାରମ୍ପରିକ ହିନ୍ଦୁ ଓ ବ୍ୟବସାୟୀ ବର୍ଗ ଏହି ଗୈରିକ ଦଳଠାରୁ ଦୂରେଇଯିବାରୁ ଭାଜପା ପରାସ୍ତ ହୋଇଛି । ମଧ୍ୟପ୍ରଦେଶର ଇନ୍ଦୋରରୁ ନିର୍ବାଚିତ ହୋଇଥିବା ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ କହିଛନ୍ତି ଯେ, ଏହି ଜନାଦେଶ ଗଣତନ୍ତ୍ର ପାଇଁ ଉତ୍ତମ । ତାଙ୍କ ମତକୁ ହାଲୁକା ଭାବେ ଗ୍ରହଣ କରାଯାଇ ନ ପାରେ ।

ଯୁକ୍ତି କରାଯାଉଛି ଯେ, ଏହି ଫଳାଫଳ କେବଳ ସ୍ଥାନୀୟ ନେତାଙ୍କ ପାଇଁ ମାର୍କଶିଟ୍ ସଦୃଶ ଏବଂ ଏହା ନରେନ୍ଦ୍ର ଦାମୋଦରଦାସ ମୋଦି ସରକାରଙ୍କ ପ୍ରଦର୍ଶନକୁ କୌଣସିଭାବେ ମଳିନ କଲାଭଳି ସଙ୍କେତ ଦେଉନାହିଁ । ଏହା ଏକ ଦୁର୍ବଳ ଯୁକ୍ତି, ଯାହା ଗ୍ରହଣୀୟ ନୁହେଁ । ସ୍ଥାନୀୟ ନେତାଙ୍କ ଉପରେ ଲୋକମାନେ ଖୁବ୍ ଅସନ୍ତୁଷ୍ଟ ହୋଇଥାଇପାରନ୍ତି, ଏଥିରେ ସନ୍ଦେହ ନାହିଁ । ୨୦୧୯ ନିର୍ବାଚନ ବେଳକୁ ଏହା କିଛି ପରିମାଣରେ ହ୍ରାସ ପାଇଯାଇପାରେ । କିନ୍ତୁ ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଏହି ଅସନ୍ତୋଷ କେବଳ ରମଣ ସିଂ ବା ଶିବରାଜ ସିଂ ଚୌହାନଙ୍କ ପ୍ରଦର୍ଶନ ବିରୋଧରେ ନ ଥିଲା । ଉକ୍ତ ଦଳ ଦ୍ୱାରା ଯେଉଁ ବୃହତ୍ ଛବି ଅଙ୍କାଯାଇଛି, ତାହା ସଚେତନଭାବେ ସ୍ଥାନୀୟ ନେତାଙ୍କ ଭାବମୂର୍ତ୍ତିକୁ ମଳିନ କରୁଛି, ଯାହା ଆମେ ଓଡ଼ିଶାରେ ମଧ୍ୟ ଦେଖୁଛୁ । ମୋଦି ଓ ଅମିତ ଶାହଙ୍କ ଉପସ୍ଥିତି ଏଠି ଲୋକଙ୍କୁ ଯାହାକିଛି ପ୍ରଭାବିତ କରୁଛି । ବ୍ୟଙ୍ଗ କରି କୁହାଯାଇପାରେ ଯେ, ମୋଦି–ଶାହ ଏହି ଫଳାଫଳକୁ ନେଇ ଭାରି ଖୁସି ହୋଇପାରନ୍ତି । ୨୦୧୯ ନିର୍ବାଚନ ପରେ ଏକ ଶକ୍ତିଶାଳୀ ଶିବରାଜ କିମ୍ବା ବସୁନ୍ଧରା ଦଳ ଭିତରୁ ମୋଦିଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରିଥାନ୍ତେ । ସେହି ସମ୍ଭାବନା ଦୂରେଇଗଲା । ଉକ୍ତ ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳାଫଳ ସ୍ପଷ୍ଟ କରୁଛି ଯେ, ଭାଜପା ଆସନ୍ତା ଲୋକ ସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ପାଇବ ନାହିଁ । ଯଦି ତାହା ଘଟେ, ତେବେ ଭାଜପା ଭିତରେ ମୋଦି ଓ ଶାହଙ୍କ ବିରୋଧରେ ନିଶ୍ଚୟ ଅସନ୍ତୋଷ ଦେଖାଦେବ । ଫଳରେ ଉଭୟଙ୍କୁ ଦଳ ଭିତରୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ଏହି ଫଳାଫଳ ଭାରତର ପ୍ରତ୍ୟେକ ରାଜନୈତିକ ଦଳକୁ ଏକ ଶିକ୍ଷା ଦେଉଛି ଯେ, ସମସ୍ତ କ୍ଷମତାକୁ ସମ୍ପୂର୍ଣ୍ଣଭାବେ ଅକ୍ତିଆର କରିବାର ଇଚ୍ଛା, ବିରୋଧୀଙ୍କ ପ୍ରତି ଅସହିଷ୍ଣୁ ଭାବ ଏବଂ ଭିନ୍ନମତର ସ୍ୱରକୁ ଚାପିଦେବାରୁ କିଛି ସୁଫଳ ମିଳି ନ ଥାଏ । ଏହା ପ୍ରମାଣିତ କରୁଛି ଯେ, ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବା ଏବଂ ଧନବଳ ପ୍ରୟୋଗ ଦ୍ୱାରା ସବୁକିଛି ହାସଲ କରାଯାଇପାରିବ ନାହିଁ ।

ତଥାଗତ ସତପଥୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | 8 | | 2 | | | | | | E | | | |
| | | | | | | | | B | | 1 | 7 | C | 0 | 3 |
| 2 | | | | | | E | | | | 8 | | | | 4 |
| C | 0 | | | | | 2 | 5 | | | | 4 | 1 | | |
| 9 | | D | | | | C | | 4 | | | | B | | |
| 1 | C | 7 | | E | | | | 8 | | A | | D | 6 | |
| A | | 2 | | 7 | 5 | | 9 | D | B | | | | 8 | |
| | | | | | 6 | | E | A | | | | | 2 | |
| B | | 0 | | | | | | | | D | 9 | A | | |
| | 5 | | | | | | | | | | 0 | | | |
| | | | | D | | | 0 | 5 | | 6 | | | C | B |
| | B | | | | E | | 7 | | | | | 0 | 3 | |
| | | | | | | | 6 | | E | 9 | | | | |
| 8 | 6 | | 9 | | | | | C | 0 | | 2 | | | A |
| 0 | 4 | | | | | A | B | | C | | 3 | 5 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 9 | 5 | 4 | 3 | 8 | 1 | 6 | 0 | D | A | 2 | B | E |
| 8 | 2 | 3 | 9 | A | C | B | 4 | D | 6 | 5 | E | 0 | 7 | 1 |
| 0 | B | 5 | 6 | 1 | 7 | A | E | C | 9 | 2 | 4 | 3 | 8 | D |
| E | A | 1 | D | B | 2 | 9 | 0 | 7 | 3 | C | 8 | 6 | 4 | 5 |
| 6 | 4 | D | E | 0 | 8 | 3 | 2 | 5 | 7 | B | 1 | C | A | 9 |
| A | 9 | 4 | 2 | 3 | 1 | 6 | D | B | 5 | 8 | C | E | 0 | 7 |
| B | D | 7 | C | 5 | E | 0 | A | 8 | 2 | 1 | 9 | 4 | 3 | 6 |
| 5 | 1 | E | 7 | 8 | 6 | 4 | C | 2 | A | 3 | 0 | 9 | D | B |
| 3 | 8 | 0 | 4 | 9 | A | 5 | 7 | E | D | 6 | B | 1 | C | 2 |
| C | 6 | 2 | 0 | D | B | 1 | 9 | 3 | E | 4 | 7 | A | 5 | 8 |
| 1 | 0 | 8 | B | E | D | 2 | 3 | 9 | 4 | A | 5 | 7 | 6 | C |
| 4 | 7 | B | A | 6 | 9 | C | 5 | 1 | 8 | 0 | 2 | D | E | 3 |
| 9 | 5 | C | 8 | 7 | 4 | D | 6 | A | 1 | E | 3 | B | 2 | 0 |
| 2 | E | 6 | 3 | C | 0 | 7 | 8 | 4 | B | 9 | D | 5 | 1 | A |
| D | 3 | A | 1 | 2 | 5 | E | B | 0 | C | 7 | 6 | 8 | 9 | 4 |

ଗତକାଲିର ଉତ୍ତର

# ଅସ୍ପୃଶ୍ୟତା, ଲକ୍ଷ୍ମୀପୁରାଣ ଓ ବଳରାମ



ନାରାୟଣ ପଣ୍ଡା

ଉତ୍କଳ ପଞ୍ଚସଖାଙ୍କ ମହାପାତ୍ର, ଖୁଣ୍ଟିଆ, ମହାନ୍ତି, ଦାସ ଓ ମୁନି ଇତ୍ୟାଦି ସଂଜ୍ଞା ଥିଲା । ସେମାନେ କିନ୍ତୁ ସମସ୍ତେ ନିଜକୁ ଶୂଦ୍ର ବୋଲି ପରିଚିତ କରାଇଛନ୍ତି । ସନ୍ଥ ଅଚ୍ୟୁତାନନ୍ଦଙ୍କ ଉଦୟ କାହାଣୀ ଗ୍ରନ୍ଥରେ ପଞ୍ଚସଖାମାନଙ୍କର ଜାତି ପ୍ରସଙ୍ଗରେ କୁହାଯାଇଛି, ସେମାନେ ସତ୍ୟଯୁଗରେ ବ୍ରାହ୍ମଣ, ତ୍ରେତୟାରେ କ୍ଷତ୍ରିୟ, ଦ୍ୱାପରରେ ବୈଶ୍ୟ ଓ କଳିଯୁଗରେ ଶୂଦ୍ର । ଭକ୍ତି ଧର୍ମର ବର୍ଣ୍ଣ ହେଉଛି ଶୂଦ୍ର ବର୍ଣ୍ଣ । ସେମାନଙ୍କର ସ୍ୱଭାବ ମିଷ୍ଟ, ବିନୟୀ ଓ ସରଳ । ଶୂଦ୍ର ନିଜର ନିର୍ଲିପ୍ତ ସେବା ଦ୍ୱାରା ଈଶ୍ୱର ସାନ୍ନିଧ୍ୟ ଓ ଚତୁର୍ବର୍ଗ ଫଳପ୍ରାପ୍ତ ହୋଇଥାଏ । ପଞ୍ଚଦଶ ଶତାବ୍ଦୀରେ ଜନ୍ମିତ ଉତ୍କଳର ପଞ୍ଚସଖା– ବଳରାମ ଦାସ ୧୪୮୨, ଯଶୋବନ୍ତ ଦାସ ୧୪୮୨, ଅଚ୍ୟୁତାନନ୍ଦ ଦାସ ୧୪୮୫, ଶିଶୁ ଅନନ୍ତ ୧୪୮୫ ଓ ଜଗନ୍ନାଥ ଦାସ ୧୪୯୦– ସାହିତ୍ୟ ଓ ସମାଜ ସଂସ୍କାରକ୍ଷେତ୍ରରେ ତାଙ୍କର ଅମଳିନ ସ୍ୱାକ୍ଷର ରଖିଛନ୍ତି । ଶ୍ରୀଜଗନ୍ନାଥ ଓ ବୈଷ୍ଣବ ଧର୍ମକୁ କେନ୍ଦ୍ରକରି ସେମାନଙ୍କର ସିଦ୍ଧି ଓ ସାଧନା । ବଳରାମ ଦାସଙ୍କୁ ଏମାନଙ୍କ ମଧ୍ୟରେ ବରିଷ୍ଠ କୁହାଯାଇଥାଏ । ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେମାନେ ଉତ୍କଳର ଧର୍ମ, ରାଜନୀତି, ସମାଜସଂସ୍କାର ଓ ସାରସ୍ୱତ ଜଗତକୁ ଗଭୀର ଭାବରେ ପ୍ରଭାବିତ କରି ରଖିଥିଲେ ।

ବଳରାମଙ୍କ ଦ୍ୱାରା ଜଗମୋହନ ରାମାୟଣ, ଲକ୍ଷ୍ମୀପୁରାଣ, ଭାବସମୁଦ୍ର, ବିରାଟଗୀତା, ଛତିଶ ଗୁପ୍ତଗୀତା, ପଣସଚୋରି, କୃଷ୍ଣଗର୍ଭ ଗୀତା ଓ ମୃଗୁଣୀ ସ୍ତୁତି ଇତ୍ୟାଦି ଅର୍ଦ୍ଧଶତ ପୁସ୍ତକ ରଚିତ । ତାଙ୍କର ଅନେକ ପୁସ୍ତକରେ ତତ୍କାଳୀନ ସମାଜର ତ୍ରୁଟିବିଚ୍ୟୁତିକୁ ସଂଶୋଧନ କରିବା ପାଇଁ ସଂସ୍କାରର ବାର୍ତ୍ତା ପ୍ରତିଫଳିତ । ବଳରାମ ଦାସଙ୍କୁ ଜୀବନରେ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା । ଏକ ଭେଦଭାବଶୂନ୍ୟ ସାର୍ବଜନୀନ ସମାଜ ଗଠନ କରିବା ତାଙ୍କର ଲକ୍ଷ୍ୟ ଥିଲା । ସେହି ସମୟରେ ଛୁଆଁଅଛୁଆଁ ଭେଦଭାବ, ଜାତିବାଦ ସମାଜର ମେରୁଦଣ୍ଡରେ ଗଭୀର ଆଘାତ କରୁଥିଲା । ନିମ୍ନ ଶ୍ରେଣୀର ଲୋକେ ଯେତେ ପ୍ରତିଭାବାନ୍ ହେଲେ ମଧ୍ୟ ମୁଣ୍ଡ ଟେକି ଚାଲିବାକୁ ସୁଯୋଗ ଦିଆଯାଉ ନ ଥିଲା ସେମାନଙ୍କୁ । ପ୍ରତି କ୍ଷେତ୍ରରେ ସେମାନେ ଗତିରୋଧର ସମ୍ମୁଖୀନ ହେଉଥିଲେ । ଜଗନ୍ନାଥଙ୍କ ପରମ ଉପାସକ ବଳରାମଙ୍କ ହୃଦୟତନ୍ତ୍ରୀରେ ଏହି ବୈଷମ୍ୟ ଗଭୀର ଆଘାତ ଦେଇଥିଲା । ସମାଜ ବିରୋଧରେ ବିପ୍ଳବର ଝଙ୍କାର ତୋଳି ଏଥିରେ ସଂସ୍କାର ଆଣିବାକୁ ସେ ନିଜକୁ ପ୍ରସ୍ତୁତ କରିଥିଲେ ।

ରାଜା ପ୍ରତାପରୁଦ୍ର ଦେବଙ୍କ ନିକଟରେ ଅଭିଯୋଗ ଆସିଲା, ଶୂଦ୍ର ବଳରାମ ବେଦ ଓ ଶାସ୍ତ୍ରର ଭୁଲ ବ୍ୟାଖ୍ୟା କରୁଛନ୍ତି, ଉତ୍କଳର ଧର୍ମ ଓ ପରମ୍ପରା କ୍ଷତିଗ୍ରସ୍ତ ହେଉଛି । ବଳରାମ ରାଜା ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା ରାଜସଭାକୁ ଆହୂତ ହୋଇ ଏହାର ଉତ୍ତର ରଖିବାକୁ ଆଦିଷ୍ଟ ହୁଅନ୍ତି । ଶ୍ରୀଜଗନ୍ନାଥଙ୍କ କରୁଣାପ୍ରାପ୍ତ ହେଲେ ମୂକ ମଧ୍ୟ ମୁଖର ହୋଇପାରେ, ଉତ୍ତର ରଖିଲେ ବଳରାମ । ତଦନନ୍ତର ରାଜସଭାରେ ହରିଦାସ ନାମକ ଜନୈକ ଜଡ଼ା ବ୍ରାହ୍ମଣଙ୍କୁ ଉପସ୍ଥାପିତ କରାଗଲା । ରାଜା ବଳରାମଙ୍କୁ ଆଦେଶ ଦେଲେ ଜଗନ୍ନାଥଙ୍କ କୃପାରୁ ଏହାଙ୍କ ମୁଖରୁ ବେଦ ଉଚ୍ଚାରିତ ହେଉ । ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ହରିଦାସଙ୍କ ମସ୍ତକରେ ହସ୍ତ ସ୍ଥାପନପୂର୍ବକ ବଳରାମ ନିର୍ଦ୍ଦେଶ ଦେଲେ ବେଦପାଠ କରିବା ପାଇଁ । ରାଜସଭାକୁ ବିସ୍ମୟାଭିଭୂତ କରି ହରିଦାସ ଅନର୍ଗଳ ଭାବରେ ବେଦପାଠ କରିଚାଲିଲେ । ବଳରାମଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିବା ବ୍ରାହ୍ମଣମାନଙ୍କର ଶୋଚନୀୟ ପରାଜୟ ଘଟିଲା ।

ବଳରାମଙ୍କ ବେଦାନ୍ତସାର ଗୀତାର ପ୍ରତି ଛତ୍ରରେ ତାଙ୍କ ପ୍ରତି ଜଗନ୍ନାଥଙ୍କ କୃପାର ଉଦ୍‌ଘୋଷ ପରିଲକ୍ଷିତ ହୁଏ । ମଧ୍ୟଯୁଗରେ ନାରୀମାନଙ୍କୁ ଅବଳା ଦୁର୍ବଳା ମନେକରାଯାଇ ଗୃହର ଚାରିକାନ୍ଥ ମଧ୍ୟରେ ବନ୍ଦୀ କରି ରଖାଯାଉଥିଲା । ଭାରତର ବେଦଶାସ୍ତ୍ର ନାରୀମାନଙ୍କର ମହିମା ବର୍ଣ୍ଣନାରେ କେବେ କୁଣ୍ଠିତ ନ ଥିଲା । ନାରୀଙ୍କୁ ପୁରୁଷର ଅର୍ଦ୍ଧାଙ୍ଗିନୀ ସ୍ୱୀକାର କରାଯାଇ ପରିବାର ଓ ସମାଜର ମୁକୁଟ ରୂପେ ଦେଖାଯାଉଥିଲା । ମଧ୍ୟଯୁଗର ପୁରୁଷପ୍ରଧାନ ସମାଜ ଓ ବିଜାତୀୟ ଶାସନ ବ୍ୟବସ୍ଥା ନାରୀମାନଙ୍କୁ ପଦଦଳିତ କରି ରଖିଥିଲା । ଛୁଆଁଅଛୁଆଁ ଭେଦଭାବ ସହିତ ଗୃହସ୍ଥାଶ୍ରମର ଆଦର୍ଶରୁ ବିଚ୍ୟୁତ ହୋଇପଡ଼ିଲା ସମାଜ । ସମାଜ ସଂସ୍କାରକ ବଳରାମ ଦାସ ଲକ୍ଷ୍ମୀପୁରାଣ ଆଖ୍ୟାୟିକାରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ସର୍ବହରା କରି ପଥପାର୍ଶ୍ୱର ଭିକାରିରେ ପରିଣତ କଲେ । ପତି ପରିତ୍ୟକ୍ତା ହେଲେ ମହାଲକ୍ଷ୍ମୀ । ନାରୀ ଆଦର୍ଶର ଶିରୋମଣି ମହାଲକ୍ଷ୍ମୀଙ୍କୁ ଛାଡ଼ିବାକୁ ପଡ଼ିଲା ପତିଗୃହ–ଶ୍ରୀମନ୍ଦିର । ଲକ୍ଷ୍ମୀ ଐଶ୍ୱର୍ଯ୍ୟର ମହାଦେବୀ ହେଲେ ମଧ୍ୟ ସେ ଚଣ୍ଡାଳଙ୍କ ଘରକୁ ଯିବେ ନାହିଁ, ଫତୁଆ ଜାରି କରିଥିଲେ ବଡ଼ଠାକୁର ବଳଭଦ୍ର । ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରୁ ବହିଷ୍କାର କଲେ ଜଗନ୍ନାଥଙ୍କ ପାଇଁ କନ୍ୟାର ଅଭାବ ରହିବେ ନାହିଁ । ନାରୀ ପୁରୁଷ ପାଦର ପାଣ୍ଡୋଇ । ଯେ କୌଣସି ସମୟରେ ଏମାନଙ୍କୁ ତ୍ୟାଗ କରାଯାଇପାରେ । ତତ୍କାଳୀନ ଉଚ୍ଚବର୍ଗର ମାନସିକତାର ପୂର୍ଣ୍ଣ ପ୍ରତିଫଳନ ବଳଭଦ୍ରଙ୍କ ଉକ୍ତିରେ ପ୍ରତିବିମ୍ବିତ ହୋଇଥିଲା । ଲକ୍ଷ୍ମୀଛଡ଼ା ଭ୍ରାତୃଦ୍ୱୟ ଅନ୍ନ ମୁଠିଏ ପାଇଁ ବାରଦୁଆର ଶୁଙ୍ଖିପିଣ୍ଡା ହେଲେ । ପରିଶେଷରେ ମହାଲକ୍ଷ୍ମୀଙ୍କ ଦ୍ୱାରସ୍ଥ ହୁଅନ୍ତି ଦୁଇଭାଇ । ଏହା ଥିଲା ବିଧିର ବିଧାନ । ସ୍ୱାମୀ ସ୍ତ୍ରୀଙ୍କ ସୁଖଦ ମିଳନ ସମାଜରେ ଏକ ନୂତନ ସଂସ୍କାରକୁ ଜନ୍ମଦେଲା । ସମାଜରେ ଛୁଆଁଅଛୁଆଁ ଭେଦଭାବ ରହିବ ନାହିଁ, ଶ୍ରୀମନ୍ଦିରରେ ସମସ୍ତଙ୍କ ପ୍ରବେଶାଧିକାର ରହିବ, ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆଲିଙ୍ଗନାବଦ୍ଧ ହେବେ । ଯେଉଁଠି ସ୍ୱଚ୍ଛ ଓ ନିର୍ମଳ ପରିବେଶ ରହିବ– ଲକ୍ଷ୍ମୀ ଅବାଧରେ ପ୍ରବେଶ କରିପାରିବେ, ଏହି କଠିନ ସର୍ତ୍ତଗୁଡ଼ିକୁ ଅଙ୍ଗୀକାର କରି ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରକୁ ଆଣିଲେ ଦୁଇଭାଇ । ବଳରାମଙ୍କ ଲକ୍ଷ୍ମୀପୁରାଣ ପ୍ରଚଳିତ ସମାଜର ବିଧିବ୍ୟବସ୍ଥା ବିରୋଧରେ ଥିଲା ସଂଗ୍ରାମ । ଥିଲା ବିପ୍ଳବର ଶାଣିତ ଇସ୍ତାହାର ।

ବଳରାମ ଜଗମୋହନ ରାମାୟଣ ରଚନା କରି ସ୍ୱୀୟ ଜ୍ଞାନର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । କେତେକ ଅସୂୟାପରାୟଣ ଗର୍ବୋଦ୍ଧତ ବ୍ରାହ୍ମଣଙ୍କ ପ୍ରରୋଚନାରେ ରଥରୁ ତାଙ୍କୁ ତଡ଼ି ଦିଆଗଲା । ସ୍ୱୟଂ ରାଜା ତାଙ୍କୁ ହାବୁଡ଼ା ମାରି ଅପମାନିତ କଲେ । ଦୁଃଖ ଓ ଅପମାନରେ ଜର୍ଜରିତ ବଳରାମ ସମୁଦ୍ର ବେଳାରେ ବାଲିରଥ ନିର୍ମାଣ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ବଡ଼ଦାଣ୍ଡରେ ଗଡ଼ିଲା ନାହିଁ ରଥ । ଅଟକିଗଲା ସମୟ । ବିଚଳିତ ହେଲେ ଭକ୍ତସମାଜ । ଶୂଦ୍ର ଭକ୍ତଙ୍କ ଟେକ ରଖିବା ପାଇଁ ସ୍ୱପ୍ନାଦିଷ୍ଟ ହେଲେ ରାଜା । ଅବଶେଷରେ ମୁହଁରେ ତିରଣ ଧରି ରାଜାଙ୍କୁ କ୍ଷମା ମାଗିବାକୁ ପଡ଼ିଲା ବଳରାମଙ୍କ ନିକଟରେ । ବନ୍ଧା ପଡ଼ିଥିବା ମହାପ୍ରଭୁମାନେ ମୁକ୍ତ ହେଲେ ବାଲୁକା ରଥରୁ । ଭାବସମୁଦ୍ର ରଚନା କରି ଭକ୍ତଙ୍କର ଜୟ ଜୟକାର କଲେ ବଳରାମ ।

ଭକ୍ତିର ଶକ୍ତି ସବୁ ଯୁଗରେ ବଳୀୟାନ । ଭକ୍ତଙ୍କର ମାନ ବଢ଼େଇବା ପାଇଁ ଶ୍ରୀଜଗନ୍ନାଥ ବଳରାମଙ୍କୁ ପଣସ ଖାଇବାର ମଜା ନେବା ପାଇଁ ଡାକିନିଅନ୍ତି ଅଳସା ତୋଟାକୁ । ସଦା ଜାଗ୍ରତ ପ୍ରହରୀ ସହସା ନିଦ୍ରାଚ୍ଛନ୍ନ ହୁଏ । ଭକ୍ତ ଓ ଭଗବାନ ନିର୍ବିଘ୍ନରେ ପଣସ ଖାଇବାକୁ ଲାଗିଲେ । ଜଗନ୍ନାଥଙ୍କ ସ୍ଥୂଳସାନ୍ନିଧ ପାଇ ହୁଏତ ବଳରାମଙ୍କ ହୃଦୟରେ କେଉଁଠି କେମିତି ଗର୍ବ ଆସିଲା । ଆରମ୍ଭ ହେଲା ଲୀଳା । ବଳରାମଙ୍କ ଅଜାଣତରେ ଶ୍ରୀମନ୍ଦିର ଫେରିଆସିଲେ ଭକ୍ତବତ୍ସଳ ମହାପ୍ରଭୁ । ସହସା ପ୍ରହରୀମାନେ ଜାଗ୍ରତ ହେଲେ । ଚୋରଖଣ୍ଟଙ୍କ ପରି କେହି ପଶିଆସି ପଣସ ଖାଉଛି । ଆରମ୍ଭ ହେଲା ମାଡ଼, ଦେହ ମୁଣ୍ଡରୁ ରକ୍ତ ବୋହିଲା । ଅଶ୍ରୁ ବହିଗଲା ବଳରାମଙ୍କ ଆଖିରୁ । ଶକ୍ତ ଦଉଡିରେ ବନ୍ଧାହୋଇ ଅଶେଷ ଯନ୍ତ୍ରଣା ସହିଲେ ବଳରାମ– ଡାକିଲେ ଜଗନ୍ନାଥଙ୍କୁ । ପଣସ ମିଶି ଖାଇଲେ, ଅଠାବୋଳିଲ ମୋ ମୁଣ୍ଡରେ । ଅସହ୍ୟ ହେଲାଣି ଯନ୍ତ୍ରଣା । ଭାବଗ୍ରାହୀଙ୍କୁ ଅବିଦିତ ନ ଥିଲା କିଛି । ସ୍ୱପ୍ନାଦେଶ ଦେଲେ ରାଜାଙ୍କୁ । ଭକ୍ତଙ୍କୁ ବନ୍ଧନମୁକ୍ତ କର । ପଣସଚୋରି ଗ୍ରନ୍ଥରେ ଉଚ୍ଚକଣ୍ଠରେ ବଳରାମ କହିଲେ, ଦେଖୁଥାଅ ବ୍ରାହ୍ମଣମାନେ– ଅନ୍ତର୍ଯ୍ୟାମୀ ଶୂଦ୍ର ଭକ୍ତଙ୍କୁ ବନ୍ଧେଇଲେ, ପିଟେଇଲେ ଓ ଶେଷରେ ରାଜାଙ୍କୁ ସ୍ୱପ୍ନକରି ମୁକୁଳେଇଲେ । ଶୂଦ୍ର କେବେ ଅଛୁଆଁ ନୁହେଁ ଭଗବାନଙ୍କ ପାଖରେ ।


ନୂଆବନ୍ଧ ସାହି, ନବରଙ୍ଗପୁର, ମୋ–୯୪୩୭୦୧୮୯୬୨


# ଅସୁରକ୍ଷିତ ଆଶ୍ରମ ଗୃହ

ପ୍ରୀତିଛନ୍ଦା ଧଳ

ନିକଟରେ ହଇଚଇ ସୃଷ୍ଟି କରିଛି ବେଲ୍‌ଟିକିରି ଶେଲ୍‌ଟର ହୋମ୍ କାରନାମା । 'ହାପି ଆଣ୍ଡ ହୋଲି ହୋମ୍' ନାମକ ଆଶ୍ରମରେ ନାବାଳିକାମାନଙ୍କୁ ଯୌନ ନିର୍ଯାତନାର କଥା ଶୁଣି ସାଧାରଣ ଜନତାଙ୍କ ଲୋମ ଟାଙ୍କୁରି ଉଠୁଛି । କେତେ ଅସୁରକ୍ଷିତ ଆମର ଆଶ୍ରମ ଉଭୟ ଝିଅ ଓ ପୁଅମାନଙ୍କ ପାଇଁ ଏବେ ଏଠାରେ ଏକ ବଡ଼ ପ୍ରଶ୍ନ । ପ୍ରକୃତରେ ଦେଖିବାକୁ ଗଲେ ଲାଜ ଲାଗେ ଯେ ଏତେସବୁ ହୋଇଥାଏ ଆଶ୍ରମ ଗୃହରେ କିନ୍ତୁ ଆମର ପ୍ରଶାସନ ପାଖରେ କିଛି ଖବର ନ ଥାଏ । ଏହାର ଉତ୍ତର କିଏ ଦେବ ଏବଂ ଏହାର ଗୁରୁଦାୟିତ୍ୱ କାହାର ?

ଆଶ୍ରମରେ ଝିଅ ଓ ପୁଅ ଉଭୟ ସବୁବେଳେ ଅସୁରକ୍ଷିତ ଏବଂ ସମସ୍ତେ ଶୋଷଣର ଶିକାର ହୋଇଥାନ୍ତି, ଏ କଥା ଆମେ ସମସ୍ତେ ଜାଣିଛେ । କିନ୍ତୁ ନ ଜାଣିବାର ଏ ଯେଉଁ ଅଭିନୟ ଏଇଟା ସବୁବେଳେ ସମସ୍ତଙ୍କୁ ବ୍ୟଥିତ କରିଥାଏ । ଆମ ରାଜ୍ୟରେ ରହିଛି ଅନେକ ସେଲ୍‌ଟର ହୋମ୍ । ଏହାକୁ ପରିଚାଳନା କରିବା ପାଇଁ କୋଟି କୋଟି ଟଙ୍କା ବାହାରୁ ଅର୍ଥାତ୍ ବିଦେଶରୁ ଆସିଥାଏ ଏବଂ ଏସବୁ ବ୍ୟାଙ୍କ ମାଧ୍ୟମରେ ଡିପୋଜିଟ୍ ହୋଇଥାଏ । କିନ୍ତୁ ସବୁକଥା ସମସ୍ତେ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଥାନ୍ତି । କାରଣ ଆମେ କେହି କାଦୁଅକୁ ଯିବାନି କି ଗୋଡ଼ ଧୋଇବାନି । ଅସୁବିଧାରେ ଯେ ପଡ଼ିଥିବ ତାକୁ ଉଦ୍ଧାର କରିବାର ମନୋବୃତ୍ତିରୁ ଆମେ ବହୁତ ଦୂରରେ ରହିଲେଣି । ତେଣୁ ଯେତେବେଳେ ଗଣମାଧ୍ୟମ ଏସବୁ ଜିନିଷକୁ ପଦାକୁ ଆଣେ ତାକୁ ଦେଖି ଆମେ ବିଭିନ୍ନ ପ୍ରକାର ସମାଲୋଚନା କରି ତା'ପରେ ପୂର୍ବାବସ୍ଥାକୁ ଫେରିଆସୁଛେ । ଆମେ ତ ସାଧାରଣ ଜନତା । ଆଉ ରାଜନୈତିକ ଦଳଗୁଡ଼ିକର କଥା ନ କହିଲେ ଭଲ । ଯେତେବେଳେ ସାମ୍ନାକୁ ଆସେ ଏଇଭଳି ଘଟଣା ଗଣମାଧ୍ୟମରେ, ଟିଭିରେ ବସି ଏଇଭଳି ଯୁକ୍ତି ଉପସ୍ଥାପନା କରିଥାନ୍ତି ଏବଂ ସେହି ସଂସ୍ଥାର ଚଉଦ ପୁରୁଷ ଓଗାଳିଥାନ୍ତି । ସତେଯେମିତି ସେ ସଂସ୍ଥା ସବୁ କିଛି ଏଇମାନଙ୍କର ଜାଣତରେ କରୁଥିଲା । ଲଜ୍ଜା ନ ଥାଏ ଏଇ ରାଜନୈତିକ ଦଳର ବ୍ୟକ୍ତିବିଶେଷମାନଙ୍କୁ, ଯେଉଁମାନେ ଭୁଲି ଯାଇଥାନ୍ତି ଏହି ଛୋଟ ଛୋଟ ପିଲାମାନଙ୍କ ସାଙ୍ଗରେ କ'ଣ ଘଟିଛି ଏବଂ ତାଙ୍କର ଭବିଷ୍ୟତ । ୫ରୁ ୧୦ ବର୍ଷ ବୟସର ଶିଶୁମାନେ, ସମାଜ, ଜାତି, ଗୋତ୍ର, ଧର୍ମ କ'ଣ ଜାଣିବା ଆଗରୁ ସେମାନଙ୍କ ମୁଣ୍ଡରେ କଳଙ୍କ ଭରି ଦିଆଯାଇଛି । ବାଛ ବିଚାର, ଧର୍ମ ନାମରେ ମିଛ କଥା, ଯାହାର ପରିଣାମସ୍ୱରୂପ ବେଲ୍‌ଟିକିରି ହୋମ୍‌ରୁ ଉଦ୍ଧାର କରାଯାଇଥିବା କିଛି ପିଲା ଜଗନ୍ନାଥଙ୍କ ଜଣାଣ ଗାଇବାକୁ କୁଣ୍ଠିତ ହେଉଛନ୍ତି । ଏହି 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ'ର ମାଲିକଙ୍କୁ ଗିରଫ କରାଯାଇଛି ସତ କିନ୍ତୁ ଗିରଫର କିଛି ମାସ ବା ବର୍ଷ ପରେ ନିଶ୍ଚୟ ସେ ବେଲ୍‌ରେ ବାହାରକୁ ଆସି ପୁଣି ତାଙ୍କ କାର୍ଯ୍ୟରେ ଲିପ୍ତ ରହିବେ । ସେଥିରେ କୌଣସି ପ୍ରକାର ସନ୍ଦେହ ନାହିଁ । ଫୟାଦ୍ ରହମାନ୍ ଯେ ଗୋଟିଏ ଲୋକ ତା' ନୁହେଁ, ତାଙ୍କ ଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏଇଭଳି ଆଶ୍ରମ କରି ଆମର କୁନିକୁନି ପିଲାମାନଙ୍କ ଭବିଷ୍ୟତକୁ ଉଜାଡ଼ି ଦେଉଛନ୍ତି । ବେଲ୍‌ଟିକିରି ଘଟଣା ପରେ ପରେ ସୋନପୁର ଜିଲା ବଡ଼ଝିଙ୍କରେ ୨୨ଜଣ ଛାତ୍ରୀଙ୍କର ପତ୍ତା ମିଳୁନାହିଁ । ଏସବୁ ପାଇଁ କିଏ ଦାୟୀ ? ରାଜନୈତିକ ଦଳଗୁଡ଼ିକର ଚିତ୍କାର କାହିଁକି ପୂର୍ବରୁ ପିଲାମାନଙ୍କ ପାଇଁ ଶୁଣାଯାଏ ନାହିଁ ?

କେଉଁ କେଉଁ ଜିଲାରେ କେତେ ଆଶ୍ରମ ଗୃହ ଅଛି, କେତେ ପିଲା ସେଠାରେ ଅଛନ୍ତି ଏବଂ ସେମାନଙ୍କର ସୁରକ୍ଷା କାହା ହାତରେ, ଆଶ୍ରମ ଗୃହର ମାଲିକଙ୍କ ହାତରେ ନା ପ୍ରଶାସନ ହାତରେ– ଏବେ ଏହି ପ୍ରଶ୍ନ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି । ଆଦିବାସୀ ଅଞ୍ଚଳରେ ଝିଅମାନେ ଯେତେବେଳେ ଘରେ ଆସି ଏଇକଥା କହିଥାନ୍ତି ଅର୍ଥାତ୍ ସେମାନେ କେଉଁଭଳି ଭାବରେ ଆଶ୍ରମରେ ଶୋଷିତ ହୋଇଥାନ୍ତି, ସେତେବେଳେ ମା'ବାପା ଆଉ ପାଠ ନ ପଢ଼େଇ ଅଧାରୁ ପାଠପଢ଼ା ବନ୍ଦ କରିଦେଇଥାନ୍ତି । କାରଣ ଦାରିଦ୍ର୍ୟ ଓ ଲୋକଲଜ୍ଜା କାରଣରୁ ମା'ବାପା ଝିଅକୁ ନ୍ୟାୟ ନ ଦେଇ ଚୁପ୍ ହୋଇଯିବାକୁ ପରାମର୍ଶ ଦେଇଥାନ୍ତି ଓ ଏହାର ଫାଇଦା ଏଇଭଳି କୁତ୍ସିତ ମାନସିକତାର ଲୋକମାନେ ନେଇଥାନ୍ତି ।

ପ୍ରତ୍ୟେକ ଜିଲାରେ ଏହି ଆଶ୍ରମଗୃହ ସବୁ ରହିଛି ଏବଂ ପ୍ରତ୍ୟେକ ଜାଗାରେ ଏହି କେଳେଙ୍କାରୀ ଚାଲିଛି ଏବଂ 'ସଭିଏଁ ପଢ଼ିବେ ଓ ସଭିଏଁ ବଢ଼ିବେ' ଓ 'କନ୍ୟା ରତନ କର ଯତନ'କୁ ପ୍ରଶାସନ ହିଁ ଶକ୍ତ ଚାପୁଡ଼ା ପରେ ଚାପୁଡ଼ା ମାରୁଛି । ଆମର ଚାଇଲ୍ଡ ପ୍ରୋଟେକ୍ସନ ୟୁନିଟି କ'ଣ କରୁଛି ? ପ୍ରତ୍ୟେକ ଜିଲାର ଚାଇଲ୍ଡ ପ୍ରୋଟେକ୍ସନ ଅଫିସ୍‌ରମାନଙ୍କର କାମ କ'ଣ ? କେଉଁଠି ଆଶ୍ରମ ଗୃହ ଖୋଲିଲା, କେତେ ପିଲା ସେଠାକୁ ଗଲେ, ପୁଣି ପର ମାସରେ କେତେ ପିଲା କୁଆଡେ ଅନ୍ତର୍ଦ୍ଧାନ ହୋଇଗଲେ, ତା'ର ହିସାବ ରଖିବା କ'ଣ ଏଇ ଡିସିପିଓମାନଙ୍କର ଗୁରୁଦାୟିତ୍ୱ ନୁହେଁ ? ଏମାନଙ୍କର କାମ ଖାଲି ଫାଇଲ୍ ଚାଷ ମଧ୍ୟରେ ସୀମିତ ରହିଯାଉଛି । ବରଂ ପଚାରିଲେ ଉତ୍ତର ଆସେ ହଁ, ଆମେ ଯାଉ ଦେଖୁ, ତଦାରଖ କରୁ । ସବୁ ଯଦି କରୁଥାନ୍ତି ତା'ହେଲେ ଏହି କୁନିକୁନି ପିଲାମାନେ କାହିଁକି ଶୋଷଣର ଶିକାର ହୋଇଥାନ୍ତି ? ଯଦି ପ୍ରତ୍ୟେକ ଜିଲାରେ ଡିସିପିଓମାନେ ସଜାଗ ହେବେ ତା'ହେଲେ ଫୟାଜ୍ ରହମାନ୍‌ଙ୍କ ଭଳି ଲୋକମାନଙ୍କ କୁକାର୍ଯ୍ୟ କମିବାରେ ଲାଗିବ । ଖାଲି ମୋଟା ଅଙ୍କର ଦରମା ସରକାରଙ୍କଠାରୁ ନେଇ ନିଜ ପିଲାଙ୍କ ଭବିଷ୍ୟତ ଚିନ୍ତା କରିବା ସାଙ୍ଗରେ ଶହଶହ ପିଲାଙ୍କ ଭବିଷ୍ୟତ ଯେପରି ନ ଉଜୁଡ଼ୁ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଦରକାର । ସରକାରଙ୍କର ମଧ୍ୟ ଚେତା ପଶିବା ଦରକାର ଯେ, ଏଇଭଳି ଦାୟିତ୍ୱରେ ଥିବା ଅଫିସରମାନେ କେମିତି ସମସ୍ତ ଆଶ୍ରମ ଗୃହର ତଦାରଖ ନିଜେ କରିବେ, ଖାଲି 'ଆହାର' ଦୁଇବେଳା ଦେଇଦେଲେ ହେବନାହିଁ । ସରକାରଙ୍କର ଚିନ୍ତା କରିବାର ଏହା ଏକ ପ୍ରକୃଷ୍ଟ ସମୟ ଯେ ଆହାରକୁ ଆମ ଭବିଷ୍ୟତ ବଞ୍ଚିଥିଲେ ଦେଖିବେ ତ ? ପରିଶେଷରେ ଏହି ଯେଉଁ ପିଲାମାନେ ଶୋଷଣର ଶିକାର ହେଉଛନ୍ତି ତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ସହଯୋଗର ହାତ ସମସ୍ତେ ବଢ଼େଇବା ଦରକାର । ଗଣମାଧ୍ୟମ ମଧ୍ୟ ସବୁବେଳେ ଏହି ଘଟଣା ଉପରେ ନଜର ରଖିବା ଦରକାର । ତା'ହେଲେ ଯାଇ ଏଇ କଦର୍ଯ୍ୟ ମନୋବୃତ୍ତିକୁ ନେଇ ଲୋକମାନଙ୍କ ମନରେ ଟିକେ ଭୟ ସୃଷ୍ଟି ହେବ ।


ମୋ–୯୯୩୭୭୩୪୪୬୧


## ଏଇ ଭାରତରେ

ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପରମ୍ପରା ରହିଛି । ଏହାକୁ ସ୍ଥାନୀୟ ଲୋକେ ମାନି ଚଳିଥାଆନ୍ତି । ପରମ୍ପରାକୁ ଅମାନ୍ୟ କଲେ ଅମଙ୍ଗଳ ହୁଏ ବୋଲି ଲୋକମାନେ ବିଶ୍ୱାସ କରନ୍ତି । ତେଣୁ ସେଠାରେ ପ୍ରଥା–ପରମ୍ପରାକୁ ମାନି ଲୋକେ ଜୀବନଯାପନ କରନ୍ତି । ମଧ୍ୟପ୍ରଦେଶ ଓ ଛତିଶଗଡରେ ଏପରି ଏକ ନିଆରା ପରମ୍ପରା ରହିଛି ଯାହା ଅବିଶ୍ୱାସ ଲାଗିଲେ ମଧ୍ୟ ସତ । ଏହି ଦୁଇ ରାଜ୍ୟରେ ବାସ କରୁଥିବା ଗୋଣ୍ଡ ଜନଜାତିର ଲୋକମାନେ ଏହି ଅଜବ ପରମ୍ପରାକୁ ମାନିଥାଆନ୍ତି । ଉକ୍ତ ଜନଜାତିରେ ବିବାହ ପୂର୍ବରୁ ବରକୁ ରକ୍ତପାନ କରିବାକୁ ପଡିଥାଏ । ଏଥିପାଇଁ ବରକୁ ଘୁଷୁରି ମାରିବାକୁ ଦିଆଯାଏ । ପରେ ବର ଏହାର ରକ୍ତ ମଧ୍ୟ ପାନ କରେ । ଏପରି ନ କଲେ ବିବାହକୁ ମାନ୍ୟତା ମିଳି ନ ଥାଏ ବୋଲି ଜନଜାତିର ଲୋକେ ବିଶ୍ୱାସ କରନ୍ତି । ଆଧୁନିକ ସଭ୍ୟ ସମାଜ ତଥା ଇଣ୍ଟରନେଟ୍ ଯୁଗରେ ସେମାନେ ନିଜ ପରମ୍ପରାକୁ ଭୁଲିଯାଇ ନାହାନ୍ତି । ଆଧୁନିକତାକୁ ସେମାନେ ପସନ୍ଦ କରନ୍ତି ନାହିଁ । କାରଣ ଆଧୁନିକତାର ପ୍ରଭାବରେ ଜନଜାତି ସମାଜ ଧ୍ୱଂସ ପାଇଯିବ ବୋଲି ସେମାନଙ୍କ ଧାରଣା ରହିଛି ।

## ଚିରନ୍ତନୀ

ଜୀବନର ଭାବନାରେ ବହିଯାଏ ମୋର ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ ମୁକ୍ତି ଅବା ମୃତ୍ୟୁର ଚିନ୍ତନ,
ଲଭିଅଛି ଯେ ସମ୍ପଦ ଏ ମର ଜୀବନେ,
ମିଳଇ ସେ କେବେ କେଉଁ ଅମର ଭୁବନେ ?
ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା !
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା ?

(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୯୩

- ବିଶିଷ୍ଟ ନାଟ୍ୟକାର ବିଜୟ ତେନ୍ଦୁଲକର ଚଳିତବର୍ଷ ସରସ୍ୱତୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ।
- ମହାରାଷ୍ଟ୍ରର ପୁଣେ ନିକଟରେ ଏକ ସ୍କୁଲ ବସ୍ ଉପରେ ଟ୍ରେନ୍ ମାଡିଯିବା ଫଳରେ ୩୨ ଛାତ୍ରଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ।

## ପାଠକ ଶ୍ରେଷ୍ଠ ବିଚାରକ

### ବେଲ ପାଚିଲେ କାଉର କି ଯାଏ

ମହାଶୟ,

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପାଇଛି । ଗତ ୪ ବର୍ଷ ମଧ୍ୟରେ ଟିକସଦାତାଙ୍କ ସଂଖ୍ୟା ଦୁଇଗୁଣ ହୋଇଛି । ସରକାରଙ୍କ ରାଜସ୍ୱ ଆଶାତୀତ ଭାବେ ବୃଦ୍ଧି ପାଇଛି । ଡିଜିଟାଲ କାରବାର ବଢ଼ିଛି । ବ୍ୟବସାୟ ଅନୁକୂଳ ରାଷ୍ଟ୍ର ଭାବେ ଭାରତର ସ୍ଥାନ ବିଶ୍ୱସ୍ତରରେ ଉପରକୁ ଉଠିଛି । ମାତ୍ର ବିଭିନ୍ନ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶରେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ବଢ଼ିଛି । ବେକାରି ବଢ଼ିଛି । ସାଧାରଣ ଜନତାଙ୍କ ଜୀବନଚର୍ଯ୍ୟାକୁ ନେଇ କରାଯାଇଥିବା ସର୍ବେକ୍ଷଣରେ ବିଶ୍ୱସ୍ତରରେ ଭାରତର ସ୍ଥାନ ବହୁ ତଳକୁ ଖସିଆସିଛି । ଏପରି କି ଇଣ୍ଡୋନେସିଆ, ଶ୍ରୀଲଙ୍କା, ବ୍ରାଜିଲ, ମ୍ୟାନ୍‌ମାର ଓ ବାଂଲାଦେଶ ପରି ଛୋଟ ଛୋଟ ଦେଶ ତଳେ ଭାରତ ରହିଛି । ଏହାର ଅର୍ଥ ତଥାକଥିତ ବିକାଶ ଏବଂ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେଉଁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ତା'ର ସୁଫଳ ସାଧାରଣ ଜନତାଙ୍କ ପାଖରେ ପହଞ୍ଚୁନାହିଁ । ବେଲ ପାଚିଲେ କାଉର କି ଯାଏ ପରି ତଥାକଥିତ ବିକାଶରେ ଗରିବ ଓ ସାଧାରଣ ଲୋକ ନୁହେଁ ଧନୀ ଓ ପ୍ରଭାବଶାଳୀ ଲୋକମାନେ ହିଁ ଉପକୃତ ହେଉଛନ୍ତି ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ସରକାରୀ ଅଧ୍ୟାପକଙ୍କ ପାଇଁ ସପ୍ତମ ବେତନ

ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ସରକାରୀ କଲେଜର ୟୁଜିସି ସ୍କେଲ୍‌ରେ ଥିବା ଅଧ୍ୟାପକ, ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସରମାନଙ୍କ ପାଇଁ ଏ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ଲାଗୁ କରାଯାଇନାହିଁ । କେନ୍ଦ୍ର ସରକାରୀ କର୍ମଚାରୀମାନେ ଦୀର୍ଘ ଦୁଇବର୍ଷ ତଳୁ ଏବଂ ଅନ୍ୟ ରାଜ୍ୟ ସରକାରୀ କର୍ମଚାରୀମାନେ ପ୍ରାୟ ବର୍ଷେ ତଳୁ ସପ୍ତମ ବେତନ କମିଶନ ଆଧାରରେ ବର୍ଦ୍ଧିତ ଦରମା ଓ ସୁବିଧା ସୁଯୋଗ ପାଇଛନ୍ତି । କିନ୍ତୁ ୟୁଜିସି ସ୍କେଲ୍‌ରେ ଥିବା ସରକାରୀ ଅଧ୍ୟାପକ ଏବଂ ପ୍ରଫେସରମାନଙ୍କୁ ତାହା ଅଦ୍ୟାବଧି ମିଳି ନ ଥିବାରୁ ସେମାନେ ଘୋର ଅସନ୍ତୋଷରେ ଅଛନ୍ତି । ଯଦି ଦରମାରେ ଅସଂଗତି ରହୁଛି, ତା'ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଫିଟ୍‌ମେଣ୍ଟ କମିଟି ଗଠନ କରାଯାଉ । ସେମାନଙ୍କ ପାଇଁ ସରକାରଙ୍କର ଏତେ ଟାଳଟୁଳ ନୀତି କାହିଁକି ? ଏହା ତାଙ୍କର ନ୍ୟାଯ୍ୟ ଏବଂ ଯଥାର୍ଥ ଦାବି ।

ପ୍ରଭୁଦତ୍ତ ଦାଶ, କଟକ ରୋଡ, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



# ଆରମ୍ଭ ହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍

**ମଡେଲ ପୋଲିସ ଥାନାକୁ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ**

- ନୂତନ ନିଯୁକ୍ତି ଉପରେ ଗୁରୁତ୍ୱ
- ପୋଲିସକୁ ଦିଆଯିବ ବ୍ୟବହାର ଓ ବୈଷୟିକ ପ୍ରଶିକ୍ଷଣ



ବୈଠକରେ ଉପସ୍ଥିତ ଡିଜିପି ଆର୍.ପି. ଶର୍ମା ଓ ଅନ୍ୟ ଅଧିକାରୀ।

**କଟକ ଅଫିସ, ୧୧।୧୨**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଭଳି ଓଡ଼ିଶା ପୋଲିସରେ ଆରମ୍ଭ ହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍। ଏନ୍‌ସିସି ଭଳି ଏଥିରେ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ପୋଷାକ ସହ ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ମଙ୍ଗଳବାର ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମଡେଲ ପୋଲିସ ଥାନା ସଂକ୍ରାନ୍ତ ସମୀକ୍ଷା ବୈଠକରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସୂଚନା ଦେଇଛନ୍ତି। ଭିଡିଓ କନ୍‌ଫରେସିଂ ଯୋଗେ ଏ ସମ୍ପର୍କରେ ଡିଜିପି ସମସ୍ତ ଆଇଜି, ଡିଆଇଜି, ସମସ୍ତ ଜିଲା ଏସ୍‌ପି ଏବଂ କମିଶନରେଟ ପୋଲିସ ଡିସିପିମାନଙ୍କ ସହ ଆଲୋଚନା କରିଛନ୍ତି।

ଚଳିତ ମାସ ଶେଷ ସୁଦ୍ଧା ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ସମସ୍ତ ଜିଲାରେ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ପୋଲିସର ଏହି ଯୋଜନାକୁ ସ୍ୱୀକୃତି ଦେବା ସହ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ଏହି ଯୋଜନାର ଶୁଭାରମ୍ଭ କରିବେ। ତେବେ ଶୁଭାରମ୍ଭ ତାରିଖ ସ୍ପଷ୍ଟ ହୋଇ ନ ଥିବା ଡିଜିପି ସୂଚନା ଦେଇଛନ୍ତି। ଏଥିପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡିକ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଯୋଜନା ରହିଥିବା ସମସ୍ତ ବିଷୟବସ୍ତୁ ଏବଂ କାର୍ଯ୍ୟଧାରା ଉପରେ ଏକ ପୁସ୍ତିକା ତିଆରି ସରିଥିବାବେଳେ ସ୍କୁଲ ଅଧକ୍ଷ ବା ମୁଖ୍ୟଙ୍କୁ ତାହାକୁ ଦେବାପାଇଁ ସମସ୍ତ ଏସ୍‌ପିମାନଙ୍କୁ କୁହାଯାଇଛି।

ଏହି ବୈଠକରେ ରାଜ୍ୟରେ ଖୋଲାଯାଇଥିବା ୩୫ ମଡେଲ ଥାନାର କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଛି। ଆବଶ୍ୟକ ଅନୁସାରେ ପଦବୀ ଖାଲି ଥିବା ଥାନାରେ ଶୀଘ୍ର କର୍ମଚାରୀ ଯୋଗାଇ ଦେବାକୁ ଡିଜିପି ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷ କରି ମଡେଲ ଥାନାଗୁଡିକରେ ଓଡ଼ିଶା ପୋଲିସର ସିସିଟିଏନ୍‌ଏସ୍ ପୋର୍ଟାଲ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଜନସାଧାରଣଙ୍କ ପ୍ରତି ପୋଲିସର ବ୍ୟବହାର ପରିବର୍ତ୍ତନ ହେଉ ନ ଥିବାରୁ ଡିଜିପି କ୍ଷୋଭ ପ୍ରକାଶ କରିଥିଲେ। ମଡେଲ ଥାନାଗୁଡ଼ିକର ସମସ୍ତ ପୋଲିସ ଅଫିସର ଓ କର୍ମଚାରୀ ଲୋକଙ୍କୁ କିପରି ବ୍ୟବହାର କରିବେ ଏବଂ ଟେକ୍ନୋଲୋଜିର କିପରି ବିନିଯୋଗ କରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯିବ ବୋଲି ଡିଜିପି କହିଛନ୍ତି। ଏଥିସହିତ ଆଇନ ପରାମର୍ଶଦାତା ନିଯୁକ୍ତି କ୍ଷେତ୍ରରେ ଡିଜିପି ସମୀକ୍ଷା କରିଛନ୍ତି। ଆଇନ କ୍ଷେତ୍ରରେ ପୋଲିସର ସହାୟତା ପାଇଁ ୨୪ଟି ଜିଲାରେ ଜଣେ ଲେଖାଏ ଆଇନ ପରାମର୍ଶଦାତା ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲାରେ ଆଇନ ପରାମର୍ଶଦାତା ନିଯୁକ୍ତି ସରିଥିବାବେଳେ ଅନ୍ୟ ୮ଟି ଜିଲାରେ ଶୀଘ୍ର ନିଯୁକ୍ତି କରିବାକୁ ଡିଜିପି ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ପିଏସ୍ ରଣପିସେ, ଅରୁଣ ବୋଥ୍ରା, ଅସିତ୍ ପାଣିଗ୍ରାହୀ, ଅମିତାଭ ଠାକୁର ଉପସ୍ଥିତ ଥିଲେ।



ଆଲୋକମାଳାରେ ଝଲସୁଥିବା ରାଜମହଲ ଓଭରବ୍ରିଜ୍।

## ଆଲୋକିତ ହେଲା ରାଜମହଲ ଓଭରବ୍ରିଜ

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**

ଓଡ଼ିଶା ହକି ବିଶ୍ୱକପ୍ ପାଇଁ ବିଡିଏ ପକ୍ଷରୁ ଜୟଦେବ ବିହାର, ଆଚାର୍ଯ୍ୟ ବିହାର ଓ ବାଣୀବିହାର ଓଭରବ୍ରିଜକୁ ରଙ୍ଗବେରଙ୍ଗ ଏଲ୍‌ଇଡି ଆଲୋକରେ ଆଲୋକିତ କରାଯାଇଛି। ସିଟି ବ୍ୟୁଟିଫିକେଶନ ପ୍ରୋଜେକ୍ଟ 'ଲାଇଟ୍ ସ୍କଲ୍‌ପ୍ଚର' ଅଧୀନରେ ମଙ୍ଗଳବାର ରାଜମହଲ ଛକ ଓଭରବ୍ରିଜକୁ ମଧ୍ୟ ଆଲୋକିତ କରାଯାଇଛି। ଶିଶୁ ଭବନ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏହି ଆଲୋକ ଦୃଶ୍ୟମାନ ହେଉଛି। ୧୬ଟି ରାଷ୍ଟ୍ରର ଜାତୀୟ ପତାକାର ରଙ୍ଗ ଏଠାରେ ପ୍ରଦର୍ଶିତ ହେଉଛି। ସନ୍ଧ୍ୟା ସାଢ଼େ ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହା ଆଲୋକିତ ହେବ।

## ରେଲୱେ ଚାକିରି ଦେବା ନାଁରେ ୩ ଲକ୍ଷ ଠକେଇ: ୩ ଗିରଫ

**କଟକ ଅଫିସ,୧୧।୧୨**

ରେଲୱେ ଚାକିରି କରାଇ ଦେବା ନାଁରେ ଟଙ୍କା ଠକେଇ କରିଥିବା ୩ ଜଣ ଅଭିଯୁକ୍ତଙ୍କୁ ମାଲଗୋଦାମ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀ ଅଞ୍ଚଳର ରଙ୍ଗଲାଲ ସିଂ(୫୫), ପଶ୍ଚିମବଙ୍ଗ ଖଡଗପୁର ଅଞ୍ଚଳର ଶମ୍ଭୁ ପ୍ରସାଦ ଯାଦବ(୪୬) ଓ ବଦ୍ରିନାଥ ଶର୍ମା(୪୫)। ଅଭିଯୋଗ ଅନୁଯାୟୀ, ଶମ୍ଭୁ ଏବଂ ବଦ୍ରିନାଥ ରେଳ ବିଭାଗରେ ଚାକିରି କରୁଥିବା ଦର୍ଶାଇ ରଙ୍ଗଲାଲ ଓଡିଶାର ଲୋକମାନଙ୍କଠାରୁ ଟଙ୍କା ନେଇଥାଏ। ଏହିପରି ଭାବେ ଉତ୍ତରପ୍ରଦେଶର ଚନ୍ଦ୍ରମୋହନ ସିଂ କଟକରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ରଙ୍ଗଲାଲଙ୍କ ସହ ଚିହ୍ନା ପରିଚୟ ହୋଇଥିଲା। ସମ୍ପର୍କ ବଢିବା ଭିତରେ ଚନ୍ଦ୍ରମୋହନଙ୍କ ପୁଅକୁ ରେଲୱେରେ ଚାକିରି କରାଇ ଦେବାକୁ ରଙ୍ଗଲାଲ କହିଥିଲେ। ଏଥିପାଇଁ ରଙ୍ଗଲାଲ ତାଙ୍କୁ ୫୦ ହଜାର ଟଙ୍କା ଦେବାକୁ କହିଥିଲେ। ଚନ୍ଦ୍ରମୋହନ ଟଙ୍କା ଦେବା ପରେ ଅନ୍ୟ କେତେଜଣ ପିଲାଙ୍କୁ ରେଲୱେ ଚାକିରି କରାଇ ଦେବାକୁ ରଙ୍ଗଲାଲଙ୍କୁ କହିଥିଲେ। ଏହିପରି ଭାବେ ସେ ରଙ୍ଗଲାଲଙ୍କୁ ମୋଟ୍ ୩ଲକ୍ଷ ଟଙ୍କା ଦେଇଥିଲେ। ପରେ ରଙ୍ଗଲାଲ ସମୟ ଗଡାଇ ଚାଲିବା ସହ କୌଣସି ପିଲାଙ୍କର ଚାକିରି କରାଇ ନ ଥିଲେ। ଏ ନେଇ ସୋମବାର ଚନ୍ଦ୍ରମୋହନ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫୩/୧୮) ରୁଜୁ କରିବା ସହ ରଙ୍ଗଲାଲଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ପଚରାଉଚରା କରିବାରୁ ଏହି ଘଟଣାରେ ଶମ୍ଭୁ ଏବଂ ବଦ୍ରିନାଥଙ୍କ ସମ୍ପୃକ୍ତି ଥିବା ସୂଚନା ପାଇଥିଲା। ଏହାପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ପୂର୍ବତନ ବିଡିଓଙ୍କୁ ୨ ବର୍ଷ ଜେଲ୍

**କଟକ ଅଫିସ, ୧୧।୧୨**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ପୂର୍ବତନ ବିଡିଓ ସନାତନ ସେଠୀଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ତାଙ୍କ ବିରୋଧରେ ଆଗତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମଙ୍ଗଳବାର ତାଙ୍କୁ ଦଣ୍ଡିତ କରିଛନ୍ତି। ଏହି ରାୟ ଅନୁଯାୟୀ ସେଠୀଙ୍କୁ ୨ ବର୍ଷ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ସୂଚନା ଅନୁଯାୟୀ, ସେଠୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ ୨୦୦୮ ମେ' ୯ ତାରିଖରେ ତାଙ୍କ ଘର ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ୍ ୨୬ ଲକ୍ଷ ୫୬ ହଜାର ୯୭୧ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ଏମ୍.ଡି. ସ୍ୱାଇଁ ମାମଲାର ତଦନ୍ତକାରୀ ଅଧିକାରୀ ଥିବାବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସୁନୀଲ କୁମାର ପତି ମାମଲା ପରିଚାଳନା କରୁଥିଲେ।

## ସୂର୍ଯ୍ୟମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

- ଅଣ୍ଡରଟେକିଂ ରଖି ୩ ରୁଷୀୟ ପର୍ଯ୍ୟଟକଙ୍କୁ ଛାଡ଼ିଲା ଏଏସ୍‌ଆଇ

**କୋଣାର୍କ, ୧୧।୧୨(ଡି.ଏନ୍.ଏ.)**

କୋଣାର୍କ ସୂର୍ଯ୍ୟମନ୍ଦିର ଉପରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଡ୍ରୋନ୍ କ୍ୟାମେରା ଉଡୁଥିବାର ଦେଖିବାକୁ ମିଳିଥିଲା। ଏହି ଘଟଣା ଏଏସ୍‌ଆଇ ସୁରକ୍ଷା କର୍ମୀଙ୍କ ନଜରକୁ ଆସିବା ପରେ ସେମାନେ ଡ୍ରୋନ୍ ଉଡ଼ାଉଥିବା ୩ରୁଷୀୟ ପର୍ଯ୍ୟଟକଙ୍କୁ ଧରି ଏଏସ୍‌ଆଇ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ଏଏସ୍‌ଆଇ କର୍ମୀମାନେ ଡ୍ରୋନ୍ ଦ୍ୱାରା ରେକର୍ଡ ହୋଇଥିବା ସମସ୍ତ ଭିଡିଓକୁ ହଟାଇଥିଲେ। ୩ରୁଷୀୟ ନାଗରିକ ମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ଉଡ଼ାଇବା ନିଷିଦ୍ଧ ଥିବା ସମ୍ପର୍କରେ ଜାଣି ନ ଥିବା ଏଏସ୍‌ଆଇ ଅଧିକାରୀଙ୍କୁ କହିଥିଲେ। ପରେ ଏଏସ୍‌ଆଇ ଅଧୀକାରୀମାନେ ସେମାନଙ୍କର ଭିଜାର ଜେରକ୍ସ ଏବଂ ଅଣ୍ଡରଟେକିଂ ରଖି ସେମାନଙ୍କୁ ଛାଡ଼ି ଦେଇଥିଲେ।

ସୂଚନା ଥାଉକି କୋଣାର୍କର ସୁରକ୍ଷା ଏବଂ ସଂରକ୍ଷଣ ଦାୟିତ୍ୱ ଏଏସ୍‌ଆଇ ଉପରେ ନ୍ୟସ୍ତ ରହିଥିଲେ ମଧ୍ୟ ବିଭିନ୍ନ ସମୟରେ ଏଏସ୍‌ଆଇର ଦାୟିତ୍ୱହୀନତା ସାମ୍ନାକୁ ଆସିଛି। ଏପରିକି ମନ୍ଦିର ଉପରେ ଡ୍ରୋନ ଉଡ଼ାଣ ନେଇ ଥିବା କଟକଣା ସମ୍ପର୍କରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଯେଉଁଥିପାଇଁ ୩ରୁଷୀୟ ମନ୍ଦିର ଚାରିପଟେ ବୁଲିବା ସହିତ ଡ୍ରୋନ୍ ଉଡ଼ାଇ ମନ୍ଦିରର ଭିଡିଓଗ୍ରାଫି କରିଥିଲେ। ଏଏସ୍‌ଆଇ କର୍ତ୍ତୃପକ୍ଷ ଜାଣିଶୁଣି ସୂର୍ଯ୍ୟମନ୍ଦିରକୁ ବିପଦ ମୁହଁକୁ ଠେଲିଦେଉଛନ୍ତି ବୋଲି କୋଣାର୍କ ସୁରକ୍ଷା ସମିତିର ସଭାପତି ବାଦଲ ଦାଶ କହିଛନ୍ତି। ଏ ସମ୍ପର୍କରେ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଏଏସ୍‌ଆଇ ଅଧିକାରୀ ଜିତ୍‌ରଞ୍ଜନ ଦାଶଙ୍କୁ ପଚାରିବାରେ ଆଗାମୀଦିନରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଚେଷ୍ଟା କରିବା ସହ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି କହିଥିଲେ।

**କଟକଣା ନେଇ ସୂଚନା ନାହିଁ**



ଡ୍ରୋନ୍ ଉଡାଉଥିବା ଦୁଇ ରୁଷୀୟ ନାଗରିକ।






କସ୍ତୁରୀ



ସତ୍ୟଜିତ



ରତିକାନ୍ତ



ପ୍ରିୟଙ୍କା



ସୁବାସ



ଲକ୍ଷ୍ମୀ



ପୀୟୂଷ



ଅମରଜିତ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ' ଅବସରରେ ଚନ୍ଦକା ସାଇକେଲ ଟୁର୍, ଗୋଡ଼ିବାରି ନେଚର୍ କ୍ୟାମ୍ପ୍, ସକାଳ ୬ଟା ୩୦। 'ଷ୍ଟ୍ରିଟ୍ସ ଅଫ୍ ଏକାମ୍ର', ଏମାର ମଠ, ପୁରୁଣା ଭୁବନେଶ୍ୱର, ଅପରାହ୍ନ ୩ଟା ୩୦। 'ଚକ୍ ଦେ ଓଡ଼ିଶା', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ରାତି ୭ଟା ୩୦।
- ଇଷ୍ଟ୍ କୋଷ୍ଟ୍ ରେଲୱେ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନ ପକ୍ଷରୁ ଗଣଧାରଣା, ଇଷ୍ଟ୍ କୋଷ୍ଟ୍ ରେଲୱେ କୋଚିଂ ଡିପୋ ଅଫିସ୍ ସମ୍ମୁଖ, ସତ୍ୟନଗର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ମାଷ୍ଟର କ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ସଙ୍ଗ୍ ଅଫ୍ ଦି ୱାଇଲ୍ଡ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି', ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳ ନଗର, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୭ଟା ୩୦।
- ସେଭ୍ ଏଲିଫାଣ୍ଟ୍ ଫାଉଣ୍ଡେଶନ ଟ୍ରଷ୍ଟର ୬ଷ୍ଠ ପ୍ରତିଷ୍ଠା ଦିବସ ଉତ୍ସବ ଉଦ୍‌ଯାପନ ଓ 'ହାତୀ' ଉପରେ ଦିନିକିଆ କର୍ମଶାଳା, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଆଚାର୍ଯ୍ୟ ବିହାର, ଅପରାହ୍ନ ୪ଟା।
- ଭାଜପା ଜନ ପରାମର୍ଶ ଯାତ୍ରା, ଡାକବଙ୍ଗଳା ଛକ, ଏକାମ୍ର ନିର୍ବାଚନ ମଣ୍ଡଳୀର ୫୪ନଂ. ୱାର୍ଡ, ଅପରାହ୍ନ ୪ଟା।
- ଦୂରଦୃଷ୍ଟିର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବରେ ବାର୍ଷିକ ପତ୍ରିକା ଉନ୍ମୋଚନ ଏବଂ ଦୂରଦୃଷ୍ଟି ସମ୍ମାନ ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ସାମାଜିକ ସଙ୍ଗଠନ 'ଆଉଟ୍‌ରିଚ୍' ପକ୍ଷରୁ ସ୍ୱାସ୍ଥ୍ୟ ପତ୍ରିକା 'ସ୍ୱାସ୍ଥ୍ୟ ସଂହିତା' ଉନ୍ମୋଚନ, ରେଡ୍‌କ୍ରସ ଭବନ, ୟୁନିଟ୍-୯, ସନ୍ଧ୍ୟା ୬ଟା।

**କଟକ**

- ଶ୍ରୀଅରବିନ୍ଦଙ୍କ ପବିତ୍ର ଚିତାଭସ୍ମ ଦିବସ ଉତ୍ସବ, ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟ ପରିସର, ଶ୍ରୀରାମନଗର, ମଧୁପାଟଣା, ପୂର୍ବାହ୍ନ ୧୦ଟା ୩୦।
- ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ସାଂସ୍କୃତିକ ଫିଏଷ୍ଟା ଉଦ୍‌ଯାପନ, ସ୍କୁଲ ପରିସର, ସେକ୍ଟର-୬, ସିଡିଏ, ଅପରାହ୍ନ ୪ଟା ୩୦।

**ପୁରୀ**

- ଭାରତ ବିକାଶ ପରିଷଦ ପକ୍ଷରୁ ଅସ୍ଥିଶଲ୍ୟ ଚିକିତ୍ସା ଶିବିର, ହେଟେଲ ତ୍ରିଦେବ ଭିଲ୍ଲା, ସିଟି ରୋଡ୍, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପନ, ଛଇତନା ହାଇସ୍କୁଲ, ଅପରାହ୍ନ ୨ଟା ୩୦।



ଡଟ୍ ଫେଷ୍ଟ ମଞ୍ଚରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ରକ୍‌ବ୍ୟାଣ୍ଡ।



# ମଞ୍ଚରେ 'ଜେନେରେଶନ ନେକ୍ସଟ ରକ୍ ବ୍ୟାଣ୍ଡ'

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ରକ୍ ବ୍ୟାଣ୍ଡ ପ୍ରତି ଓଡ଼ିଶାର ଯୁବପିଢ଼ିଙ୍କୁ ଆକର୍ଷିତ କରିବା ଏବଂ ସେମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇଦେବାକୁ ପ୍ରୟାସ କରିଥିଲା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)। ବିଡିଏ ଏବଂ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା 'ଡଟ୍ ଫେଷ୍ଟ'ରେ ମଙ୍ଗଳବାର ସାମିଲ ହୋଇଥିଲା ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟସ୍ତରରୁ ଆସିଥିବା ବଛା ବଛା ରକ୍ ବ୍ୟାଣ୍ଡ। ବ୍ୟାଣ୍ଡ କଲ୍‌ଚରର ପ୍ରଚାର ପ୍ରସାର ଲକ୍ଷ୍ୟରେ ଏହି ସିଟି ଫେଷ୍ଟିଭାଲର ସମ୍ପୂର୍ଣ୍ଣ ସନ୍ଧ୍ୟାକୁ ରକ୍ ବ୍ୟାଣ୍ଡ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା।

'ଡଟ୍ ଫେଷ୍ଟ'ର ଏକାଦଶତମ ସନ୍ଧ୍ୟାରେ ଆକର୍ଷଣ ଥିଲା ଜେନେରେଶନ ନେକ୍ସଟ ରକ୍ ବ୍ୟାଣ୍ଡ। 'ଭୁବନେଶ୍ୱର ବ୍ୟାଣ୍ଡୱିଡ୍‌ଥ' ଥିମ୍‌ରେ ଆୟୋଜିତ ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲା 'ଡ୍ରମିଙ୍ଗ୍ ଅପ୍ ଫର୍ ଗ୍ଲୋରୀ'। ଏଥିପାଇଁ ପୂର୍ବରୁ ବିଡିଏ ପକ୍ଷରୁ ଓଡ଼ିଶାର ବିଭିନ୍ନ ରକ୍ ବ୍ୟାଣ୍ଡ ଗ୍ରୁପ୍‌କୁ ନେଇ ଦୁଇଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ସେଥିରୁ ଶ୍ରେଷ୍ଠ ବିବେଚିତ ୭ଟି ଦଳ ମଙ୍ଗଳବାର ପ୍ରଦର୍ଶନୀ ପଡ଼ିଆରେ ଦର୍ଶକଙ୍କ ସମ୍ମୁଖରେ ଲାଇଭ୍ ପର୍‌ଫର୍ମାନ୍ସ କରିଥିଲେ। ସ୍କୁଲ ସ୍ତରରେ ଡିପିଏସ୍ କଳିଙ୍ଗ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଡିଏଭି ପୋଖରୀପୁଟ ଥିବା ବେଳେ ନନ୍-ସ୍କୁଲ ପ୍ରତିଯୋଗୀଙ୍କ ମଧ୍ୟରେ ସିମେରା, ଆଉଟ୍‌ଡୋର, ୱାନ୍ ୱିକ୍ସ ନୋଟିସ୍ ଏବଂ ଲୋକପ୍ରିୟ ଫ୍ୟୁଜନ୍ ରକ୍ ବ୍ୟାଣ୍ଡ ଗ୍ରୁପ୍ 'ଭିଗ୍ନାଜ୍' ସେମାନଙ୍କ ଲାଇଭ୍ ପର୍‌ଫର୍ମାନ୍ସ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଆ କଣ୍ଠଶିଳ୍ପୀ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ଝୁମାଇଥିଲେ। ତେବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସ୍କୁଲ ସ୍ତରର ବିଜେତା ବ୍ୟାଣ୍ଡକୁ ୧ ଲକ୍ଷ, ପ୍ରଥମ ରନର୍ସ ଅପ୍‌କୁ ୫୦ ହଜାର ଏବଂ ଦ୍ୱିତୀୟ ରନର୍ସ ଅପ୍‌କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି କଲେଜ ସ୍ତରରେ ଯଥାକ୍ରମେ ୧.୫ ଲକ୍ଷ, ୫୦ ହଜାର ଏବଂ ୨୫ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ। ଆସନ୍ତା ଡିସେମ୍ବର ୧୬ରେ ଫେଷ୍ଟର ଉଦ୍‌ଯାପନୀ ସମାରୋହରେ ବିଜୟୀ ଗ୍ରୁପ୍‌ମାନେ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଶଙ୍କର-ଏହସାନ-ଲୟଙ୍କଠାରୁ ପୁରସ୍କାର ଗ୍ରହଣ କରିବେ।



ଡଟ୍ ଫେଷ୍ଟ ମଞ୍ଚ ନିକଟରେ ଉତ୍ସାହିତ ଦର୍ଶକ।

## ଆଜି 'ଚକ୍ ଦେ ଓଡ଼ିଶା'

ଅସୀମା ପଣ୍ଡା

ଡଟ୍ ଫେଷ୍ଟର ଦ୍ୱାଦଶତମ ସନ୍ଧ୍ୟାର ଆକର୍ଷଣ ରହିବ 'ଚକ୍ ଦେ ଓଡ଼ିଶା'। ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ଫ୍ଲେଭରକୁ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶା ଜନ୍ମିତ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିବେ। କ୍ରିଷ୍ଣାଙ୍କ କଣ୍ଠରୁ ଉଭୟ ଓଡ଼ିଆ ଏବଂ ହିନ୍ଦୀ ଗୀତ ଶୁଣିବାକୁ ପାଇବେ ଶ୍ରୋତା। ଏହାବ୍ୟତୀତ ଆଉ ଏକ ଆକର୍ଷଣ ରହିବ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍। ରିୟାଲିଟି ଶୋ' ମଞ୍ଚରେ ନିଜର କରିସ୍ମା ଦେଖାଇଥିବା ଗଞ୍ଜାମର ଏହି ଗ୍ରୁପ୍ ଡଟ୍ ଫେଷ୍ଟ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିବ।

## କଳିଙ୍ଗ ଷ୍ଟାଡିୟମ ପାଇଁ ସ୍ୱତନ୍ତ୍ର ଆପ୍ 'ଭୁନାଭ'

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମରେ ଚାଲିଛି ପୁରୁଷ ହକି ବିଶ୍ୱକପ୍। ହକିର ମଜା ନେବା ପ୍ରତିଦିନ ହଜାର ହଜାର ହକିପ୍ରେମୀ ଖେଳ ଦେଖିବାକୁ ଆସୁଛନ୍ତି। ସେମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅର୍ଥାତ୍ କଳିଙ୍ଗ ଷ୍ଟାଡିୟମ ଭିତରେ ଥିବା ସମସ୍ତ ସ୍ଥାନକୁ ସହଜରେ ପାଇବା ପାଇଁ ନୂତନ ଆପ୍ 'ଭୁନାଭ' ଆରମ୍ଭ କରାଯାଇଛି। ଏହା ହେଉଛି ଏକ ଇନ୍‌ଡୋର ଆପ। ଏହା ସାହାଯ୍ୟରେ ଲୋକମାନେ ଷ୍ଟାଡିୟମ ଭିତରେ ନିଜର ଗନ୍ତବ୍ୟ ସ୍ଥାନକୁ ଯାଇପାରିବେ। ଏହି ଆପକୁ ମୋବାଇଲରେ ଡାଉନ୍‌ଲୋଡ କରାଯାଇପାରିବ। 'ଭୁନାଭ' ଷ୍ଟାଡିୟମ ଭିତରକୁ ଯିବା ପାଇଁ ରାସ୍ତା ଦେଖାଇବ। ଭୁନାଭ ଏକ ସ୍ୱତନ୍ତ୍ର ଆପ। ଏହା ପାରମ୍ପରିକ ଆପଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ଜଣେ ବ୍ୟକ୍ତି ଷ୍ଟାଡିୟମର ବିଭିନ୍ନ ଫ୍ଲୋରକୁ ମଧ୍ୟ ଯାଇପାରିବେ। ଭବିଷ୍ୟତରେ ଏହି ଆପ୍ ସହରର ସମସ୍ତ ଅଞ୍ଚଳକୁ ଦର୍ଶାଇ ପାରିବ। ଏହି ଆପ ଲୋକମାନଙ୍କୁ ଷ୍ଟାଡିୟମ, ମ୍ୟୁଜିୟମ, ସହରରେ ଯୋଗାଇ ଦିଆଯାଉଥିବା ସରକାରୀ ସୁବିଧା ବିଷୟରେ ମଧ୍ୟ ସୂଚନା ଦେଇପାରିବ। ତେବେ ପ୍ରଥମ ପର୍ଯ୍ୟାୟରେ ଏହି ଆପ୍ କେବଳ କଳିଙ୍ଗଷ୍ଟାଡିୟମର ସମସ୍ତ ଅଞ୍ଚଳ ବିଷୟରେ ବାଟ ଦେଖାଇବ। ବିଶେଷକରି ଖେଳ ପଡିଆ, ପାର୍କିଂ, ଫ୍ୟାନ ଭିଲେଜ, ରେଷ୍ଟ ରୁମ୍, ଫୁଡ୍ ଷ୍ଟଲ, ପ୍ରବେଶ ଓ ପ୍ରସ୍ଥାନ ସମ୍ପର୍କରେ ସୂଚନା ଦେବ।





ଫୁଡ୍ ଫେଷ୍ଟିଭାଲ୍‌ରେ ଲୋକଙ୍କ ଭିଡ଼।

# ବସ୍ତି ପିଲାଙ୍କ ପ୍ରତିଭା ଖୋଜିବ 'ମୁଁ ବି ଚାମ୍ପିୟନ୍'

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)




ଅତିଥିଙ୍କ ଗହଣରେ ବସ୍ତି ପିଲା।

ସାମାଜିକ ସଙ୍ଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ' ଏବଂ ପିପିଏଲ୍ ନ୍ୟୁଜ୍‌ର ମିଳିତ ସହଯୋଗରେ 'ମୁଁ ବି ଚାମ୍ପିୟନ୍' କାର୍ଯ୍ୟକ୍ରମ ନନ୍ଦିନୀପଲ୍ଲୀସ୍ଥିତ ମୁଣ୍ଡାସାହି ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ବସ୍ତି ଅଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ ନିଜର ଆଗାମୀ ଫିଲ୍ମ 'ଚାମ୍ପିୟନ୍' ବିଷୟରେ ଆଲୋଚନା କରିବା ସହ ବସ୍ତିର କୁନି କୁନି ପିଲାଙ୍କ ସହ ନାଚଗୀତ ଆସରରେ ସାମିଲ ହୋଇଥିଲେ। ଚଳଚ୍ଚିତ୍ର ପ୍ରଯୋଜିକା ତଥା ଅଭିନେତ୍ରୀ ଦୀପ୍ତିରାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କର ଏଭଳି ଏକ ଅଭିନବ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେହିଭଳି ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ସମସ୍ତ ବସ୍ତିରେ କରାଯିବ ବୋଲି ପିପିଏଲ୍‌ର ମୁଖ୍ୟ ରଘୁନାଥ ସାହୁ କହିଥିଲେ। ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କର ସଂଯୋଜକ ମୀର୍ ଅହମ୍ମଦ ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଶତପଥୀ, ମଲ୍ଲିକ ଆୱେସ୍, ଶିବାଙ୍ଗୀ ସାମନ୍ତରାୟ, ଚିନ୍ମୟୀ ସାହୁ, ସୂର୍ଯ୍ୟନାରାୟଣ ସାହୁ, ପ୍ରଭୁକୃପା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡଟ୍ ଫେଷ୍ଟ ଦେଖିଲେ ୨୫୪ ଏସ୍‌ଏଚ୍‌ଜି ସଦସ୍ୟା

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ଆଶ୍ରୟସ୍ଥଳୀ ଅନ୍ତେବାସୀ ଓ ବରିଷ୍ଠ ନାଗରିକଙ୍କ ପରେ ମଙ୍ଗଳବାର 'ଡଟ୍ ଫେଷ୍ଟ' ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟାମାନଙ୍କ ପାଇଁ ଉନ୍ମୁକ୍ତ ରହିଥିଲା। ହକି ବିଶ୍ୱକପ୍ ପାଇଁ ଆୟୋଜିତ ଏହି ସିଟି ଫେଷ୍ଟିଭାଲର ଏକାଦଶତମ ସନ୍ଧ୍ୟାରେ ସହରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୫୪ଜଣ ଏସ୍‌ଏଚ୍‌ଜି ସଦସ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ 'ଡ୍ରମିଙ୍ଗ୍ ଅପ୍ ଫର୍ ଗ୍ଲୋରୀ' ଦେଖିବାର ସୁଯୋଗ ପାଇଥିଲେ। ଏହାସହ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଇଣ୍ଟରନ୍ୟାଶନାଲ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ଦେଶ, ବିଦେଶ ଖାଦ୍ୟର ମଜା ନେଇଥିଲେ। ପୂର୍ବରୁ ରବିବାର ଶେଲ୍‌ଟର ଫର୍ ଅର୍ବାନ୍ ହୋମ୍‌ଲେସ୍(ଏସ୍‌ୟୁଏଚ୍)ର ୨୩୦ଜଣ ସଦସ୍ୟ ଏବଂ ସୋମବାର ସହରର ବରିଷ୍ଠ ନାଗରିକମାନେ ଏହି ମେଗା କାର୍ଯ୍ୟକ୍ରମ ଦେଖିଥିଲେ।

## ଏବେଠୁ ହେରିଟେଜ୍ ସାଇକେଲ ଟୁର୍

# 'ମୋ ସାଇକେଲ'ରେ ଐତିହ୍ୟ ବୁଲା

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ସାଇକେଲରେ ବୁଲି ଏଣିକି ଏକାମ୍ର କ୍ଷେତ୍ରର ଐତିହ୍ୟ, କୀର୍ତ୍ତିରାଜିକୁ ଦେଖିବା ସହିତ ସେ ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ପର୍ଯ୍ୟଟକ। ପଦଯାତ୍ରା ପରିବର୍ତ୍ତେ ସାଇକେଲ ଯାତ୍ରାର ମଜା ନେଇପାରିବେ। ପୂର୍ବରୁ ହେଉଥିବା ଏକାମ୍ର ପଦଯାତ୍ରା ଭଳି ଏବେଠାରୁ ଭୁବନେଶ୍ୱରରେ ଆୟୋଜନ ହେବ ହେରିଟେଜ୍ ସାଇକେଲ ଟୁର୍। 'ମୋ ସାଇକେଲ' ମାଧ୍ୟମରେ ଲୋକେ 'ମୋ ଭୁବନେଶ୍ୱର ସାଇକେଲ ଟ୍ରେଲ୍'ର ମଜା ନେଇପାରିବେ। ଏଥିପାଇଁ ବିଡିଏ ପକ୍ଷରୁ ହେରିଟେଜ୍ ସାଇକେଲ ଟୁର୍‌ର ଶୁଭାରମ୍ଭ କରାଯାଇଛି। ପ୍ରତି ରବିବାର ସକାଳେ ଆୟୋଜନ ହେବାକୁ ଥିବା ଏହି ସାଇକେଲ ଟ୍ରେଲ୍‌ରେ ପର୍ଯ୍ୟଟକମାନେ ୭ କିଲୋମିଟର ପର୍ଯ୍ୟନ୍ତ ରାମେଶ୍ୱର ମନ୍ଦିରରୁ ଆରମ୍ଭ କରି ରାଜାରାଣୀ ମନ୍ଦିର ଯାଏ ଯିବେ। ଏଥିପାଇଁ ପ୍ରଥମେ 'ମୋ ସାଇକେଲ' ଆପ୍ ଡାଉନ୍‌ଲୋଡ୍ କରି ସାଇକେଲ ବୁକିଂ କରିବାକୁ ପଡ଼ିବ। ଏହାପରେ ଜଣେ ସାଇକେଲରେ ବୁଲି ୯ମ ଶତାବ୍ଦୀରୁ ବର୍ତ୍ତମାନ ପର୍ଯ୍ୟନ୍ତ, ପୁରୁଣା ଭୁବନେଶ୍ୱରରେ ରହିଥିବା ମନ୍ଦିର କୀର୍ତ୍ତିରାଜି ସହ ଐତିହ୍ୟ ପୁଷ୍କରିଣୀ ଓ ପୁରାତନ ମଠ ଦେଖିବାର ଅବସର ପାଇବ।

ହକି ବିଶ୍ୱକପ୍ ଲାଗି ଓଡ଼ିଶା ଆସିଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ ଆକ୍ଟିଭିଟି ମାଧ୍ୟମରେ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ପ୍ରୟାସ କରୁଥିବା ବେଳେ ଏଥିରେ ଯୋଡ଼ିହୋଇଯାଇଛି ଆଉ ଏକ କାର୍ଯ୍ୟକ୍ରମ। ବିଶେଷକରି ଭୁବନେଶ୍ୱରକୁ ସ୍ମାର୍ଟ ସିଟି ସହ କଳା ଓ ଐତିହ୍ୟର ସହର ଭାବେ ଶୋ'କେସ୍ କରିବାକୁ ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଯାଉଛି ହେରିଟେଜ୍ ସାଇକେଲ ଟୁର୍। ଅନ୍ୟପକ୍ଷରେ ହକି ବିଶ୍ୱକପ୍ ସହ ସମାନ୍ତରାଳ ଭାବେ ଏକାଧିକ ଐତିହ୍ୟ ପଦଯାତ୍ରା ଓ ଆର୍ଟ ଟ୍ରେଲ୍ ଅନୁଷ୍ଠିତ ହେଉଛି। ସେହିଭଳି ପୂର୍ବରୁ ପ୍ରତି ରବିବାର ଆୟୋଜିତ ହେଉଥିବା ଏକାମ୍ର ପଦଯାତ୍ରାରେ ଇତିମଧ୍ୟରେ ୯ ହଜାରରୁ ଅଧିକ ଐତିହ୍ୟପ୍ରେମୀ ଅଂଶଗ୍ରହଣ କରିସାରିଛନ୍ତି। ମନ୍ଦିରମାଳିନୀ ସହର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ଭୁବନେଶ୍ୱର ପର୍ଯ୍ୟଟକଙ୍କୁ ଦେଉଛି ଅନେକ ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜିର ଝଲକ। ଦେଶୀ, ବିଦେଶୀ ପର୍ଯ୍ୟଟକ ପ୍ରାଚୀନ କଳିଙ୍ଗର ମନ୍ଦିର ନିର୍ମାଣ କଳା ସମ୍ପର୍କରେ ଅନେକ କିଛି ଜାଣିବାର ସୁଯୋଗ ପାଉଛନ୍ତି।

## ଫଟୋରେ ଖବର



ନାଟ୍ୟକାର ବିଜୟ ମିଶ୍ରଙ୍କ ଲେଖନୀୟ ଜୀବନୀର ୫୭ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଅପହଞ୍ଚ ସମ୍ପର୍କ'ର ଏକ ଦୃଶ୍ୟ।




ମାସିକ ଭତ୍ତା ବୃଦ୍ଧି ସହ ୧୦ ଦଫା ଦାବି ନେଇ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ଶୋଭାଯାତ୍ରା।



ଯାହାର ଆଖି ନଷ୍ଟ ହୋଇଯାଉଛି ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ୫ ରାଜ୍ୟର ନିର୍ବାଚନ ଫଳାଫଳ

# ଭାଜପା ପାଇଁ ସମୀକ୍ଷାର ବେଳ



କଟକରେ କଂଗ୍ରେସ କର୍ମୀମାନେ ବାଣ ଫୁଟାଇ ଉତ୍ସବ ମନାଉଛନ୍ତି।



ମଙ୍ଗଳବାର ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ସେମିଫାଇନାଲ କୁହାଯାଉଥିବାବେଳେ ଏଥିରେ କେନ୍ଦ୍ରରେ ଶାସନ କରୁଥିବା ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଶକ୍ତ ଧକ୍କା ଲାଗିଛି। କାରଣ ଦେଶର ହିନ୍ଦୀ ହାର୍ଟ ଲ୍ୟାଣ୍ଡ୍ କୁହାଯାଉଥିବା ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଛତିଶଗଡ଼ରେ ଭାଜପାର ଶୋଚନୀୟ ପରାଜୟ ହୋଇଥିବାବେଳେ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ରାଜସ୍ଥାନରେ କଂଗ୍ରେସ ୧୯୯ ଆସନରୁ ୯୯ରେ ବିଜୟୀ ହୋଇ ସରକାର ଗଠନ କରିବାକୁ ଉଦ୍ୟମ ଆରମ୍ଭ କରିଛି। ମଧ୍ୟପ୍ରଦେଶରେ କଂଗ୍ରେସ ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଥିଲେ ମଧ୍ୟ ଭାଜପାଠାରୁ କଂଗ୍ରେସ ଅପେକ୍ଷାକୃତ ଭଲ ସ୍ଥିତିରେ ଥିବା ଦେଖାଯାଇଛି। ସେହିପରି ତେଲେଙ୍ଗାନାରେ ଆଞ୍ଚଳିକ ଦଳ ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି (ଟିଆର୍ଏସ୍) ଓ ମିଜୋରାମରେ ମିଜୋ ନ୍ୟାଶନାଲ ଫ୍ରଣ୍ଟ(ଏମ୍ଏନ୍ଏଫ୍)କୁ ସ୍ପଷ୍ଟ ଜନମତ ମିଳିଛି। ମୋଟାମୋଟି ଭାବେ ଏହି ୫ଟି ରାଜ୍ୟର ନିର୍ବାଚନ ଫଳାଫଳ କଂଗ୍ରେସକୁ ଶକ୍ତି ଯୋଗାଇଥିବାବେଳେ ଭାଜପା ପାଇଁ ସମୀକ୍ଷାର ବେଳ ଆସିଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜନସାଧାରଣ, ବିଭିନ୍ନ ଦଳର ନେତା ଓ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

### ଅହଂକାରର ପରାଜୟ



ଅତି ଗର୍ବ ସବୁବେଳେ ଅହିତ। ଭାଜପା କ୍ଷେତ୍ରରେ ଏହା ପ୍ରତିଫଳିତ ହୋଇଛି। ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଭାଜପା ସରକାର ସେଭଳି କୌଣସି ବିକାଶମୂଳକ କାର୍ଯ୍ୟ କରି ନ ଥିବାବେଳେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସବୁବେଳେ ଦେଶବାସୀଙ୍କୁ ମିଛ କହି ଭୁଲେଇ ଚାଲିଛନ୍ତି। ଏହି ନିର୍ବାଚନ ଫଳାଫଳ ଗୋଟିଏ କଥା ସ୍ପଷ୍ଟ କରୁଛି ଯେ, ଭାଜପାର ମିଛ ଓ ଅହଙ୍କାରକୁ ଲୋକେ ଆଉ ଗ୍ରହଣ କରି ନାହାନ୍ତି।

- ସନ୍ତୋଷ ମହାପାତ୍ର, ସ୍ତମ୍ଭକାର, କଟକ

### ମୁକ୍ତ ନୁହେଁ, କଂଗ୍ରେସଯୁକ୍ତ ହେଉଛି ଭାରତ



ଭାଜପା ନେତା ଓ ନେତୃତ୍ୱ ନେଉଥିବା ମୋଦି କଂଗ୍ରେସମୁକ୍ତ ଭାରତ ପାଇଁ ଯେଉଁ ସ୍ଲୋଗାନ ଦେଉଥିଲେ ଲୋକେ ତାହାକୁ ବରଦାସ୍ତ କରିନାହାନ୍ତି । ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ରେ ଭାଜପାର ବିପର୍ଯ୍ୟୟ ପ୍ରମାଣିତ କରିଛି ଯେ, ଭାରତ କଂଗ୍ରେସମୁକ୍ତ ନୁହେଁ ବରଂ କଂଗ୍ରେସଯୁକ୍ତ ହେବାକୁ ଯାଉଛି। ବିଶେଷକରି ଛତିଶଗଡ଼ରେ କଂଗ୍ରେସକୁ ଯେଉଁ ଐତିହାସିକ ଜନମତ ମିଳିଛି ତାହା ଭାଜପାର ଅହଂଭାବର ଶକ୍ତ ଜବାବ।

- ସମ୍ବିଦା ତୟବ, ସାଧାରଣ ସମ୍ପାଦକ, କଂଗ୍ରେସ ସୋସିଆଲ ମିଡିଆ ସେଲ୍ ଓଡ଼ିଶା

### ଭାଜପା ପାଇଁ ଆତ୍ମସମୀକ୍ଷାର ସମୟ



୫ଟି ରାଜ୍ୟର ନିର୍ବାଚନ ଫଳାଫଳ ଭାଜପାକୁ ଆତ୍ମସମୀକ୍ଷା କରିବାକୁ ବାଧ କରିଛି। ମୁଁ କହିବି ଏହି ଫଳାଫଳ ଭାଜପା ନେତାମାନଙ୍କର ଆଖି ଖୋଲି ଦେଇଥିବା। କେବଳ ଭାଷଣକୁ ଲୋକେ ଗ୍ରହଣ କରନ୍ତି ନାହିଁ, ବରଂ କଥା ଅନୁଯାୟୀ କାମ କରିବା ଦରକାର ବୋଲି ଜନମତ ସୂଚାଇ ଦେଇଛି। ନିଶ୍ଚିତ ଭାବେ ଏହି ଫଳାଫଳ ଭାଜପା ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି।

- ସବ୍ୟସାଚୀ ମିଶ୍ର, ରାଜନୈତିକ ସମୀକ୍ଷକ

### ଟିଡିପି ସହ ମେଣ୍ଟ କଂଗ୍ରେସକୁ କାଳ କଲା



ତେଲେଙ୍ଗାନାରେ ଟିଡିପି ସହିତ ହାତ ମିଳାଇବା ଫଳରେ କଂଗ୍ରେସକୁ ଏଠାରେ ବହୁମୂଲ୍ୟ ଦେବାକୁ ପଡ଼ିଛି। ଯଦି କଂଗ୍ରେସ ଏକାକୀ ତେଲେଙ୍ଗାନାରେ ଲଢ଼ିଥାନ୍ତା, ତେବେ ଫଳାଫଳ ନିଶ୍ଚିତ ଭାବେ କିଛି ଅଲଗା ହୋଇଥାନ୍ତା। ବାକି ରାଜ୍ୟଗୁଡ଼ିକ ସମ୍ପର୍କରେ ମତ ହେଉଛି, ମଧ୍ୟମ ଶ୍ରେଣୀର ଲୋକଙ୍କଠାରୁ ଆରମ୍ଭ କରି କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀମାନେ ଭାଜପା ଉପରେ ଅସନ୍ତୁଷ୍ଟ ଅଛନ୍ତି। ଏହାବାଦ ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କୃଷକମାନଙ୍କର କ୍ରୋଧ ଭାଜପା ଉପରେ ପ୍ରତିଫଳିତ ହୋଇଛି।

- ସଚ୍ଚିଦାନନ୍ଦ ସ୍ୱାଇଁ, ଭୋଟର, ତେଲେଙ୍ଗାନା

### ସମୀକ୍ଷା କରାଯିବ, ବିଜେଡିର ଖୁସି ହାସ୍ୟାସ୍ପଦ



ନିର୍ବାଚନରେ ହାର୍‌ଜିତ ଲାଗି ରହିଥାଏ। କ'ଣ ପାଇଁ ଭାଜପାର ଏଭଳି ବିପର୍ଯ୍ୟୟ ଘଟିଛି ତା'ର ନିଶ୍ଚିତ ଭାବେ ଉଚ୍ଚସ୍ତରୀୟ ସମୀକ୍ଷା କେନ୍ଦ୍ରୀୟ ନେତୃବୃନ୍ଦ କରିବେ। ତେବେ କଂଗ୍ରେସର ସଫଳତାରେ ଓଡ଼ିଶାରେ ବିଜେଡି ଯେଉଁ ଖୁସି ମନାଉଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଯଦି ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ସରକାରୀ ବିରୋଧୀ ହାୱା ଯୋଗୁ ଭାଜପା କ୍ଷମତାଚ୍ୟୁତ ହୋଇଛି ବୋଲି କୁହାଯାଉଛି, ତେବେ ଓଡ଼ିଶାରେ ଏହି ହାୱା କେତେ ଜୋର୍‌ରେ ବହୁଛି ସେ କଥା ବିଜେଡି ନେତାମାନେ ଭଲ ଭାବେ ଜାଣିଛନ୍ତି।

- ନୟନ କିଶୋର ମହାନ୍ତି, ଉପସଭାପତି, ରାଜ୍ୟ ଭାଜପା

### ଗାଲୁଆମିର ପରାଜୟ

ମିଛ ସବୁଦିନେ ତିଷ୍ଠି ରହିପାରେନା। ତା'ର ପ୍ରମାଣ ଏହି ୫ଟି ରାଜ୍ୟ ନିର୍ବାଚନ ଫଳାଫଳରୁ ମିଳିଛି। ଭାଜପା ନେତାମାନେ ଆଣ୍ଟି ଇନ୍‌କ୍ୟୁମ୍ବାନ୍ସି (ସରକାରୀ ବିରୋଧୀ ହାୱା) କଥା କହି ଓଡ଼ିଶାରେ ଯେଉଁ ଆଶ୍ୱସ୍ତି ମନାଉଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ସେମାନେ ଭୁଲି ଯାଉଛନ୍ତି ଯେ, ବର୍ତ୍ତମାନ ସମଗ୍ର ଦେଶରେ ମୋଦି ବିରୋଧୀ ହାୱା ପ୍ରଚଣ୍ଡ ବେଗରେ ବହୁଥିବାବେଳେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓଡ଼ିଶା ତେଇଁ ଜାତୀୟ ସ୍ତରରେ ପହଞ୍ଚିଲାଣି। ୨୦୧୯ରେ ମୋଦି କ୍ଷମତାରୁ ଯିବା ସ୍ପଷ୍ଟ ହୋଇଯାଇଛି।



- ଡାକ୍ତର ପ୍ରମୋଦ ମଲ୍ଲିକ, ବିଧାୟକ, ନିଆଳି

### ମଧ୍ୟପ୍ରଦେଶବାସୀ ପରିବର୍ତ୍ତନ ଚାହୁଁଥିଲେ



ମଧ୍ୟପ୍ରଦେଶବାସୀ ପରିବର୍ତ୍ତନ ଚାହୁଁଥିଲେ। ଦୀର୍ଘଦିନ ଧରି ଶିବରାଜ ସିଂ ଚୌହାନ ମୁଖ୍ୟମନ୍ତ୍ରୀ ରହିଥିବାରୁ ରାଜ୍ୟରେ ବିକାଶ ଧାରା ଏକପ୍ରକାର ଶିଥିଳ ପଡିଯାଇଥିଲା। ରାସ୍ତାଘାଟ, ପାନୀୟ, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ସରକାର ପଛରେ ଥିଲେ। ଲୋକଙ୍କ ବିଶ୍ୱାସ ହରାଇଥିଲା ଭାଜପା ସରକାର। ତେଣୁ ରାଜ୍ୟର ପ୍ରଗତି ପାଇଁ ମଧ୍ୟପ୍ରଦେଶର ଯେଉଁ ଜନାଦେଶ ଆସିଛି ମୁଁ ତାହାକୁ ସ୍ୱାଗତ କରୁଛି। ଆଗକୁ କଂଗ୍ରେସ ଯଦି ସରକାର ଗଢେ ତେବେ ପ୍ରତିଶ୍ରୁତି ରକ୍ଷା କରିବା ଦରକାର। ନଚେତ ଭବିଷ୍ୟତରେ କଂଗ୍ରେସକୁ ବି ଭାଜପା ଭଳି ଅବସ୍ଥା ଭୋଗିବାକୁ ପଡିବ।

- ଦୀପକ ପଟେଲ, ସାଗର, ମଧ୍ୟପ୍ରଦେଶ

### ମୋଦିଙ୍କ କଥା ଉପରେ ଲୋକଙ୍କ ବିଶ୍ୱାସ ନାହିଁ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଡ଼ ବଡ଼ ଭାଷଣ ଦେଲେ। କାଗଜପତ୍ରରେ ଦୌଡିଲେ, ହେଲେ ବାସ୍ତବତା ଥିଲା ଭିନ୍ନ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଛବିକୁ ଆଗରେ ରଖି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚାହିଁଥିଲେ। କିନ୍ତୁ ମୋଦିଙ୍କ କଥା ଉପରେ ଯେ ଲୋକଙ୍କ ବିଶ୍ୱାସ ନାହିଁ ତାହା ଫଳାଫଳରୁ ବାରି ହୋଇପଡିଛି। କଂଗ୍ରେସ ଯଦି ସରକାର ଗଢେ ତେବେ ରାଜ୍ୟରେ ବିକାଶର ଧାରା ଅଗ୍ରଗତି କରିବ ବୋଲି ଆଶା କରୁଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳାଙ୍କ ସଶକ୍ତୀକରଣ ଉପରେ ଫୋକସ ଦିଆଯିବା ଦରକାର।

- ଦ୍ରୌପଦୀ ବାଈ, ସାଗର, ମଧ୍ୟପ୍ରଦେଶ

### ସରକାର ବଦଳିଲେ ରାଜ୍ୟର ବିକାଶ ଘଟେ

ନିର୍ବାଚନରେ ହାର ଜିତ୍ ଲାଗିରହିଛି। ଗୋଟିଏ ଦଳ ହିଁ ବିଜୟୀ ହେବ। କିନ୍ତୁ କୌଣସି ଦଳ ଅଧିକ ଦିନ ଶାସନ ଗାଦିରେ ରହିଲେ ସ୍ୱେଚ୍ଛାଚାରୀ ହୋଇଯାଏ। ତେଣୁ ସରକାର ବଦଳିରେ ରାଜ୍ୟର ବିକାଶ ଘଟେ। ମଧ୍ୟପ୍ରଦେଶରେ ଭାଜପା ସରକାର ଶାସନରେ ଥିବାବେଳେ ଯାହା ବି ବିକାଶ ହୋଇଛି ତାହା ପର୍ଯ୍ୟାପ୍ତ ନୁହେଁ। ଭାଜପାର ରାଜ୍ୟ ନେତୃତ୍ୱ ବଡ଼ ବଡ଼ କଥା କହୁଥିଲେ ମଧ୍ୟ ତାହାକୁ କାର୍ଯ୍ୟରେ ପ୍ରତିଫଳିତ କରିବାରେ ବିଫଳ ରହିଛନ୍ତି, ଯାହାର ପ୍ରଭାବ ନିର୍ବାଚନ ଫଳାଫଳରେ ପଡିଛି। ନୂଆ ସରକାର କ'ଣ କରୁଛି ଆଗକୁ ଦେଖିବା।



- ପାର୍ବତୀ ପଟେଲ, ସାଗର, ମଧ୍ୟପ୍ରଦେଶ

### ରମଣ ସିଂ ଆଉ ୫/୧୦ ବର୍ଷ ମୁଖ୍ୟମନ୍ତ୍ରୀ ରହିବାର ଥିଲା



ଛତିଶଗଡ଼ରେ ରମଣ ସିଂ ସରକାର ବହୁ ଉନ୍ନତିମୂଳକ କାମ କରିଛି। ଭାରତର ଏକ ପ୍ରମୁଖ ରାଜ୍ୟ ଭାବେ ଛତିଶଗଡ଼କୁ ପରିଚିତ କରାଇପାରିଛନ୍ତି। ଭାଜପାର ଏପରି ଶୋଚନୀୟ ପରାଜୟ ହେବ ବୋଲି ମୁଁ ଆଶା କରି ନ ଥିଲି। ରମଣ ସିଂ ଆଉ ୫/୧୦ ବର୍ଷ ମୁଖ୍ୟମନ୍ତ୍ରୀ ରହିବାର ଥିଲା। କଂଗ୍ରେସ ସରକାର ଗଢିଲେ ରାଜ୍ୟରେ ବିକାଶର ଧାରାକୁ ଆଗେଇ ନେବାକୁ ପଡିବ। ନଚେତ ଛତିଶଗଡ଼ବାସୀ ଏହାର କଡ଼ା ଜବାବ ଦେବେ। ଭୂପେଶ ବଘେଲ, ଟି.ଏସ୍. ସିଂ ମୁଖ୍ୟମନ୍ତ୍ରୀ ଦୌଡରେ ଅଛନ୍ତି।

- ନୋମେଶ ତିୱାରୀ, ଜାଞ୍ଜଗିରି, ଛତିଶଗଡ଼

### ରମଣ ସିଂ ସରକାରକୁ ବଡ଼ ଝଟ୍‌କା



ଜଣେ ନାଗରିକ ହିସାବରେ ଆମେ ଭୋଟ ଦେଇ ଯେଉଁମାନଙ୍କୁ ନିର୍ବାଚିତ କରୁଛୁ ଅଧିକାଂଶ ସମୟରେ ସେମାନେ ତାଙ୍କ ପ୍ରତିଶ୍ରୁତି ଭୁଲି ଯାଉଛନ୍ତି। ଚେୟାରରେ ବସିବା ପରେ ପଛ କଥାକୁ ମନେ ପକାଉ ନାହାନ୍ତି। ଛତିଶଗଡ଼ର ଫଳାଫଳ ଯାହା ହୋଇଛି ଠିକ୍ ଅଛି। କିନ୍ତୁ ରମଣ ସିଂ ସରକାରଙ୍କୁ ଏହା ବଡ ଝଟ୍‌କା। ସରକାର ପରିବର୍ତ୍ତନ ହେଲେ ରାଜ୍ୟ ଏବଂ ରାଜ୍ୟବାସୀଙ୍କ ବିକାଶ ଘଟିବ। କିନ୍ତୁ କଂଗ୍ରେସର ଭଲ ନେତା ନାହାନ୍ତି, ଯେଉଁମାନେ ରାଜ୍ୟର ନେତୃତ୍ୱ ଭାରକୁ ନିଜ କାନ୍ଧରେ ବୋହି ନେଇପାରିବେ।

- ପ୍ରବୀଣ ସିଂ, ଜାଞ୍ଜଗିରି, ଛତିଶଗଡ଼

### ଛତିଶଗଡ଼ବାସୀ କଂଗ୍ରେସ ଉପରେ ଭରସା କରିଛନ୍ତି



ସମସ୍ତେ କ୍ଷମତାକୁ ଆସିବା ପାଇଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ସଚେତନ ନାଗରିକ ଠିକ୍ ଭାବେ ନିଜ ବୁଦ୍ଧି ବିବେକ ଖର୍ଚ୍ଚ କରି ଜଣଙ୍କୁ ଭୋଟ ଦେବା ଦରକାର। ଭାଜପାଠାରୁ ମୁହଁ ଫେରାଇ ଛତିଶଗଡ଼ବାସୀ କଂଗ୍ରେସ ଉପରେ ଭରସା କରିଛନ୍ତି। ସାଜା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ରବୀନ ଚୌବେ ନିର୍ବାଚନ ଜିତିଲେ ସମସ୍ତ ବ୍ୟାଙ୍କ ଋଣ ଛାଡ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ଶାସନକୁ ଆସିଲେ ଧାନ କୁଇଣ୍ଟାଲ ୨୫୦୦ ଟଙ୍କା ହେବ ବୋଲି ମଧ ପ୍ରତିଶ୍ରୁତି ମିଳିଛି। ଏବେ ଦେଖିବାକୁ ବାକି ରହିଲା ରାଜନେତା ତାଙ୍କ ପ୍ରତିଶ୍ରୁତି କିପରି ପାଳନ କରୁଛନ୍ତି ଏବଂ କଂଗ୍ରେସ ସରକାର ରାଜ୍ୟରେ କି ପ୍ରକାର ବିକାଶ କରିପାରୁଛି।

- ଅଶୋକ କୁମାର କୌଶଲ, ଦୁର୍ଗ, ଛତିଶଗଡ଼

### ସରକାର ପରିବର୍ତ୍ତନ ଛତିଶଗଡ଼ ପାଇଁ ଜରୁରୀ ଥିଲା



ରମଣ ସିଂ ସରକାରଙ୍କ ପରିବର୍ତ୍ତନ ଛତିଶଗଡ଼ ପାଇଁ ଜରୁରୀ ହୋଇପଡିଥିଲା। ରାଜ୍ୟବାସୀ ମଧ ଠିକ୍ ବାଟରେ ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ଦୀର୍ଘଦିନ ଧରି ଭାଜପା ଶାସନରେ ରହିଥିବାରୁ ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ସ୍ୱେଚ୍ଛାଚାରିତା ବୃଦ୍ଧି ପାଇଥିଲା। ଭାଜପା ନେତାମାନେ ନିଜକୁ ସର୍ବେସର୍ବା ଭାବୁଥିଲେ। ସାଧାରଣ ଜନତାଙ୍କ ସମସ୍ୟା ପ୍ରତି ଆଖି ବୁଜିଦେଉଥିଲେ। କଂଗ୍ରେସକୁ କ୍ଷମତାସୀନ ହେବା ଠିକଣା ସମୟରେ ଉଚିତ ନିଷ୍ପତ୍ତି ବୋଲି ମୁଁ କହିବି।

- ଭୋଜରାମ କୌଶଲ, ନାଥଗାଁ, ଛତିଶଗଡ଼

### ରାଜସ୍ଥାନ ପରିବର୍ତ୍ତନର ଧାରା ବଜାୟ ରଖିଛି



ରାଜସ୍ଥାନ ରାଜନୀତି ତା ପରିବର୍ତ୍ତନର ଧାରା ବଜାୟ ରଖିଛି। ପ୍ରତି ୫ ବର୍ଷରେ ରାଜ୍ୟରେ ସରକାର ବଦଳିବାର ଧାରା ଏଥର ନିର୍ବାଚନରେ ବି ଦେଖିବାକୁ ମିଳିଛି। ତେଣୁ ଫଳାଫଳକୁ ନେଇ କେହି ଚକିତ ହେବାର ନାହିଁ। ଭାଜପା କ୍ଷମତା ଗାଦିରୁ ହଟିବ ବୋଲି ଯାହା ଆକଳନ କରାଯାଉଥିଲା ତାହା ବି ହୋଇଛି। ଏମିତି ବି ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ପ୍ରତି ରାଜ୍ୟବାସୀଙ୍କ ଆଉ ଭରସା ନ ଥିଲା। ଲୋକେ ବିକଳ୍ପ ଚାହୁଁଥିଲେ। ଏବେ କଂଗ୍ରେସ କେତେଦୂର ରାଜ୍ୟବାସୀଙ୍କ ଆଶା ପୂରଣ କରୁଛି ତାହା ଉପରେ ସମସ୍ତଙ୍କ ନଜର।

-ଜିତେନ୍ଦ୍ର କୁମାର ସିଂ, ଶିକର, ରାଜସ୍ଥାନ

### ଦଳୀୟ କନ୍ଦଳ ଯୋଗୁ ରାଜସ୍ଥାନରେ ଭାଜପା ହାରିଲା



ଦଳୀୟ କନ୍ଦଳ ଯୋଗୁ ରାଜସ୍ଥାନରେ ଭାଜପାକୁ ପରାଜୟବରଣ କରିବାକୁ ପଡିଲା। ଦଳର ନେତୃବୃନ୍ଦଙ୍କ ମଧ୍ୟରେ କାହାର କାହା ସହ ସମ୍ପର୍କ ନ ଥିଲା। ଏମିତି କି ସରକାରଙ୍କ ସଫଳତାର କଥା ତୃଣମୂଳ ସ୍ତରରେ ପହଞ୍ଚି ପାରିଲା ନାହିଁ। ଯେଉଁମାନେ ଟିକେଟ ପାଇବାକୁ ଯୋଗ୍ୟ ଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଟିକେଟ ମିଳି ନ ଥିଲା। ଏବେ କ୍ଷମତାକୁ ଆସୁଥିବା କଂଗ୍ରେସ ରାଜସ୍ଥାନର ବିକାଶ ପ୍ରକ୍ରିୟାକୁ କେମିତି ଆଗେଇ ନେଉଛି ତାହା ମୁଖ୍ୟ କଥା।

- ସଞ୍ଜୟ ଅଗ୍ରୱାଲ, ଶିକର, ରାଜସ୍ଥାନ

---

## ଶ୍ରୀମନ୍ଦିର ପ୍ରଶାସନକୁ ମୃଣାଳିନୀଙ୍କ ଚିଠି

# ବିପିଏଲ୍ ଶ୍ରେଣୀର ସେବାୟତଙ୍କ ପାଇଁ ସୁବିଧା ହେଉ

ପୁରୀ ଅଫିସ,୧୧।୧୨

ଶ୍ରୀମନ୍ଦିରରେ ପରିଚାଳନାଗତ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ଆଇନଜିବୀ ମୃଣାଳିନୀ ପାଢ଼ୀ ପୁଣି ଚର୍ଚ୍ଚାରେ। ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଶ୍ରେଣୀର ସେବାୟତଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ସେ ସ୍ୱର ଉଠାଇଛନ୍ତି। ଏଥିସହ ବନ୍ଦ ଥିବା ଦୁଇଗୁଣ ପାଳିଆ ପୁରସ୍କାର ସେବାୟତଙ୍କୁ ଦେବା ଲାଗି ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିକଟକୁ ଚିଠି ଲେଖିଛନ୍ତି।

ଆଇନଜୀବୀ ପାଢ଼ୀ ଚିଠିରେ ଦର୍ଶାଇଛନ୍ତି ଯେ, ସେବାୟତଙ୍କୁ ଦିଆଯାଉଥିବା ଦୁଇଗୁଣା ପାଳିଆ ପୁରସ୍କାର ୪ ମାସ ହେଲା ବନ୍ଦ କରାଯାଇ ଗୋଟିଏ ପାଳିଆ ପୁରସ୍କାର ଦିଆଯାଉଛି। ଏହାଦ୍ୱାରା ସେମାନେ ପରିବାର ପ୍ରତିପୋଷଣ କରିବାରେ ସମସ୍ୟାରେ ପଡୁଛନ୍ତି। ତେଣୁ ସେବାୟତଙ୍କୁ ପାଳିଆ ପୁରସ୍କାର ପ୍ରଦାନ କରାଯାଉ ବୋଲି ଚିଠିରେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ୨୦୧୩ ମସିହାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସାମାଜିକ-ଅର୍ଥନୈତିକ ଗଣନା କରାଯାଇଥିଲା। ଏହି ରିପୋର୍ଟ ମୁତାବକ ଏକ ତୃତୀୟାଂଶ ସେବାୟତ ବିପିଏଲ୍ ଶ୍ରେଣୀର, ବାର୍ଷିକ ଆୟ ଦେଢ଼ ଲକ୍ଷଠୁ ବି କମ୍। ତେଣୁ ଏମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଆଇନଜୀବୀ ପାଢ଼ୀ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରିଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକାଧିକ ଯୋଜନା ରହିଛି। ତେଣୁ ବିପିଏଲ୍ ଶ୍ରେଣୀର ସେବାୟତଙ୍କ ପାଇଁ ଏହିସବୁ ଯୋଜନା ଲାଗୁକରିବା ଲାଗି ସେ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରିଛନ୍ତି।

ସୂଚନାଥାଉ କି, ଜଗମୋହନ କାମ ଆରମ୍ଭ ହେବା ପରେ ସେବାୟତଙ୍କୁ ଦୁଇଗୁଣା ପାଳିଆ ପୁରସ୍କାର ପ୍ରଦାନ କରାଯାଉଥିଲା। ଗତ ଅଗଷ୍ଟ ମାସରୁ ଏହାକୁ ବନ୍ଦ କରିଦିଆଯାଇଛି।

### ବନ୍ଦ ଥିବା ପାଳିଆ ପୁରସ୍କାର ଦିଆଯାଉ



## ୧୬ରୁ ଶ୍ରୀକ୍ଷେତ୍ର ମହୋତ୍ସବ

**ପୁରୀ ଅଫିସ,୧୧।୧୨:** ଶ୍ରୀକ୍ଷେତ୍ର ମହୋତ୍ସବ ପରିଚାଳନା କମିଟି ଆନୁକୂଲ୍ୟରେ ଆସନ୍ତା ୧୬ତାରିଖରୁ ଶ୍ରୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏହା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ମଙ୍ଗଳବାର ଜଗନ୍ନାଥବଲ୍ଲଭ ମଠ ପରିସରରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମାର୍କଣ୍ଡେଶ୍ୱର ସାହି ଏହି ମହୋତ୍ସବ ପରିଚାଳନା କରିବ। ମହୋତ୍ସବ ଆୟୋଜନ ନେଇ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରତିବର୍ଷ ପରି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ୮ଟି ଜାଗା ଆଖଡ଼ାର କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିବେ। ଏଥିସହିତ ସଂସ୍କୃତି ବିଭାଗ ଦ୍ୱାରା ମନୋନୀତ ବାହାର ରାଜ୍ୟର କଳାକାର ଏବଂ ସ୍ଥାନୀୟ ନୃତ୍ୟାନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ବୈଠକରେ ମହୋତ୍ସବ କମିଟି ଏବଂ ମାର୍କଣ୍ଡେଶ୍ୱର ସାହି ସମେତ ସମସ୍ତ ଜାଗା ଆଖଡ଼ାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆର୍‌ପିଏଫ୍ କର୍ମଚାରୀଙ୍କ ସାହସିକତା

# ଜୀବନକୁ ବାଜି ଲଗାଇ ୨ ଲୁଟେରାଙ୍କୁ ଧରିଲେ

କଟକ ରୋଡ୍(ଡି.ଏନ୍.ଏ.)/ଭୁବନେଶ୍ୱର (ବ୍ୟୁରୋ), ୧୧।୧୨

ଜୀବନକୁ ବାଜି ଲଗାଇ ୨ ଜଣ ଲୁଟେରାଙ୍କୁ ଧରିଛନ୍ତି ରେଳ ସୁରକ୍ଷା ବଳ(ଆର୍‌ପିଏଫ୍)ର କନଷ୍ଟେବଲ ତାରାକାନ୍ତ ମହାପାତ୍ର। ଲୁଟେରା ତାଙ୍କ ମୁଣ୍ଡକୁ ପଥରରେ ଛେଚି ରକ୍ତାକ୍ତ କରିଦେଇଥିଲେ ମଧ୍ୟ ସେ ହାର୍ ନ ମାନି ନିଜ ସାହସିକତାର ପରିଚୟ ଦେଇଛନ୍ତି। ତାଙ୍କ ଉଦ୍ୟମ ଫଳରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆସାହି ଅଞ୍ଚଳରେ ରହୁଥିବା ନୟାଗଡ ଜିଲାର ସନ୍ତୋଷ ମହାରଣା ଏବଂ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ଆଲୋକ ବାରିକ। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଅଭିଷେକ ବାନାର୍ଜୀ ସୋମବାର ରାତିରେ କରମଣ୍ଡଳ ଟ୍ରେନରେ ଭୁବନେଶ୍ୱରରେ ପହଞ୍ଚି ଷ୍ଟେଶନରେ ରାତି କାଟିଥିଲେ।



ଆହତ କନ୍‌ଷ୍ଟେବଲ ତାରାକାନ୍ତ ମହାପାତ୍ର।

ଭୋର ପ୍ରାୟ ୪ଟା ବେଳକୁ ସେ ଷ୍ଟେଶନରୁ ବାହାରକୁ ଯାଇଥିଲେ। ଏହି ସମୟରେ ୩ ଯୁବକ କଳା ପଲସରରେ ଆସି ତାଙ୍କୁ ଅଟକାଇବା ସହ ତାଙ୍କଠାରୁ ସୁନା ମୁଦି, ଟଙ୍କା ଏବଂ ମୋବାଇଲ ଛଡାଇଥିଲେ। ଅଭିଷେକ ପାଟି କରିବାରୁ ଡ୍ୟୁଟିରେ ଥିବା ତାରାକାନ୍ତ ପହଞ୍ଚି ଲୁଟେରାମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଲୁଟେରା ତାରାକାନ୍ତଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲେ। କିନ୍ତୁ ତାରାକାନ୍ତ ସେମାନଙ୍କୁ ଛାଡ଼ି ନ ଥିଲେ। ମୁଣ୍ଡରୁ ରକ୍ତସ୍ରାବ ହେଉଥିବା ସତ୍ତ୍ୱେ ସେ ଲୁଟେରାମାନଙ୍କୁ ଛାଡ଼ି ନ ଥିଲେ। ତେବେ ଆକ୍ରମଣକାରୀ ଲୁଟେରା ଜଣକ ଖସି ପଳାଇବାରେ ସମର୍ଥ ହୋଇଥିଲେ। ମାତ୍ର ଅନ୍ୟ ୨ ଜଣଙ୍କୁ ତାରାକାନ୍ତ ମାଡ଼ି ବସି ଜିଆରପିକୁ ଖବର ଦେଇଥିଲେ। ଜିଆରପି କର୍ମଚାରୀ ପହଞ୍ଚି ସେମାନଙ୍କୁ ଧରି ଥାନାକୁ ନେଇଥିଲେ। ଏ ନେଇ ଜିଆରପି ଥାନାରେ ଏକ ମାମଲା(୧୮୧/୧୮) ରୁଜୁ ହୋଇଛି।

ଆକ୍ରମଣରେ ତାରାକାନ୍ତଙ୍କ ମୁଣ୍ଡ ଫାଟିଯିବା ସହ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ବର୍ତ୍ତମାନ ଖୋର୍ଦ୍ଧା ଡିଭିଜନ ଏସ୍‌ଟିଏଫ୍‌ର ହେଡ୍ କନଷ୍ଟେବଲ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ସାହସିକତାକୁ ଅନ୍ୟ କର୍ମଚାରୀମାନେ ପ୍ରଶଂସା କରିଛନ୍ତି।

## ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ଝାଡ଼ଖଣ୍ଡ ସଂଖ୍ୟାଲଘୁ କମିଶନଙ୍କ ଉପାଧ୍ୟକ୍ଷ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି) ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କୁ ମଙ୍ଗଳବାର ଝାଡ଼ଖଣ୍ଡ ସଂଖ୍ୟାଲଘୁ କମିଶନ (ଓଡ଼ିଆ ଲିଙ୍ଗୁଇଷ୍ଟିକ୍ ମାଇନରିଟିଜ୍) ଉପାଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଥିବା ୨୧ଲକ୍ଷ ୧୮ହଜାର ୬୪୦ ସଂଖ୍ୟାଲଘୁ ସମ୍ପ୍ରଦାୟ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ପ୍ରାକ୍-ମାଟ୍ରିକ ଛାତ୍ର ବୃତ୍ତି, ମେଧା ଛାତ୍ର ବୃତ୍ତି, ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ବହୁମୁଖୀ ଗୋଷ୍ଠୀ ତଥା ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା, ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣର ବିକାଶ, ସଂଖ୍ୟାଲଘୁ ଛାତ୍ରାବାସ, ସଂଖ୍ୟାଲଘୁଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟ ନିମନ୍ତେ ଭୁବନେଶ୍ୱରଠାରେ ହଜ୍ ହାଉସ୍ ମଧ୍ୟ ନିର୍ମାଣ କରାଯାଇଛି। ଏସବୁ ଯୋଜନା ସମ୍ପର୍କରେ ଷଡ଼ଙ୍ଗୀ ଅବଗତ ହେବା ପରେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ।

## କୋଟିପତି ଲାମ୍ପସ୍ ଅଧିକାରୀ

କଟକ ଅଫିସ, ୧୧।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନବରଙ୍ଗପୁର ଜିଲା ଝରିଗାଁ ଲାମ୍ପସ୍‌ର ଶାଖା ଭାରପ୍ରାପ୍ତ ଅଧିକାରୀ ଗୟା ନାରାୟଣ ମାଟିଆଙ୍କ ଘରେ ଭିଜିଲାନ୍ସ ମଙ୍ଗଳବାର ଯାଞ୍ଚ କରିଛି। ମାଟିଆଙ୍କ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଯାଞ୍ଚ କରାଯାଇଛି। ଭିଜିଲାନ୍ସ ଯାଞ୍ଚ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ଝରିଗାଁ କୋରାକୋଟ ଗ୍ରାମରେ ଥିବା ୩ଟି ଘର, ଝରିଗାଁଠାରେ ଥିବା ଆଉ ଏକ ଘର, ସୋରିଷଭଟାଠାରେ ଥିବା ଘର, ଛତ୍ରା ଗ୍ରାମରେ ଥିବା ଗୋଟିଏ ବେନାମୀ ଘର, ଝରିଗାଁଠାରେ ଥିବା ପେଟ୍ରୋଲ ପମ୍ପ ଓ ଲାମ୍ପସ୍ ଅଫିସ ସାମିଲ ରହିଛି। ଯାଞ୍ଚରୁ ୧ କୋଟି ୧୦ ଲକ୍ଷ ୩୨ହଜାର ୫୦୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିବା ସହ ଅଧିକ ଖାନତଲାସ ଚଳାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଡିସେମ୍ବର, ୨୦୧୮



ମନୁଷ୍ୟ ବଞ୍ଚିବା ପାଇଁ ଖାଏ, ମାତ୍ର ଖାଇବା ପାଇଁ ନୁହେଁ।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ



### କାରରେ ଲାଗିଗଲା ନିଆଁ: ଯାତ୍ରୀ ଆତଙ୍କିତ

ପୁରୁଣା ଭୁବନେଶ୍ୱର, ୧୧।୧୨ (ଡି.ଏନ.ଏ.)- ଚଳନ୍ତା କାରରେ ନିଆଁ ଲାଗିଯିବାରୁ ଯାତ୍ରୀ ଆତଙ୍କିତ ହେବା ସହ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏହା ଘଟିଛି ଲିଙ୍ଗରାଜ ଥାନା ଅଧୀନ ରବି ଟକିଜ୍ ଫୁଲ୍ମ ହଲ ସମ୍ମୁଖରେ। ପୋଲିସ ସୂଚନା ମୁତାବକ, ଜଟଣୀରୁ ମାଧବ ଚନ୍ଦ୍ର ପାଇକରାୟ ଏବଂ ନିଜର ଅନ୍ୟ ୪ ଜଣ ସହଯୋଗୀଙ୍କ ସହ ସାମନ୍ତରାପୁରରେ ହେଉଥିବା ଏକ ଭୋଜିରେ ଯୋଗଦେବାକୁ ଆସିଥିଲେ। ତେବେ ଭୋଜି ଖାଇ ଫେରୁଥିବା ବେଳେ ରାତି ପ୍ରାୟ ସାଢେ ୮ଟାରେ କାର ଆଗରେ ନିଆଁ ଜଳୁଥିବା ଦେଖିବାକୁ ପାଇ ସମସ୍ତେ ଓହ୍ଲାଇ ପଡିଥିଲେ। ଖବରପାଇ କଳ୍ପନାସ୍ଥିତ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଥିଲେ ହେଁ ସ୍ଥାନୀୟ ଲୋକେ ପାଖରେ ଥିବା ଏକ ଜଳଖିଆ ଦୋକାନରୁ ପାଣି ଆଣି ପକାଇ ନିଆଁକୁ ଆୟତ କରିଥିଲେ। ବିଦ୍ୟୁତ୍ ସର୍ଟସର୍କିଟରୁ ଏଭଳି ଘଟିଥିବା ଜଣାପଡିଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବାଲିପାଟଣା ଗୁଆପୁର ଅଞ୍ଚଳର ସୂର୍ଯ୍ୟକାନ୍ତ ମୁଖୀ। ସେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରେ ରୁହନ୍ତି। ସୂଚନା ମୁତାବକ, ବିଡିଏ କଲୋନୀ ଇ-୪୧ରେ ରହୁଥିବା ଦେବାଶିଷ ମହାନ୍ତି ଏବଂ ଷ୍ଟାଫକ୍ୱାର୍ଟର୍ସ ଡି-୨୪ରେ ରହୁଥିବା ସୂର୍ଯ୍ୟକାନ୍ତଙ୍କ ମଧ୍ୟରେ ଭଲ ବନ୍ଧୁତା ରହିଥିଲା। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ସହ କିଛି ମାସ ହେବ ବିବାଦ ଲାଗିରହିଥିଲା। ଗତ ସୋମବାର ପୂର୍ବାହ୍ନରେ ଦେବାଶିଷ ଘରକୁ ଫେରିବା ବେଳେ ସୂର୍ଯ୍ୟକାନ୍ତ ଏବଂ ତାଙ୍କ ସହଯୋଗୀ ତାଙ୍କୁ ହକି ଷ୍ଟିକରେ ଆକ୍ରମଣ କରିଥିଲେ। ଖବର ପାଇ ସୂର୍ଯ୍ୟକାନ୍ତଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ମେଡିକାଲ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୫୦୬/୧୮ରେ ଏକ ମାମଲା ରୁଜୁ କରିବା ସହ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରିଛି।

### ୧୮ଗ୍ରାମ ବ୍ରାଉନସୁଗାର ଜବତ, ୨ଗିରଫ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)- କ୍ୟୁଏଟି ଓ ଇନ୍‌ଫୋସିଟି ଥାନା ପୋଲିସ ପଟିଆ ଏବଂ ଇନ୍‌ଫୋସିଟି ରୋଡ୍‌ରେ ମିଳିତ ଚଢାଉ କରି ୨ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୮ ଗ୍ରାମ ବ୍ରାଉନ ସୁଗାର ଓ ୩୨ଶହ ଟଙ୍କା ଜବତ ହୋଇଛି। ସେମାନେ ହେଲେ ସୁକାନ୍ତ ଦାଶ ଓ ରଶ୍ମିରଞ୍ଜନ ଦାଶ। ସେମାନେ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଇନ୍‌ଫୋସିଟି ଥାନା ଅଞ୍ଚଳରେ ବିକ୍ରି କରୁଥିଲେ। ସଞ୍ଜୟ ପଟିଆ ଓ ଇନ୍‌ଫୋସିଟି ରୋଡରେ କ୍ୟାବିନ କରି ବ୍ରାଉନ ସୁଗାର ବ୍ୟବସାୟ କରୁଥିଲେ। ସୁକାନ୍ତଙ୍କଠାରୁ ୧୦ ଗ୍ରାମ ଏବଂ ରଶ୍ମିରଞ୍ଜନଠାରୁ ୮ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି।

# ରୋଗୀ ମୃତ୍ୟୁକୁ ନେଇ ସମ୍‌ରେ ଉତ୍ତେଜନା

■ହସ୍ପିଟାଲ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା
■କ୍ଷତିପୂରଣ ଦେଲେ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ରୋଗୀ ମୃତ୍ୟୁକୁ ନେଇ ମଙ୍ଗଳବାର ସକାଳେ ସମ୍ ହସ୍ପିଟାଲରେ ଉତ୍ତେଜନା ଦେଖିବାକୁ ମିଳିଛି। ରୋଗୀ ସମ୍ପର୍କୀୟମାନେ ଟଙ୍କା ଫେରସ୍ତ ଦାବିରେ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଖଣ୍ଡଗିରି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଶେଷରେ ହସ୍ପିଟାଲ କର୍ତ୍ତୃପକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣ ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ମୃତକ ହେଲେ ସାଲିଆସାହିର ଅନ୍ତର୍ଯ୍ୟାମୀ ସେଠୀ। ସେ ରାଜମିସ୍ତ୍ରି କାର୍ଯ୍ୟ କରନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତ ନଭେମ୍ବର ୫ରେ ଶାସ୍ତ୍ରୀନଗରରେ ଥିବା ଏକ ମନ୍ଦିରରେ ଅନ୍ତର୍ଯାମୀ କାମ କରୁଥିଲାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲର ଆଇସିୟୁରେ ରଖି ଅନ୍ତର୍ଯ୍ୟାମୀଙ୍କ ଚିକିତ୍ସା ହୋଇଥିଲା। ପରେ ତାଙ୍କ ହାତ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହିଥିଲେ। ଏଥିପାଇଁ ପରିବାର ଲୋକେ ୩୦ ହଜାର ଟଙ୍କା ଜମା କରିଥିଲେ। ଏହା ପରେ ଦ୍ୱିତୀୟ ଥର ହାତ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଥିଲେ। ତେଣୁ ସେମାନେ ପୁଣି ଥରେ ଟଙ୍କା ଜମା କରିଥିଲେ। ଏଭଳି ପରିବାର ଲୋକେ ପ୍ରାୟ ୨ ଲକ୍ଷ ଟଙ୍କା ହସ୍ପିଟାଲକୁ ଫି ଆକାରରେ ଦେଇଥିଲେ। ହେଲେ ସୋମବାର ରାତିରେ ଅନ୍ତର୍ଯାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇଥିଲା। ସେ ଦୀର୍ଘ ସମୟ ଧରି ବାନ୍ତି କରିଥିଲେ। ଠିକ୍ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରି ନ ଥିଲେ। ପରିବାର ଲୋକେ ଡାକ୍ତରଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ଡାକ୍ତର ଆସି ନ ଥିଲେ। ଶେଷରେ ଜଣେ କମ୍ପାଉଣ୍ଡର ରୋଗୀଙ୍କୁ ଦେଖି ତାଙ୍କ କିଡ୍‌ନୀ ଖରାପ ଥିବା କହିଥିଲେ। ଏହାପରେ ବିଳମ୍ବିତ ରାତିରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଡାକ୍ତରଙ୍କ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ମଙ୍ଗଳବାର ସକାଳେ ହସ୍ପିଟାଲ ଆଗରେ ଧାରଣା ଦେଇଥିଲେ। ସାଲିଆସାହିର ଏକାଧିକ ଲୋକ ପହଞ୍ଚି ଧାରଣାରେ ବସିବା ସହ କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ମତାମତ ଲାଗି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଏ ନେଇ ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ରୋଗୀଙ୍କ ମୃତ୍ୟୁ ନେଇ ସମ୍ ହସ୍ପିଟାଲ ଆଗରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ କ୍ଷତିପୂରଣ ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିଥିବା ରୋଗୀଙ୍କ ସମ୍ପର୍କୀୟ।



ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ବିଜୟ ପରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନେତା ସୁରେଶଚନ୍ଦ୍ର ରାଉତରାୟଙ୍କ ସହ କର୍ମୀମାନେ ବାଜା ବଜାଇ ଖୁସି ମନାଉଛନ୍ତି।

# ଖାଇବାକୁ ନ ଦେଇ ରାତ୍ରି ଆଶ୍ରୟସ୍ଥଳରୁ ତଡ଼ିଦେଲେ

■ ରାସ୍ତାରେ କାନ୍ଦି କାନ୍ଦି ସହାୟତା ମାଗିଲେ ମହିଳା

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଏକ ରାତ୍ରି ଆଶ୍ରୟସ୍ଥଳରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏପରି କି ଜଣେ ମହିଳା ଏ ନେଇ ଅଭିଯୋଗ କରିବାରୁ ତାଙ୍କୁ ସେଠାରୁ ତଡ଼ି ଦିଆଯାଇଛି।

ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ମସିଗାଁର ମଦନ ପତି ଛୁରିଆ ଅଙ୍ଗନୱାଡି କର୍ମୀ ଭାବେ କାମ କରୁଥିଲେ। ବିବାହ ପରେ ତାଙ୍କୁ ସ୍ୱାମୀ ନିର୍ଯାତନା ଦେବାରୁ ସେ ଚାକିରି ଛାଡି ଭୁବନେଶ୍ୱର ଚାଲି ଆସିଥିଲେ। ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ପରେ ପୋଲିସ ତାଙ୍କୁ ସେଠାରୁ ନେଇ ରାତ୍ରି ଆଶ୍ରୟସ୍ଥଳରେ ରଖିଥିଲା। ମହିଳାଙ୍କ କହିବା ଅନୁଯାୟୀ, ସେଠାରେ ସେ ସବୁ କାମ କରୁଥିଲେ। କିନ୍ତୁ ତାଙ୍କୁ ଭଲ ଖାଦ୍ୟ ଦିଆଯାଉ ନ ଥିଲା। ସେ ଭଲ ଖାଦ୍ୟ ଦେବାକୁ କହିବାରୁ ତାଙ୍କୁ ବାହାର କରିଦିଆଯାଇଥିଲା। ଅନ୍ୟପଟେ ଆଶ୍ରୟସ୍ଥଳରୁ ଆସି ମଦନ କ୍ୟାପିଟାଲ ହସ୍ପିଟାଲ ନିକଟରେ ଅସହାୟ ଭାବେ ଛିଡା ହୋଇ କାନ୍ଦୁଥିବାବେଳେ ଲୋକେ ରୁଣ୍ଡ ହୋଇ ଘଟଣା ବିଷୟରେ ପଚାରି ବୁଝିଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ହେଲେ ମହିଳା ଜଣଙ୍କ ଉକ୍ତ ଆଶ୍ରୟସ୍ଥଳକୁ ଯିବେ ନାହିଁ ବୋଲି ଜିଦ୍ ଧରିଥିଲେ। କିନ୍ତୁ ଅନ୍ୟ ଉପାୟ ନ ଥିବାରୁ ପୋଲିସ ତାଙ୍କୁ ବୁଝାଶୁଝା କରି ପୁଣି ସେଠାରେ ଛାଡ଼ିଥିବା ଜଣାପଡ଼ିଛି।





ପୂର୍ବତଟ ରେଳପଥ ମହିଳା ସଙ୍ଗଠନ ପକ୍ଷରୁ ମଙ୍ଗଳବାର ବସ୍ତିରେ ବସବାସ କରୁଥିବା ମହିଳାଙ୍କୁ ସୁଲଭ ମୂଲ୍ୟରେ ସାନିଟାରୀ ନ୍ୟାପକିନ ବଣ୍ଟନ ଅବସରରେ ସଙ୍ଗଠନର ଅଧକ୍ଷା ରଶ୍ମିରେଖା ମିଶ୍ରଙ୍କ ସହ ଅନ୍ୟମାନେ।

### ଘର ଭଙ୍ଗାରୁଜାକୁ ବିରୋଧ କରିବାରୁ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ଅଞ୍ଚଳରେ ଜଣେ ଯୁବକଙ୍କ ଘର ଆଜବେଷ୍ଟସ୍ ଭଙ୍ଗାରୁଜା ସହ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ଖୋର୍ଦ୍ଧା ଜିଲା ସାଗୁରଗାଁ ଅଞ୍ଚଳର ଅଶୋକ ସୁବୁଦ୍ଧି ପରିବାର ସହ ସାଲିଆସାହିରେ ରୁହନ୍ତି। ଅଶୋକଙ୍କ ଘର ତିଆରିକୁ ନେଇ ସ୍ଥାନୀୟ କେତେଜଣ ଲୋକଙ୍କ ସହ ପୂର୍ବରୁ ବିବାଦ ଥିଲା। ମଙ୍ଗଳବାର ଅପରାହ୍ନରେ ଅଶୋକଙ୍କ ଘରର ଆଜବେଷ୍ଟସକୁ ସମ୍ପୃକ୍ତ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀମାନେ ଲୁହା ରଡରେ ବାଡେଇ ଭଙ୍ଗାରୁଜା କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ଜମା ହୋଇଥିଲେ ମଧ୍ୟ କେହି ପ୍ରତିବାଦ କରି ନ ଥିଲେ। ଅଶୋକ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସହଯୋଗୀମାନଙ୍କୁ ବିରୋଧ କରିବାରୁ ସେମାନେ ମାଡ଼ ମାରି ତାଙ୍କ ମୁହଁ ଫଟାଇ ରକ୍ତାକ୍ତ କରି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଅଶୋକଙ୍କୁ ଉଦ୍ଧାର କରି ହସ୍ପିଟାଲ ନେବା ସହ ଥାନାରେ ଅଭିଯୋଗ କରିଥିଲେ।

# ଡାକ୍ତରଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

■ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଲେ
■ରଙ୍ଗମିସ୍ତ୍ରିଙ୍କ ଉପରେ ସନ୍ଦେହ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ସମେଇଗାଡିଆ ପ୍ଲଟ୍ ନଂ-୫୮୬ରେ ରହୁଥିବା ଗାଇନି ଡାକ୍ତର ଦୀନବନ୍ଧୁ ସାହୁଙ୍କ ଘରେ ମଙ୍ଗଳବାର ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ସେମାନେ ଝରକା ତାଡି ଘର ଭିତରେ ପଶି ଆଲମାରିରୁ ନଗଦ ୬୦ ହଜାର ଓ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ଚମ୍ପଟ ମାରିଛନ୍ତି। ଏ ନେଇ ଥାନାରେ ଡାକ୍ତର ଦୀନବନ୍ଧୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ପହଞ୍ଚି ତଦନ୍ତ କରିଛି। ଡାକ୍ତରଙ୍କ ଘରେ ସିସିଟିଭି ଲାଗିଥିଲେ ମଧ୍ୟ ସେମାନେ ଚୋରି କରିବା ପରେ ସିସିଟିଭି ହାର୍ଡଡିସ୍କକୁ ତାଡି ନେଇଯାଇଛନ୍ତି।

ସୂଚନା ଅନୁଯାୟୀ, ଡାକ୍ତର ଦୀନବନ୍ଧୁ ୟୁନିଟ୍-୮ ସରକାରୀ ହସ୍ପିଟାଲରେ ଚାକିରି କରୁଥିବାବେଳେ ତାଙ୍କ ସ୍ତ୍ରୀ ରେଖା ଭଗତ ବିଏମ୍‌ସି ହସ୍ପିଟାଲରେ ଚାକିରି କରନ୍ତି। ଉଭୟ ସମେଇଗାଡିଆ ଅଞ୍ଚଳରେ ଘର କରି ରହୁଛନ୍ତି। ଡାକ୍ତର ଦୀନବନ୍ଧୁଙ୍କ ନିଜ ଗ୍ରାମ ଖୋର୍ଦ୍ଧା ବେଗୁନିଆ। ତାଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଥିବାରୁ ଉଭୟେ ମଙ୍ଗଳବାର ସକାଳୁ ଗାଁକୁ ଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ପାଚେରି ଡେଇଁ ଘରେ ପଶି ଲୁଟ୍‌ପାଟ କରିଥିଲେ। ରାତି ପ୍ରାୟ ୭ଟାରେ ଦୀନବନ୍ଧୁ ଏବଂ ତାଙ୍କ ସ୍ତ୍ରୀ ଘରକୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଥିଲେ। ୧୫ ଦିନ ହେବେ ତାଙ୍କ ଘରେ କେତେଜଣ ବିହାରୀ ରଙ୍ଗମିସ୍ତ୍ରୀ କାମ କରୁଥିଲେ। ସେମାନେ ଏହି ଚୋରି କରିଥାଇ ପାରନ୍ତି ବୋଲି ଡାକ୍ତର ସନ୍ଦେହ କରିଛନ୍ତି।

# ୪ଦଫା ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ

ବାଲିଅନ୍ତା,୧୧।୧୨(ଡି.ଏନ୍.ଏ.)

ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଥିବା ଉତ୍ତର-ଭୁବନେଶ୍ୱର ଉନ୍ନୟନ ପରିଷଦ ଏବେ ପୁଣି ୪ଟି ଦାବିକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ବିଏମସିର ୪ନମ୍ବର ୱାର୍ଡ ନହରକଣ୍ଟାସ୍ଥିତ ପରିଷଦ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନଦୀର ଉତ୍ପତ୍ତି ସ୍ଥଳଠାରୁ ନିର୍ମାଣ ହେବାକୁ ଥିବା ଆନିକଟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପକ୍କା ରାସ୍ତା ନିର୍ମାଣ, କୁଆଖାଇ ନଦୀ ସମ୍ପୂର୍ଣ୍ଣ ପୋତି ହୋଇଯିବା ଦୃଷ୍ଟିରୁ ଏହାକୁ ୩୦ଫୁଟ ଖନନ କରିବା, ବନ୍ୟା ପାଣିରେ ନଷ୍ଟ ହୋଇଯାଇଥିବା ନଦୀବନ୍ଧକୁ ପଥର ପ୍ୟାକିଂ କରିବା, ନଦୀ କୂଳରେ ଥିବା ସରକାରୀ ଜାଗାରେ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କରିବା ଆଦି ଦାବି ରହିଛି। ଏହି ଖବରଦାତା ସମ୍ମିଳନୀରେ ପରିଷଦର ଇଂ. ବ୍ରଜବନ୍ଧୁ ପଣ୍ଡା, ଯଦୁମଣି ନାୟକ, ପ୍ରମୋଦ କୁମାର ଜେନା, ଗୋଲଖ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବେଳାଭୂମି ମାର୍ଗରେ ଭାସିଲା ନଳା ପାଣି

ପୁରୀ ଅଫିସ, ୧୧।୧୨

ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ଦେଶ, ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏଠାକାର ମନୋରମ ବେଳାଭୂମି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥାଏ। ହେଲେ ଉଠାଦୋକାନୀଙ୍କ ଯୋଗୁ ବେଳାଭୂମି ତାର ସୌନ୍ଦର୍ଯ୍ୟ ହରାଉଥିବା ବେଳେ ଅନେକ ସମୟରେ ବେଳାଭୂମି ମାର୍ଗରେ ଅଳିଆ ଆବର୍ଜନାକୁ ନେଇ ପର୍ଯ୍ୟଟକମାନେ କ୍ଷୋଭ ପ୍ରକାଶ କରିଥାନ୍ତି। ମଙ୍ଗଳବାର ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ସାତଲହଡ଼ି ମଠ ସମ୍ମୁଖ ବେଳାଭୂମି ମାର୍ଗରେ। ରାସ୍ତାରେ ନଳା ପାଣିର ସୁଅ ଛୁଟିଥିଲା। ଏହା ଦୁର୍ଗନ୍ଧ ହେଉଥିବାରୁ ବେଳାଭୂମି ମାର୍ଗ ଦେଇ ଯାଉଥିବା ପର୍ଯ୍ୟଟକ ନାକ ଟେକିଥିଲେ। ବର୍ତ୍ତମାନ ବେଳାଭୂମି ରାସ୍ତା ପ୍ରଶସ୍ତୀକରଣ ଚାଲିଛି। ଏଥିସହ ପାଚେରି ମଧ୍ୟ ନିର୍ମାଣ କରାଯାଉଛି। ଏଥିଲାଗି ମଙ୍ଗଳବାର ଜେସିବି ସାହାଯ୍ୟରେ ସାତଲହଡି ମଠ ସମ୍ମୁଖ ରାସ୍ତା ପାର୍ଶ୍ୱ ଖୋଳା ଯାଉଥିଲା। ଏହି ସମୟରେ ବେଆଇନ ଭାବେ ମୁଖ୍ୟ ଡ୍ରେନ୍‌କୁ ସଂଯୋଗ କରାଯାଇଥିବା କେତେକ ପାଇପ ଫାଟିଯିବାରୁ ବେଳାଭୂମି ମାର୍ଗରେ ନଳା ପାଣି ଭାସିଥିଲା। ଫଳରେ ସେହି ବାଟ ଦେଇ ଯାଉଥିବା ପର୍ଯ୍ୟଟକ ସମସ୍ୟାରେ ପଡିଥିଲେ। ବେଆଇନ ଭାବେ କେତେକ ହୋଟେଲ ଏହି ଡ୍ରେନକୁ ହୋଟେଲର ମଇଳା ପାଣି ଛାଡୁଥିବାରୁ ଏହା ଦୁର୍ଗନ୍ଧ ହେଉଥିଲା। ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ଡ୍ରେନ୍ ବର୍ଷାଜଳ ନିଷ୍କାସନ ପାଇଁ ତିଆରି କରାଯାଇଛି। କିନ୍ତୁ କେତେଜଣ ହୋଟେଲ ମାଲିକ ରାତି ଅଧିଆ ରାସ୍ତା ଖୋଳି ଡ୍ରେନ ସହ ସେମାନଙ୍କ ହୋଟେଲ ପାଇପ ସଂଯୋଗ କରିଥିଲେ। ଏବେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଖୋଳାଯିବା ପରେ ଏହା ଜଣାପଡିଛି।

# ଏଏସ୍‌ବିଏମ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୧।୧୨

ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ଏହାର ଦ୍ୱାଦଶ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିଭଳି ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ୍ୟ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଏକ ଆଲୁମୁନି ମିଟ ଅନୁଷ୍ଠିତ ହୋଇଥିଲା। ଏଠାରେ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ସେମାନଙ୍କ ବିଦ୍ୟାର୍ଥି ଜୀବନର ସମ୍ପର୍କ କହିଥିଲେ। ଏଏସ୍‌ବିଏମ୍ ଏହାର ଗୁଣବତ୍ତା ଶିକ୍ଷା ପ୍ରଣାଳୀ ଲାଗି ଯୁକ୍ତରାଷ୍ଟ୍ର ଆମେରିକା ଆକ୍ରିଡେଶନ କାଉନସିଲ ଫର ବିଜନେସ ସ୍କୁଲ ଆଣ୍ଡ ପ୍ରୋଗ୍ରାମ୍‌ସର ମାନ୍ୟତା ପାଇଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କହିଥିଲେ। ନିଜକୁ ଠିକ୍ ମାର୍ଗରେ ପ୍ରସ୍ତୁତି କରି ରଖି ପାରୁଥିବା ବ୍ୟକ୍ତିକୁ ଭଗବାନ ସହାୟତା କରନ୍ତି ବୋଲି ରାଜ୍ୟ ସଭା ସଦସ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଥିଲେ। ନିଜକୁ ସହଜ କରି ସମସ୍ତ ଆହ୍ୱାନକୁ ମୁକାବିଲା କରି ହେବ ବୋଲି ରେଭେନ୍ସା ବିଶ୍ୱ ବିଦ୍ୟାଳୟ କୁଳପତି ଇସାନ ପାତ୍ର ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ।

### ୨ ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

କଟକ ଅଫିସ,୧୧।୧୨

ମୋବାଇଲ ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର କୁନ୍ଦନ ନାୟକ। ତାଙ୍କଠାରୁ ପୋଲିସ ଦୁଇଟି ମୋବାଇଲ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ବାଦାମବାଡି ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡ ପ୍ରସନ୍ନ ନାୟକ ଶୋଇଥିବାବେଳେ କୁନ୍ଦନ ତାଙ୍କ ମୋବାଇଲ ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୨୯/୧୮) ରୁଜୁ କରିଥିଲା।

# କଳାବ୍ୟାଜ୍ ପିନ୍ଧିଲେ ବନରକ୍ଷୀ, ବନପାଳ

ବାରଙ୍ଗ,୧୧।୧୨(ଡି.ଏନ୍.ଏ.)

ଓଡ଼ିଶା ଅଣ ଗେଜେଟେଡ୍ ବନସେବା ସଂଘର ଆହ୍ୱାନ କ୍ରମେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ କାର୍ଯ୍ୟରତ ବନପାଳ ଓ ବନରକ୍ଷୀମାନେ ମଙ୍ଗଳବାର ୬ ଦଫା ଦାବିରେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ଢେଙ୍କାନାଳ ଡିଭିଜନର ବନରକ୍ଷୀ ଓ ବନପାଳଙ୍କୁ ବିନା ଅପରାଧରେ କ୍ରାଇମବ୍ରାଞ୍ଚ ପକ୍ଷରୁ କରାଯାଇଥିବା ମାମଲାକୁ ତୁରନ୍ତ ପ୍ରତ୍ୟାହାର, ୨୦୦୮ରେ ମୁଖ୍ୟମନ୍ତ୍ରୀ ସ୍ପେଶାଲ ଟ୍ରାକିଂ ଫୋର୍ସ ଗଠନ କରାଯିବା ପାଇଁ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବା, ବନ୍ୟଜନ୍ତୁ ପରିଚାଳନା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଜାରି କରିବା, ବନରକ୍ଷୀ ଓ ବନପାଳଙ୍କ କ୍ୟାଡର ଷ୍ଟ୍ରେଙ୍ଗ୍‌ଥ ବୃଦ୍ଧି, ବିଟ୍ ଓ ସେକ୍ଟରଗୁଡ଼ିକର ପରିସୀମା ଛୋଟ କରି ରାଜ୍ୟରେ ଅଧିକ ୯୦୦ ବିଟ୍ ଏବଂ ୩୦୦ ସେକ୍ଟର ସୃଷ୍ଟି କରିବା, ପ୍ରତ୍ୟେକ ଡିଭିଜନରେ ଟ୍ରାଙ୍କୁଲାଇଜିଙ୍ଗ୍ ଓ ବନ୍ଧୁକ ଚାଳନା ଜାଣିଥିବା କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ ସମେତ ୬ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଏହି ଆନ୍ଦୋଳନ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦାବି ପୂରଣ ନ ହେଲେ ୧୭ ତାରିଖରୁ ସମସ୍ତ ଅଣ ଗେଜେଟେଡ୍ ଜନସେବା କର୍ମଚାରୀ ସମୂହ ଛୁଟିରେ ରହିବେ ଏବଂ ଦାବି ପୂରଣ ହେବା ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ବୋଲି ସଂଘ ସଭାପତି ଗୌରୀଶଙ୍କର ସାହୁ କହିଛନ୍ତି। ନନ୍ଦନକାନନ ବନପାଳ ରାମଚନ୍ଦ୍ର କାଣ୍ଡିଙ୍କ ନେତୃତ୍ୱରେ ବିମ୍ବାଧର ରାଉତ, ଲକ୍ଷ୍ମୀପ୍ରିୟା ଭୂୟାଁ, ଜୟନ୍ତୀ ସିଂ, ସୁଶାନ୍ତ ବେହେରା, ମିଲିବାଳା ଜେନାଙ୍କ ସମେତ ୨୫ଜଣ ବନ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି।



ନନ୍ଦନକାନନ ବନ କର୍ମଚାରୀମାନେ ୬ ଦଫା ଦାବି ନେଇ କଳବ୍ୟାଜ୍ ପିନ୍ଧି ଧାରଣାରେ ବସିଛନ୍ତି।

■ ରସୁଲଗଡ଼ ଶିଳ୍ପାଞ୍ଚଳ ରାସ୍ତା ଶୋଚନୀୟ

# ଖାଲରେ ପଡ଼ି ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ରସୁଲଗଡ଼ ଶିଳ୍ପାଞ୍ଚଳରେ ରାସ୍ତାଗୁଡିକ ମରାମତି ଅଭାବରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଏ ନେଇ ଲୋକେମାନେ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ମଙ୍ଗଳବାର ରାତି ପ୍ରାୟ ୮ଟାବେଳେ ଏସ୍‌ପ୍ଲାନେଡ୍‌ଠାରୁ ଅଳ୍ପ ଦୂରରେ ଏକ ଲୁହା ବୋଝେଇ ପିକ୍‌ଅପ୍ ଭ୍ୟାନ ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୧ ଘଣ୍ଟା ଧରି ବମିଖାଲରୁ ରସୁଲଗଡ଼ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନା ମୁତାବକ, ଏସ୍‌ପ୍ଲାନେଡ ପାର୍ଶ୍ୱରେ ରସୁଲଗଡ଼ ଶିଳ୍ପାଞ୍ଚଳକୁ ଯିବାକୁ ଥିବାରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ମୁଖ୍ୟ ରାସ୍ତାରୁ ଶିଳ୍ପାଞ୍ଚଳ ରାସ୍ତାର ସଂଯୋଗସ୍ଥଳରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ବହୁ ସମୟରେ ୨ ଚକିଆ ଏବଂ ୪ ଚକିଆ ଯାନଗୁଡ଼ିକ ସେଥିରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ରାତିରେ ଏକ ଲୁହା ବୋଝେଇ ପିକ୍‌ଅପ୍ ଭ୍ୟାନ ମୁଖ୍ୟ ରାସ୍ତାରୁ ରସୁଲଗଡ ଶିଳ୍ପାଞ୍ଚଳକୁ ଯିବା ସମୟରେ ଗାଡ଼ିର ପଛ ଚକ ଖାଲରେ ପଡ଼ିଯିବାରୁ ଆଗପଟ ଉପରକୁ ଉଠିଯାଇଥିଲା। ଉକ୍ତ ପିକଅପ୍ ଭ୍ୟାନ ପଛରେ କୌଣସି ଗାଡ଼ିମୋଟର କିମ୍ବା ଯାତ୍ରୀ ନ ଥିବାରୁ କାହାର କିଛି କ୍ଷତି ହୋଇ ନ ଥିଲା। ଲୁହାଗୁଡ଼ିକ ଖାଲି କରାଯାଇ ଗାଡ଼ିକୁ ସାଇଡ୍ କରାଯିବା ପରେ ଟ୍ରାଫିକ ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା।



ଏସ୍‌ପ୍ଲାନେଡ୍ ମଲ ନିକଟରେ ଦୁର୍ଘଟଣାଗ୍ରସ୍ତ ଗାଡି।



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବଟି ନ ଦେବାରୁ ବ୍ୟବସାୟୀଙ୍କୁ ଆକ୍ରମଣ, ୨ ଗିରଫ

ଜଟଣୀ, ୧୧।୧୨ (ଡି.ଏନ.ଏ): ଜଟଣୀର ଏକ ବ୍ୟବସାୟ ପ୍ରତିଷ୍ଠାନ ଉପରେ କେତେଜଣ ଯୁବକ ମଙ୍ଗଳବାର ପୂର୍ବାହ୍ନରେ ଆକ୍ରମଣ କରିଥିଲେ। ଦୋକାନ ମାଲିକ ରମେଶ ଅଗ୍ରୱାଲା ଓ ତାଙ୍କ ଦୁଇପୁଅ ଗୌରବ, କରନଙ୍କୁ ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରି ଆହତ କରିଛନ୍ତି। ଆକ୍ରମଣରେ ରମେଶଙ୍କ ସମେତ ତାଙ୍କ ଦୁଇପୁଅଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସର୍ଦ୍ଦାର ପଟେଲ ମାର୍ଗ ରାସ୍ତାରେ ଥିବା ପପୁ ସପିଂମାର୍ଟ ବ୍ୟବସାୟ ପ୍ରତିଷ୍ଠାନକୁ ସ୍ଥାନୀୟ ବାଲିଛକ ମୁଣ୍ଡିଆ ସାହିର ୪ ଜଣ ଯୁବକ ଆସି ଜବରଦସ୍ତ ୨ ହଜାର ଟଙ୍କା ବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଏମାନେ ପାଇପ ଦ୍ୱାରା ଆକ୍ରମଣ କରିଥିବା କରନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ରାମଚନ୍ଦ୍ର ମହାରଣା ଓ ମୋହନ ମହାରଣାଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ଅଛନ୍ତି। ଥାନାରେ ନଂ. ୪୧୭/୧୮ରେ ମାମଲା ରୁଜୁ ହୋଇଛି।

### ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ବେଗୁନିଆ,୧୧।୧୨ (ଡି.ଏନ.ଏ.) ବେଗୁନିଆ ବ୍ଲକ ପୋଡାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଶୀତକାଳୀନ କ୍ରୀଡା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ କ୍ରୀଡାରେ ବିଦ୍ୟାଳୟର ୬୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୧ ଜଣ ପିଲା କୃତିତ୍ୱ ଅର୍ଜନ କରିଥିଲେ। ସେମାନେ ଜିଲାସ୍ତରୀୟ କ୍ରୀଡା ଉତ୍ସବକୁ ମନୋନୀତ ହୋଇଛନ୍ତି।

### ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୧୧।୧୨:ବାଣପୁର ଭଗବତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ମଧ୍ୟାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଣପୁର ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସମ୍ପାଦକ ବସନ୍ତ କୁମାର ନାୟକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ ଅତିଥି ପରିଚୟ, ଲକ୍ଷ୍ମୀପ୍ରିୟା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୧୦ଜଣ ଛାତ୍ରୀଛାତ୍ର, ଲମ୍ଫ ଡିଆଁ, ଦୌଡ ଓ ଗୋଳା ଫିଙ୍ଗା କ୍ରୀଡାରେ ଭାଗ ନେଇଥିଲେ।

### ଶ୍ରୀଅରବିନ୍ଦଙ୍କ ସମାଧି ଦିବସ

ଖୋର୍ଦ୍ଧା ଅଫିସ,୧୧।୧୨: ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଗୁଡିକରେ ଶ୍ରୀ ଅରବିନ୍ଦଙ୍କର ୬୯ତମ ମହାସମାଧି ଦିବସ ପାଳିତ ହୋଇଯାଇଛି। କାଳୁପଡା, ବଡପଦର, ବାଣପୁର, ସୁନାଖଳା, ଗମ୍ଭାରିମୁଣ୍ଡା ପରି ଅଞ୍ଚଳରେ ସ୍କୁଲର କର୍ମକର୍ତ୍ତାମାନେ ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ।

■ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ଦାବି

# ଆଇଆଇଟି ସମ୍ମୁଖରେ ଧାରଣା

ଜଟଣୀ,୧୧।୧୨(ଡି.ଏନ.ଏ)

ଜଟଣୀସ୍ଥିତ ଆଇଆଇଟିରେ ଘରୋଇ ସଂସ୍ଥା ମାଧ୍ୟମରେ ହେଉଥିବା ନିଯୁକ୍ତିରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ସୁଯୋଗ ମିଳୁନି। ଏଣୁ ସ୍ଥାନୀୟ ଅଞ୍ଚଳର ବେକାରଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦାବିରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ଆଇଆଇଟି ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ଆଇଆଇଟିର ମୁଖ୍ୟଗେଟରେ ଆନ୍ଦୋଳନକାରୀ ତାଲା ପକାଇ ଦେବା ଯୋଗୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ବିଦ୍ୟାର୍ଥୀଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ପରେ ଭୁବନେଶ୍ୱର ସବ୍‌କଲେକ୍ଟର ଶୁଭେନ୍ଦୁ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ଦାବି ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସ୍ଥାନୀୟ କଂଗ୍ରେସ ନେତା ଅଶୋକ ମଙ୍ଗରାଜ, ସୀତାକାନ୍ତ ଶତପଥୀ, ଉମାଶଙ୍କର ମିଶ୍ର, ଅଞ୍ଜଳି ମହାନ୍ତି, ବିଷ୍ଣୁ ସାହୁ, ଅନନ୍ତ ବେହେରା, କଳିଙ୍ଗ ସାହୁ, ସୁନୀଲ ରାଉତରାୟ, ରବି ଦାସ, ବୃନ୍ଦାବନ ସାହୁ, ସୁଲୁ ମହାନ୍ତି, ନୌସର ଅଲ୍ଲୀ ଓ ଅନ୍ୟମାନେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ବେକାର ଯୁବକଙ୍କୁ ନିଯୁକ୍ତି ଦାବିରେ କଂଗ୍ରେସ ପକ୍ଷରୁ ଆଇଆଇଟି ସମ୍ମୁଖରେ ଧାରଣା।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଖୋର୍ଦ୍ଧା ଅଫିସ,୧୧।୧୨:

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଆଦି ଥ୍ରୀପି ଦାବିରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଚାଷୀମାନେ ଆମରଣ ଅନଶନ କରିଥିଲେ। ଅନଶନ ୨ୟ ଦିନରେ ପହଞ୍ଚିଥିବାବେଳେ ସୁଫଳ ନ ମିଳିବାରୁ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ତାଲା ପକାଇ ଦେଇଥିଲେ। ଘଟଣାସ୍ଥଳରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ ଦାସ ଓ ଟାଉନ ଥାନା ଆଇଆଇସି ରଣଜିତ୍ ସାହୁ ଫୋର୍ସ ସହ ପହଞ୍ଚି ୨୮ ଜଣଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଛନ୍ତି। ଫଳରେ ମଧ୍ୟାହ୍ନରେ ଗେଟରୁ ତାଲା ଖୋଲିଥିଲା। ଚାଷୀଙ୍କ ଅଭିଯୋଗ ଅନୁସାରେ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରତୁ ପ୍ରାଇସ୍, ପେନସନ୍ ଓ ପ୍ରେଷ୍ଟିଜ୍ ଦାବିରେ ଆନ୍ଦୋଳନ କରି ଆସୁଛନ୍ତି।

## ରିଲେ ଅନଶନରେ କାର୍ଯ୍ୟ ନିର୍ବାହୀ ଅଧିକାରୀ

ଖୋର୍ଦ୍ଧା ଅଫିସ,୧୧।୧୨:

ବେଗୁନିଆ କ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟତମା ନାୟକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆକ୍ରମଣ ଘଟଣାରେ ପୋଲିସର ନୀରବତା ପ୍ରତିବାଦରେ ଚିଲିକା ଓ ବାଣପୁର ବ୍ଲକରେ ରିଲେ ଅନଶନ ୨ଦିନ ହେଲା ଚାଲୁ ରହିଛି। ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ସାମୂହିକ ଛୁଟି ନେଇ ଆନ୍ଦୋଳନ ତ୍ୱରାନ୍ୱିତ ହୋଇଛି। ନଭେମ୍ବର ୫ରେ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟତମାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିଲା। ପରେ ଆକ୍ରମଣ କରାଯାଇଥିଲା।

## କଂଗ୍ରେସର ବିଜୟ ଦିବସ

ଖୋର୍ଦ୍ଧା ଅଫିସ,୧୧।୧୨:

ରାଜସ୍ଥାନ, ଛତିଶଗଡରେ କଂଗ୍ରେସର ବିଜୟ ପରେ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଟାଉନ ହଲଠାରେ ବିଜୟ ଦିବସ ପାଳନ କରାଯାଇଥିଲା। ନେତା ଓ କର୍ମୀମାନେ ବାଣ ଫୁଟାଇ, ମିଠା ଖୁଆଇ ଖୁସି ମନାଇଥିଲେ। ଏଥିରେ ଜିଲା କାର୍ଯ୍ୟକାରୀ ସଭାପତି ସ୍ୱାଗତିକା ପଟ୍ଟନାୟକ, ବ୍ଲକ ସଭାପତି ପଦ୍ମ ଚରଣ ପଟ୍ଟନାୟକ, ପିସିସି ସଭ୍ୟ ଶିଶିର ପରିଡା, ପିସିସି ମୁଖପାତ୍ର ଅମିତ ମହାନ୍ତି, ଯୁବ କଂଗ୍ରେସ ସଭାପତି ପ୍ଲାବନ ପଟ୍ଟନାୟକ ଓ ଶିଳାଦିତ୍ୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।



କଂଗ୍ରେସ କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

## ବିଦ୍ୟାଳୟରେ କନ୍ୟାରତ୍ନ କରଯତ୍ନ କାର୍ଯ୍ୟକ୍ରମ, ମୁଁ ବି ପାରିବି

ବେଗୁନିଆ,୧୧।୧୨ (ଡି.ଏନ.ଏ.)

କନ୍ୟା ରତ୍ନ ପ୍ରତି ମଣିଷ ସମାଜରେ ବିମୁଖ ମନୋଭାବ ଦେଖାଦେଇଛି। ଏହି ମନୋଭାବକୁ ଦୂରୀଭୁତ କରିବାକୁ ଆମେ ତୁମେ ସେମାନେ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆସ ଭାଇ ଆମେ ସମସ୍ତେ ସମାଜ ପାଇଁ କିଛି କରି ଦେଖାଇବା ଆଭିମୁଖ୍ୟ ନେଇ ମହତ ବାର୍ତ୍ତାକୁ ଗାଁ ଗାଁରେ ବାଣ୍ଟିବାକୁ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଢାଯାଇଛି। ଏହି ଅବସରରେ ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସଭା ଗୃହ କକ୍ଷ ପରିସରରେ ଏକ ସଭା କାର୍ଯ୍ୟ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କନ୍ୟା ଜନ୍ମ ଚୁଲି ମୁଣ୍ଡକୁ ବୋଲି ପୂର୍ବ କାଳରେ ଲୋକମାନଙ୍କ ମନରେ ଭ୍ରାନ୍ତ ଧାରଣା ରହି ଆସୁଥିଲା। ମାତ୍ର ଏବେ ଯୁଗ ବଦଳିବା ସାଙ୍ଗକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ବଳରେ ଝିଅମାନେ ଏବେ କିଛି ବି କମ ନୁହନ୍ତି। ମୁଁ ବି ପାରଦର୍ଶିତା ଦେଖାଇ ପାରିବି ବୋଲି ସବୁଠି ଝିଅମାନେ ମତ ବାଢି ଚାଲିଛନ୍ତି। ହେଲେ ସେମାନଙ୍କୁ ଉତ୍ସାହିତ କରିବା ଆମମାନଙ୍କର ନିହାତି ଆବଶ୍ୟକ ବୋଲି ଅତିଥି ସାହୁ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଖୋର୍ଦ୍ଧାର ଅଧ୍ୟକ୍ଷ ରାମଶଙ୍କର, ଶିକ୍ଷାବିତ୍ ନଳିନୀକାନ୍ତ ପଣ୍ଡା, ସାମାଜିକ କର୍ମୀ ଗୋପୀନାଥ ସେଠୀ, ସୁଶାନ୍ତ ଶତପଥୀ, ଚିନ୍ମୟୀ ପାଇକରାୟ ଓ ଶିବ କୁମାର ମୁନି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ଏବେ କନ୍ୟାରତ୍ନ ଜନ୍ମ ଦେଇଥିବା ଦୁଇ ମହିଳା ଟୁକୁନି ବେହେରା ଏବଂ ସସ୍ମିତା ପ୍ରଧାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଗଠନର ଆବାହକ ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।



କନ୍ୟାରତ୍ନ କରଯତ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଭଲିବଲ ଟୁର୍ନାମେଣ୍ଟ :ବଡଝାଡ ପଞ୍ଚାୟତ ଚାମ୍ପିୟନ

କୃଷ୍ଣପ୍ରସାଦ,୧୧।୧୨(ଡି.ଏନ.ଏ.)– କୃଷ୍ଣପ୍ରସାଦ ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ଉଦୟନାଥ ଷ୍ଟାଡିୟମ ଚାରିଛକ ଠାରେ ଚାଲିଥିବା ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ,ଗୋମୁଣ୍ଡିଆ ସରପଞ୍ଚ ସଞ୍ଜୁଲତା ଜେନା,ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର,ସାତପଡା ସରପଞ୍ଚ ତ୍ରିନାଥ ଚନ୍ଦ୍ର ସାମନ୍ତରାୟ,ଗୋମୁଣ୍ଡିଆ ସମିତିସଭ୍ୟ ବିଜୟ କୁମାର ତରେଇ,ତିତିପ ସମିତିସଭ୍ୟ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ସାତପଡା ପଞ୍ଚାୟତ ଭଲିବଲ ଟିମ ବନାମ ବଡଝାଡ ପଞ୍ଚାୟତ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ୩–୧ସେଟ୍‌ରେ ବଡଝାଡ ପଞ୍ଚାୟତ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ମ୍ୟାଚକୁ କ୍ରୀଡାବିତ୍ ସରପଞ୍ଚ ରମେଶ ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ ପରିଚାଳନା କରିଥିଲେ। ବ୍ଲକ ବିଜୁ ଯୁବବାହିନୀର ସଂଯୋଜକ ମନୋଜ କୁମାର ନାୟକ ପ୍ରତିଯୋଗିତାକୁ ପରିଚାଳନା କରୁଥିବା ବେଳେ ତିତିପ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅଶୋକ କୁମାର ବାରିକୀ,ଗୋମୁଣ୍ଡିଆ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି କାଳୁ ଚରଣ ଦାସଙ୍କ ସମେତ ଯୁବବାହିନୀର କର୍ମକର୍ତ୍ତାମାନେ ସହଯୋଗ କରୁଥିଲେ। ଉଭୟ ଦଳକୁ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳ ବୁଧବାର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାଯାଇଛି।

## ପତଞ୍ଜଳି ଯୋଗପୀଠର ବାର୍ଷିକୋତ୍ସବ

ଖୋର୍ଦ୍ଧା ଅଫିସ,୧୧।୧୨:

ଖୋର୍ଦ୍ଧା ସହରର ଗୀତାଭବନ ସମ୍ମୁଖ ପଡିଆରେ ଚାଲୁ ରହିଥିବା ୩ ଦିନିଆ ଯୋଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଖୋର୍ଦ୍ଧାରେ ଏକ ଯୋଗ ଭବନ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତ ସ୍ୱାଭିମାନର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଧୀରେନ ପଣ୍ଡା, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ଦୁଃଶାସନ ସ୍ୱାଇଁ, ଶ୍ରୀଧର ବାରିକ, ଜୟନ୍ତ ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲା ପ୍ରଭାରୀ ସୀତାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। ଇତିଶ୍ରୀ ସାହୁ, ସୁଜାତା ମିଶ୍ର, ପ୍ରମୋଦ ସାହୁ ଏଥିରେ ସହଯୋଗ କରିଥିଲେ।


**ODISHA NURSES & MIDWIVES EXAMINATION BOARD**

(Health & Family Welfare Department, Govt. of Odisha)
Directorate of Nursing, Heads of Deptt. Building,
Bhubaneswar-1, Odisha
Email: odishanursingboard@gmail.com

No. 02 ON&MEB Dated: 10.12.2018

**Tender Call Notice for of Bar coding & decoding of the Nursing Examination answer scripts etc. for ON&MEB preparation of merit list & provisional mark sheet**

**No. 650-E:-** Odisha Nurses & Midwives Examination Board (ON&MEB), Odisha invites sealed tenders are invited from interested reputed travels agencies having GST registration, adequate experience in Bar coding and de-coding of (answer scripts), preparation of merit list & provisional mark sheet for ON&MEB. The detailed specifications and terms & conditions are available in the official websites i.e. www.nursingodisha.nic.in. Interested parties may submit their tender in a sealed cover superscribing "Tender for Coding / de-Coding of answer scripts for ON&MEB 2018-19" to the undersigned through Speed Post / Registered Post only which should reach on or before 02.01.2019 of 5PM positively. The quotation will be opened 04.01.2019 at 2.30PM. The undersigned reserves the right to reject any or all the tender without assigning any reason thereof.

*Sd./- Secretary*
*ON&MEB*

10058/11/0024/1819



GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH**
**E.Mail – rw_sundargarh@yahoo.co.in**

**No.1150-O:- E-PROCUREMENT NOTICE**
**BID IDENTIFICATION NO. ONLINE-EESNG-04 of 2018-19**

1. Name of the Work : Road works
2. Total No. of works : 03 nos Road
3. Estimated cost : Rs. 26.52 Lakhs to Rs. 28.29 Lakhs
4. Class of contractor : 'B'& 'C'
5. Period of completion : Three calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-04 of 2018-19 | 13.12.2018 10.00 A.M | 26.12.2018 05.00 P.M. |

Further details can be seen from the website www.tendersorissa.gov.in

**Sd./- Executive Engineer,**
**Rural Works Division, Sundargarh**

25046/11/0005/1819



**GOVERNMENT OF ODISHA, "e"-PROCUREMENT NOTICE**
**Bid Identification No. E.E. GTN(R&B)-07/2018-19**
No.999-B:- **E-mail address: eeghatagaon2015@gmail.com**
**Letter No. 3237** **Dt. 06.12.2018**

| | | | |
|---|---|---|---|
| 1. | Name of the work | : | Bridge Work |
| 2. | Numbers of work | : | 01 (One) |
| 3. | Estimated cost | : | Rs 35.89 Lakhs |
| 4. | Period of completion | : | 1(One) Month |
| 5. | Date & Time of availability of bid document in the portal | : | From 11.45 A.M of dt 13.12.2018 to 04.00 P.M of dt 20.12.2018 |
| 6. | Last Date/ Time for receipt of bids in the portal | : | 04.00 P.M of dt 20.12.2018 |
| 7. | Date of opening of Bid | : | 11.30 A.M of dt 21.12.2018 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./- Executive Engineer,**
**Ghatagaon(R&B)Division**

34140/11/0010/1819



GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION NAWRANGPUR**
**2nd corrigendum to Bid Identification No: EERWNGP – Online -02/2018-19**

**No.1147-O:-** In partial modification to this office Tender call notice no 02/2018-19 the following changes are made.
1. The cancellation is made in respect of the Sl. No.1 to 41, i.e., 41 (Forty one) Nos. of work due to Technically defect.

**Executive Engineer,**
**Rural Works Division, Nabarangpur**

25092/11/0007/1819



DADLS-216

**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା**

ତା. ୧୪.୧୨.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ମଧ୍ୟାହ୍ନ ୧୨ ଘଟିକା**

୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୪.୧୨.୨୦୧୮ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**

15001/13/0488/1819



No.937-A

**Government of Odisha**
**Department of Water Resources**
**NOTICE**
**Simplified Procedure on Water Allocation and Payment for use of water by industrial, commercial & other establishments.**

It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.
Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.
Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.

**Chief Engineer, Water Services**
**Department of Water Resources**

**ଓଡ଼ିଶା ସରକାର**
**ଜଳ ସମ୍ପଦ ବିଭାଗ**

**ବିଜ୍ଞପ୍ତି**

**ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା**

ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି। ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha – Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ। ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର–୧ ସହିତ ଯୋଗାଯୋଗ କରିପାରିବେ।

**ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ**

32031/11/0006/1819



GOVERNMENT OF ODISHA
OFFICE OF THE HEALTH & F.W. DEPARTMENT
**VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
ODISHA-768017 (Tele Fax No. 0663-2430435
Email: superintendent.vssmch@gmail.com
No. .................. / VIMSAR, Dated: .......................

**TENDER CALL NOTICE**

**No. 648-E:-** Sealed tenders in two bids are invited by the undersigned from the Registered Firms / Authorised Dealers having GST holders for supply of Consumables & others to this institution for use in the Bio Medical Waste Management Plant during the year 2019-20 so as to reach of office of the Superintendent, VSS Institute of Medical Sciences & Research Burla on or before dt.09.01.2019 upto 5.00PM through Regd. Post / Speed Post only and this will be opened on dt.10.01.2019 at 3.30PM.

The detailed list of items along with terms and condition of this tender call notice can be obtained from the office of the Superintendent, VSS Institute of Medical Sciences & Research, Burla and can be downloaded from the website www.sambalpur.nic.in from its date of publication.

*Sd./- Dean & Principal*
*VSS Inst. of Med. Sc & Research, Burla*

10012/11/0053/1819



ଭାଜପା ଦେଇଥିବା ପ୍ରତିଶ୍ରୁତି ଅନୁସାରେ 'ଅଚ୍ଛେ ଦିନ୍' ଆସିଲାନାହିଁ। ତେଣୁ ଲୋକେ ଏହି ଦଳକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏକ ସ୍ପଷ୍ଟ ସନ୍ଦେଶ।

-ଅଶୋକ ଗେହଲଟ୍, ବରିଷ୍ଠ କଂଗ୍ରେସ ନେତା

# ମୁକାବିଲା ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ,୧୧।୧୨(ପି.ଟି.)



ପାର୍ଲାମେଣ୍ଟ ସମ୍ମୁଖରେ ଗଣମାଧ୍ୟମଙ୍କୁ ସମ୍ବୋଧିତ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମ (୫ ରାଜ୍ୟ)ର ନିର୍ବାଚନ ଫଳାଫଳ ଘୋଷଣା ସହ ସଂସଦୀୟ ଶୀତ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦିବଂଗତ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ ଏବଂ କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ଦିନକ ପାଇଁ ଉଭୟ ଗୃହ ମୁଲତବୀ ଘୋଷଣା କରାଯାଇଥିଲା। ଜାନୁୟାରୀ ୮ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ଏହି ସମୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଆଲୋଚନା ହେବ। ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗ ଏମ୍‌ପିମାନେ ଗୃହରେ ଉପସ୍ଥାପନ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି। ଉକ୍ତ ଅଧିବେଶନରେ ଆର୍‌ବିଆଇ ଗଭର୍ନର ଉର୍ଜିତ୍ ପଟେଲଙ୍କ ଇସ୍ତଫା, ରାଫେଲ ଡିଲ୍ ଏବଂ ସିବିଆଇରେ ଅନ୍ତର୍ଦ୍ୱନ୍ଦ୍ୱ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବେ। ଅନ୍ୟପଟେ ଭାଜପା ସରକାର ୩,୬୦୦ କୋଟି ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା

## ଶୀତ ଅଧିବେଶନ ଆରମ୍ଭ

ଦୁର୍ନୀତିରେ ଅଭିଯୁକ୍ତ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲ ଏବଂ ପଳାତକ ଅର୍ଥନୈତିକ ଅପରାଧୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ପ୍ରସଙ୍ଗକୁ ଅସ୍ତ୍ର କରିବେ। ସେହିପରି ରାଜ୍ୟସଭାରେ ପଡ଼ି ରହିଥିବା ଟ୍ରିପଲ୍ ତଲାକ୍ ବିଧେୟକକୁ ପାରିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଯଥାସାଧ୍ୟ ଉଦ୍ୟମ କରାଯିବ। ଏହି ଶେଷ ଅଧିବେଶନରେ ୪୫ଟି ବିଧେୟକ ଆଗତ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି।

## ୪ ପୋଲିସ ଶହୀଦ

ଶ୍ରୀନଗର,୧୧।୧୨(ପି.ଟି.)

ଦକ୍ଷିଣ କଶ୍ମୀରର ସୋପିଆନ ଜିଲାସ୍ଥିତ ପୋଲିସ ଗାର୍ଡ ପୋଷ୍ଟକୁ ଟାର୍ଗେଟ୍ କରି ମଙ୍ଗଳବାର ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୪ ପୋଲିସ କର୍ମୀ ଆନିସ୍ ଅହମ୍ମଦ, ହମିଦୁଲ୍ଲା, ମେହରାଜଉଦ୍ଦିନ, ଅବଦୁଲ ମଜିଦ୍ ଶହୀଦ ହୋଇଛନ୍ତି। ଜୈସ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ସଦସ୍ୟମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି। ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନାନୁଯାୟୀ, ପୋଲିସ କର୍ମୀମାନେ ଗାର୍ଡ ପୋଷ୍ଟ ବାହାରେ ଥିବା ଏକ ରୁମ୍‌ରେ ବସି ରହିଥିବାବେଳେ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ୩ ପୋଲିସ ମୃତ୍ୟୁବରଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ଅନ୍ୟଜଣଙ୍କୁ ଆର୍ମି ହସ୍ପିଟାଲ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିବା ପରେ ଆତଙ୍କବାଦୀମାନେ ଘଟଣାସ୍ଥଳରୁ ଅଟୋମେଟିକ ରାଇଫଲ ନେଇ ଫେରାର୍ ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ଜମ୍ମୁ କଶ୍ମୀର ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି।

## ଟ୍ରମ୍ପଙ୍କୁ ମହାଭିଯୋଗ ଚିନ୍ତା

ୱାଶିଂଟନ,୧୧।୧୨(ପି.ଟି.)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଏକାଧିକ ଅଭିଯୋଗ ରହିଛି। ତେବେ ୨୦୧୬ ନିର୍ବାଚନ ପ୍ରଚାର ସମୟରେ ଆଇନ ବିରୁଦ୍ଧ ଅର୍ଥ କାରବାର ଭଳି ମହାଭିଯୋଗ ଟ୍ରମ୍ପଙ୍କ ନିଦ ହଜାଇ ଦେଇଛି। ନ୍ୟୁୟର୍କର ଦକ୍ଷିଣାଞ୍ଚଳ ଜିଲାର ଓକିଲମାନେ ଏ ନେଇ ଟ୍ରମ୍ପଙ୍କୁ କାଠଗଡ଼ାରେ ଛିଡ଼ା କରିବାକୁ ଆଇନଗତ ପ୍ରକ୍ରିୟାକୁ ଜୋର୍‌ଦାର କରିଛନ୍ତି। ତାଙ୍କର ହ୍ୱାଇଟ୍ ହାଉସ୍‌ରେ କାର୍ଯ୍ୟକାଳ ଶେଷପରେ ସେ ଯେ ଜେଲ୍ ଯାଇପାରନ୍ତି ବିରୋଧୀ ଡେମୋକ୍ରାଟ୍ସମାନେ ଜଣାଇଛନ୍ତି। ଅନ୍ୟପଟେ, ବିଶିଷ୍ଟ ଆଇନ ପରାମର୍ଶଦାତା ରବର୍ଟ ମୁଲେର ଟ୍ରମ୍ପଙ୍କ 'ନିର୍ବାଚନ ବିଜୟ'ର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଚାରରେ ବେହିସାବ ଟଙ୍କା ଖର୍ଚ୍ଚ ହୋଇଥିବା କେଳାଙ୍କାରୀ ସାର୍ବଜନୀନ କରିବାକୁ ସେ ଖୋଳତାଡ଼ ଚଳାଇଛନ୍ତି। ଏଥିରେ ଟ୍ରମ୍ପ ଭୟଭୀତ ହୋଇପଡ଼ିଛନ୍ତି। ଡେମୋକ୍ରାଟ୍ସ କ୍ଷମତାକୁ ଆସିଲେ ଏହି ମହାଭିଯୋଗ ଅଣାଯାଇ ତାଙ୍କୁ ଯେ ଜେଲ୍ ଦଣ୍ଡ ହୋଇପାରେ ଟ୍ରମ୍ପ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ, ଟ୍ରମ୍ପଙ୍କ ପୂର୍ବତନ ଆଟୋର୍ନି (ଆଇନ ପରାମର୍ଶଦାତା) ମାଇକେଲ କୋହେନ ୨୦୧୬ ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବା ପାଇଁ ବିଭିନ୍ନ ଉପାୟରେ ଅର୍ଥର ଦୁରୁପଯୋଗ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକା ଫେଡେରାଲ୍ ଆଇନ ଅନୁସାରେ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ କରାଯାଉଥିବା ଖର୍ଚ୍ଚ ଓ ଅର୍ଥ ସଂକ୍ରାନ୍ତ ତଥ୍ୟ ସରକାରୀ ରେକର୍ଡଭୁକ୍ତ ହେବା କଥା। ମାତ୍ର ଟ୍ରମ୍ପଙ୍କ କ୍ଷେତ୍ରରେ ଏହା ବ୍ୟତିକ୍ରମ ଘଟିଛି ବୋଲି ଆଲୋଚନା ହେଉଛି।

## ଫୁର୍‌ସତ

# ଖାସୋଗି ଟାଇମ୍ସ ପର୍ସନ ଅଫ୍ ଦି ଇୟର

ନ୍ୟୁୟର୍କ



'ୱାଶିଂଟନ ପୋଷ୍ଟ'ର ସୌଦି ଆରବ ପ୍ରତିନିଧି ଜମାଲ ଖାସୋଗିଙ୍କ ସମେତ ଫିଲିପାଇନ୍ସର ମାରିଆ ରେସା, ରିୟୁଟର୍ସର ୨ ଯୁବ ଖବରଦାତା ୱା ଲୋନ, କ୍ୟାଓ୍ୱ ସୋଏ ଓଙ୍କୁ ନିର୍ଭୀକ ସାମ୍ବାଦିକତା ପାଇଁ ଟାଇମ୍ସ ମାଗାଜିନ୍‌ର ପର୍ସନ ଅଫ୍ ଦି ଇୟର ନାମିତ କରାଯାଇଛି। ଜୀବନକୁ ବାଜି ଲଗାଇ ସତ୍ୟକୁ ଲୋକଲୋଚନକୁ ଆଣିବା ଦିଗରେ ଏମାନଙ୍କ ଭୂମିକା ଉଲ୍ଲେଖନୀୟ ବୋଲି ଟାଇମ୍ସ ମାଗାଜିନ ପକ୍ଷରୁ କୁହାଯାଇଛି। ଇସ୍ତାନବୁଲସ୍ଥିତ ଗଲ୍ଫ କିଙ୍ଗଡମ୍ ଦୂତାବାସଠାରେ ଅକ୍ଟୋବର ୨ରେ ଖାସୋଗିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ସେହିପରି କ୍ୟାଓ୍ୱ ସୋଏ ଓ ଏବେ ମ୍ୟାନ୍‌ମାରରେ ବନ୍ଦୀ ଜୀବନ ବିତାଉଛନ୍ତି। ମଙ୍ଗଳବାର ଖାସୋଗି, ମାରିଆ ରେସା, ୱା ଲୋନ ଏବଂ କ୍ୟା ସୋ ଓଙ୍କୁ ଏହି ଲୋକପ୍ରିୟ ଆନ୍ତର୍ଜାତିକ ପତ୍ରିକା ଶ୍ରେଷ୍ଠ ବ୍ୟକ୍ତିତ୍ୱଭାବେ ସମ୍ମାନିତ କରିଛି।

# କ୍ଷୁଦ୍ର ଗ୍ରହରେ ଜଳ



**ୱାଶିଂଟନ୍:** ନାସା ଦ୍ୱାରା ପ୍ରେରିତ ମହାକାଶଯାନ କ୍ଷୁଦ୍ର ଗ୍ରହ ବେନୁରେ ଜଳର ସନ୍ଧାନ ପାଇପାରିଛି। ସୌରମଣ୍ଡଳଗଠନବେଳେବେନୁଭଳିଅନେକକ୍ଷୁଦ୍ର ଗ୍ରହ ସୃଷ୍ଟି ହୋଇଥିଲେ। ୨୦୧୬ ସେପ୍ଟେମ୍ବରରେ ଲଞ୍ଚ୍ କରାଯାଇଥିବା ଦି ଅରିଜିନ୍ସ, ସ୍ପେକ୍ଟ୍ରାଲ ଇଣ୍ଟରପ୍ରିଟେଶନ୍, ରିସୋର୍ସ ଆଇଡେଣ୍ଟିଫିକେଶନ୍, ସିକ୍ୟୁରିଟି-ରିଗୋଲିଥ୍ ଏକ୍ସପ୍ଲୋରର (ଓସିରିସ୍-ରେକ୍ସ) ମିଶନ୍ ଗ୍ରହ ସୃଷ୍ଟି ସମ୍ବନ୍ଧରେ ବୈଜ୍ଞାନିକଙ୍କୁ ଧାରଣା ଦେବା ସହିତ ପୃଥିବୀରେ ଜୀବନ କିପରି ଆରମ୍ଭ ହେଲା ସେ ସମ୍ପର୍କରେ ମଧ୍ୟ ସୂଚନା ଦେଇପାରିବ। ମହାକାଶଯାନର ଦୁଇଟି ସ୍ପେକ୍ଟ୍ରୋମିଟର ମଲିକ୍ୟୁଲ୍‌ର ଉପସ୍ଥିତି ସମ୍ବନ୍ଧରେ ସୂଚନା ଦେଇଛି। ଉକ୍ତ ମଲିକ୍ୟୁଲ୍‌ରେ ଅମ୍ଳଜାନ ଓ ଉଦ୍‌ଜାନର ପରମାଣୁ ବାନ୍ଧିହୋଇ ରହିଛି। ଏହାର ନାମ 'ହାଇଡ୍ରୋକ୍ସିଲ୍'। ହାଇଡ୍ରୋକ୍ସିଲ୍ ଗ୍ରୁପ୍ ଉକ୍ତ ଗ୍ରହରେ ବ୍ୟାପୀ ରହିଛି। ତେଣୁ ବେନୁର ଅଧିକାଂଶ ସ୍ଥାନରେ ଥିବା ପଥୁରିଆ ପଦାର୍ଥ ସହ ଜଳ ମିଶିକିରି ରହିଥିବା ଅନୁମାନ କରାଯାଉଛି।

## ଇତିହାସର ଆଇନାରେ

### ଡିସେମ୍ବର ୧୨ର ପ୍ରମୁଖ ଘଟଣା

୨୦୧୨ଡିସେମ୍ବର ୧୨ରେ ଉତ୍ତର କୋରିଆ ଏହାର ପ୍ରଥମ ସାଟେଲାଇଟ୍ ସଫଳତାର ସହିତ ଲଞ୍ଚ୍ କରିଥିଲା। ଏହାର ସରକାରୀ ନାମ ହେଉଛି ଡେମୋକ୍ରାଟିକ୍ ପିପୁଲ୍ସ ରିପବ୍ଲିକ୍ ଅଫ୍ କୋରିଆ। ଏହା ପୂର୍ବ ଏସିଆର ଏକ ଦେଶ। କୋରିଆ ଉପଦ୍ୱୀପର ଉତ୍ତରଭାଗରେ ଏହା ଅବସ୍ଥିତ। ପ୍ୟୋଙ୍ଗୟଙ୍ଗ ଏହାର ରାଜଧାନୀ ଏବଂ ବୃହତ୍ ନଗରୀ। ଉତ୍ତର ଓ ଉତ୍ତରପଶ୍ଚିମ ଭାଗରେ ଚାଇନା ଓ ରୁଷିଆ ଅବସ୍ଥିତ। ଏହାର ଦକ୍ଷିଣରେ ଦକ୍ଷିଣ କୋରିଆ। ୧୯୯୧ରେ ଉଭୟ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ଜାତିସଂଘର ସଦସ୍ୟ ହୋଇଥିଲେ।

୨୦୧୫ ଡିସେମ୍ବର୧୨ରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ୟାରିସ ବୁଝାମଣା ଗୃହୀତ ହୋଇଥିଲା। ୟୁନାଇଟେଡ ନେଶନ୍ସ ଫ୍ରେମୱର୍କ କନଭେନଶନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ(ୟୁଏନ୍‌ଏଫ୍‌ସିସିସି) ହେଉଛି ଏକ ଅନ୍ତର୍ଜାତୀୟ ପରିବେଶ ଚୁକ୍ତି। ୧୯୯୨ ଜୁନ୍ ୩ରୁ ଜୁନ୍ ୧୪ ମଧ୍ୟରେ ରିଓ ଡି ଜେନେରୋଠାରେ ହେଉଥିବା ପୃଥିବୀ ସମ୍ମିଳନୀରେ ସ୍ୱାକ୍ଷର ପାଇଁ ଏହାକୁ ଉନ୍ମୁକ୍ତ ରଖାଯାଇଥିଲା।

# 'ଜନମତ ଜାଗ୍ରତ ପାଇଁ ପୀଡ଼ିତାଙ୍କ ପରିଚୟ ଆବଶ୍ୟକ ନାହିଁ'

ନୂଆଦିଲ୍ଲୀ,୧୧।୧୨(ପି.ଟି):



ବଳାତ୍କାର ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହି ଘଟଣାରେ ଜନମତ ଜାଗ୍ରତ ପାଇଁ ପୀଡିତାଙ୍କ ପରିଚୟ ପଦାରେ ପକାଇବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯୌନ ଅପରାଧ ନିରାକରଣ ପାଇଁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯୌନ ପୀଡିତାଙ୍କ ନାମ ଓ ମୁହଁ ରାଲି ସମୟରେ ପ୍ରଦର୍ଶନ କରାଯିବା ଯୁକ୍ତିକୁ ସୁପ୍ରିମକୋର୍ଟ ଖଣ୍ଡନ କରିଛନ୍ତି। ଏଭଳି ଘଟଣାରେ ପୀଡିତା ଜଣକ ବିରୋଧ ପ୍ରଦର୍ଶନର ସଂକେତ ବା ଏକ ବ୍ୟକ୍ତିବିଗ୍ରହ ହେବା ଆବଶ୍ୟକ ବୋଲି ଅଦାଲତ ସମ୍ମୁଖରେ କରାଯାଇଥିବା ଯୁକ୍ତିକୁ ବିଚାରପତି ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଲୋକଙ୍କ ଭାବାବେଗ ବୃଦ୍ଧି ପାଇଁ ଯୌନ ପୀଡିତାଙ୍କର ପରିଚୟ ପ୍ରକାଶ କରିବା ଆଦୌ ଆବଶ୍ୟକତା ନାହିଁ। ଏଭଳି ଏକ ଗୁରୁତର ପ୍ରସଙ୍ଗ ଗହିର୍ତ୍ତ ଅପରାଧ ସହ ଜଡିତ ଥିବା ଦୃଷ୍ଟିରୁ ଏହା ସମ୍ବେଦନଶୀଳ ପ୍ରସଙ୍ଗ।

ଦିଲ୍ଲୀରେ ୨୦୧୨ ଡିସେମ୍ବର ୧୬ରେ ବହୁ ଚର୍ଚ୍ଚିତ ଗଣବଳାତ୍କାର ଓ ହତ୍ୟା ଘଟଣାର ଦୃଷ୍ଟାନ୍ତ ଦେଇ ଖଣ୍ଡପୀଠ କହିଲେ, 'ନିର୍ଭୟା'ର ପ୍ରକୃତ ପରିଚୟ ପ୍ରକାଶ କରା ନ ଯାଇ ମଧ୍ୟ ଦେଶରେ ଏହାକୁ ନେଇ ତୀବ୍ର ତୁମ୍ବି ତୋଫାନ ସୃଷ୍ଟି ହୋଇଥିଲା। ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ ପାଇଁ ଏହା ଏତେ ବଳିଷ୍ଠ ପ୍ରସଙ୍ଗ ଥିଲା ଯେ, ପୀଡିତାର ପ୍ରକୃତ ପରିଚୟ ପଛରେ ପଡ଼ିଯାଇଥିଲା। ତେଣୁ ପୀଡିତାଙ୍କ ଅଧିକାର ସୁରକ୍ଷା ପାଇଁ କୌଣସି ପ୍ରକାର ବିକ୍ଷୋଭ ପ୍ରଦର୍ଶନ କରାଗଲେ ଏବଂ ଜନମତ ଜାଗ୍ରତ ପାଇଁ ଉଦ୍ୟମ ହେଲେ ପୀଡିତାର ପରିଚୟ ବିନା ଏହା କରାଯାଇ ପାରିବ।

# ୩ ରାଜ୍ୟରେ କଂଗ୍ରେସ ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ,୧୧।୧୨(ପି.ଟି.)

ଛତିଶଗଡ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ବିଧାୟକ ଦଳ ନେତା ନିର୍ବାଚନକୁ ତଦାରଖ କରିବା ଲାଗି ମଙ୍ଗଳବାର କଂଗ୍ରେସ ତିନି ରାଜ୍ୟକୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ପଠାଇଛି। ଲୋକସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଛତିଶଗଡର ପର୍ଯ୍ୟବେକ୍ଷକ ଭାବେ ପଠାଯାଇଥିବାବେଳେ କେ.ସି. ବେଣୁଗୋପାଳଙ୍କୁ ରାଜସ୍ଥାନ ଏବଂ ଏ.କେ. ଆଣ୍ଟୋନିଙ୍କୁ ମଧ୍ୟପ୍ରଦେଶ ପର୍ଯ୍ୟବେକ୍ଷକ କରାଯାଇଛି। ଉପରୋକ୍ତ ୩ ରାଜ୍ୟରେ ବୁଧବାର ନବନିର୍ବାଚିତ କଂଗ୍ରେସ ବିଧାୟକ ଦଳ ବୈଠକ ବସି ନେତା ନିର୍ବାଚନ କରାଯିବ। ପର୍ଯ୍ୟବେକ୍ଷକମାନେ ନୂଆ ବିଧାୟକମାନଙ୍କ ମତାମତ ସଂଗ୍ରହ କରିବେ। ମୁଖ୍ୟମନ୍ତ୍ରୀ ଚୟନରେ କୌଣସି ସମସ୍ୟା ରହିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୨.୭ |
| ଚାନ୍ଦବାଲି | ୨୭.୦ | ୧୫.୨ |
| କଟକ | ୨୮.୦ | ୧୩.୮ |
| ପାରାଦ୍ୱୀପ | ୨୮.୬ | ୧୬.୬ |
| ଭୁବନେଶ୍ୱର | ୩୦.୦ | ୧୪.୭ |
| ଗୋପାଳପୁର | ୩୦.୬ | ୧୮.୦ |
| ପୁରୀ | ୨୮.୬ | ୧୭.୮ |
| ଅନୁଗୋଳ | ୨୭.୭ | ୧୧.୬ |
| ବାରିପଦା | ୨୫.୪ | ୧୩.୦ |
| ଝାରସୁଗୁଡ଼ା | ୨୩.୬ | ୧୫.୬ |
| କେନ୍ଦୁଝର | ୨୨.୮ | ୧୨.୭ |
| ସମ୍ବଲପୁର | ୨୬.୦ | ୧୫.୪ |
| ସୁନ୍ଦରଗଡ଼ | ୨୬.୦ | ୧୦.୦ |
| ହୀରାକୁଦ | ୨୫.୬ | ୧୬.୯ |
| ତାଲଚେର | --- | ୧୩.୮ |
| ଭବାନୀପାଟଣା | --- | ୧୭.୦ |
| ବଲାଙ୍ଗୀର | ୨୯.୦ | ୧୬.୪ |
| କୋରାପୁଟ | ୨୬.୬ | ୧୫.୦ |
| ଫୁଲବାଣୀ | ୨୬.୦ | ୧୧.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୮.୫ | ୨୦.୫ |
| ସୋନପୁର | ୨୮.୨ | ୧୬.୮ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

ବେତନ ୧୪୦୦୦ - ୧୬୦୦୦+ ମାଗଣା ଖାଇବା ଓ ରୁମ୍ (୧) ମହିଳା-ପୁରୁଷ ଘରୋଇ ରୋଷେୟା / ବୟସ ୩୪-୪୫ / ସ୍ଥାୟୀ ଚାକିରି (୨) ଫିଜିଓଥେରାପିଷ୍ଟ /
9884321210

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

REQUIRED A reputed Business House in Bhubaneswar requires the following experienced and dynamic personnel:
1. SALES MANAGER - Graduation with 3-5 year experience in Lubricants/Automobile/FMCG
2. COUNTER SALESMAN - 2-3 year experience in selling two wheeler spare-parts
3. ACCOUNTS CUM BILLING - Commerce with 2-3 year experience in Tally
Interested candidates may send recent photo with resume to
Email: hr.rctpl@gmail.com, Mob.: 7077799953

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

JOBS IN AIRPORT (ONLY MALE)
Post : GROUND STAFF
Qual. : 9th Pass, 10th & +2
Age : 18 To 28 Years
Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708315, 7077708312

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Asst., Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

URGENT REQUIRED
Wanted Dynamic experienced Marketing Executive for a renowned Spice Manufacturing Company in BBSR. Eligibility: Minimum Graduation/ MBA with minimum 3yrs of experience as Marketing Executive having own bike. Salary: 8000/-.
Contact:
9938102944, 9439689964

A reputed educational institution require a suitable qualified/ semi- qualified CA/ CS/CMA for faculty.
For details visit
www.sandeepana.co.in

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ଆବଶ୍ୟକ
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ ପାଇଁ ଇଣ୍ଡିଆନ, ଚାଇନିଜ୍, ମେକ୍ସିକାନ କୁକ୍ ଆବଶ୍ୟକ।
ଯୋଗାଯୋଗ:
୮୩୨୮୮୩୭୭୪୭

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

EXIDE LIFE INSURANCE IS HIRING !
We invite you to be part of a winning performance culture
ROLE : BRANCH MANAGER & AGENCY DEVELOPMENT MANAGER
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on
8908022111, 9748686600
Email : jayati.basu@exidelife.in
Exide Life Insurance Company Limited (Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

Require Office Boy and Delivery Boy
DTDC Courier, Maitri vihar, Near New LIC Colony. Bhubaneswar.
Contact No.
9861289626, 9937887626

Urgently Required
RECEPTIONIST (1 No)
Qual. 10th / +2, Salary : 1000/- PM
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
ଖାଇବା ଓ ରହିବା ସୁବିଧା ଅଛି। ଦରମା - 8,000/-
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

See CAREER APPOINTMENT on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

## MOCK TEST PAPER # 1

### CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

1. What was political condition of Germany, Italy and Switzerland in the 18th century ?

**OR**

Why the phase of struggle with the US is considered brutal ? State one reason.

2. What is a coalition government ?
3. What is a Homogeneous Society ?
4. What is most distinctive about democracy ?
5. What is the challenge of deepening of democracy ? Give examples.
6. The farmers are compelled to sell their grains to the local traders soon after harvest. How this can be avoided ?
7. What is a cheque ?
8. How could non-cooperation become a movement. Explain with examples.
9. What is meant by the Bretton Woods Agreement ?

**OR**

Women workers in Britain attacked the Spinning Jenny. "Explain why" ?

**OR**

What steps were taken to clean London in the early and mid 20th century ? Write four points.

10. The woodprint only came of Europe after 1295. Explain the reasons.

**OR**

What is a novel ? What were the reasons for the popularity of novels ?

11. Which factors led to reading mania in the seventeenth and eighteenth centuries in Europe ?

**OR**

In the novel 'Pariksha-Guru' the characters attempt to connected two different worlds through their actions. Justify the statement.

12. What is conservation ? Why is conservation of resources necessary ? What are the views of Gandhiji about resource conservation ?
13. Explain modern adaptations of traditional rainwater harvesting methods being followed in the country.
14. Do you agree that solar energy has a bright future in India ? Explain.
15. Explain any three types of pollution created by industries.
16. Give a brief description of linguistic diversity in India. How the language policy of the government has strengthened the spirit of federalism ?
17. What is communal politics ? Highlight different situations when the problem of communalism becomes acute.
18. Find out present sources of energy used by people in India. What could be the possibilities fifty years from now ?
19. How was the history of nationalism in Britain unlike the rest of Europe ?

**OR**

Rats were most common in the modern newly built areas of Hanoi. Explain why ?

20. Explain the merits of the road transport.
21. How do social divisions affect politics ? Give two examples.
22. Suggest some reforms to strengthen parties so that they perform their functions well.
23. Explain, how public sector contributes to the economic development of a nation.
24. Globalisation will continue in the future. Can you imagine what the world would be like twenty years from now ? Give reasons for your answes.
25. Explain the redressal procedure if the consumer is denied justice.
26. Two features A and B are marked on the political outline map of India. Identify these places with the help of following information and write their correct names on the lines marked in the map.

A. Calling off the Non-Cooperation Movement.

B. Congress session.




27. On the political outline map of India locate and label the following.

i. Bhakra Nangal

ii. Major areas of rice production.

iii. A software technology park.




For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ଡାଲୁଅ ଧାନଚାଷ

ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଂଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ ।

-ବିହନରୁ କଣା ଓ ଅଗାଡ଼ି ବାହାର କରିବା ଲାଗି ଲୁଣପାଣି ଉପଚାର କରନ୍ତୁ ।

ବିହନ କିସମ : ସହଳ କିସମ - ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା ।

ମଧ୍ୟମ କିସମ - ଲଲାଟ, ସୁରେନ୍ଦ୍ର, କୋଣାର୍କ, ତପସ୍ୱିନୀ, ଗୀତାଞ୍ଜଳି, ଗଜପତି, ତେଜସ୍ୱିନୀ, ମନସ୍ୱିନୀ,



ହିରଣ୍ମୟୀ, ନବୀନ ।

-ଏ ମାସ ଶେଷଶୁଦ୍ଧା ଡାଲୁଅଧାନ ଲାଗି ତଳି ପକାଇବା କାମ ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ଲାଗି ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

## ସୂର୍ଯ୍ୟମୁଖୀର ରୋଗପୋକ ଦମନ

ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ଲାଗି ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ ।

-ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ ।



ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ। ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ଲାଗି ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ଲାଗି ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ଲାଗି ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

# କଳା ଚାଉଳ

ଏକାଦଶୀ ନନ୍ଦୀ

କଳାଚାଉଳ ଔଷଧୀୟ ଗୁଣରେ ଭରପୂର। ଏଥିରେ ଭିଟାମିନ୍ 'ବି' ଓ 'ଇ', ନିଆସିନ୍, କ୍ୟାଲସିୟମ, ମାଗ୍ନେସିୟମ, ଲୌହ, ଜିଙ୍କ ଆଦି ପ୍ରଚୁର ମାତ୍ରାରେ ଅଛି। ଶରୀରରେ ଏହା ଆଣ୍ଟି ଅକ୍ସିଡାଣ୍ଟର କାର୍ଯ୍ୟ କରିଥାଏ। କର୍କଟ ତଥା ଡାଇବେଟିସ୍ ରୋଗୀଙ୍କ ପାଇଁ କଳା ଚାଉଳର ଭାତ ଖୁବ୍ ଉପଯୋଗୀ। ଏହା ରକ୍ତ ବିଶୋଧକର କାର୍ଯ୍ୟ କରିବା ସହ ଚକ୍ଷୁ ଓ ତ୍ୱଚାର ଯତ୍ନ ନେଇଥାଏ। ଏହା ଶରୀରରୁ ଦୂଷିତ ପଦାର୍ଥ (ଟକ୍‌ସିନ୍)କୁ ନଷ୍ଟ କରିଥାଏ ଏବଂ ଲିଭର୍ ତଥା କିଡ୍‌ନୀକୁ ସୁସ୍ଥ ରଖିଥାଏ। ଏହା ମଧ୍ୟ ଶରୀରୁ ମେଦ ଅଂଶ କମାଇବାରେ ସହାୟକ ହେବା ସହ ହଜମଶକ୍ତି ବଢ଼ାଇଥାଏ। ଏଥିରୁ ଆମେ ଜାଣି ପାରିବା କଳାଧାନ ଚାଷ କରିବା କେତେ ଆବଶ୍ୟକ।

ଦେଶୀ କିସମର ଧାନ ବିହନ ସଂଗ୍ରହ ଓ ସଂରକ୍ଷଣ ସହିତ ମଣିପୁର ରାଜ୍ୟରୁ ଏକ କଳାଧାନ ବିହନ ଆଣି ଚାଷ ମଧ୍ୟ କରୁଛନ୍ତି। ଏହି କିସମଟି ଆମ ରାଜ୍ୟର ସୁନ୍ଦରଗଡ଼ ଜିଲାରେ ଚାଷ ହେଉଥିବା କଳା ମଲ୍ଲୀଫୁଲ ଭଳି ବାସନାଯୁକ୍ତ। କଳାବତୀ ପଛକୁ ଏହି କିସମଟିର ଲୋକପ୍ରିୟତା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

ଉପରୋକ୍ତ ଉଭୟ କିସମ ୧୫୦ ଦିନରେ ଅମଳ ହୁଏ ଏବଂ ମଧ୍ୟମ ଜମିରେ ଭଲ ଅମଳ ଦେଇଥାଏ। ଗଛର ଉଚ୍ଚତା ୫ ରୁ ୬.୫ଫୁଟ ହେବା ସହ ଏକର ପ୍ରତି ହାରାହାରି ଅମଳ ହୋଇଥାଏ ୧୨ କୁଇଣ୍ଟାଲ। ନେତ୍ରାନନ୍ଦ ଚାଷ କରୁଥିବା କିସମଟି କିଛିଟା ବାସନାଯୁକ୍ତ ହୋଇଥିବାରୁ ଏହାର ବିଶେଷ ଆଦର। ଗଛର ପତ୍ରଗୁଡ଼ିକ ସବୁଜ ଓ ଈଷତ୍ ବାଇଗଣି ରଂଗର ମିଶ୍ରିତ ରଙ୍ଗ ଭଳି। ଗଛ ଓ ପତ୍ରଭଳି ଉଭୟ ଚୋପା ଓ ଚାଉଳର ରଙ୍ଗ ମଧ୍ୟ କଳା। ଦୀର୍ଘକାଳୀନ କିସମର ହୋଇଥିବାରୁ ଗଛଟି ୨ ରୁ ୩ ମାସର ହେବା ବେଳକୁ (ଗଛର ଉଚ୍ଚତା ୨ ରୁ ୩ ଫୁଟ ହୋଇଥାଏ) ଗଛର ପତ୍ରଗୁଡ଼ିକୁ କାଟି ଦେଲେ (୨ ଫୁଟ ଉଚ୍ଚତାରୁ) ଅଧିକ ସଂଖ୍ୟାରେ ଉତ୍ପାଦନକ୍ଷମ ସବୁ ବଢ଼ିଥାଏ। ଫଳରେ ଏକର ପ୍ରତି ମୋଟ୍ ଅମଳ ତଥା ଉତ୍ପାଦନ କ୍ଷମତା ବଢ଼ିଥାଏ। ପୁଣି କଟାଯାଇଥିବା ପତ୍ରସବୁ କ୍ଷୀର ଦେଉଥିବା ଗାଈ ଓ ମଇଁଷିଙ୍କୁ ଖାଇବାକୁ ଦେଲେ ସେମାନେ ଅଧିକ ପରିମାଣର ପୁଷ୍ଟିକର କ୍ଷୀର ଦେଇଥାନ୍ତି।



ବିଶେଷଜ୍ଞଙ୍କ ମତରେ କଳାଧାନ ଓଡ଼ିଶାର ନିଜସ୍ୱ ଅଟେ। ୭୦-୮୦ ବର୍ଷ ତଳେ ଆମ ରାଜ୍ୟରେ ଏହି ଚାଷ ମଧ୍ୟ ହେଉଥିଲା। ହେଲେ ଅଧିକ ଅମଳକ୍ଷମ ଧାନ ବିହନର ଲଗାତାର ପ୍ରଚାର ଓ ପ୍ରସାର ଫଳରେ ଅନ୍ୟାନ୍ୟ ଅନେକ ଦେଶୀ କିସମର ଧାନଭଳି କଳାଧାନ ଚାଷ ଲୁପ୍ତପ୍ରାୟ ହୋଇଯାଇଥିଲା। ଏବେ କଳା ଚାଉଳର ଗୁଣ ବିଷୟରେ ପ୍ରଚାର ଫଳରେ ଆମ ରାଜ୍ୟର ସମ୍ବଲପୁର, ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଆଦି ଜିଲାରେ କେତେକ ଚାଷୀ ଏ ଧାନ କିସମ ସବୁ ରାଜ୍ୟ ତଥା ରାଜ୍ୟ ବାହାରୁ ସଂଗ୍ରହ କରି ଚାଷ କରିବା ଆରମ୍ଭ କଲେଣି। କିନ୍ତୁ ବଜାରରେ କଳା ଚାଉଳର ମୂଲ୍ୟ ୩୦୦ ରୁ ୪୦୦ ଟଙ୍କା ରହିଛି। ଯାହା ସାଧାରଣ ଲୋକ କିଣି ଖାଇବା ସମ୍ଭବପର ନୁହେଁ।

କଳାଧାନର ଅନେକ କିସମ ରହିଛି। ସେଥିମଧ୍ୟରୁ କଳାବତୀ, କଳାଭାତ, ହାଣ୍ଡିଶାଳ, କାଳି ନାଗିନ୍, କାଳିଆ, କଳା ମଲ୍ଲୀଫୁଲ ଭଳି ପ୍ରାୟ ୨ଟି କିସମ ଆମ ରାଜ୍ୟର ନିଜସ୍ୱ। ଏହା ବାଦ୍ ମଣିପୁର ରାଜ୍ୟରୁ ଚକାଓ (chak hao) ଭଳି କଳାଧାନ କିସମ ଆଣି ମଧ୍ୟ ଆମ ରାଜ୍ୟରେ ଚାଷ କରାଯାଉଛି। ଅନେକ ଚାଷୀଙ୍କ ମଧ୍ୟରୁ କୋରାପୁଟ ଜିଲା ଜୟପୁର ବ୍ଲକର ପାତ୍ରପୁଟ ଗାଁର ଜୈବିକଚାଷୀ ନେତ୍ରାନନ୍ଦ ଲେଙ୍କାଙ୍କର ନାମ ଆଗ ଧାଡ଼ିରେ। କାରଣ ସେ ଅନ୍ୟାନ୍ୟ ଅନେକ

ଚାଉଳର ଏହିସବୁ ଗୁଣକୁ ଦେଖି ଅନେକ ବ୍ୟବସାୟୀ ସ୍ୱଳ୍ପମାତ୍ରାରେ ଉତ୍ପାଦିତ ଚାଉଳକୁ ଅଧିକ ମୂଲ୍ୟରେ ବିକ୍ରୟ କରିଥାଆନ୍ତି। ଅଥଚ ଚାଷୀ ଉତ୍ପାଦର ଅଧିକ ମୂଲ୍ୟ ପାଇ ନ ଥାଏ। ତେଣୁ ଏହି ଉତ୍ତମ ଗୁଣଯୁକ୍ତ ଚାଉଳକୁ କିପରି ଭାବେ ସ୍ୱଳ୍ପ ମୂଲ୍ୟରେ ଖାଉଟିଙ୍କୁ ଯୋଗାଇ ଦିଆଯାଇପାରିବ କିମ୍ବା ଚାଷୀ ନିଜେ ଚାଷ କରି ନିଜ ଅଞ୍ଚଳରେ ଏହି ଚାଉଳକୁ କମ୍ ମୂଲ୍ୟରେ ବିକ୍ରୟ କରିପାରିବେ ସେଥିପାଇଁ ପ୍ରୟାସ ଲୋଡ଼ା।

ଏଭଳି ସ୍ଥିତିରେ ଏହି କିସମର ଉନ୍ନତମାନର ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଜଗତସିଂହପୁର ଜିଲା ରେଢୁଆସ୍ଥିତ ବିହନ ଉତ୍ପାଦନକାରୀ ସଂସ୍ଥା ଏଲଏଏଲଏଲ ପ୍ରୟାସ ଚଳାଇଛନ୍ତି।

(କ୍ରମଶଃ...)

*-ବିହନ ଓ ଜୈବ କୃଷି ବିଶେଷଜ୍ଞ*
*ମୋ- ୯୪୩୭୪୧୨୪୧୧*

# ଏ ମାସର କୃଷି ସୂଚନା

**ଧାନ :** ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ ।

- ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍‌ସି ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।

**ଗହମ :** ବୁଣିବାର ୨୧ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ।

- ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ ।
- ମଞ୍ଜି ଗଜାହେବାର ୨୧ଦିନ ପରେ ହେକ୍ଟର ପ୍ରତି ୧୫-୨୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
- ସଅଳ ବୁଣାହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୧୫-୨୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

**ଆଖୁ :** ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଆବଶ୍ୟକ । ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ ।

-ଡାଲିଜାତୀୟ ଫସଲ ଓ ଚିନାବାଦାମରେ ୨୫ କି.ଗ୍ରା. ବିହନ ପ୍ରତି ୧୦ ଗ୍ରାମ୍ ସୋଡିୟମ୍ ମଲିବ୍‌ଡେଟ୍ ଏବଂ ୧ ଗ୍ରାମ୍ କୋବାଲ୍‌ଟସ୍ କ୍ଲୋରାଇଡ୍ ପାଣିରେ ଦ୍ରବୀଭୂତକରି ଏହା ସହିତ ରାଇଜୋବିୟମ୍ କଲ୍‌ଚର ୫୦୦ ଗ୍ରାମ୍‌ରୁ ୧ କି.ଗ୍ରା. ମିଶାଇ ମଞ୍ଜି ଉପଚାର କରି ଛାଇରେ ଶୁଖାଇ ଏକଘଣ୍ଟା ପରେ ଉପରବେଳା ମଞ୍ଜି ବୁଣିଲେ ଭଲ ।

**ଫୁଲଚାଷ :** ଖରାଦିନିଆ ଗେଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତକରି ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗାକିସମ ଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ଗୋଲାପ** -କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ଲାଗି ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗେଣ୍ଡୁ** - ପତ୍ରପୋଡ଼ା, କଢ଼ସଢ଼ା, ଫୁଲଶଢ଼ା ରୋଗ ସକାଶେ କାର୍ବେଣ୍ଡାଜିମ୍ / ମାଙ୍କୋଜେବ୍ ୨ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ନୂଆ ଗେଣ୍ଡୁର କିସମ - ସିରାକୋଲ୍,



ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ, ବି.ଏମ୍.-୨ ଏବଂ ବି.ଏମ୍.-୩ ।

-ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ର ମୁକୁଳ ଭାଙ୍ଗି ଦିଅନ୍ତୁ । ମୂଳସାର ଦେବାର ଏକ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

**ଗ୍ଲାଡିଓଲସ୍** - ଦୁଇପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ମଧ୍ୟ ଗ୍ଲାଡିଓଲସ୍ ଲଗାଇପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।

**ଲିଲିୟମ୍** - କନ୍ଦା ସଂଗ୍ରହ କରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।



**ଡାଲିଜାତୀୟ ଫସଲ :** ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨.୦ ଗ୍ରାମ୍ ଭିଟାଭାକ୍ସ ପାୱାର ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ ।

- ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ ।
- ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।
- ମୁଗ, ବିରି ଓ ବୁଟ ଲାଗି ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

-ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସର ହୋଇଥିଲେ ୨% ଡିଏପି ସିଞ୍ଚନ କରନ୍ତୁ ।

- ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ଆଶଙ୍କା ଅଛି । ଏହାର ଦମନ ଲାଗି ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ମଟର ଓ ବୁଟର ଝାଉଁଳା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ କିମ୍ବା ପ୍ରୋପିକୋନାଜୋଲ ୧ ମି.ଲି. ୧ ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରନ୍ତୁ ।

**ତୈଳବୀଜ ଫସଲ**

**ଚିନାବାଦମ :** ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ ।

- ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୩ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୨.୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । -ଖରାଦିନିଆ ଚିନାବାଦାମ ଚାଷପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର,*
*ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,*
*ଓୟୁଏଟି, ଭୁବନେଶ୍ୱର*

**ପ୍ରଥମ ପୃଷ୍ଠାରୁ...**

## ଭୁଶୁଡ଼ିଲା ଭାଜପା...

ବିଧାନସଭାର ୧୯୯ ଆସନରୁ ୯୯ରେ କଂଗ୍ରେସ ବିଜୟୀ ହେବାସହ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଭାଜପାକୁ ମାତ୍ର ୭୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ବିଏସ୍‌ପିକୁ ୬ ଆସନରେ ସଫଳତା ମିଳିଥିବାବେଳେ ସ୍ୱାଧୀନ ଓ ଅନ୍ୟ ପ୍ରାର୍ଥୀ ୨୧ ନିର୍ବାଚନମଣ୍ଡଳୀରେ ଜିତିଛନ୍ତି। ରାଜସ୍ଥାନରେ ପାଇଲଟ ଓ ଗେହଲଟ୍ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗରେ ଅଛନ୍ତି। ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ ତାହା ବୁଧବାର କଂଗ୍ରେସ ବିଧାୟକ ଦଳ ବୈଠକରେ ସ୍ପଷ୍ଟ ହେବ।

ଛତିଶଗଡ଼ରେ ତମାମ ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀ ଭୁଲ ପ୍ରମାଣିତ ହୋଇଛି। ଏଠାରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ମତଦାନ ଯାଏ ଆକଳନ କରାଯାଉଥିଲା। ହେଲେ ନିରବଚ୍ଛିନ୍ନ ଭାବେ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ରମଣ ସିଂଙ୍କୁ ଶେଷରେ ଶୋଚନୀୟ ପରାଜୟ ବରଣ କରିବାକୁ ପଡ଼ିଛି। ୯୦ ଆସନରୁ ଭାଜପା ମାତ୍ର ୧୫ ନିର୍ବାଚନମଣ୍ଡଳୀ ଦଖଲ କରିବାରେ ସକ୍ଷମ ହୋଇଛି। ସରକାର ବିରୋଧୀ ହାୱା ରମଣ ସିଂଙ୍କୁ କ୍ଷମତାଚ୍ୟୁତ କରିଛି। କଂଗ୍ରେସ ୬୮ ଆସନରେ ସଫଳତା ସହ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ନେତୃତ୍ୱାଧୀନ ଛତିଶଗଡ଼ ଜନତା କଂଗ୍ରେସ (ସିଜେସି) ଏବଂ ବିଏସ୍‌ପି ମେଣ୍ଟକୁ ୭ (୫+୨) ଆସନ ମିଳିଛି। ରମଣ ସିଂ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ନିଜକୁ ଉତ୍ତରଦାୟୀ କରିବା ସହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ମୁଖ୍ୟମନ୍ତ୍ରୀ ଦୌଡ଼ରେ ରାଜପରିବାରର ଟି.ଏସ୍. ସିଂହଦେଓ, ରାଜ୍ୟରୁ କଂଗ୍ରେସର ଜଣେ ମାତ୍ର ଏମ୍‌ପି ତାମ୍ରଧ୍ୱଜ ସାହୁ, ପିସିସି ସଭାପତି ଭୂପେଶ ବାଘେଲ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଦାସ ମହନ୍ତ ଅଛନ୍ତି। ରାଜଧାନୀ ରାୟପୁରରେ ବୁଧବାର ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଉପରେ ମୋହର ବାଜିବ।

ଦକ୍ଷିଣ ଭାରତ ରାଜ୍ୟ ତେଲେଙ୍ଗାନାରେ ଯାହା ଅନୁମାନ କରାଯାଉଥିଲା ତାହା ହିଁ ଘଟିଛି। କାମଚଳା ମୁଖ୍ୟମନ୍ତ୍ରୀ କେସିଆର୍ କ୍ଷମତା ବଜାୟ ରଖିଛନ୍ତି। ତାଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍ ପ୍ରାର୍ଥୀ ରାଜ୍ୟ ବିଧାନସଭାର ୧୧୯ ଆସନ ମଧ୍ୟରୁ ୮୮ଟିରେ ବିଜୟୀ ହୋଇଛନ୍ତି। ଏହାସହ କେସିଆର୍ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ହୋଇଯାଇଛି। ତେଲେଙ୍ଗାନାରେ କଂଗ୍ରେସ-ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମେଣ୍ଟକୁ ୨୧(୧୯+୨) ନିର୍ବାଚନମଣ୍ଡଳୀରେ ସଫଳତା ମିଳିଥିବାବେଳେ ଭାଜପା ମାତ୍ର ଗୋଟିଏ ଆସନ ପାଇଛି। ଅସାଦୁଦ୍ଦିନ ଓୱାଇସିଙ୍କ ନେତୃତ୍ୱାଧୀନ ଏଆଇଏମ୍‌ଆଇଏମ୍ ୭ ଓ ସ୍ୱାଧୀନ ପ୍ରାର୍ଥୀ ୨ ଆସନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। କେସିଆର୍ ଗଜ୍‌ୱେଲ୍ ଆସନରେ କଂଗ୍ରେସର ଭି. ପ୍ରତାପ ରେଡ୍ଡୀଙ୍କଠାରୁ ୫୨ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ତାଙ୍କ ପୁଅ କେ.ଟି. ରାମା ରାଓ ଏବଂ ପୁତୁରା ଟି. ହରିଶ ରାଓ (ଉଭୟ ମନ୍ତ୍ରୀ) ମଧ୍ୟ ନିର୍ବାଚନରେ ଜିତିଛନ୍ତି।

ମିଜୋରାମରେ ଲଗାତର ୨ ଥର କ୍ଷମତାରେ ଥିବା କଂଗ୍ରେସକୁ ଶୋଚନୀୟ ପରାଜୟ ବରଣ କରିବାକୁ ପଡ଼ିଛି। ଉତ୍ତର-ପୂର୍ବାଞ୍ଚଳରେ କଂଗ୍ରେସର ଶେଷଗଡ଼ ଭାବେ ପରିଚିତ ଏହି ରାଜ୍ୟକୁ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ଛଡ଼ାଇନେଇଛି। ୫ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଲାଲ ଥନ୍‌ୱାଲା ଲଢ଼ିଥିବା ୨ଟି ଯାକ ଆସନ ସେରଛିପ ଓ ଚମ୍ପାଇ ଦକ୍ଷିଣରେ ହାରି ଯାଇଛନ୍ତି। କଂଗ୍ରେସକୁ ମାତ୍ର ୫ ଆସନରେ ସଫଳତା ମିଳିଥିବାବେଳେ ଏମ୍‌ଏନ୍‌ଏଫ୍ ୨୬ ଆସନରେ ବିଜୟୀ ହୋଇଛି। ଭାଜପାକୁ ଗୋଟିଏ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୮ ଆସନରେ ସଫଳତା ମିଳିଛି। ପରାଜୟ ପରେ ଲାଲ ଥନ୍‌ୱାଲା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏହାସହ ଏମ୍‌ଏନ୍‌ଏଫ୍ ଅଧ୍ୟକ୍ଷ ଜୋରାମଥାଙ୍ଗା ରାଜ୍ୟର ମୁଖ୍ୟମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ହୋଇଛି।

## 'ଚାଷୀ ସମସ୍ୟାକୁ ...

ନିର୍ବାଚନ ଫଳାଫଳ ପରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏହି ମତ ରଖିଛନ୍ତି। ଭଲ ଫଳାଫଳ ପ୍ରଦର୍ଶନ କରିଥିବା କଂଗ୍ରେସ, ଟିଆରଏସ୍ ଏବଂ ଏମ୍‌ଏନ୍‌ଏଫ୍‌କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

ଅପରପକ୍ଷରେ ପଡ଼ୋଶୀ ଛତିଶଗଡ଼ରେ ସରକାର ପରିବର୍ତ୍ତନ ହୋଇଛି। ଏହାଦ୍ୱାରା ମହାନଦୀ ସମସ୍ୟାର ସମାଧାନ ହେବା ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ ଅଛନ୍ତି। ସେହିପରି ବିରୋଧୀ ମେଣ୍ଟକୁ ନେଇ ବିଜେଡି ଆଭିମୁଖ୍ୟ ସମ୍ପର୍କରେ ଖବରଦାତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିରୋଧୀ ମେଣ୍ଟ ଏବେ ଦୃଢ଼ୀଭୂତ ହୋଇନାହିଁ। ତେଣୁ ଭବିଷ୍ୟତରେ ଏନେଇ ଜଣା ପଡ଼ିବ। ବିଜେଡି ପୂର୍ବପରି ଉଭୟ ଭାଜପା ଏବଂ କଂଗ୍ରେସ ସମଦୂରତ୍ୱ ରକ୍ଷା କରିବ। ବିଜେଡି କାହାକୁ ସମର୍ଥନ କରିନାହିଁ। କେନ୍ଦ୍ରରେ ଭାଜପା ସରକାର ଥିବା ସମୟରେ ରାଜ୍ୟର କୌଣସି ଆଖିଦୃଶିଆ ଉନ୍ନତି କରିନାହିଁ।

## କ୍ୱାର୍ଟରରେ ଭାରତ...

୧୬ତମ ମିନିଟରେ ନେଦରଲାଣ୍ଡର ଜେରନ ହର୍ଜବର୍ଗର ପେନାଲ୍ଟି ଷ୍ଟ୍ରୋକ୍ ମିସ୍ କରିବା ମ୍ୟାଚର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା।

ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ଜେଏସଡବଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ ଅତିଥିଭାବେ ଯୋଗଦେଇ କାନାଡ଼ା ଗୋଲକିପର ଡେଭିଡ୍ କାର୍ଟରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସଜ୍ଜନଙ୍କୁ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ଓ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ସମ୍ବର୍ଦ୍ଧିତ କରିଥିଲେ।

## ଶକ୍ତିକାନ୍ତ ଦାସ ...

ଏହି ପଦରେ ରହି ସେ ପ୍ରଧାନମନ୍ତ୍ରୀଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହାକୁ ସମର୍ଥନ କରୁଥିବାରୁ ତାଙ୍କୁ ବିରୋଧର ସମ୍ମୁଖୀନ ମଧ୍ୟ ହେବାକୁ ପଡିଥିଲା। ଭାରତକୁ ତା'ର ଯଥାର୍ଥ ରେଟିଂ ମିଳୁ ନ ଥିବାରୁ ସେ ଗତ ବର୍ଷ ରେଟିଂ ଏଜେନ୍ସିଙ୍କ ପଦ୍ଧତିକୁ ସମାଲୋଚନା କରିଥିଲେ ଏବଂ ସ୍ୱଦେଶୀ ରେଟିଂ ଏଜେନ୍ସି ରହିବା ଦରକାର ବୋଲି ଯୁକ୍ତି ବାଢ଼ିଥିଲେ। ଜିଏସ୍‌ଟି ଲାଗୁ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ପୂର୍ବରୁ ଉପା ସରକାର ଓ ବର୍ତ୍ତମାନର ଏନଡିଏ ସରକାରରେ ବଜେଟ ପ୍ରସ୍ତୁତି ବିଭାଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି।

### ବାରଙ୍ଗ ରେଳପଥ ଦୋହରୀକରଣ ମାମଲା: ସତ୍ୟପାଠ ଦାଖଲ

## ଜୁନ ସୁଦ୍ଧା ରେଳ ଚଳାଚଳ

କଟକ ଅଫିସ,୧୧।୧୨

କେତେକ ପ୍ରତିବନ୍ଧକ ପାଇଁ ବାରଙ୍ଗ ରେଳପଥ ସମ୍ପ୍ରସାରଣ କାର୍ଯ୍ୟ ଅଗ୍ରଗତି କରିନାହିଁ। ତଥାପି ୨୦୧୯ ଜୁନ ସୁଦ୍ଧା ଏହି ପଥରେ ରେଳ ଚଳାଚଳ କରିବ। କଟକ-ବାରଙ୍ଗ ଓ ବାରଙ୍ଗ-ରାଜଗଡ଼ ରେଳପଥ ଦୋହରୀକରଣ କାର୍ଯ୍ୟ ଶେଷ ହୋଇଛି। ମାତ୍ର ଜାତୀୟ ରାଜପଥ ପକ୍ଷରୁ ରସୁଲଗଡ଼ରୁ ବାଣୀବିହାର ମଧ୍ୟରେ ଓଭରବ୍ରିଜ କାର୍ଯ୍ୟ ଯୋଗୁ ରେଳପଥ ନିର୍ମାଣ ବାଧାପ୍ରାପ୍ତ ହୋଇଥିଲା। ରେଳ ବିଭାଗ ପକ୍ଷରୁ ହାଇକୋର୍ଟରେ ଏ ସମ୍ପର୍କରେ ସତ୍ୟପାଠ ଦାଖଲ କରାଯାଇ ଏହି ତଥ୍ୟ ଦିଆଯାଇଛି। ଏହି ସତ୍ୟପାଠ ଦାଖଲ ପରେ ସାମାଜିକ କର୍ମୀ ଦିଲୀପ ମହାପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାକୁ କୋର୍ଟ ବନ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ଚାଲିଥିଲା। ସୂଚନାଥାଉକି, କଟକ- ବାରଙ୍ଗ ଓ ବାରଙ୍ଗ-ରାଜଗଡ଼ ରେଳପଥର ତୃତୀୟ ଲେନ୍ କାର୍ଯ୍ୟ ପାଇଁ ୨୦୦୬ରେ ଟେଣ୍ଡର ହୋଇଥିଲା। ନିର୍ମାଣ କାର୍ଯ୍ୟ ୨୦୦୮ରେ ଶେଷ ହେବା କଥା। ଅଦ୍ୟାବଧି କାମ ଶେଷ ହୋଇ ନ ଥିବାରୁ ଦିଲୀପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବାଉଁଶ ପୋଡ଼ାକୁ ନେଇ ସଂଘର୍ଷ

ଡେରାବିଶ, ୧୧।୧୨ (ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ଖମୋଳ ପଞ୍ଚାୟତ କୋଶିଦା ଗ୍ରାମରେ ସୋମବାର ସନ୍ଧ୍ୟାରେ ଟେଣ୍ଟ ବାଉଁଶ ପୋଡ଼ାକୁ ନେଇ ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ୬ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟେଣ୍ଟ ବାଉଁଶ ପୋଡ଼ାକୁ ନେଇ ଗ୍ରାମର ବାବୁ ଯେନା ଓ ରତ୍ନାକର ମଲ୍ଲିକଙ୍କ ପରିବାର ମଧ୍ୟରେ ଝଗଡ଼ା ହୋଇଥଲା। ପରେ ଉଭୟ ପରିବାର ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ହେବା ଯୋଗୁ ଉଭୟ ପରିବାରର ୬ ଜଣ ଆହତ ହୋଇଥିଲେ। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ବେଳେ ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଏସ୍‌ଆଇ ବିଜୟ କୁମାର ଖଟୁଆଙ୍କ ସୂଚନା ଦେଇଛନ୍ତି। ବାବୁ ଯେନାଙ୍କ ସ୍ତ୍ରୀ ଝରଣାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଘର ସମ୍ମୁଖରେ ହୋଇଥିବା ଏକ ଟେଣ୍ଟକୁ ଗ୍ରାମର ରତ୍ନାକର ମଲ୍ଲିକଙ୍କ ପରିବାର ସଦ୍ୟ ଉଦ୍ଦେଶ୍ୟମୂଳକ ଭାବେ ଜାଳି ଦେଇଥିଲେ। ଏ ନେଇ ଝରଣା ତାଙ୍କୁ ପଚାରିବାରୁ ରତ୍ନାକରଙ୍କ ସ୍ତ୍ରୀ କାଦମ୍ବିନୀ ଓ ଗ୍ରାମର କେତେଜଣ ବ୍ୟକ୍ତି ଝରଣାଙ୍କ ପରିବାରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ପରିବାରର ୫ଜଣ ଆହତ ହୋଇଛନ୍ତି।



ନୂଆ ଏକ୍ସକେଜ୍ ପ୍ଲସର ଉନ୍ମୋଚନ ଦ୍ୱାରା ବଜାର ଅଂଶ ବୃଦ୍ଧି କରିବାରେ ସହାୟକ ହେବ। – ଏସ୍.ଏନ୍.ବର୍ମନ, ଉପସଭାପତି, ଟାଟା ମୋଟର୍ସ ପାସେଞ୍ଜର ଯାନ ଶୃଙ୍ଖଳା



କୃଷିଜାତ ପ୍ରଡକ୍ଟ ଲାଗି ଗ୍ରାହକ ପ୍ରଦାନ କରୁଥିବା ଅର୍ଥର ଏକ ବୃହତ୍ ଅଂଶ କୃଷକଙ୍କ ହାତକୁ ଯିବାର ଆବଶ୍ୟକତା ରହିଛି। – ଆଦି ଗୋଦରେଜ୍, ଅଧ୍ୟକ୍ଷ, ଗୋଦରେଜ ଗ୍ରୁପ

## ସଂକ୍ଷେପରେ

### ରାଜୀବ ମେହରିସି ୟୁଏନ୍ ଅଡିଟର କମିଟିର ଭାଇସ ଚେୟାର

**ନୂଆଦିଲ୍ଲୀ,୧୧-୧୨:** କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ(ସିଏଜି) ରାଜୀବ ମେହରିସି ୟୁଏନ ଅଡିଟର କମିଟିର ଭାଇସ ଚେୟାର ଭାବେ ନିଯୁକ୍ତ ହୋଇଛନ୍ତି। ଜାତିସଂଘ ଅଡିଟର କମିଟିରେ ସଦସ୍ୟ ଦେଶ ତଥା ଜାତିସଂଘର ଅଡିଟର ମାନଙ୍କୁ ନିଯୁକ୍ତ କରାଯାଏ। ଏହି କମିଟିରେ ଭାରତକୁ ମିଶାଇ ୧୧ଟି ଦେଶର ସଦସ୍ୟ ରହିଛନ୍ତି। ଭାରତ ବ୍ୟତୀତ ଜର୍ମାନୀ, ଚିଲି, କାନାଡା, ଫ୍ରାନ୍ସ, ଇଟାଲୀ, ଫିଲିପାଇନ୍ସ, ଘାନା, ଇଣ୍ଡୋନେସିଆ, ସୁଇଜରଲାଣ୍ଡ ଏବଂ ଇଂଲଣ୍ଡ ରହିଛି। ବର୍ତ୍ତମାନ ଇଂଲଣ୍ଡର ସିଏଜି କମିଟିର ଅଧକ୍ଷ ରହିଛନ୍ତି। କମିଟିର ନ୍ୟୁୟର୍କରେ ଚଳିତ ମାସ ୩ ଓ ୪ରେ ବାର୍ଷିକ ବୈଠକ ବସିଥିଲା।

### ଅର୍ଥନୈତିକ ପରାମର୍ଶଦାତା ପରିଷଦରୁ ସୁରଜିତଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୧୨:** ଜଣାଶୁଣା ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରୁ ଇସ୍ତଫା ଦେଇଛନ୍ତି। ସେ ପରିଷଦରେ ପାର୍ଟ ଟାଇମ ସଦସ୍ୟ ଥିଲେ। ସେ ଡିସେମ୍ବର ପହିଲାରୁ ଇସ୍ତଫା ଦେଇଛନ୍ତି ବୋଲି ମଙ୍ଗଳବାର ପ୍ରକାଶ କରିଛନ୍ତି। ସେ ଏସମ୍ପର୍କରେ ଟୁଇଟରରେ ଜଣାଇଛନ୍ତି। ସୂଚନାଥାଉ କି, ନୀତି ଆୟୋଗ ସଦସ୍ୟ ବିବେକ ଦେବରାୟ ପରିଷଦର ଅଧକ୍ଷ ଥିଲା ବେଳେ ଏଥିରେ ଅନ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ରଥୀନ ରାୟ, ଆସିମା ଗୋଏଲ ଓ ଶମିକା ରବି ପାର୍ଟ ଟାଇମ ସଦସ୍ୟ ରହିଛନ୍ତି। ଏହି ପରିଷଦ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପଠାଯାଉଥିବା ଆର୍ଥିକ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ମତ ଦେଇଥାନ୍ତି।

### ଭାରତୀୟ କମ୍ପାନୀଙ୍କ ବିଦେଶୀ ନିବେଶ ୩୫% ହ୍ରାସ

**ନୂଆଦିଲ୍ଲୀ,୧୧-୧୨:** ନଭେମ୍ବରରେ ଭାରତୀୟ କମ୍ପାନୀଙ୍କ ବିଦେଶୀ ନିବେଶ ୩୫% ହ୍ରାସ ପାଇ ୧.୦୫ ବିଲିୟନ ଡଲାରରେ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ କମ୍ପାନୀମାନେ ନିଜର ବିଦେଶୀ ଶାଖା ମାଧମରେ ୨୦୧୭ ନଭେମ୍ବରରେ ୧.୬୨ ବିଲିୟନ ଡଲାର ନିବେଶ କରିଥିଲେ। ଚଳିତ ବର୍ଷ ଅକ୍ଟୋବରରେ ୧.୯୬ ବିଲିୟନ ଡଲାରରେ ପହଞ୍ଚିଥିଲା। ନଭେମ୍ବରରେ ଭାରତୀୟ କମ୍ପାନୀମାନେ ମୋଟ୍‌ରେ ୪୪୭.୫୨ ମିଲିୟନ ଡଲାର ଇକ୍ୟୁଟି, ୨୧୬.୯୧ ମିଲିୟନ ଡଲାର ଋଣ ପ୍ରଦାନ ଏବଂ ଅବଶିଷ୍ଟ ୩୮୪.୭୧ ମିଲିୟନ ଡଲାର ଗ୍ୟାରେଣ୍ଟି ବାବଦରେ ନିବେଶ କରିଛନ୍ତି।

# ଭରସା ସୃଷ୍ଟି ଶକ୍ତିକାନ୍ତଙ୍କ ଲାଗି ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୧୧-୧୨**

- କେନ୍ଦ୍ର ସରକାରଙ୍କ ପାଇଁ ଆତ୍ମସମୀକ୍ଷା ବେଳ
- ଗଭର୍ନରଙ୍କୁ ବଜାରର ଆସ୍ଥାଭାଜନ ହେବାକୁ ପଡିବ
- ସରକାର ସକାରାତ୍ମକ ସଙ୍କେତ ଦେଇଛନ୍ତି: ସିଆଇଆଇ



ତାମିଲନାଡୁ କ୍ୟାଡରର ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସଙ୍କୁ ମଙ୍ଗଳବାର ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ନୂଆ ଗଭର୍ନର ରୂପେ ନିଯୁକ୍ତି ମିଳିଛି। ନୂଆ ଦାୟିତ୍ୱ ସହ ତାଙ୍କୁ ଆଗାମୀ ଦିନରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତା ବଜାୟ ରଖିବା ଓ ଭରସା ସୃଷ୍ଟି କରିବା ତାଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡା ହୋଇଛି। କେନ୍ଦ୍ର ସରକାରଙ୍କ ଚାପକୁ ସହ୍ୟ କରିବାର ସୀମା ଟପିଯିବା ପରେ ଉର୍ଜିତ ପଟେଲ ଗଭର୍ନର ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଅନୁଭବ କରାଯାଉଛି। ନିଜର କାର୍ଯ୍ୟକାଳ ସମୟରେ ଏଭଳି ଚାପର ସମ୍ମୁଖୀନ ହୋଇଥିବା ପୂର୍ବତନ ଗଭର୍ନର ସୁବା ରାଓ କହିଛନ୍ତି ଯେ, କେନ୍ଦ୍ର ସରକାର ପରିପକ୍ୱତା ପ୍ରଦର୍ଶନ କରିବେ ଏବଂ ଉର୍ଜିତଙ୍କ ଇସ୍ତଫା ପରେ ଆତ୍ମସମୀକ୍ଷା କରିବେ ବୋଲି ତାଙ୍କର ଆଶା। ଏହାଛଡା ନିଜର ଦାବିକୁ କିପରି ଉପସ୍ଥାପନ କରିବାକୁ ହେବ ଏହା ମଧ ସରକାରଙ୍କୁ ପୁଣିଥରେ ବିଚାର କରିବାକୁ ହେବ। ଆର୍‌ବିଆଇର ବିଶ୍ୱାସଯୋଗ୍ୟତା ଓ ସ୍ୱାୟତ୍ତତା କାଏମ ରଖିବା ଏବେ ନୂଆ ଗଭର୍ନରଙ୍କ ଉପରେ ନ୍ୟସ୍ତ ହେବ। କେବଳ ଏତିକି ନୁହେଁ ବଜାରରେ ଭରସା ସୃଷ୍ଟି କରିବା ମଧ ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜି, ପିସିଏ(ପ୍ରମ୍ପଟ କରେକ୍ଟିଭ ଆକ୍ସନ), ଏନ୍‌ବିଏଫ୍‌ସି ଓ ଏମ୍‌ଏସ୍‌ଏମ୍‌ଇଙ୍କୁ ନଗଦ ଯୋଗାଣ ଆଦି ପ୍ରସଙ୍ଗରେ ଉର୍ଜିତଙ୍କ ସହ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମତଭେଦ ରହିଥିଲା। ଆର୍‌ବିଆଇ ବୋର୍ଡରେ ଥିବା ସ୍ୱାଧୀନ ସଦସ୍ୟଙ୍କ ଜରିଆରେ ସରକାର ତାଙ୍କ ଉପରେ ଚାପ ପକାଉଥିଲେ, ଯାହା ସହ୍ୟ କରିବା ଉର୍ଜିତଙ୍କ ପକ୍ଷରେ ଆଉ ସମ୍ଭବ ନ ଥିଲା। ଅନ୍ୟପକ୍ଷରେ ଉଦ୍ୟୋଗ ଜଗତକୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ପକ୍ଷରୁ ଶକ୍ତିକାନ୍ତଙ୍କ ନିଯୁକ୍ତିକୁ ସ୍ୱାଗତ କରାଯାଇଛି। କିନ୍ତୁ ଅର୍ଥନୀତିରେ ପୁଞ୍ଜି ଯୋଗାଣ ତାଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ବୋଲି ଏହା ଦର୍ଶାଇଛି। ସିଆଇଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସରକାର ନୂଆ ଗଭର୍ନର ନିଯୁକ୍ତି ସମ୍ପର୍କରେ ଘୋଷଣା କରିବା ଦ୍ୱାରା ବଜାରକୁ ସକାରାତ୍ମକ ସଙ୍କେତ ଯାଇଛି। ଉଦ୍ୟୋଗ ଜଗତରେ ଭରସା ଫେରିବାକୁ ଯାଉଛି। ଜଣେ ଅର୍ଥନୈତିକ ବିଶେଷଜ୍ଞଙ୍କୁ ସରକାର ଗଭର୍ନର ଭାବେ ଚୟନ କରି ଉଭୟ ଉଦ୍ୟୋଗ ଜଗତ ଓ ବଜାରରେ ଆସ୍ଥା ଫେରାଇବାକୁ ଉଦ୍ୟମ କରିଛନ୍ତି ବୋଲି ସିଆଇଆଇ ପ୍ରେସିଡେଣ୍ଟ ରାକେଶ ଭାରତୀ ମିତ୍ତଲ କହିଛନ୍ତି।

## ବ୍ରାଣ୍ଡ ଫ୍ୟାକ୍ଟ୍ରିରେ ଫ୍ରି ସପିଂ ୱିକେଣ୍ଡ ଆଜିଠାରୁ

**ଭୁବନେଶ୍ୱର,୧୧-୧୨**




ଫ୍ୟୁଚର ଲାଇଫ ଷ୍ଟାଇଲ ଫ୍ୟାଶନ ପକ୍ଷରୁ ଏହାର ବ୍ରାଣ୍ଡ ଫ୍ୟାକ୍ଟ୍ରିରେ ଫ୍ରି ସପିଂ ୱିକେଣ୍ଡ ଆରମ୍ଭ ହୋଇଛି। ଏହା ଚଳିତ ମାସ ୧୨ରୁ ୧୬ ଯାଏ ଚାଲିବ। ଏହା ଦ୍ୱାରା ୨୦୦ରୁ ଅଧିକ ବ୍ରାଣ୍ଡ ଉପରେ କ୍ରୟ କରିବାର ସୁବିଧା ଗ୍ରାହକମାନେ ଲାଭ କରିବାକୁ ସକ୍ଷମ ହେବେ। ଅଫର ସମୟରେ ୫,୦୦୦ ଟଙ୍କାର କ୍ରୟ ମାତ୍ର ୨୦୦୦ ଟଙ୍କା ଦେଇ କରିପାରିବେ। ଏହା ସହ ୧୨୦୦ ଟଙ୍କାର ଗିଫ୍ଟ ଭାଉଚର, ୫୦୦ ଟଙ୍କାର ଆପାରେଲ ଏବଂ ଫ୍ୟୁଚର ପେ ୱାଲେଟରେ ୩୦୦ ଟଙ୍କା କ୍ୟାଶବ୍ୟାକ ପାଇପାରିବେ। ଗତ ଦୁଇଟି ସିଜିନରେ ଗ୍ରାହକଙ୍କଠାରୁ ଭଲ ରେସପନ୍ସ ଲାଭ କରିଛୁ ବୋଲି ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି। ଚଳିତ ବର୍ଷ ଅଫରକୁ ଅଧିକ ବଡ ଏବଂ ଉନ୍ନତ କରିବାକୁ ଏହା ଉତ୍ସାହ ଯୋଗାଇଛି। ଏହି ସମୟରେ ଷ୍ଟୋର ସକାଳ ୮ରୁ ଖୋଲା ରହିବ।

## ଆଲୁମିନିୟମ ବିଲେଟ୍ ଉତ୍ପାଦନ କଲା ନାଲ୍‌କୋ



**ଭୁବନେଶ୍ୱର,୧୧-୧୨**

ନାଲ୍‌କୋ ପକ୍ଷରୁ ନୂତନ ଉତ୍ପାଦ ଷ୍ଟ୍ରୋଣ୍ଟିୟମ ସଂଶୋଧିତ ଆଲୁମିନିୟମ ବିଲେଟ ସିଏଚ୍-୯୧ ଗ୍ରେଡ ବଜାରକୁ ଆସିଛି। ଅନୁଗୋଳ ସ୍ଥିତ ସ୍ମେଲଟର ପ୍ଲାଣ୍ଟ କର୍ମଚାରୀଙ୍କ ଉଦ୍ୟମରେ ଏହି ଉତ୍ପାଦର ବଜାର ପ୍ରବେଶ ସମ୍ଭବ ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ। ଏଥି ଲାଗି କମ୍ପାନୀର ଅଧକ୍ଷ ତପନ କୁମାର ଚାନ୍ଦ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନାଲକୋ ବିବିଧୀକରଣ ଉପରେ ଧ୍ୟାନ ଦେବା ସହ ଏହାର ଉତ୍ପାଦ ଶୃଙ୍ଖଳାକୁ ବଢାଇ ଚାଲିଛି ବୋଲି ଚାନ୍ଦ କହିଛନ୍ତି। ଏହି ଆଧାରରେ କମ୍ପାନୀର ଲାଭ ମଧ ବୃଦ୍ଧି ଘଟିବ ବୋଲି ସେ ସୂଚନା ଦେଇଛନ୍ତି।

## ଉର୍ଜିତଙ୍କୁ ନୀତି ଆୟୋଗ ଉପାଧକ୍ଷଙ୍କ କଟାକ୍ଷ

# ରିଜର୍ଭ ବ୍ୟାଙ୍କ କାହା ଉପରେ ନିର୍ଭରଶୀଳ ନୁହେଁ

**ନୂଆଦିଲ୍ଲୀ,୧୧-୧୨**



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ପଦରୁ ଉର୍ଜିତ ପଟେଲ ସୋମବାର ଇସ୍ତଫା ଦେଇଛନ୍ତି। ଏହା ଉପରେ ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ଆର୍‌ବିଆଇ ଏକ ପେସାଦାର ସଂସ୍ଥା। ଜଣେ ବ୍ୟକ୍ତି ଉପରେ ନିର୍ଭରଶୀଳ ନୁହେଁ।

ଏଠାରେ ଆୟୋଜିତ ୧୫ତମ ଇନକ୍ଲୁସିଭ ଫାଇନାନ୍ସ ଇଣ୍ଡିଆ ଶିଖର ସମ୍ମିଳନୀରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ, ଉର୍ଜିତଙ୍କ ଇସ୍ତଫା ସତ୍ତ୍ୱେ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟରେ ବାଧା ଉପୁଜିବ ନାହିଁ। ଏହା ଜଣେ ବ୍ୟକ୍ତି ଉପରେ ନିର୍ଭରଶୀଳ ନୁହେଁ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ନିଜର ସଂସ୍ଥାଗତ କ୍ଷମତାକୁ ପ୍ରୟୋଗ କରି ଦୈନନ୍ଦିନ କାର୍ଯ୍ୟକୁ ଜାରି ରଖିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମାଲ୍ୟାଙ୍କ ପ୍ରତ୍ୟର୍ପଣ ଯୋଗୁ ଋଣ ଫେରସ୍ତ ତ୍ୱରାନ୍ୱିତ ହେବ: ଏସ୍‌ବିଆଇ ଅଧକ୍ଷ

**ନୂଆଦିଲ୍ଲୀ,୧୧-୧୨**



ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ଯୋଗୁ ଋଣ ଫେରସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧକ୍ଷ ରଜନୀଶ କୁମାର ମଙ୍ଗଳବାର କହିଛନ୍ତି।

ସୂଚନାଥାଉ କି, ମାଲ୍ୟାଙ୍କ କମ୍ପାନୀ କିଙ୍ଗଫିଶର ଏୟାରଲାଇନ୍ସକୁ ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନସୋର୍ଟିୟମ ୯ ହଜାର କୋଟି ଟଙ୍କା ଋଣ ଦେଇଥିଲେ। ଏସ୍‌ବିଆଇ ଅଧକ୍ଷ କୁମାର କହିଛନ୍ତି ଯେ, ମାଲ୍ୟାଙ୍କ ପ୍ରତ୍ୟର୍ପଣ ରାୟ ଋଣଗ୍ରହୀତାଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି। ଋଣ କରି ପରିଶୋଧ କରିବା ପରିବର୍ତ୍ତେ ଦେଶ ଛାଡ଼ି ପଳାଇଯିବେ ଏହା ଆଉ ସମ୍ଭବ ହେବନାହିଁ। ଏହି ପ୍ରତ୍ୟର୍ପଣ ଋଣ ପ୍ରଦାନକାରୀ ଓ ଗ୍ରହୀତାଙ୍କ ସମ୍ପର୍କ ଉପରେ ଗଭୀର ପ୍ରଭାବ ପକାଇବ। ସେ କହିଛନ୍ତି ଯେ, ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ତେବେ ବ୍ୟାଙ୍କ କାରବାରରେ ସ୍ୱଚ୍ଛତା ଆସିବା ଦରକାର ବୋଲି ପ୍ରତ୍ୟର୍ପଣ ରାୟ ବାର୍ତ୍ତା ଦେଇଛି। ଋଣର ଆବଶ୍ୟକତା କ'ଣ ରହିଛି ଏହା ଜାଣିବା ପରେ ହିଁ ନେବା ଉଚିତ୍। ଋଣ ଫେରସ୍ତ କରିବା ଲାଗି ମାଲ୍ୟା କୌଣସି ପ୍ରସ୍ତାବ ଦେଇ ନ ଥିବା କୁମାର କହିଛନ୍ତି।

## ମୂଲ୍ୟ ବଢ଼ାଇବ ରେନୋ

**ଭୁବନେଶ୍ୱର,୧୧-୧୨**

ପ୍ରମୁଖ କାର ନିର୍ମାତା ରେନୋ ଇଣ୍ଡିଆ ପକ୍ଷରୁ ଜାନୁୟାରୀରେ ମୂଲ୍ୟ ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ଏହାର ବିଭିନ୍ନ ମଡେଲଗୁଡ଼ିକ ଉପରେ ପ୍ରାୟ ୧.୫% ମୂଲ୍ୟ ବୃଦ୍ଧି କରିବାକୁ ଘୋଷଣା କରିଛି। ବିଦେଶୀ ବିନିମୟ ମୂଲ୍ୟରେ ବୃଦ୍ଧି ତଥା ଇନ୍‌ପୁଟ ମୂଲ୍ୟ ବୃଦ୍ଧି ସମସ୍ୟାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। କମ୍ପାନୀ ଲାଗି ଭାରତ ଏକ ପ୍ରମୁଖ ବଜାର ହୋଇଥିବା ବେଳେ ଏଠାରେ ଏକ ଦୃଢ ସ୍ଥିତି ବଜାୟ ରଖିବା ନେଇ ଏହା ଯୋଜନା ରଖିଛି।

## ହୋଣ୍ଡା ସିବିୟୁ ବାଇକର ବୁକିଂ ଆରମ୍ଭ

**ଭୁବନେଶ୍ୱର,୧୧-୧୨**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଆମଦାନୀ ହେବାକୁ ଥିବା ଏହାର ୨୦୧୯ କମ୍ପ୍ଲିଟ ବିଲ୍ଟ ୟୁନିଟ (ସିବିୟୁ) ବାଇକଗୁଡ଼ିକର ବୁକିଙ୍ଗ ଆରମ୍ଭ ହୋଇଛି। ଏହି ଚର୍ଚ୍ଚିତ ବାଇକଗୁଡ଼ିକ ଲାଗି ଗ୍ରାହକମାନେ ମୁମ୍ବାଇ ଏବଂ ଦିଲ୍ଲୀରେ ଥିବା ୱିଙ୍ଗ ୱାର୍ଲ୍ଡ ଆଉଟଲେଟରେ ମଙ୍ଗଳବାରଠାରୁ ବୁକିଂ କରିପାରିବେ। ଏହି ବାଇକଗୁଡ଼ିକ ମଧ୍ୟରେ ରହିଛି ସିବିଆର୍ ୧୦୦୦ଆର୍ ପ୍ଲସ, ଗୋଲ୍ଡୱିଙ୍ଗ ଟୁର ଡିସିଟି, ସିବିଆର୍ ୧୦୦୦ ଆର୍‌ଆର୍ ଫାୟାରବ୍ଲେଡ ଏବଂ ସିବିଆର୍ ୧୦୦୦ଆର୍‌ଆର୍ ଫାୟାରବ୍ଲେଡ ଏସ୍‌ପି। ୨୦୧୯ରେ ଆସୁଥିବା ଏହି ବାଇକଗୁଡ଼ିକ ନୂତନ ବୈଶିଷ୍ଟ୍ୟ ସହ ଆସୁଛି। ଏହାକୁ ଅପଗ୍ରେଡ କରାଯାଉଥିବା କମ୍ପାନୀ ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
Email: sepwdbalangir@gmail.com, Phone No.: (06652) 231866

**OFFICE ORDER**

Bid Identification No. SE (R&B) BGR/ 11/2018-19
No.1006-B:- Ref Id-2018_EICCL_50991_2
No. 2549 Date: 07.12.2018

(1) The work at Sl. No. 02 i.e. "Construction of H.L. Bridge over Malmali Jore Nallah at 22/320 Km on Narla-Rupra-Palam road in the district of Kalahandi under State Plan" in above Bid Identification No. is hereby **Cancelled** due to 1st time single bidder participate.

Sd./- Superintending Engineer,
Balangir (R&B) Circle, Balangir
34131/11/0044/1819

**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
Email: sepwdbalangir@gmail.com, Phone No.: (06652) 231866

**OFFICE ORDER**

Bid Identification No. SE (R&B) BGR/ 11/2018-19
No.1005-B:- Ref Id-2018_EICCL_50991_3
No. 2558 Date: 07.12.2018

(1) The work at Sl. No. 03 i.e. "Construction of H.L. Bridge over Bijepur Nallah at Ch. 15/500 Km on Lanjigarh-Bijepur Road in the district of Kalahandi under State Plan for the year 2018-19." in above Bid Identification No. is hereby **Cancelled** due to 1st time single bidder participate.

Sd./- Superintending Engineer,
Balangir (R&B) Circle, Balangir
34131/11/0043/1819

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
E.H.T. (O&M) Division, Malkangiri. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate for **Tender call No. - 01 :** Construction of RCC Drain near new 220KV Extension bay at 220/33KV Gris S/S, Balimela. Cost of tender papers is of **Rs.2,240.00** (non-refundable) in shape of Cash . EMD **@ 1%** of quoted value. Sale of tender documents from **Dt.12.12.2018** to up to **11:30 AM** of **Dt.21.12.2018.** Last date of submission of tender on or before **Dt.21.12.2018** up to **5:00 PM.** Tenders will be opened on **Dt.22.12.2018** at **12:30 PM. Corrigendum, if any, will be published in the website only.**

Sd/-
DGM (Ele.)

Please connect us: optcl.odisha optcl_odisha energyodisha

**GOVERNMENT OF ODISHA** No.1134-O
**OFFICE OF THE SUPERINTENDING ENGINEER, RURAL WORKS CIRCLE, CUTTACK**
email:- serw_ctc@yahoo.com
No: - Tender Online RWC 21-2018 Date.

**e-Procurement NOTICE**

1. Name of the work :- Construction of Bridge and Road works.
2. Class of contractor
   a) Estimated cost more than Rs.6.00 Crore & upto Rs.15.00 Crores — a) Special Class & Super Class(of Odisha PWD) relevant class of other licensing authorities
   b) Estimated cost more than Rs.3.00 Crore & upto Rs.6.00 Crores — b) A Class & Special Class (of Odisha PWD) relevant class of other licensing authorities
   c) Estimated cost more than Rs. 40.00 Lakhs & Up to Rs. 3.00 Crores — c) B class & A Class (of Odisha PWD) relevant class of other licensing authority.
3. Time for completion : Noted against the work as per Annexure
4. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last date & time of seeking tender clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack | Tender Online RWC 21-18 | 15.12.2018 at 11 AM | 01.01.2019 upto 5.00PM | 31.12.2018 upto 2.00 PM | 02.01.2019 at 11.00 AM | Will be intimated later |

Further details can be seen from the website **www.tendersorissa.gov.in**.
25097/11/0040/1819 *Sd./- S.C. Mishra, Superintending Engineer, Rural Works Circle, Cuttack*

**ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼**
**ପରିବର୍ତ୍ତିତ ଠିକା ପ୍ରସ୍ତାବ ଆହ୍ୱାନ**

ବିଜ୍ଞାପନ ସଂଖ୍ୟା: ୧୩୩୩୪ ତା୧୧।୧୨।୨୦୧୮ରିଖ

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବରଗଡ଼ ଦ୍ୱାରା ପୂର୍ବ ପ୍ରକାଶିତ ଟେଣ୍ଡର ଆହ୍ୱାନ ବିଜ୍ଞପ୍ତି ସଂଖ୍ୟା ୧୧୨୧୯ ତା୨୨।୧୦।୨୦୧୮ରିଖରେ ଉଲ୍ଲେଖିତ ହୋଇଥିଲା ଯେ, ଟେଣ୍ଡର ପେପରଗୁଡ଼ିକ ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ଡାକ ଯୋଗେ ତା୧୬।୧୧।୨୦୧୮ରିଖ ଅପରାହ୍ନ ୫ଘଣ୍ଟା ପର୍ଯ୍ୟନ୍ତ ଶିକ୍ଷା କାର୍ଯ୍ୟାଳୟ, ବରଗଡ଼ ଠାରେ ଦାଖଲ କରିବେ। ଉପରୋକ୍ତ ଟେଣ୍ଡର ପେପର ଦାଖଲ ଶେଷ ତାରିଖକୁ **୨୬।୧୨।୨୦୧୮** ଅପରାହ୍ନ ୫ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି। ପୂର୍ବ ପ୍ରକାଶିତ ବିଜ୍ଞପ୍ତିର ଅନ୍ୟାନ୍ୟ ନିୟମାବଳୀ ଅପରିବର୍ତ୍ତିତ ରହିବ।

ଜିଲ୍ଲାପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼

**GOVERNMENT OF ODISHA** No.938-A
**OFFICE OF THE EXECUTIVE ENGINEER**
**TELENGIRI HEAD WORKS DIVISION**
**AT/PO: AMBAGUDA, DIST: KORAPUT**
Phone & Fax: 916854-246769, e-mail Id: thwd.ambaguda@gmail.com

**e-Procurement Notice**

**Bid Identification No.-EE-THWD-13/2018-19 (I to VII)**

1. No. of works : 7 (Seven)
2. Approx. Estimated cost : (I) Rs.48.26 Lac, (II) Rs.19.86 Lac, (III) Rs.6.83 Lac, (IV) Rs.6.21 Lac, (V) Rs.2.41 Lac, (VI) Rs.2.41 Lac & (VII) Rs.1.22 Lac.
3. Eligibility of the bidders : (i) 'B' or 'A' class contractors (Odisha P. W. D. or equivalent class of other licensing authority) for the work at Sl. No. I
   (ii) 'D' or 'C' class contractors (Odisha P. W. D. or equivalent class of other licensing authority) for the works at Sl. No. II to VI
   (iii) Electrical contractors license (MV) for the work at Sl. No. VII.
4. Period of completion : (i) 4 (four) calendar months for the work at Sl. No. I, (ii) 3 (three) calendar months for the work at Sl. No. II to VI. (iii) 1(one) calendar month for the work at Sl. No. VII
5. Date & time of availability of bid document in the portal : **14.12.2018 (10:00 A.M.) to 24.12.2018 (05:00 P.M.)**
6. Last date/time for receipt of bids in the portal : **24.12.2018 (05:00 P.M.)**
7. Date of opening of the bids on-line : **26.12.2018 (12:30 P.M.)**
8. Name & address of the O.I.T. : Executive Engineer, Telengiri Head Works Division, At/Po: Ambaguda, District: Koraput.

Further details can be seen from the e-procurement portal **http://tendersodisha.gov.in**.

Executive Engineer,
32164/11/0009/1819 Telengiri Head Works Division, Ambaguda

**Government of Odisha "e" Procurement Notice**

**Bid Identification No.: Online-AGL-13 of 2018-2019**

**No. 1133-O:-**

1. Name of the Work : Road Works
2. Estimated Cost : Rs. 44.20 lakhs
3. Period of Completion : 03 (Three) Calendar Months
4. Date & time of availability of bid document in the portal : From 15.12.2018 to 24.12.2018 upto 5.00 PM
5. Last Date/time for receipt of bids in the portal : 24.12.2018 upto 5.00 PM
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**.

*Sd./- Executive Engineer*
*R.W. Division, Angul*
25096/11/0006/1819

**ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡା, ଅନୁଗୋଳ**

ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡା, ଅନୁଗୋଳ ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ (**ALUMNI MEET - 2018**) ଅନୁଷ୍ଠିତ ହେବ। ଏଣୁ ଏହି ବିଦ୍ୟାଳୟରେ ଅଧୟନ କରିଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରି ଦିଆଯାଉଅଛି ଯେ **୩୦।୧୨।୨୦୧୮ରିଖ (ରବିବାର) ଦିବା ଘ.୧୦.୩୦ଶ୍ଚା** ସମୟରେ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସଭା ଅନୁଷ୍ଠିତ ହେବ।

ଏଣୁ ବହୁ ସଂଖ୍ୟାରେ ଯୋଗଦାନ କରି ସଭାକୁ ସାଫଲ୍ୟମଣ୍ଡିତ କରିବାକୁ ଅନୁରୋଧ।

Alumni Meet 2018 is going to be held in JNV, Champatimunda, Angul. So all the passed out students of JNV, Angul are hereby invited to attend the programme on **30.12.2018 (Sunday) at 10.30 AM** at the Jawahar Navodaya Vidyalaya, Champatimunda, Angul, Odisha.

Maximum of participation is requested to make the meet a grand succes.

ପ୍ରାଚାର୍ଯ୍ୟ
ଜବାହର ନବୋଦୟ ବିଦ୍ୟାଳୟ, ଅନୁଗୋଳ

**INSTITUTE OF ENTREPRENEURSHIP DEVELOPMENT, ODISHA**
*An Institute of*
**MSME Department, Govt. of Odisha**

**NOTICE INVITING TENDER**

The Institute of Entrepreneurship Development, Odisha (IEDO) Sector-A, Zone-A, Mancheswar Industrial Estate, Bhubaneswar - 751010 invites Tender in sealed cover under two bid system i.e. Technical Bid & Price Bid from licensed registered Civil Engineers / Contractors for establishment of Common Facilities Center (CFC) for Maa Durgadevi Producer Company Limited (SPV) at Brundagadi, Athapada, Via - Udala, Mayurbhanj District, Odisha.

| Date of Commencement of Tender | Last Date & Time of Submission of Tender | Date & Time for Opening of Tender |
|---|---|---|
| 12.12.2018 | 01.01.2019 at 5 PM | 02.01.2019 at 11AM |
| Cost of Tender Paper : ₹ 500/- (Rupees Five Hundred Only) | | |

A complete set of the Bid documents containing the details of the terms and conditions may be downloaded from the website: www.iedodisha.com and the same can be submitted along with cost of tender paper in shape of Bank Draft. Any corrigendum/ addendum/ information related to this NIT will only be uploaded in IEDO website which will not be published in Newspapers. The authority reserves the right to accept / reject any part or all the bids without assigning any reason thereof. The authority has the right to increase/ decrease / cancel the quantity of construction without assigning any reason thereof.

Sd/-
Chief Executive Officer, IED Odisha, Bhubaneswar





## ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବଦଳାଇବୁ ନାହିଁ: ମନପ୍ରୀତ୍




ମନପ୍ରୀତ୍ ସିଂ

**ଭୁବନେଶ୍ୱର,୧୧।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଭାରତ କ୍ୱାର୍ଟର ଫାଇନାଲରେ ଗୁରୁବାର ନେଦରଲାଣ୍ଡ୍ସକୁ ଭେଟିବ। ଏହି ନିର୍ଣ୍ଣାୟକ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ଆମେ ରଣନୀତି ପ୍ରସ୍ତୁତ କରିଛୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ୍ ସିଂ କହିଛନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସାମାନ୍ୟ ଏକ ତ୍ରୁଟି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଆକ୍ରମଣାତ୍ମକ ଖେଳ ହେଉଛି ଆମର ବଳ। ତେଣୁ କୌଣସି ପ୍ରକାର ପରିସ୍ଥିତିରେ ଆମେ ଏଥିରେ ପରିବର୍ତ୍ତନ ଆଣିବୁ ନାହିଁ ବୋଲି ମନପ୍ରୀତ୍ ସ୍ପଷ୍ଟ କରିଛନ୍ତି। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ର୍‌ୟାଙ୍କିଙ୍ଗ୍‌ରେ ଚତୁର୍ଥ ସ୍ଥାନରେ ଥିବା ନେଦରଲାଣ୍ଡ୍ସ ଏକ ବିଶ୍ୱସ୍ତରୀୟ ତଥା ଶକ୍ତିଶାଳୀ ଦଳ ଓ ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଛନ୍ତି। କ୍ୱାର୍ଟର ଫାଇନାଲ ଏକ ନକ୍ ଆଉଟ୍ ତଥା କର ବା ମର ମୁକାବିଲା। ଏଥିରେ ଦ୍ୱିତୀୟ ଚାନ୍ସ ମଧ୍ୟ ନାହିଁ। ତେଣୁ ଏହି ମ୍ୟାଚ୍‌ରେ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ଆମକୁ ସତର୍କ ହୋଇ ଖେଳିବାକୁ ହେବ ଓ ପ୍ରତିପକ୍ଷ ଦଳକୁ ଯେତେ ସମ୍ଭବ କମ୍ ସୁଯୋଗ ଦେବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

ଆକ୍ରମଣାତ୍ମକ ଖେଳ ହେଉଛି ଆମର ମୁଖ୍ୟ ଅସ୍ତ୍ର। ଯେତେବେଳେ ଆମେ ରକ୍ଷଣାତ୍ମକ ଢଙ୍ଗରେ ଖେଳିଛୁ, ସେତେବେଳେ ପ୍ରତିପକ୍ଷ ଦଳକୁ ଆମେ ଅଧିକ ସୁଯୋଗ ଦେଇଛୁ। ତେଣୁ ଆରମ୍ଭରୁ ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିବାକୁ ହେଲେ ଆମକୁ ଆକ୍ରମଣ କରିବାକୁ ହେବ। ଏଥିସହିତ କ୍ୱାର୍ଟର ଫାଇନାଲରେ ମିଳିବାକୁ ଥିବା ସୁଯୋଗର ସଦ୍‌ବ୍ୟବହାର ଉପରେ ଆମେ ଗୁରୁତ୍ୱ ଦେବାକୁ ଚେଷ୍ଟା କରିବୁ। ଏହା ଏକ କଷ୍ଟକର ମ୍ୟାଚ୍ ହୋଇଥିବାରୁ ଯେଉଁ ଦଳ ସୁଯୋଗର ଯଥା ସମ୍ଭବ ସଦ୍‌ବ୍ୟବହାର କରିବ ସେହି ଦଳ ବିଜୟୀ ହେବ ବୋଲି ମନପ୍ରୀତ କହିଛନ୍ତି।

ସେମି ଫାଇନାଲରେ ହାରିଲେ ଜଣେ ପଦକ ହାସଲ କରିବାଠାରୁ ଗୋଟିଏ ପାଦ ଦୂରରେ ରହିବ। କିନ୍ତୁ କ୍ୱାର୍ଟର ଫାଇନାଲରେ ହାରିଲେ କୌଣସି ପଦକ ପ୍ରାପ୍ତ ହେବ ନାହିଁ। ଯଦି ଆମେ ସୁଯୋଗର ସଦ୍‌ବ୍ୟବହାର ନ କରୁ ତେବେ ପ୍ରତିପକ୍ଷ ଦଳ ଫାଇଦା ଉଠାଇବ। ୩ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ନେଦରଲାଣ୍ଡ୍ସ ପାଇଁ ସ୍ୱତନ୍ତ୍ର ରଣନୀତ ପ୍ରସ୍ତୁତ କରିବା ଉପରେ ମନପ୍ରୀତ ଆଲୋକପାତ କରିଥିଲେ।

## ବେଲଜିୟମ-ଜର୍ମାନୀ କ୍ୱାର୍ଟର ଫାଇନାଲ

### ପାକିସ୍ତାନର ବିଦାୟ




ସେଡ୍ରିକ୍ ଚାର୍ଲେର

**ଭୁବନେଶ୍ୱର, ୧୧।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ମଙ୍ଗଳବାର ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚରେ ବେଲଜିୟମ ୫-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ପାକିସ୍ତାନର ଅଭିଯାନ ଏହିଠାରୁ ଶେଷ ହୋଇଛି ଏବଂ ବେଲଜିୟମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଡିସେମ୍ବର ୧୩ରେ ବେଲଜିୟମ ଓ ଜର୍ମାନୀ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପୁଲ୍'ଡି'ରେ ଶୀର୍ଷସ୍ଥାନରେ ରହିଥିବାରୁ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ ଜିତି ନ ପାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ପୁଲ୍ ପର୍ଯ୍ୟାୟରେ ଦଳ ୩ଟି ମ୍ୟାଚ ଖେଳିଥିବାବେଳେ ୨ଟିରେ ପରାଜିତ ହୋଇଥିଲା ଏବଂ ଗୋଟିଏ ମ୍ୟାଚ ଡ୍ର ରଖିବାକୁ ସକ୍ଷମ ହୋଇଥିଲା।

ଅନ୍ୟତମ ଟାଇଟଲ ଫେଭରାଇଟ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ମ୍ୟାଚ ଆରମ୍ଭରୁ ପାକିସ୍ତାନ ଉପରେ ଭାରି ପଡ଼ିଥିଲା। ଆକ୍ରମଣାତ୍ମକ ରଣନୀତି ଜାରି ରଖି ଦଳ ମ୍ୟାଚ ଆରମ୍ଭର ୩୮ ସେକେଣ୍ଡରେ ପାକିସ୍ତାନ ସର୍କଲରେ ପ୍ରବେଶ କରି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ତେବେ ଏହା ଗୋଲରେ ପରିଣତ ହୋଇପାରି ନ ଥିଲା। ୧୦ମ ମିନିଟରେ ଦଳ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିବାବେଳେ ଆଲେକ୍ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ୧୩ତମ ମିନିଟରେ ଥୋମାସ ବ୍ରିଏଲ୍ସଙ୍କ ଗୋଲ ସହାୟତାରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ପ୍ରଥମ କ୍ୱାର୍ଟରରେ ବେଲଜିୟମ ୯ଥର ପାକିସ୍ତାନ ସର୍କଲରେ ପ୍ରବେଶ କରିଥିଲା। ପାକିସ୍ତାନ ମାତ୍ର ୩ ଥର ଏହା କରି ପାରିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ପାକିସ୍ତାନ ସୁଯୋଗ ସୃଷ୍ଟି କରି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ୧୬ତମ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ମାତ୍ର ଖେଳାଳିମାନେ ଏହାର ସଦୁପଯୋଗ କରିପାରି ନ ଥିଲେ।

ପାକିସ୍ତାନ ଗୋଲ ପରିଶୋଧ ଲକ୍ଷ୍ୟରେ ଥିବାବେଳେ ବେଲଜିୟମ ସ୍ପିଡ୍ ହକି ଖେଳିବା ଜାରି ରଖି ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ଉପରେ ଧ୍ୟାନ ଦେଇଥିଲା। ଦଳକୁ ଏହାର ଫାଇଦା ମଧ୍ୟ ମିଳିଥିଲା। ୨୭ତମ ମିନିଟରେ ସେଡ୍ରିକ୍ ଚାର୍ଲେର ଏକ ଫିଲ୍ଡ ଗୋଲ ଦେଇ ବେଲଜିୟମର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ବେଲଜିୟମ ୮ ଥର ପାକିସ୍ତାନ ସର୍କଲ ଭେଦ କରିଥିଲା। ଆକ୍ରମକ ଖେଳି ପାକିସ୍ତାନ ୬ ଥର ଏହା କରି ପାରିଥିଲେ ହେଁ ଗୋଲ ସ୍କୋରରେ ବିଫଳ ହୋଇଥିଲା।

ଦ୍ୱିତୀୟାର୍ଦ୍ଧରେ ପାର୍ଶ୍ୱ ପରିବର୍ତ୍ତନ ହୋଇଥିଲେ ହେଁ ପାକିସ୍ତାନ ଭାଗ୍ୟରେ ପରିବର୍ତ୍ତନ ହୋଇ ନ ଥିଲା। ଅଧିକରୁ ଅଧିକ ଗୋଲ ସ୍କୋରିଂ ପାଇଁ ଭୋକିଲାଥିବା ବେଲଜିୟମ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭ ହେବାର ୫ମ ମିନିଟରେ ଅର୍ଥାତ୍ ୩୫ତମ ମିନିଟରେ ସେବାଷ୍ଟିଆନ ଡୋକେର ଏକ ଫିଲ୍ଡ ଗୋଲ ଦେଇ ବେଲଜିୟମ ଅଗ୍ରଣୀକୁ ୪-୦ରେ ପହଞ୍ଚାଇ ଦେଇଥିଲେ। ୩୬ତମ ମିନିଟରେ ଦଳ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ମଧ୍ୟ ପାଇଥିଲା। ମାତ୍ର ତାହା ଗୋଲ ହୋଇପାରି ନ ଥିଲା। ୩୮ତମ ମିନିଟରେ ପାକିସ୍ତାନ ଗୋଲ ପରିଶୋଧ ପାଇଁ ସୁଯୋଗ ପାଇଥିଲେ ହେଁ ଦିଶାହୀନ ପ୍ରଦର୍ଶନ ପାଇଁ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନ ଥିଲା। ୪୦ ତମ ମିନିଟରେ ବେଲଜିୟମ ମଧ୍ୟ ଟାର୍ଗେଟ୍ ମିସ୍ କରିଥିଲା। ୫୩ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନର କନଭର୍ସନ ସମୟରେ ପାକିସ୍ତାନ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଦଣ୍ଡ ସ୍ୱରୂପ ବେଲଜିୟମକୁ ପେନାଲ୍ଟି ଷ୍ଟ୍ରୋକ୍ ଦିଆଯାଇଥିଲା। ଟମ୍ ବୁନ୍ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ବେଲଜିୟମ ୫-୦ ଗୋଲରେ ବିଜୟୀ ହୋଇଥିଲା।

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଇଗ୍ନେସ ତିର୍କୀ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ଶୁଭଦ୍ରା ପ୍ରଧାନ ଅତିଥିଭାବେ ଯୋଗଦେଇ ବେଲଜିୟମର ସିମନ ଗୁଗ୍‌ନାର୍ଡଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଗୁଗ୍‌ନାର୍ଡଙ୍କୁ ପୁରସ୍କାର ଆକାରରେ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।



ପାକିସ୍ତାନ ଓ ବେଲ୍‌ଜିୟମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ବିଶ୍ୱକପରେ ନେଦରଲାଣ୍ଡ୍ସକୁ କେବେ ହରାଇନି ଭାରତ



କାନାଡ଼ା ବିପକ୍ଷରେ ବିଜୟ ହାସଲ ପରେ ନେଦରଲାଣ୍ଡ୍ସ ଖେଳାଳିଙ୍କ ସେଲିବ୍ରେଶନ

**ଭୁବନେଶ୍ୱର, ୧୧।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଅତୀତ ରେକର୍ଡ ଦେଖିଲେ ଭାରତ ବିଶ୍ୱକପରେ କେବେହେଲେ ନେଦରଲାଣ୍ଡ୍ସକୁ ହରାଇବାରେ ସକ୍ଷମ ହୋଇନାହିଁ। ଏଥର ଭାରତ ଚମତ୍କାର ଫର୍ମରେ ଥିବାରୁ ସେହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛି। ବିଶ୍ୱକପରେ ଉଭୟ ଦଳ ମଧ୍ୟରେ ମୋଟ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସେଥିରୁ ନେଦରଲାଣ୍ଡ୍ସ ସମସ୍ତ ମ୍ୟାଚ ଜିତିଛି। ୧୯୭୩ ବିଶ୍ୱକପ ଫାଇନାଲର ନିର୍ଦ୍ଧାରିତ ସମୟରେ ଉଭୟ ଦଳର ସ୍କୋର ୨-୨ ରହିଥିଲା। ଭାରତ ପକ୍ଷରୁ ସୁର୍ଜିତ ସିଂ ଏବଂ ନେଦରଲାଣ୍ଡ୍ସ ପକ୍ଷରୁ ଟାଏଜ୍ କ୍ରୁଇଜ୍ ୨ଟି ଲେଖାଏ ଗୋଲ ଦେଇଥିଲେ। ସମସ୍ତ ଗୋଲ ପେନାଲ୍ଟି କର୍ନରରୁ ଆସିଥିଲା। ଅତିରିକ୍ତ ସମୟର ୩୧ ସେକେଣ୍ଡ ବାକିଥିବାବେଳେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ମାତ୍ର ବି.ପି. ଗୋବିନ୍ଦା ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଟାଇବ୍ରେକରରେ ଭାରତ ୨-୪ ଗୋଲରେ ହାରିଥିଲା। ଏଥିରେ ମଧ୍ୟ ଗୋବିନ୍ଦା ଗୋଲ ଦେବାରେ ବିଫଳ ହୋଇଥିଲେ। ୧୯୭୩ ବିଶ୍ୱକପ ଫାଇନାଲରେ ମୋଟ ୧୦ଟି ଗୋଲ ହୋଇଥିଲା। ଏ ସମସ୍ତ ପେନାଲ୍ଟି କର୍ନର କିମ୍ବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ଆସିଥିଲା। ବିଶ୍ୱକପରେ ଉଭୟ ଦେଶ ମଧ୍ୟରେ ଅନ୍ୟ ୫ ମୁକାବିଲାର ଫଳାଫଳ ଏହିପରି ରହିଛି। ବମ୍ବେରେ ଅନୁଷ୍ଠିତ ୧୯୮୧ ବିଶ୍ୱକପର ଏକ ଲିଗ୍ ମ୍ୟାଚରେ ନେଦରଲାଣ୍ଡ୍ସ ୪-୩ ଗୋଲରେ ଭାରତକୁ ହରାଇଥିଲା। ଲାହୋରରେ ଅନୁଷ୍ଠିତ ୧୯୯୦ ବିଶ୍ୱକପର ଲିଗ୍ ମ୍ୟାଚରେ ଭାରତ ୩-୫ରେ ନେଦରଲାଣ୍ଡ୍ସଠାରୁ ହାରିଥିଲା। ସେହିପରି ୧୯୯୪ ସିଡ୍‌ନୀ ବିଶ୍ୱକପର ଲିଗ୍ ମ୍ୟାଚରେ ଭାରତକୁ ୪-୨ ଗୋଲରେ ହରାଇଥିଲା ନେଦରଲାଣ୍ଡ୍ସ। ୧୯୯୮ ଉଟ୍ରେଚ୍ ବିଶ୍ୱକପର ଲିଗ୍ ମ୍ୟାଚରେ ନେଦରଲାଣ୍ଡ୍ସ ୫-୦ ଗୋଲରେ ଭାରତକୁ ହରାଇଥିଲା। ୨୦୦୬ ମନଚେନ୍‌ଲାଡ୍‌ବ୍ୟାକ୍ ବିଶ୍ୱକପର ଲିଗ୍ ମ୍ୟାଚରେ ଭାରତ ୧-୬ ଗୋଲରେ ନେଦରଲାଣ୍ଡ୍ସଠାରୁ ପରାଜିତ ହୋଇଥିଲା। ଅନ୍ୟ ଟୁର୍ନାମେଣ୍ଟ ଗୁଡ଼ିକର ରେକର୍ଡ ଦେଖିଲେ ୨୦୦୩ ଚାମ୍ପିୟନ୍ସ ଟ୍ରଫିରେ ଭାରତ ୬୩ ମିନିଟ ପର୍ଯ୍ୟନ୍ତ ୩-୦ ଗୋଲରେ ଅଗ୍ରଣୀ ରହିଥିଲା। ମାତ୍ର ଅବଶିଷ୍ଟ ୭ ମିନିଟରେ ନେଦରଲାଣ୍ଡ୍ସ ୪ଟି ଗୋଲ କରି ମ୍ୟାଚକୁ ୪-୩ରେ ଜିତିଥିଲା। ୧୯୬୨ରେ ଅହମ୍ମଦାବାଦରେ ଅନୁଷ୍ଠିତ ଏକ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଭାରତ ସର୍ବୋଚ୍ଚ ୯-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ୧୯୮୫ରେ ଆମଷ୍ଟେଲଭିନରେ ଅନୁଷ୍ଠିତ ଆମନ୍ତ୍ରଣୀୟ ମ୍ୟାଚରେ ଭାରତ ବିପକ୍ଷରେ ନେଦରଲାଣ୍ଡ୍ସ ସର୍ବୋଚ୍ଚ ୮-୦ ଗୋଲରେ ବିଜୟୀ ହୋଇଥିଲା। ଉଭୟ ଦେଶ ମଧ୍ୟରେ ପ୍ରଥମ ମ୍ୟାଚ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନେଦରଲାଣ୍ଡ୍ସକୁ ୩-୦ ଗୋଲରେ ହରାଇ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଧ୍ୟାନଚାନ୍ଦ ୨ଟି ଏବଂ ଜର୍ଜ ଏରିକ ମାର୍ଟିନ୍ସ ଗୋଟିଏ ଗୋଲ ଦେଇଥିଲେ। ୧୯୮୭ରେ ନୂଆଦିଲ୍ଲୀରେ ଇନ୍ଦିରା ଗାନ୍ଧୀ ଗୋଲ୍ଡ କପ୍ ଲିଗ୍ ଅବସରରେ ଉଭୟ ଦେଶ ମଧ୍ୟରେ ୫୦ତମ ମ୍ୟାଚ ଖେଳାଯାଇଥିଲା। ଏଥିରେ ନେଦରଲାଣ୍ଡ୍ସ ୨-୦ ଗୋଲରେ ଭାରତକୁ ହରାଇଥିଲା। ୨୦୧୫ ହକି ୱାର୍ଲ୍ଡ ଲିଗ୍‌ର ବ୍ରୋଞ୍ଜ ପଦକ ମ୍ୟାଚ ଉଭୟ ଦଳର ୧୦୦ତମ ଗେମ୍ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୫-୫ ସ୍ଥିତିରେ ରହିବାପରେ ଶୁଟ୍ ଆଉଟରେ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା।

### ଭାରତ-ନେଦରଲାଣ୍ଡ୍ସ ହକି ରେକର୍ଡ

| ଟୁର୍ନାମେଣ୍ଟ | ମ୍ୟାଚ | ଭାରତ ବି. | ନେଦରଲାଣ୍ଡ୍ସ ବି. | ଡ୍ର | ଭା.ଗୋଲ | ନେ.ଗୋଲ |
|---|---|---|---|---|---|---|
| ଅଲିମ୍ପିକ୍ସ | ୧୨ | ୭ | ୪ | ୧ | ୩୦ | ୧୯ |
| ବିଶ୍ୱକପ୍ | ୬ | ୦ | ୫ | ୧ | ୧୧ | ୨୬ |
| ଚାମ୍ପିୟନ୍ସ ଟ୍ରଫି | ୧୪ | ୩ | ୮ | ୩ | ୨୭ | ୪୦ |
| ହକି ୱାର୍ଲ୍ଡ ଲିଗ୍ | ୪ | ୦ | ୩ | ୧ | ୭ | ୧୩ |
| ଦ୍ୱିପାକ୍ଷିକ ସିରିଜ | ୩୪ | ୧୧ | ୧୨ | ୧୧ | ୬୨ | ୬୭ |
| ସୁଲତାନ ଆଜଲାନ ଶାହ କପ | ୩ | ୧ | ୨ | ୦ | ୪ | ୪ |
| ଇସାଣ୍ଡା କପ୍ | ୨ | ୧ | ୧ | ୦ | ୫ | ୭ |
| ଆମନ୍ତ୍ରଣୀୟ(ଏସିଆ) | ୧୦ | ୨ | ୨ | ୬ | ୨୧ | ୧୪ |
| ଆମନ୍ତ୍ରଣୀୟ(ୟୁରୋପ) | ୧୨ | ୩ | ୮ | ୧ | ୧୭ | ୩୬ |
| ଅନ୍ତର୍ଜାତୀୟ ଟେଷ୍ଟ | ୬ | ୪ | ୨ | ୦ | ୨୫ | ୬ |
| ଅଲିମ୍ପିକ୍ସ କ୍ୱାଲିଫାୟର | ୨ | ୧ | ୧ | ୦ | ୬ | ୫ |
| ମୋଟ | ୧୦୫ | ୩୩ | ୪୮ | ୨୪ | ୨୧୫ | ୨୩୭ |

## ସ୍ୱଦେଶ ଫେରିଲେ ଚାଇନା, ସ୍ପେନ

**ଭୁବନେଶ୍ୱର, ୧୧।୧୨(କ୍ରୀଡ଼ା ପ୍ରତିନିଧି):** ଭୁବନେଶ୍ୱରରେ ଚାଲିଥିବା ହକି ବିଶ୍ୱକପରେ ଭାଗ ନେଉଥିବା ୧୬ ଦଳ ମଧ୍ୟରୁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ସ୍ୱଦେଶ ଫେରିଛନ୍ତି ସ୍ପେନ ଓ ଚାଇନା। ସ୍ପେନ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ନ ପାରି ପୁଲ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଦଳ ପ୍ରଥମ ମ୍ୟାଚରେ ଲଢ଼ୁଆ ପ୍ରଦର୍ଶନ କରିଥିଲେ ହେଁ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାଠାରୁ ୩-୪ ଗୋଲରେ ହାରିଥିଲା। ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ୧-୧ରେ ଡ୍ର ରଖିବା ଦଳପାଇଁ ମହଙ୍ଗା ପଡ଼ିଥିଲା। ଶେଷ ମ୍ୟାଚକୁ ମଧ୍ୟ ସ୍ପେନ ନ୍ୟୁଜିଲାଣ୍ଡ ବିପକ୍ଷରେ ୨-୨ରେ ଡ୍ର ରଖି ୩ ମ୍ୟାଚରୁ ମାତ୍ର ୨ ପଏଣ୍ଟ ପାଇ ଏଲିମିନେଟ ହୋଇଥିଲା। ସେହିପରି ବିଶ୍ୱକପରେ ପ୍ରଥମ ପଦାର୍ପଣ କରିଥିବା ଚାଇନା ପୁଲ୍ ପର୍ଯ୍ୟାୟ ଦେଇ କ୍ରସ୍ ଓଭରରେ ପ୍ରବେଶ କରିଥିଲା। ଦଳ ପ୍ରଥମ ମ୍ୟାଚକୁ ଇଂଲଣ୍ଡ ସହିତ ୨-୨ରେ ଡ୍ର ରଖିବାପରେ ଦ୍ୱିତୀୟ ମ୍ୟାଚରେ ଆୟର୍ଲାଣ୍ଡ ସହିତ ୧-୧ରେ ପଏଣ୍ଟ ଭାଗ କରିଥିଲା। ତୃତୀୟ ମ୍ୟାଚରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ୦-୧୧ ଗୋଲରେ ହାରିଥିଲା। ୩ ମ୍ୟାଚରୁ ୨ ପଏଣ୍ଟ ପାଇଥିବାରୁ ଦଳ କ୍ରସ୍ ଓଭରରେ ପ୍ରବେଶ କରିଥିଲା। ତେବେ ସେଠାରେ ଫ୍ରାନ୍ସଠାରୁ ୦-୧ ଗୋଲରେ ହାରିଯାଇ ବିଦାୟ ନେଇଥିଲା।

## ପ୍ରାୟୋଜକଙ୍କ ଅପେକ୍ଷାରେ ଦ. ଆଫ୍ରିକା ହକି ଦଳ

**ଭୁବନେଶ୍ୱର, ୧୧।୧୨:** ଏଠାରେ ଆୟୋଜିତ ହକି ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଦଳର ଅଭିଯାନ ଶେଷ ହୋଇଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଓ ଭାରତ ଗସ୍ତ କରିବା ଲାଗି ଏହି ଦଳକୁ ଦେଶର କେତେ ଜଣ ବ୍ୟକ୍ତି ସହାୟତା କରିଥିଲେ। ମାତ୍ର ତାହା ଯଥେଷ୍ଟ ନ ଥିଲା। ଖେଳାଳିଙ୍କୁ ନିଜ ପକେଟରୁ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିଛି। ଟୁର୍ନାମେଣ୍ଟରେ ଦୁଇଟି ବଡ଼ ପରାଜୟ ଓ ଗୋଟିଏ ଡ୍ର' ସହ ସ୍ୱଦେଶ ଫେରୁଥିବା ଦ. ଆଫ୍ରିକା ଦଳର ମୁଖ୍ୟ ଲକ୍ଷ୍ୟ ଏବେ ପ୍ରାୟୋଜକ ପାଇବା। "ଆମ ବୋର୍ଡ ଲାଗି ପ୍ରାୟୋଜକଙ୍କ ନିହାତି ଆବଶ୍ୟକ। ଫେଡେରେଶନ ପକ୍ଷରୁ ଯଥା ସମ୍ଭବ କାର୍ଯ୍ୟ କରାଯାଉଛି। କିନ୍ତୁ ଏଥିରେ ଆବଶ୍ୟକତା ମେଣ୍ଟୁନାହିଁ। ଏଣୁ ଆମକୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଫଳରେ ଆମେ ପ୍ରାୟୋଜକଙ୍କୁ ଆକୃଷ୍ଟ କରିପାରିବୁ" ବୋଲି ଦ. ଆଫ୍ରିକା ଅଧିନାୟକ ଟିମ ଡ୍ରୁମଣ୍ଡ କହିଛନ୍ତି।




ଫ୍ୟାନ୍-ଜୋନ୍

# ଆଜିଠାରୁ କ୍ୱାର୍ଟର ଫାଇନାଲ୍ ଲଢ଼େଇ

**ଭୁବନେଶ୍ୱର, ୧୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)**



ଆର୍ଜେଣ୍ଟିନା ଦଳ

## ଇଂଲଣ୍ଡକୁ ଭେଟିବ ଆର୍ଜେଣ୍ଟିନା

ଚଳିତ ହକି ବିଶ୍ୱକପ୍ ୧୪ତମ ସଂସ୍କରଣ ଏବେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ବିଶ୍ୱକପ୍‌ର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ସେହିପରି ଏହି ଦିନ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ଓ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ମୁହାଁମୁହିଁ ହେବେ।

ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ବିଶ୍ୱ ର‌୍ୟାଙ୍କିଂର ୨ ନମ୍ବର ସ୍ଥାନରେ ଥିବା ଆର୍ଜେଣ୍ଟିନା ପୁଲ୍ ଏ'ରେ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟରଫାଇନାଲକୁ ଉଠିଥିଲା। ପୁଲ୍ ପର୍ଯ୍ୟାୟରେ ଆର୍ଜେଣ୍ଟିନା ପ୍ରଥମ ମ୍ୟାଚ୍‌ରେ ୪-୩ ଗୋଲରେ ସ୍ପେନକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୩-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ବିଶ୍ୱ ର‌୍ୟାଙ୍କିଂର ୨୦ ନମ୍ବର ଦଳ ଫ୍ରାନ୍ସଠାରୁ ପରାସ୍ତ ହୋଇଥିଲା। ଏହି ପରାଜୟ ଫଳରେ ଆର୍ଜେଣ୍ଟିନାକୁ ଝଟ୍‌କା ଲାଗିଥିଲା। ତେବେ କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନା ତା'ର ତ୍ରୁଟି ସୁଧାରି ପୂରା ଶକ୍ତି ଓ ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ। ଆର୍ଜେଣ୍ଟିନା ୩ଜଣ ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେମାନେ ହେଲେ ଗୋଞ୍ଜାଲୋ ପେଇଲାଟ, ଲୁକାସ ମାର୍ଟିନେଜ ରୁଇଜ୍ ଓ ଅଗଷ୍ଟିନ ମାଜିଲି।

ଅପରପକ୍ଷରେ ଏଫ୍ଆଇଏଚ୍ ର‌୍ୟାଙ୍କିଂର ସପ୍ତମ ସ୍ଥାନରେ ଥିବା ଇଂଲଣ୍ଡ ପୁଲ୍ ବି'ରେ ସେତେଟା ଉତ୍ସାହଜନକ ପ୍ରଦର୍ଶନ କରିପାରି ନ ଥିଲା। ୩ଟି ମ୍ୟାଚ୍ ଖେଳି ଇଂଲଣ୍ଡ ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା ଓ କ୍ରସଓଭର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୨-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଇଂଲଣ୍ଡ ପାଇଁ ଗୋଲକିପର ଜର୍ଜ ପିନେର ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଖାସ୍ କରି କ୍ରସ୍ ଓଭର ମ୍ୟାଚ୍‌ରେ ସେ ଇଂଲଣ୍ଡର ବିଜୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ।

ଆର୍ଜେଣ୍ଟିନାଠାରୁ ଇଂଲଣ୍ଡ ଅପେକ୍ଷାକୃତ ଦୁର୍ବଳ ମନେହେଉଥିଲେ ମଧ୍ୟ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖୁଛି। ତେଣୁ କ୍ୱାର୍ଟର ଫାଇନାଲ ଭଳି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଇଂଲଣ୍ଡକୁ ଆର୍ଜେଣ୍ଟିନା ଆଦୌ ହେୟ ମନେ କରିବ ନାହିଁ। ଡ୍ୟାନୀ କେରିଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ପ୍ରତି ମ୍ୟାଚ୍‌ରେ ଉନ୍ନତି କରିଛି। ଅଭିଜ୍ଞ ଯୁବ ଖେଳାଳିଙ୍କୁ ନେଇ ଇଂଲଣ୍ଡ ଦଳ ବେଶ୍ ସନ୍ତୁଳିତ। ତେଣୁ ଏହି ମ୍ୟାଚ୍ ଜିତି ଇଂଲଣ୍ଡ ସେମିକୁ ଉଠିବାକୁ ପ୍ରାଣପଣେ ପ୍ରୟାସ କରିବ। ଅନ୍ୟପଟେ କୋଚ୍ ଜର୍ମାନ ଓରୋଜକୋଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା ତା'ର ଖ୍ୟାତି ଅନୁରୂପ ପ୍ରଦର୍ଶନ କରିବ ଓ ସହଜରେ ସେମିଫାଇନାଲ ଟିକେଟ ହାସଲ କରିବ ବୋଲି ଆଶା କରାଯାଉଛି।

୨୦୧୩ ପରଠାରୁ ଉଭୟ ଦଳ ପରସ୍ପରକୁ ୭ଥର ଭେଟିଛନ୍ତି। ଏଥିରୁ ଆର୍ଜେଣ୍ଟିନା ୪ଥର ବିଜୟୀ ହୋଇଥିବା ବେଳେ ଇଂଲଣ୍ଡର ବିଜୟ ଆଶା ଅଧୁରା ରହିଛି। ତେବେ ଇଂଲଣ୍ଡ ୩ଟି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସମର୍ଥ ହୋଇଛି।

### ଆଜିର ମ୍ୟାଚ୍

**(କ୍ୱାର୍ଟରଫାଇନାଲ)**

**ଆର୍ଜେଣ୍ଟିନା ବନାମ ଇଂଲଣ୍ଡ**
ସମୟ: ଅପରାହ୍ନ ୪ଟା ୪୫

**ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ**
ସମୟ: ରାତି ୭ଟା

ସ୍ଥାନ-କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

## ଅଷ୍ଟ୍ରେଲିଆ ଫେଭରାଇଟ୍

ବୁଧବାର ଖେଳାଯିବାକୁଥିବା ହକି ବିଶ୍ୱକପ୍ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଟୁର୍ନାମେଣ୍ଟର ସବୁଠାରୁ ନିମ୍ନ ର‌୍ୟାଙ୍କର ଦଳ ଫ୍ରାନ୍ସକୁ ଭେଟିବ। ଅଷ୍ଟ୍ରେଲିଆ ବିଶ୍ୱ ର‌୍ୟାଙ୍କିଂ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଫ୍ରାନ୍ସ ୨୦ତମ ସ୍ଥାନରେ ରହିଛି। ତେଣୁ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ଫେଭରାଇଟ ମନେହେଉଛି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସହଜରେ ବିଜୟୀ ହେବ ବୋଲି ଆଶା କରାଯାଉଛି।

ପୁଲ୍ ଏ'ରେ ଅଷ୍ଟ୍ରେଲିଆ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ୯ ପଏଣ୍ଟ ହାସଲ କରିବା ସହ ଶୀର୍ଷରେ ରହି ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପୁଲ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨-୧ରେ ଆୟର୍ଲାଣ୍ଡକୁ ହରାଇଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ଇଂଲଣ୍ଡକୁ ହରାଇଥିଲା। ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୧-୦ ଗୋଲ ବୃହତ୍ ବ୍ୟବଧାନରେ ବିଶ୍ୱକପ୍ ପଦାର୍ପଣ କରିଥିବା ଚାଇନାକୁ ହରାଇଥିଲା। ତେଣୁ ଅଷ୍ଟ୍ରେଲିଆକୁ ରୋକିବା ଏକପ୍ରକାର ଅସମ୍ଭବ ମନେହେଉଛି। ପୁଣି ଫ୍ରାନ୍ସ ବିଶ୍ୱକପ୍‌ର ସବୁଠାରୁ ଦୁର୍ବଳ ମନେହେଉଥିବା ବେଳେ ଅଷ୍ଟ୍ରେଲିଆ ପାଇଁ କାମ ସହଜ ହେବ।

ଅପରପକ୍ଷରେ ଫ୍ରାନ୍ସ ପୁଲ୍ ଏ'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ପୁଲ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସ ୨-୧ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ସ୍ପେନ୍ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଫ୍ରାନ୍ସ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରି ଫ୍ରାନ୍ସ ୫-୩ ଗୋଲରେ ଶକ୍ତିଶାଳୀ ଆର୍ଜେଣ୍ଟିନାକୁ ହରାଇ କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। କ୍ରସ୍ ଓଭର ମ୍ୟାଚ୍‌ରେ ଫ୍ରାନ୍ସ ସଂଘର୍ଷ କରି ୧-୦ ଗୋଲରେ ଚାଇନାକୁ ହରାଇ କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିଥିଲା।

କୋଚ୍ ଜେରୋଏନ ଡେଲମିଙ୍କ ତତ୍ତ୍ୱାବଧାନରେ ଓ ଭିକ୍ଟର ଚାର୍ଲେଟଙ୍କ ନେତୃତ୍ୱରେ ଫ୍ରାନ୍ସ ଏଥର କିଛି କରି ଦେଖାଇବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ କୋଚ୍ କଲିନ୍ ବ୍ୟାଚ୍ ଓ ଏଡ୍ଡି ଓକେନଡେନଙ୍କ ନେତୃତ୍ୱରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। କେତେଜଣ ଅଭିଜ୍ଞ ଖେଳାଳି ଅବସର ନେଇଛନ୍ତି ଓ ପାଖାପାଖି ୧୦ଜଣ ଖେଳାଳି ବିଶ୍ୱକପ୍ ପଦାର୍ପଣ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ପ୍ରଦର୍ଶନରେ କିଛି ଫରକ୍ ଆସିନାହିଁ। ପୂର୍ବରୁ ଫ୍ରାନ୍ସ ହକିରେ କୌଣସି ମେଜର ଟ୍ରଫି ହାସଲ କରିପାରିନାହିଁ। ପ୍ରାୟ ସବୁବେଳେ ସବୁ ଟୁର୍ନାମେଣ୍ଟରେ ଫ୍ରାନ୍ସ ଅଣ୍ଡରଡଗ୍ ବିବେଚିତ ହୋଇଥାଏ। ଏଥର କିନ୍ତୁ ଏହି ଦଳ କମାଲ କରିବା ଲକ୍ଷ୍ୟରେ ରହିଛି। ୨୦୧୩ ପରେ ଉଭୟ ଦଳ ପରସ୍ପରକୁ ୩ଥର ଭେଟିଛନ୍ତି। ୩ଥର ଯାକ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ରେକର୍ଡ ଓ ଫର୍ମ ଦୃଷ୍ଟିକୋଣରୁ ଅଷ୍ଟ୍ରେଲିଆ ଫ୍ରାନ୍ସକୁ ହରାଇ ସେମିକୁ ଉଠିବା ଆଶା କରଯାଉଛି।



ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ



ଜଣେ ବେଲ୍‌ଜିୟମ୍ ପ୍ରଶଂସିକା ମୁହଁରେ ନିଜ ଦେଶର ପତାକା ଅଙ୍କାଉଛନ୍ତି।



ଚିୟର ଗର୍ଲଙ୍କ ନୃତ୍ୟ ପରିବେଷଣ

## ଆକାଶବାଣୀ ପକ୍ଷରୁ ଧାରାବିବରଣୀ

**ଭୁବନେଶ୍ୱର, ୧୧।୧୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଧାରାବିବରଣୀ ମଙ୍ଗଳବାରଠାରୁ ଆକାଶବାଣୀ ପକ୍ଷରୁ ଆରମ୍ଭ ହୋଇଛି। ହିନ୍ଦୀ ଓ ଇଂଲିଶରେ ଏହି ଧାରାବିବରଣୀର ସିଧା ପ୍ରସାରଣ କରାଯାଇଛି। ପ୍ରଶାନ୍ତ ସେନେଗର, ୱିଙ୍ଗ୍ କମାଣ୍ଡର ରାକେଶ ପରାସର, ଶଙ୍କର ପ୍ରକାଶ ଓ ଏମ.ଏସ. ଲାଲା ଧାରାବିବରଣୀ ପ୍ରଦାନ କରିଥିଲେ। ଶୁଭାଶିଷ ରାଜଗୁରୁ ମହାପାତ୍ର ଓ ସନାତନ ମୁର୍ମୁ ବୈଷୟିକ ସହାୟତା ପ୍ରଦାନ କରିଥିବାବେଳେ ତରୁଣକାନ୍ତି ରାଉତ, ସୁଜିତ ଦାସ ଓ ସୌଭାଗ୍ୟ ରଥ ପ୍ରଡକ୍ସନ ଦାୟିତ୍ୱରେ ଥିଲେ। ଏହି ଟିମ୍ ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲର ମଧ୍ୟ ଧାରାବିବରଣୀ ପ୍ରଦାନ କରିବେ। ୧୫ ତାରିଖ ସେମିଫାଇନାଲ ଏବଂ ୧୬ ତାରିଖରେ ବ୍ରୋଞ୍ଜ ପଦକ ମ୍ୟାଚ ଓ ଫାଇନାଲ ମ୍ୟାଚ ପାଇଁ ନୂଆ ଟିମ୍ ଦାୟିତ୍ୱରେ ରହିବେ ବୋଲି ଜଣାଯାଇଛି।




## ହକିକୁ ଅଧିକ ଲୋକପ୍ରିୟ କରାଇବାକୁ ଯୋଜନା

**ଭୁବନେଶ୍ୱର, ୧୧।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପକୁ ଏପର୍ଯ୍ୟନ୍ତ ଅଭୁତପୂର୍ବ ଦର୍ଶକ ସମର୍ଥନ ମିଳିଛି। ଏପର୍ଯ୍ୟନ୍ତ ମ୍ୟାଚ ଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଥିବାବେଳେ ଓଡ଼ିଶାରେ ହକିର ଲୋକପ୍ରିୟତା ସାରା ବିଶ୍ୱ ଦେଖିଛି। ହକିକୁ ବିଶ୍ୱବ୍ୟାପୀ ଅଧିକ ଲୋକପ୍ରିୟ କରିବାକୁ ଅଣ୍ଟାଭିଡ଼ିଛି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍)। ମଙ୍ଗଳବାର ବେଲଜିୟମ-ପାକିସ୍ତାନ ଓ ନେଦରଲାଣ୍ଡ୍ସ-କାନାଡ଼ା କ୍ରସ୍‌ଓଭର ମ୍ୟାଚ ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଆଗାମୀ ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ ଏଫ୍ଆଇଏଚ୍‌ର ବ୍ରଡ୍‌କାଷ୍ଟ ଆଣ୍ଡ ଟିଭି ଡାଇରେକ୍ଟର ଆଣ୍ଡି ଓରାମ ଏବଂ ସିନିୟର କମ୍ୟୁନିକେଶନ ମ୍ୟାନେଜର ନିକୋଲାସ ମେନ୍‌ଗୋଟ। ଆଣ୍ଡିଙ୍କ କହିବା ଅନୁସାରେ ହକି ମ୍ୟାଚଗୁଡ଼ିକର ପ୍ରସାରଣ ପାଇଁ ଏକ ନୂଆ ଆପ୍ ଲଞ୍ଚ୍ କରାଯିବ। ଏଫଆଇଏଚ୍.ଲାଇଭ୍ ନାମରେ ଏହି ଆପ୍‌କୁ ୨୦୧୯ ଜାନୁୟାରୀ ୧୦ରେ ଲୋକାର୍ପଣ କରାଯିବ। ଏହି ଆପ୍‌ରେ ହକି ସମ୍ପର୍କିତ ସମସ୍ତ ପ୍ରକାର ସୂଚନା ରହିବ। ଏଥିରେ ଖେଳାଳି, କୋଚ୍ ଓ ଅଫିସିଆଲମାନେ ସେମାନଙ୍କ ରେକର୍ଡ ଡାଉନ୍‌ଲୋଡ୍ କରିପାରିବେ। ଦର୍ଶକମାନେ କେବଳ ଅନ୍ତର୍ଜାତୀୟ ମ୍ୟାଚ ନୁହେଁ ବିଶ୍ୱରେ ହେଉଥିବା ବିଭିନ୍ନ ଲିଗ୍‌ର ରେକର୍ଡ ମଧ୍ୟ ଏଥିରେ ପାଇ ପାରିବେ। ଗତ ୪ ବର୍ଷ ମଧ୍ୟରେ ଯେତେ ମ୍ୟାଚ ହୋଇଥିଲା ଆସନ୍ତା ବର୍ଷ ସେତେ ମ୍ୟାଚ ଆୟୋଜନ ପାଇଁ ଏଫ୍ଆଇଏଚ୍ ଚିନ୍ତା କରୁଛି। ୨୦୧୯ରୁ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ ହେବ। ଏହାର ପ୍ରଥମ ମ୍ୟାଚ ଜାନୁୟାରୀ ୧୯ରେ ସ୍ପେନ ଏବଂ ବେଲଜିୟମ ମଧ୍ୟରେର ଅନୁଷ୍ଠିତ ହେବ। ଏହି ଲିଗ୍‌ରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ। ଭାଗ ନେବାକୁଥିବା ଅନ୍ୟ ଦଳଗୁଡ଼ିକ ହେଲେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ। ଏହି ଲିଗ୍ ନେଦରଲାଣ୍ଡ୍ସର ଆମଷ୍ଟେଲଭିନରେ ଅନୁଷ୍ଠିତ ହେବ। ସିରିଜ ଜାନୁୟାରୀ ୧୯ରେ ଆରମ୍ଭ ହୋଇ ଜୁନ ୩୦ରେ ଶେଷ ହେବ। ବିଭିନ୍ନ ଲିଗ୍ ବ୍ୟତୀତ ଅଧିକରୁ ଅଧିକ ଦ୍ୱିପାକ୍ଷିକ ସିରିଜ ଆୟୋଜନ ଉପରେ ମଧ୍ୟ ଏଫଆଇଏଚ୍ ଗୁରୁତ୍ୱ ଦେଉଛି ବୋଲି ଆଣ୍ଡି ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଏଫ୍ଆଇଏଚ୍‌ର ଦୁଇ ଅଧିକାରୀ ଆଣ୍ଡି ଓରାମ ଓ ନିକୋଲାସ ମେନ୍‌ଗୋଟ୍।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୨/୨୦୧୮ Bhubaneswar, Wednesday, December 12/ 2018

# ଟାଇଟଲ ବଜାୟ ରଖିଲେ ପ୍ରମୋଦ



ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି ପ୍ରମୋଦ ମୁଖୀ (ବାମ)।

**କଟକ ଅଫିସ,୧୧।୧୨:** ବାହୁକୁସ୍ତି କ୍ରୀଡ଼ା କ୍ଷେତ୍ରରେ ପୁନର୍ବାର ଇତିହାସ ରଚିଛି ଓଡ଼ିଶା। ରାଜ୍ୟ ବାହୁକୁସ୍ତି ଖେଳାଳି ପ୍ରମୋଦ ମୁଖୀ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଜାତୀୟ ବାହୁକୁସ୍ତି ଚାମ୍ପିୟନଶିପ୍‌ରେ ଭାଗ ନେଇ ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜୟୀ ହୋଇଛନ୍ତି। ସେ ୯୦ କେଜି ବର୍ଗରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ବିଭିନ୍ନ ଓଜନ ବର୍ଗର ଚାମ୍ପିୟନ ପ୍ରତିଯୋଗୀଙ୍କୁ ନେଇ ହୋଇଥିବା ଚାମ୍ପିୟନ ଅଫ୍ ଚାମ୍ପିୟନ ବିଭାଗରେ ପ୍ରମୋଦ ପଞ୍ଜାବର ପ୍ରତିଦ୍ୱନ୍ଦୀଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ତେବେ ଗୋଟିଏ ବର୍ଷରେ ଓଡ଼ିଶାକୁ ୨ଥର ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ଆସିଲାଣି। ଗତ ମେ ମାସରେ ଲକ୍ଷ୍ନୌର ରବିନ୍ଦ୍ରାଳୟ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ୪୨ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ମଧ୍ୟ ପ୍ରମୋଦ ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ବିଜୟୀ ହୋଇଥିଲେ। ଏହା ଓଡ଼ିଶା ନିମନ୍ତେ ପ୍ରଥମ ବଡ଼ ସଫଳତା

**ଚାମ୍ପିୟନ ଅଫ୍ ଚାମ୍ପିୟନ**

ଥିଲା। ଦିଲ୍ଲୀରେ ସଫଳତା ପାଇବା ପରେ ଏବେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟିକେଟ ପାଇଛନ୍ତି ପ୍ରମୋଦ। ଆମେରିକାରେ ହେବାକୁ ଥିବା ବିଶ୍ୱ ବାହୁକୁସ୍ତି ଲିଗରେ ପ୍ରମୋଦ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବେ। ସୂଚନା ଥାଉକି, ପିତା ସୁଭାଷ ମୁଖୀ ଓ ମା' ସଖୀ ଦେଇଙ୍କ ପୁଅ ପ୍ରମୋଦ କଟକର ଅଲିସା ବଜାରରେ ରୁହନ୍ତି। ୨୦୧୬, ୨୦୧୭ ଓ ୨୦୧୮ରେ ସେ ଲଗାତର ରାଜ୍ୟ ଚାମ୍ପିୟନ ରହିଛନ୍ତି। ପ୍ରମୋଦଙ୍କ କହିବା ଅନୁଯାୟୀ, ପ୍ରତିଯୋଗିତା ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ଚାମ୍ପିୟନ ଅଫ୍ ଚାମ୍ପିୟନ ଟାଇଟଲ ପୁନର୍ବାର ବିଜୟୀ ହୋଇପାରିବି ବୋଲି ମୁଁ ଭାବି ନ ଥିଲି। ଏବେ ବିଶ୍ୱ ଚାମ୍ପିୟନଶିପ ପାଇଁ ଲକ୍ଷ୍ୟ। ଏଥି ନିମନ୍ତେ ବିପୁଳ ଅର୍ଥ ଆବଶ୍ୟକ। ରାଜ୍ୟ ସରକାରଙ୍କ ସହାୟତାକୁ ଅପେକ୍ଷା କରିବି ବୋଲି ପ୍ରମୋଦ କହିଛନ୍ତି।

# ଶୀର୍ଷରେ କୋହଲି ସ୍ଥିର, ଟପ୍-୫ରେ ପୂଜାରା

**ଦୁବାଇ, ୧୧।୧୨(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ର୍‌ୟାଙ୍କିଙ୍ଗ୍ ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେହିଭଳି ସଦ୍ୟ ସମାପ୍ତ ଆଡିଲେଡ୍ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୧୨୩ ଓ ୭୧ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ଚେତେଶ୍ୱର ପୂଜାରା ଟପ୍-୫କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂଜାରା ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଅଜିଙ୍କ୍ୟ ରାହାନେ ମଧ୍ୟ ୨ଟି ପାହାଚ ଉପରକୁ ଉଠି ସପ୍ତଦଶ ସ୍ଥାନରେ ଲାଭ କରିଛନ୍ତି। ଅପରପକ୍ଷରେ ଭାରତୀୟ ଉଦୀୟମାନ ଦ୍ରୁତ ବୋଲର ଯଶ୍‌ପ୍ରୀତ୍ ବୁମ୍‌ରା କ୍ୟାରିୟର ଶ୍ରେଷ୍ଠ ୩୩ତମ ସ୍ଥାନ ହାସଲ କରିଛନ୍ତି। ଆଡିଲେଡ୍ ଟେଷ୍ଟର ଉଭୟ ଇନିଂସରେ ବୁମ୍‌ରା ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିବାରୁ ତାଙ୍କ ର୍‌ୟାଙ୍କିଙ୍ଗ୍‌ରେ ୫ଟି ସ୍ଥାନ ଉନ୍ନତି ଘଟିଛି। ନ୍ୟୁଜିଲାଣ୍ଡର ଅଧିନାୟକ କେନ୍ ୱିଲିୟମସନଙ୍କ ବ୍ୟାଟିଂ ମାନ୍ୟତାରେ ମଧ୍ୟ ଉପରକୁ ଉଠିଛନ୍ତି। ଆବୁଧାବିରେ ଶେଷ ହୋଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୮୯ ଓ ୧୩୯ ରନ କରିଥିବା ୱିଲିୟମସନ ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ୍‌ଙ୍କୁ ହଟାଇ ୨ୟ ସ୍ଥାନ ହାସଲ କରିଛନ୍ତି। ଏଥିସହ ୱିଲିୟମସନ (୯୧୩) ନ୍ୟୁଜିଲାଣ୍ଡର ପ୍ରଥମ ତଥା ବିଶ୍ୱର ୩୨ତମ ବ୍ୟାଟ୍ସମ୍ୟାନ ଭାବେ ୯୦୦ ପଏଣ୍ଟ ଅତିକ୍ରମ କରିଛନ୍ତି। କୋହଲିଙ୍କଠାରୁ ୱିଲିୟମସନ ମାତ୍ର ୭ ପଏଣ୍ଟ ପଛରେ ରହିଛନ୍ତି। ଯଦି କୋହଲି ପର୍ଥରେ ଖେଳାଯିବାକୁ ଥିବା ୨ୟ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି ତେବେ ଶୀର୍ଷ ସ୍ଥାନ ହରାଇବାର ଯଥେଷ୍ଟ ସମ୍ଭାବନା ରହିଛି।


ଚେତେଶ୍ୱର ପୂଜାରା

## ଧୋନୀଙ୍କୁ ଶ୍ରେୟ ଦେଲେ ପନ୍ତ

**ପର୍ଥ,୧୧।୧୨(ପି.ଟି.):** ବିଶ୍ୱ ରେକର୍ଡର ସମକକ୍ଷ ହୋଇଥିବାରୁ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଏହାର ସମସ୍ତ ଶ୍ରେୟ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କୁ ଦେଇଛନ୍ତି। ଆଡିଲେଡ୍ ଟେଷ୍ଟରେ ମୋଟ ୧୧ଟି କ୍ୟାଚ୍ ଧରିବା ପରେ ସେ ପୂର୍ବତନ ଅଧିନାୟକଙ୍କ ସମ୍ପର୍କରେ କହିଛନ୍ତି, ଧୋନୀ ଦେଶର ହିରୋ। ମୁଁ ତାଙ୍କଠାରୁ ଚାପରେ ଧୈର୍ଯ୍ୟହରା ନ ହୋଇ ଖେଳିବା ଶିଖିଛି। କେବଳ ଜଣେ କ୍ରିକେଟର ଭାବେ ନୁହେଁ, ବରଂ ମଣିଷ ଭାବେ ମଧ୍ୟ ସେ ପ୍ରେରଣାଦାୟକ। ଯେ କୌଣସି ଅସୁବିଧା ହେଲେ ମଧ୍ୟ ମୁଁ ତାଙ୍କ ସହ ଆଲୋଚନା କରିପାରିବି। ସେ ସର୍ବଦା ଉଚିତ ଉପାୟ ଦିଅନ୍ତି। ଉଲ୍ଲେଖଥାଉ କି, ପନ୍ତ ଦୁଇ କିମ୍ବଦନ୍ତୀ ଉଇକେଟକିପର ଦ. ଆଫ୍ରିକାର ଏବି ଡିଭିଲର୍ସ ଓ ଇଂଲଣ୍ଡର ଜ୍ୟାକ ରସେଲଙ୍କ ବିଶ୍ୱ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଏଥିସହ ସେ ଭାରତୀୟ ଉଇକେଟକିପର ଭାବେ ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ କ୍ୟାଚ୍ ଧରିବାର ରେକର୍ଡ କରିଛନ୍ତି।

## ଜାତୀୟ ସ୍କୁଲ ଗେମ୍ସ ଉଦ୍‌ଯାପିତ

**ଭୁବନେଶ୍ୱର, ୧୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୬୪ତମ ଜାତୀୟ ସ୍କୁଲ ଗେମ୍ସ ୧୭ ବର୍ଷରୁ କମ୍ ଟେନିସ (ବାଳିକା/ବାଳକ) ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦଳଗତ ବାଳକ ବିଭାଗରେ ଦିଲ୍ଲୀ ଚାମ୍ପିୟନ, ହରିୟାଣା ରନର୍ସଅପ୍ ହୋଇଛି। ସେହିପରି ଦଳଗତ ବାଳିକା ବର୍ଗରେ ଗୁଜୁରାଟ ଓ ସିଆଇଏସ୍‌ସିଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ବିବେଚିତ ହୋଇଛନ୍ତି। ସେହିଭଳି ବାଳକ ସିଙ୍ଗଲ୍ସରେ ସିଆଇଏସ୍‌ସିଇର କରିମ ଖାଁ ଚାମ୍ପିୟନ, ଗୁଜରାଟର ମୋହିତ୍ ବୋନ୍ଦ୍ରେ ରନର୍ସଅପ୍ ହୋଇଛନ୍ତି। ବାଳିକାରେ ପ୍ରିୟାଂଶୀ ଭଣ୍ଡାରୀ, ପି. ଶ୍ରୁତି ଯଥାକ୍ରମେ ପ୍ରଥମ ୨ଟି ସ୍ଥାନ ଅର୍ଜନ କରିଛନ୍ତି। ଆଇଏଏସ୍ (କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ) ସନ୍ତୋଷ କୁମାର ମଲ୍ଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କେଭିଏସ୍‌ର ଡେପୁଟି କମିଶନର ଏ.ଭି.ଏଲ୍. ଜଗନ୍ନାଥ ରାଓ, ଅନ୍ତର୍ଜାତୀୟ ହକି ଖେଳାଳି ଏମ୍.କେ. କୌଶିକ, ଅର୍ଜୁନ ପୁରସ୍କାର ବିଜେତା ପ୍ରଫେସର ଏ. ସାମନ୍ତା ପ୍ରମୁଖ ଅତିଥିଭାବେ ଏହି ଅବସରରେ ଉପସ୍ଥିତ ରହିଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଭାରତ ଏ'ର କ୍ଲିନ ସୁଇପ୍

**ମାଉଣ୍ଟ ମାଉଙ୍ଗାନୁଇ,୧୧।୧୨:** ଏଠାରେ ନ୍ୟୁଜିଲାଣ୍ଡ ଏ' ବିପକ୍ଷରେ ଖେଳାଯାଇଥିବା ଅନ୍ତିମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ଭାରତ ଏ' ୭୫ ରନ୍‌ରେ ଜିତି ନେଇଛି। ଏଥିସହ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଛି। ଏହି ମ୍ୟାଚ୍‌ରେ ୨୭୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ ଏ' ୨୦୦ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୫୦ ଓଭରରେ ୮ ଉଇକେଟ ହରାଇ ୨୭୫ ରନ୍ କରିଥିଲା। ଅନମୋଲପ୍ରୀତ ସିଂ ୭୧, ଅଙ୍କିତ ବାୱ୍‌ନେ ୪୮, ବିଜୟ ଶଙ୍କର ୪୨ ଓ ଇଶାନ କିଷନ ୩୯ ରନ୍ କରିଥିଲେ।

## ବିଧାୟିକା ହେଲେ କ୍ରିଷ୍ଣା ପୁନିଆ

**ନୂଆଦିଲ୍ଲୀ,୧୧।୧୨(ପି.ଟି.):** ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ମହିଳା ଡିସ୍କସ୍ ଥ୍ରୋୟର କ୍ରିଷ୍ଣା ପୁନିଆ ଏବେ ନୂଆ ଇନିଂସ ଆରମ୍ଭ କରିଛନ୍ତି। ସେ ରାଜସ୍ଥାନର ସାଦୁଲପୁର ନିର୍ବାଚନ ମଣ୍ଡଳୀର ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ୍ ଟିକେଟରୁ ନିର୍ବାଚନ ଲଢି ବିଏସ୍‌ପି ଏମ୍‌ଏଲଏ ମନୋଜ ନ୍ୟାଙ୍ଗାଲିଙ୍କୁ ୧୮,୦୮୪ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମୋଟ ଉପରେ ସେ ୭୦୦୨୦ ଭୋଟ ପାଇଛନ୍ତି। ଗତ ନିର୍ବାଚନରେ ୩୬ ବର୍ଷୀୟା ପୁନିଆ ଲଢେଇରେ ଅବତୀର୍ଣ୍ଣ ହୋଇଥିଲେ ଓ ପରାସ୍ତ ହୋଇଥିଲେ। ସେ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୬୧.୫୧ମିଟର ଡିସ୍କସ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ସର୍ବୋଚ୍ଚ ବେସ୍ ପ୍ରାଇସ୍ ତାଲିକାରେ ନାହାନ୍ତି ଭାରତୀୟ

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.):** ଆଇପିଏଲ ପାଇଁ ଖେଳାଳି ନିଲାମ ଡିସେମ୍ବର ୧୮ରେ ଜୟପୁରଠାରେ ହେବ। ୩୪୬ କ୍ରିକେଟରଙ୍କ ମଧ୍ୟରୁ ପ୍ରସ୍ତୁତ ସର୍ବୋଚ୍ଚ ବେସ୍ ପ୍ରାଇସ୍ ତାଲିକାରେ କୌଣସି ଭାରତୀୟ କ୍ରିକେଟର ନାହାନ୍ତି। ସର୍ବୋଚ୍ଚ ବେସ୍‌ପ୍ରାଇସ୍ ୨କୋଟି ଟଙ୍କା ତାଲିକାରେ ରହିଥିବା କ୍ରିକେଟରମାନେ ହେଲେ ବ୍ରେଣ୍ଡନ ମ୍ୟାକ୍‌କୁଲମ, କ୍ରିସ୍ ଓକ୍ସ, ଲସିଥ ମାଲିଙ୍ଗା, ଶନ୍ ମାର୍ଶ, କଲିନ୍ ଇନ୍‌ଗ୍ରାମ, କୋରେ ଆଣ୍ଡରସନ, ଆଞ୍ଜେଲୋ ମାଥ୍ୟୁସ, ସାମ୍ କୁରାନ ଏବଂ ଡି' ଆର୍ସି ଶର୍ଟ। ଗତ ସିଜନରେ ଭାରତର ପେସ୍ ବୋଲର ଜୟଦେବ ଉନାଡ୍‌କଟ ଅଧିକ ମୂଲ୍ୟ ୧୧.୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ଏଥର ସ୍ଥାନୀୟ ଖେଳାଳିଙ୍କ ମଧ୍ୟରେ ତାଙ୍କ ବେସ୍ ପ୍ରାଇସ୍ ସବୁଠାରୁ ଅଧିକ ୧.୫ କୋଟ ଟଙ୍କା ରହିଛି।

# ଜାତୀୟ ଜୁନିୟର ଭଲିବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ମାସ ୧୯ରୁ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଜୁନିୟର ଭଲିବଲ୍ ଚାମ୍ପିୟନଶିପ୍ ପାଇଁ ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ ଘୋଷିତ ହୋଇଛି। କିଟ୍ କ୍ୟାମ୍ପସ୍-୮ରେ ହୋଇଥିବା ଚୟନ ଶିବିରରୁ ଓଡ଼ିଶା ଦଳ ପାଇଁ ଖେଳାଳି ମନୋନୀତ କରାଯାଇଛି। ମନୋନୀତ ସମସ୍ତ ଖେଳାଳି କିଟ୍ କ୍ୟାମ୍ପସ୍‌ରେ ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କୋଚିଂ କ୍ୟାମ୍ପରେ ଯୋଗଦେବାକୁ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ତଥା କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ କହିଛନ୍ତି। ସେହିଭଳି ଜାତୀୟ ସବ୍-ଜୁନିୟର ଭଲିବଲ୍ (ବାଳିକା/ବାଳକ) ଚାମ୍ପିୟନଶିପ୍ ପ୍ରଥମଥର ଲାଗି ଓଡ଼ିଶାରେ ଆସନ୍ତାବର୍ଷ ଅନୁଷ୍ଠିତ ହେବ। କିଟ୍ କ୍ୟାମ୍ପସ୍‌ରେ ଏହି ପ୍ରତିଯୋଗିତା ଜାନୁୟାରୀରେ ଖେଳାଯିବ ବୋଲି ଜଣାପଡ଼ିଛି। ଓଡ଼ିଶା ବାଳକ ଦଳ: ରାଜୁ ପଟ୍ଟନାୟକ, ଅମିତ୍ କୁମାର ହରିଜନ, ଦୀନବନ୍ଧୁ ନାହକ (ସମସ୍ତେ ଗଞ୍ଜାମ), ଆଶୁତୋଶ ପ୍ରଧାନ (ଅନୁଗୋଳ), ଭରତ ପୂଜାରୀ, ୱସି ଜମାନ ଖାଁ (ଉଭୟ କିଟ୍), ଏସ୍.କେ. ଯାଦବ, ମାନସ ପ୍ରଧାନ, ସମୀର ରଞ୍ଜନ ପାଲ୍ (ସମସ୍ତେ ଭୁବନେଶ୍ୱର), ସୁରେନ୍ଦ୍ର ମାଟକାନି, ଗଙ୍ଗାଧର ଗୁରୁଆ (ଉଭୟ ମାଲକାନଗିରି), ଜୀବନ କ୍ରିଷ୍ଣ ବେହେରା (କେନ୍ଦ୍ରାପଡ଼ା)। **ଓଡ଼ିଶା ବାଳିକା ଦଳ:** ଶିବାନୀ ପ୍ରିୟଦର୍ଶିନୀ, ରିଙ୍କି କିର୍ସାନୀ (ଉଭୟ ଭୁବନେଶ୍ୱର), ସରସ୍ୱତୀ ଖେଡ଼ିଆ, ଚମ୍ପା ମାଝି, କୌଶଲ୍ୟା ମାଝି, ସେବତୀ ମାଝି, ସସ୍ମିତା ଦେହୁରୀ (ସମସ୍ତେ କିଟ୍), ମେଘନା ବାରିକ, କଲ୍ୟାଣୀ ହରିଚନ୍ଦନ, ସୋନାଲି ଟିରିଆ (ସମସ୍ତେ ପାରାଦ୍ୱୀପ), ସ୍ନିଗ୍ଧା ସାଗରିକା ମହାନ୍ତି, ପାୟଲ ଭୋଇ (ବାଲେଶ୍ୱର)।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟ ବଞ୍ଚିବା ପାଇଁ ଖାଏ, ମାତ୍ର ଖାଇବା ପାଇଁ ନୁହେଁ।
–ମହାତ୍ମାଗାନ୍ଧୀ



# ରୋଗୀ ମୃତ୍ୟୁକୁ ନେଇ ସମ୍‌ରେ ଉତ୍ତେଜନା

■ହସ୍ପିଟାଲ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା
■କ୍ଷତିପୂରଣ ଦେଲେ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ରୋଗୀ ମୃତ୍ୟୁକୁ ନେଇ ମଙ୍ଗଳବାର ସକାଳେ ସମ୍ ହସ୍ପିଟାଲରେ ଉତ୍ତେଜନା ଦେଖିବାକୁ ମିଳିଛି। ରୋଗୀ ସମ୍ପର୍କୀୟମାନେ ଟଙ୍କା ଫେରସ୍ତ ଦାବିରେ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଖଣ୍ଡଗିରି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଶେଷରେ ହସ୍ପିଟାଲ କର୍ତ୍ତୃପକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣ ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ମୃତକ ହେଲେ ସାଲିଆସାହିର ଅନ୍ତର୍ଯ୍ୟାମୀ ସେଠୀ। ସେ ରାଜମିସ୍ତ୍ରି କାର୍ଯ୍ୟ କରନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତ ନଭେମ୍ବର ୫ରେ ଶାସ୍ତ୍ରୀନଗରରେ ଥିବା ଏକ ମନ୍ଦିରରେ ଅନ୍ତର୍ଯାମୀ କାମ କରୁଥିଲାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲର ଆଇସିୟୁରେ ରଖି ଅନ୍ତର୍ଯ୍ୟାମୀଙ୍କ ଚିକିତ୍ସା ହୋଇଥିଲା। ପରେ ତାଙ୍କ ହାତ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହିଥିଲେ। ଏଥିପାଇଁ ପରିବାର ଲୋକେ ୩୦ ହଜାର ଟଙ୍କା ଜମା କରିଥିଲେ। ଏହା ପରେ ଦ୍ୱିତୀୟ ଥର ହାତ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଥିଲେ। ତେଣୁ ସେମାନେ ପୁଣି ଥରେ ଟଙ୍କା ଜମା କରିଥିଲେ। ଏଭଳି ପରିବାର ଲୋକେ ପ୍ରାୟ ୨ ଲକ୍ଷ ଟଙ୍କା ହସ୍ପିଟାଲକୁ ଫି ଆକାରରେ ଦେଇଥିଲେ। ହେଲେ ସୋମବାର ରାତିରେ ଅନ୍ତର୍ଯାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇଥିଲା। ସେ ଦୀର୍ଘ ସମୟ ଧରି ବାନ୍ତି କରିଥିଲେ। ଠିକ୍ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରି ନ ଥିଲେ। ପରିବାର ଲୋକେ ଡାକ୍ତରଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ଡାକ୍ତର ଆସି ନ ଥିଲେ। ଶେଷରେ ଜଣେ କମ୍ପାଉଣ୍ଡର ରୋଗୀଙ୍କୁ ଦେଖି ତାଙ୍କ କିଡ୍‌ନୀ ଖରାପ ଥିବା କହିଥିଲେ। ଏହାପରେ ବିଳମ୍ବିତ ରାତିରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଡାକ୍ତରଙ୍କ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଲୋକେ ମଙ୍ଗଳବାର ସକାଳେ ହସ୍ପିଟାଲ ଆଗରେ ଧାରଣା ଦେଇଥିଲେ। ସାଲିଆସାହିର ଏକାଧିକ ଲୋକ ପହଞ୍ଚି ଧାରଣାରେ ବସିବା ସହ କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ମତାମତ ଲାଗି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ନ ଥିଲା। ଏ ନେଇ ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ରୋଗୀଙ୍କ ମୃତ୍ୟୁ ନେଇ ସମ୍ ହସ୍ପିଟାଲ ଆଗରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ କ୍ଷତିପୂରଣ ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ହସ୍ପିଟାଲ୍ ସମ୍ମୁଖରେ ରୋଗୀଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ୨ ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

କଟକ ଅଫିସ,୧୧।୧୨: ମୋବାଇଲ ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର କୁନ୍ଦନ ନାୟକ। ତାଙ୍କଠାରୁ ପୋଲିସ ଦୁଇଟି ମୋବାଇଲ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ବାଦାମବାଡି ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡ ପ୍ରସନ୍ନ ନାୟକ ଶୋଇଥିବାବେଳେ କୁନ୍ଦନ ତାଙ୍କ ମୋବାଇଲ ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୨୯/୧୮) ରୁଜୁ କରିଥିଲା।

### ସାମାଜିକ ସମୀକ୍ଷା ବୈଠକ

ନିଆଳି, ୧୧।୧୨(ଡି.ଏନ୍.ଏ.) : ନିଆଳି ବ୍ଲକ ସଭାଗୃହରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ସୟେଦ୍ ଆରିଫ୍ ହୁସେନ୍, ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ, ସୌମ୍ୟରଞ୍ଜନ ରାଉତରାୟ, ସତ୍ୟବ୍ରତ ସାମଲ, ସୁଦର୍ଶନ ବେହେରା, ବିଶ୍ୱନାଥ ସାହୁଙ୍କ ସମେତ ୨୩ଟି ପଞ୍ଚାୟତର ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ଏମ୍‌ଜିଏନ୍‌ଆରଇଜିଏସ୍‌ର କାର୍ଯ୍ୟଶୈଳୀ ଉପରେ ଆଲୋଚନା ହେବା ସହ ଜନଶୁଣାଣି କରାଯାଇଥିଲା। ଆଗାମୀ ଦିନରେ ଏହି ଯୋଜନାରେ ଅଧିକ ହିତାଧିକାରୀ ସାମିଲ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

କଣ୍ଟାପଡା, ୧୧।୧୨(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ବାଳିକା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ରୀ ସଂସଦ ସଭାନେତ୍ରୀ ଶୈଳଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବହୁ ପୁରାତନ ଛାତ୍ରୀ ଯୋଗଦେଇ ସମାରୋହକୁ ସଫଳ କରିବାପାଇଁ ଆଲୋଚନା କରିଥିଲେ। ବିଦ୍ୟାଳୟ ଗଠନରେ ଯେଉଁମାନେ ମୁଖ୍ୟଭୂମିକା ନେଇଥିଲେ, ସେମାନଙ୍କୁ ଉକ୍ତ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ନିଆଯାଇଥିଲା।

### ବ୍ଲକସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ଶଗଡାଇଲୋ ଚାମ୍ପିୟନ

ନିଆଳି, ୧୧।୧୨(ଡି.ଏନ୍.ଏ.): ନିଆଳି ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ଟି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ୍ ଶଗଡାଇଲୋ ପଞ୍ଚାୟତ ଓ ରାଣିଓଳା ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଗଡାଇଲୋ ଟିମ୍ ରାଣିଓଳା ଟିମ୍‌କୁ ୧୦/୮ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଆତ୍ମା ଅଧ୍ୟକ୍ଷ ଆଦିତ୍ୟ ପାଣି, ସରପଞ୍ଚ ପ୍ରଶାନ୍ତ ସିଂ, ଅନ୍ତର୍ଯାମୀ ବଡୁ ପ୍ରମୁଖ ଯୋଗଦେଇଥିଲେ। ଏହି ବ୍ଲକର ୧୨ ଜଣ ଖେଳାଳିଙ୍କୁ ଚୟନ କରାଯାଇ ଜିଲାସ୍ତରକୁ ପଠାଯିବ ବୋଲି ଜଣାପଡିଛି।



ପେନ୍‌ସନ ଦାବି ନେଇ କଟକ ଜିଲା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଉପବାସ ଓ ଧାରଣାରେ ବସିଥିବା ଚାଷୀମାନଙ୍କୁ ପୋଲିସ ଗିରଫ କରି ନେଉଛି।

# କଟକରେ କଂଗ୍ରେସର ବିଜୟ ଉତ୍ସବ

କଟକ ଅଫିସ, ୧୧।୧୨

ମଙ୍ଗଳବାର ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ବିପୁଳ ବିଜୟକୁ ନେଇ କଟକ ନଗର(ଜିଲା) କଂଗ୍ରେସ କମିଟି ପକ୍ଷରୁ ସଭାପତି ମହମ୍ମଦ ମୋକିମ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ ପୁରୀଘାଟ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଶହ ଶହ କଂଗ୍ରେସ କର୍ମୀ ଦଳୀୟ ପତାକା ଧରି ଖୁସି ମନାଇବା ସହ ରାହୁଲ ଗାନ୍ଧୀଙ୍କୁ ବଧାଇ ଜଣାଇଥିଲେ। ଏହି ଅବସରରେ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ଏହା ଜନସାଧାରଣଙ୍କର ବିଜୟ ଓ ସତ୍ୟର ବିଜୟ ବୋଲି ସଭାପତି ମୋକିମ କହିବା ସହ ମୋଦିଙ୍କ ମିଛଗପ ଓ ଅମିତ ଶାହଙ୍କ ବାହାସ୍ଫୋଟ ଆଉ ବେଶୀଦିନ ନୁହେଁ ବୋଲି କହିଥିଲେ। ସେହିପରି ଏହି ବିଜୟ ରାହୁଲ ଗାନ୍ଧୀଙ୍କ ଉପରେ ଆସ୍ଥାସ୍ଥାପନ ଓ କେନ୍ଦ୍ର ସରକାର ବିରୋଧରେ ସ୍ୱଷ୍ଟ ଜନାଦେଶ ବୋଲି ପ୍ରଦେଶ କଂଗ୍ରେସ କଟକ ଜିଲା ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ ଅଶୋକ ସ୍ୱାଇଁ ଓ ଜିଲା କଂଗ୍ରେସ ଉପ–ସଭାପତି ଦୀପକ ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। କଂଗ୍ରେସ ବିପୁଳ ବିଜୟର ସମସ୍ତ ଶ୍ରେୟ ରାହୁଲ ଗାନ୍ଧୀଙ୍କୁ ଦେବା ସହିତ ମୋଦି ସରକାର କଂଗ୍ରେସ ମୁକ୍ତ ଭାରତର ନାରା ଦେଇ ଭାରତର ଜନସାଧାରଣଙ୍କୁ ଯେଉଁ ଭୁଆଁବୁଲାଇ ଚାଲିଥିଲେ, ତାହାର ପ୍ରତିଫଳନ ବୋଲି ଉଭୟ ନେତା କହିଛନ୍ତି। କର୍ପୋରେଟର ଗିରିବାଳା ବେହେରା, ଅରୁଣ ସେଠୀ, ସେକ୍ ସମ୍ମିମୁଲ୍ଲା, ଗୌରୀ ଦାସ, ବୈଶାଳୀ ବେହେରା ପ୍ରମୁଖ ଏହି ବିଜୟ ଉତ୍ସବରେ ଅଂଶଗ୍ରହଣ କରିଥିଲେ।



ବିଜୟ ଉତ୍ସବ ପାଳନ ବେଳେ କଟକ ନଗର(ଜିଲା)କଂଗ୍ରେସ କମିଟି ସଭାପତି ଇଂ.ମହମ୍ମଦ୍ ମୋକିମ୍ ଜଣେ କର୍ମୀଙ୍କୁ ମିଠା ଖୁଆଉଛନ୍ତି।



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ସିଡିଏ ଡିଏଭିର ବାର୍ଷିକ ଉତ୍ସବ 'ଇତାଶ' ଉଦ୍‌ଘାଟିତ

କଟକ ଅଫିସ, ୧୧।୧୨

ସିଡିଏ ଡିଏଭି ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଇତାଶ' ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ନମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା କମିଟି ଅଧ୍ୟକ୍ଷ ବସନ୍ତ କୁମାର ମହାପାତ୍ର ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କ୍ଷେତ୍ରରେ ଅଭିଭାବକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଏଭି ଜୋନ୍–୧ର ଆଞ୍ଚଳିକ ଅଧିକାରୀ ଡ. କେଶବ ଚନ୍ଦ୍ର ଶତପଥୀ ଯୋଗଦେଇ ପିଲାଙ୍କ ପାଠପଢ଼ା ସହିତ ଶାରୀରିକ ଓ ମାନସିକ ସମୃଦ୍ଧି ପାଇଁ ନୃତ୍ୟ, ସଙ୍ଗୀତ ଓ ଅଭିନୟ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟର ମୁଖପତ୍ର 'ପ୍ରତିବିମ୍ବ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ମ୍ୟାନେଜର ଭାଗ୍ୟବତୀ ନାୟକ, ଡିଏଭି ୟୁନିଟ୍–୮ ଅଧ୍ୟକ୍ଷା ଇପ୍‌ସିତା ଦାସ , ଡିଏଭି କଳିଙ୍ଗ ନଗର ବିଦ୍ୟାଳୟ ଚେୟାରମ୍ୟାନ ଶରତ ଚନ୍ଦ୍ର ମିଶ୍ର, ଡିଏଭି ଗଣ୍ଡରପୁରର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ରାଜାବଗିଚା ଡିଏଭିର ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ଦାସ, ଡିଏଭି ଟାଙ୍ଗୀର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀପୂର୍ଣ୍ଣା ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସଂଯୋଜିକା ସୀମା ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଚୌଦ୍ୱାର, ୧୧।୧୨(ଡି.ଏନ୍.ଏ.)

ସଡ଼କ ଦୁର୍ଘଟଣାରେ ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ମଙ୍ଗଳବାର ଭୋର ସମୟରେ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମର ସନ୍ତୋଷ କୁମାର ପରିଡ଼ା। ଗୁରୁବାର ବିଳମ୍ବିତ ରାତିରେ ସେ ଏକ ସ୍କୁଟିରେ ଶଙ୍କରପୁରରୁ ଘରକୁ ଫେରୁଥିଲେ। ହେଲେ ମଙ୍ଗରାଜପୁର ରାଜବାଟି ନିକଟରେ ରାସ୍ତା ଖରାପ ହେତୁ ଭାରସାମ୍ୟ ହରାଇ ତଳେ ପଡି ଅଚେତ ହୋଇଯାଇଥିଲେ। ଶୁକ୍ରବାର ସକାଳେ କେତେଜଣ ଲୋକ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କଟକ ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା

କଣ୍ଟାପଡା, ୧୧।୧୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ କଣ୍ଟାପଡା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଙ୍ଗଳବାର ସକାଳୁ ଧାରଣା ଦିଆଯାଇଥିଲା। ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବାସୁଦେବ ମାରାଣ୍ଡି ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ୍ଟାପଡା, ନିଆଳି, ବାଲିଅନ୍ତା, ବାଲିପାଟଣା ଓ ବାରଙ୍ଗ ବ୍ଲକର ବହୁ ଲୋକ ନିର୍ଭର କରିଥାନ୍ତି। କିଛିବର୍ଷ ହେଲା ଡାକ୍ତର ଅଭାବ ସାଙ୍ଗକୁ ବିଭିନ୍ନ ସମସ୍ୟା ଦେଖାଦେଇଥିବାରୁ ରୋଗୀମାନେ ବାହାରେ ଚିକିତ୍ସିତ ହୋଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଏହାର ସମାଧାନ ପାଇଁ କମିଟି ଆବାହକ ବେଣୁଧର ବେହେରାଙ୍କ ନେତୃତ୍ୱରେ ପ୍ରତାପ ରାଉତରାୟ, ବିପିନ ବିହାରୀ ପାତ୍ର, ପ୍ରଭାତ ମହାପାତ୍ର, ସୁନାକର ବେହେରାଙ୍କ ସମେତ ବହୁ ଲୋକ ଧାରଣାରେ ସାମିଲ ହୋଇଥିଲେ।

## ବେପରୁଆ ଗାଡ଼ିଚାଳନା: ୨ ହଜାର ଜରିମାନା

କଟକ ଅଫିସ,୧୧।୧୨

ଶଗଡ଼ ସହିତ ବସ୍‌ର ହୋଇଥିଲା ଧକ୍କା। ଏହି ଦୁର୍ଘଟଣାରେ ଶଗଡ଼ରେ ଥିବା ୨ଜଣ ଗୁରୁତର ଆହତ ହୋଇଥିବାବେଳେ ଗୋଟିଏ ବଳଦର ଶିଙ୍ଗ ଭାଙ୍ଗି ଯାଇଥିଲା। ଥାନାରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାର ଶୁଣାଣି କଟକ ବିଚାର ବିଭାଗୀୟ ଅଦାଲତ (ତୃତୀୟ ଶ୍ରେଣୀ)ରେ ଚାଲିଥିଲା। ୨୦୦୯ ସେପ୍ଟେମ୍ବର ୩ରେ କଟକ ଓଲଟପୁର ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ବେପରୁଆ ଗାଡ଼ିଚାଳନା ପାଇଁ ଅଦାଲତ ସମ୍ପୃକ୍ତ ବସ୍ ଡ୍ରାଇଭରଙ୍କୁ ୨ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଦେବାକୁ ଅସମର୍ଥ ହେଲେ ସମ୍ପୃକ୍ତ ଡ୍ରାଇଭରଙ୍କୁ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି।

ସୂଚନାଥାଉକି, ରାଜକିଶୋର ଦାସ ନାମକ ଜଣେ ଶଗଡ଼ିଆ ତାଙ୍କ ବାପାଙ୍କୁ ନେଇ ଶଗଡ଼ରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ରାଜକିଶୋରଙ୍କ ଏତଲା କ୍ରମେ ବସ୍ ଡ୍ରାଇଭର କୈଳାଶ ଗୋଚ୍ଛାୟତଙ୍କ ନାମରେ ଓଲଟପୁର ଥାନାରେ ମାମଲା ରୁଜୁ ହୋଇଥିଲା।

## ଦୁର୍ଘଟଣା: ଜଣେ ମୃତ, ୮ ଗୁରୁତର

କଟକ ସଦର,୧୧।୧୨(ଡି.ଏନ୍.ଏ.)

କଟକ–ପାରାଦୀପ ରାସ୍ତାର ନାହାଭଙ୍ଗା ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଟାଟା ମ୍ୟାଜିକ୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ କ୍ରିଷ୍ଣାନନ୍ଦପୁର ଗ୍ରାମର ରଞ୍ଜନ ସାହୁ(୫୦)ଙ୍କ ମୃତ୍ୟୁ ଘଟିଛି। ଏଥିସହ ବାଇକ୍‌ରେ ବସିଥିବା ରଞ୍ଜିତା ସାହୁ(୪୮) ଓ ଟାଟା ମ୍ୟାଜିକ୍‌ରେ ଥିବା ୭ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଟାଟା ମ୍ୟାଜିକ୍ ଗାଡି(ଓଡି୦୨ସି–୯୩୫୪) ଓ ବାଇକ୍(ଓଡି୨୧ସି–୬୦୬୧) କଟକ ଅଭିମୁଖେ ଯାଉଥିଲା। ବାଇକ୍‌ଟି ଟାଟା ମ୍ୟାଜିକକୁ ଅତିକ୍ରମ କରୁଥିବାବେଳେ ଘଷି ହୋଇ ସମ୍ମୁଖରେ ଓଲଟି ପଡିଥିଲା। ଏହା ଦେଖି ଟାଟା ମ୍ୟାଜିକ ଚାଳକ ହଠାତ୍ ବ୍ରେକ୍ ମାରିଥିଲେ। ହେଲେ ଗାଡିଟି ଭାରସାମ୍ୟ ହରାଇ ବାଇକ୍‌ଚାଳକଙ୍କ ଉପରେ ମାଡିଯାଇ ଓଲଟି ପଡିଥିଲା। ଫଳରେ ବାଇକ୍‌ଚାଳକ ରଞ୍ଜନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ପିସିଆର ଭ୍ୟାନ୍‌ରେ କଟକ ବଡ ଡାକ୍ତରଖାନା ପଠାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ବାବା ଜଗନ୍ନାଥ ଦାସଙ୍କ ମହାନିର୍ବାଣ ଦିବସ ପାଳିତ

ଚୌଦ୍ୱାର, ୧୧।୧୨ (ଡି.ଏନ୍.ଏ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟସ୍ଥିତ ରାଧାମାଧବ ମନ୍ଦିରରେ ବାବା ଜଗନ୍ନାଥ ଦାସଙ୍କ ମହାନିର୍ବାଣ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ପାଠ, ରାମଚରିତ ମାନସ ଓ ଗୀତାଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବା ମନମୋହନ ଦାସଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# କିଶନନଗର ବିକାଶ ମଞ୍ଚର ଅନଶନ

କଟକ ସଦର,୧୧।୧୨(ଡି.ଏନ୍.ଏ.)

୨୧ ଦଫା ଦାବି ନେଇ କିଶନନଗର ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ ହୋଇଛି। ମଞ୍ଚର ସଦସ୍ୟ ସୀତାରାମ ପଣ୍ଡା, ଗଜେନ୍ଦ୍ର ସ୍ୱାଇଁ, ଅଶୋକ ସାମଲ, ଜ୍ୟୋତିରଞ୍ଜନ ଦାସ ଅନଶନରେ ବସିଥିବା ଦେଖିବାକୁ ମିଳିଥିଲା। ଗତ ୨୯ ତାରିଖଠାରୁ ମଞ୍ଚର କର୍ମକର୍ତ୍ତାମାନେ ଧାରଣାରେ ବସି ରହିଥିଲେ। ମାତ୍ର ସରକାରଙ୍କ କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିଲେ। ତେଣୁ ଅନଶନ ଭଳି ଚରମ ପଦକ୍ଷେପ ନିଆଗଲା ବୋଲି ମଞ୍ଚ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଜଣାଇ ଦିଆଯାଇଛି। ବିଶେଷକରି ବ୍ଲକ ପ୍ରତିଷ୍ଠା, ଜଗତ୍‌ସିଂହପୁର ଜିଲାର ଶିକ୍ଷା ବ୍ୟବସ୍ଥା କଟକକୁ ଆଣିବା, ସମବାୟ ବ୍ୟବସ୍ଥାକୁ ସାମିଲ କରିବା ଭଳି ଦାବି ରହିଛି। କିଶନନଗର ତହସିଲଦାର ସୁଚେତା ମହାପାତ୍ର ଅନଶନକାରୀଙ୍କ ସହ ଆଲୋଚନା କରି କଟକ ଜିଲାପାଳଙ୍କ ପକ୍ଷରୁ ରାଜ୍ୟ ଘରୋଇ ବିଭାଗକୁ ଲେଖାଯାଇଥିବା ଅଗଷ୍ଟ ମାସର ଏକ ଚିଠି ପ୍ରଦାନ କରିଥିଲେ, ମାତ୍ର ଏହି ଆଲୋଚନା ବିଫଳ ହୋଇଥିଲା।




କିଶନ ନଗର ବିକାଶ ମଞ୍ଚର ସଦସ୍ୟମାନେ ଅନଶନରେ ବସିଛନ୍ତି।

## ମଣ୍ଡଳସ୍ତରୀୟ ବିଜ୍ଞାନମେଳା

ନିଆଳି, ୧୧।୧୨(ଡି.ଏନ୍.ଏ.)

ନିଆଳି ମଣ୍ଡଳସ୍ତରୀୟ ବିଜ୍ଞାନମେଳା ମଙ୍ଗଳବାର କରାଙ୍ଗସ୍ଥିତ ସିଦ୍ଧମଙ୍ଗଳା ନୋଡାଲ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୭୩ ପ୍ରକଳ୍ପ ସ୍ଥାନ ପାଇଥିଲା। ମଣ୍ଡଳ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ମଲ୍ଲିକ, ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ଆତ୍ମା ଅଧ୍ୟକ୍ଷ ଆଦିତ୍ୟ ପାଣି, ସରପଞ୍ଚ ଶରତ ଚନ୍ଦ୍ର ମହାନ୍ତି, ନିଆଳି ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦୀକ୍ଷିତ୍, ବିଜୟଲକ୍ଷ୍ମୀ ଦାସ, ବସନ୍ତ ଦାସ, ଅନନ୍ତ ନାରାୟଣ ସିଂ, ଅଶୋକ ରାୟ, ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଆଜିର ଯୁଗରେ ବିଜ୍ଞାନର ଆବଶ୍ୟକତା ଓ ପିଲାମାନଙ୍କ ଭିତରେ ଲୁଚି ରହିଥିବା ଜ୍ଞାନକୁ ପରିପ୍ରକାଶ କରିବା ପାଇଁ ବିଜ୍ଞାନମେଳାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିକ୍ଷକ ମଦନ ଜେନା କାର୍ଯ୍ୟକ୍ରମ ପରିଚାଳନା ଓ ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

■ ୩ ଗ୍ରାମରେ ହାତୀ ଉପଦ୍ରବ

# ଫସଲ ନଷ୍ଟ, ଚାଷୀ ହତାଶ

ଚୌଦ୍ୱାର,୧୧।୧୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କଖଡ଼ି, ମହାକାଳପଡା, ଗୋପୀନାଥପଡ଼ା ଆଦି ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ସୁବାସୀ ଓ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରେ ଲୁଚି ରହିଥିବା ୬ ଘରିଆ ହାତୀପଲ ଉପରୋକ୍ତ ଗ୍ରାମଗୁଡିକରେ ପଶି ବିଭିନ୍ନ ପରିବା ସହ ଧାନ ଫସଲ ନଷ୍ଟ କରିଛନ୍ତି। ଏହାକୁ ନେଇ ଚାଷୀମାନେ ହତାଶ ହୋଇପଡିଛନ୍ତି। ହାତୀ ଘଉଡାଇବା ପାଇଁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଫଳରେ ହାତୀପଲ ସୋମବାର ବିଳମ୍ବିତ ରାତିରେ କଖଡିର ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ନବକିଶୋର ରାଉତ, ତ୍ରିନାଥ ସାହୁ, ରତିରଞ୍ଜନ ମୁଦୁଲି, ଶରତ ମହାନ୍ତି, ସନ୍ତୋଷ ରାଉତ, ଗନ୍ଧର୍ବ ଦାସ, ବ୍ରାହ୍ମଣବସ୍ତର ଶ୍ରୀନିବାସ ଖଟୁଆଙ୍କ ପରିବା ଓ ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଜୋର ଧରିଛି। ଏ ନେଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ରତ୍ନାକର ଦାସ କହିଛନ୍ତି, ଏହି ହାତୀପଲ ଦିନବେଳା ଜଙ୍ଗଲରେ ରହୁଛନ୍ତି। ରାତିହେଲେ ଗ୍ରାମରେ ପଶି ଫସଲ ନଷ୍ଟ କରିବା ସହିତ ଭୋରରୁ ପୁଣି ଜଙ୍ଗଲ ଭିତରକୁ ଚାଲି ଯାଉଛନ୍ତି। ଚାଷୀମାନେ ଲିଖିତ ଆବେଦନ କଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ସେ କହିଛନ୍ତି।



ହାତୀପଲ ନଷ୍ଟ କରିଥିବା ଫସଲ।



ମନୁଷ୍ୟ ବଞ୍ଚିବା ପାଇଁ ଖାଏ,
ମାତ୍ର ଖାଇବା ପାଇଁ ନୁହେଁ।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ବାଇକ୍ ଆରୋହୀଙ୍କଠାରୁ ଲୁଟ୍

**ନିମାପଡ଼ା,୧୧।୧୨(ଡି.ଏନ୍.ଏ.):** ନିମାପଡ଼ା- ଗୋପ ରାସ୍ତାର ଦିଘାଲୋ ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଜଣେ ବାଇକ୍ ଆରୋହୀଙ୍କଠାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଅନ୍ତର୍ଗତ ବଡଗାଁ ଗ୍ରାମର ରବିନାରାୟଣ ଦାସ ସୋମବାର ରାତିରେ କୋଣାର୍କରୁ ବାଇକରେ ଘରକୁ ଫେରୁଥିଲେ। ଦିଘାଲୋ ଗ୍ରାମ ନିକଟସ୍ଥ ଏକ ନିଛାଟିଆ ଜାଗାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ୬ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ ଲୁଟିନେଇ ପଳାଇଥିଲେ। ରବିନାରାୟଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୩୬୩/୧୮)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଗୋଖାସାହି ଗୋଷ୍ଠୀ ସଂଘର୍ଷ ଘଟଣା

### ୩ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ପୁରୀ ଅଫିସ, ୧୧।୧୨:** ଗୋଖାସାହି ଗୋଷ୍ଠୀ ସଂଘର୍ଷ ଘଟଣାରେ ବାସେଳି ସାହି ଥାନା ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟଭାମା ବେହେରା, ବାପିନା ବେହେରା ଓ ପିଣ୍ଟୁନା ବେହେରା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସତ୍ୟଭାମାଙ୍କ ପୁଅ ସୁବାସ ବେହେରା ଫେରାର ଅଛନ୍ତି। ମିଳିଥିବା ସୂଚନା ପ୍ରକାରେ ସୋମବାର ଅପରାହ୍ନରେ ସତ୍ୟଭାମାଙ୍କ ଇଙ୍ଗିତରେ ତିନି ପୁଅ ସୁବାସ, ବିଜୟ, ଅଜୟ ଓ ସେମାନଙ୍କ ସମର୍ଥକ ଗୋଖାସାହି ଆଶ୍ରମ ଛକରେ ମାରଣାସ୍ତ୍ର ଧରି ଅନ୍ୟ ଗୋଷ୍ଠୀର କେତେଜଣଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ୪ଜଣ ଆହତ ହୋଇଥିଲେ। ଖବରପାଇ ଅନ୍ୟ ଗୋଷ୍ଠୀର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଆହତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଥାନାରେ ୧୦୬/୧୮ରେ ମାମଲା ରୁଜୁ କରିଥିଲା।

### ଜାନୁୟାରୀ ୨୦ରୁ କଣାସ କେନାଲରେ ଜଳ ଯୋଗାଣ

**କଣାସ, ୧୧।୧୨(ସ୍ୱ.ପ୍ର.):** କଣାସ କେନାଲ ୩ବର୍ଷ ଧରି ମରାମତି କାର୍ଯ୍ୟ ଚାଲିଥିବାରୁ କେନାଲରେ ଜଳଯୋଗାଣ ବନ୍ଦରହିଥିଲା। ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଲାଗିରହିବାରୁ ଶାରଦଧାନ ଫସଲ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଥିବାରୁ ରବିଫସଲ କରିବାପାଇଁ ଚାଷୀମାନେ ଚାତକ ପରି ଚହିଁ ବସିଛନ୍ତି। କଣାସ କେନାଲ ଜଳ ଦ୍ୱାରା ୨୬ଶହ ହେକ୍ଟର ଖରାଟିଆ ଧାନଚାଷପାଇଁ ଚାଷୀ ଜଳ ପାଇପାରିବେ।

### ୨ ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୧।୧୨:** ମୋବାଇଲ ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର କୁନ୍ଦନ ନାୟକ। ତାଙ୍କଠାରୁ ପୋଲିସ ଦୁଇଟି ମୋବାଇଲ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ବାଦାମବାଡି ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡ ପ୍ରସନ୍ନ ନାୟକ ଶୋଇଥିବାବେଳେ କୁନ୍ଦନ ତାଙ୍କ ମୋବାଇଲ ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୨୯/୧୮) ରୁଜୁ କରିଥିଲା।

ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଘାଟିତ

# ସମାଜ ଗଠନରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଗୋପ, ୧୧।୧୨(ଡି.ଏନ୍.ଏ.)**

ବିକଶିତ ସମାଜ ଗଠନରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଦ୍ୱାରା ସବୁକିଛି ସମ୍ଭବ ବୋଲି ମଙ୍ଗଳବାର ଗୋପ ବ୍ଲକ ଛଇତନାସ୍ଥିତ ହରିଶ୍ଚନ୍ଦ୍ର ବିଦ୍ୟାପୀଠରେ ଜିଲାସ୍ତରୀୟ ବିଜ୍ଞାନମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହା କହିଛନ୍ତି। ଦୁଇ ଦିନ ଧରି ଚାଲିବାକୁ ଥିବା ବିଜ୍ଞାନ ମେଳାରେ ୧୧ଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ପ୍ରକଳ୍ପଗୁଡ଼ିକ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ବିଜ୍ଞାନମେଳାରେ ସ୍ଥାନ ପାଇବ। ଜିଲା ଶିକ୍ଷାଧିକାରୀ ଡ.ହୃଷୀକେଶ କାଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଶିକ୍ଷକ ଓ ଅଭିଭାବକମାନଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ଚଳିତ ବର୍ଷ ପ୍ରଥମଥର ଲାଗି ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ପ୍ରକଳ୍ପ ବିଜ୍ଞାନମେଳାରେ ସାମିଲ କରିବା ସହ ପ୍ରାଥମିକ ସ୍ତର ଠାରୁ ବିଜ୍ଞାନର ଶିକ୍ଷାପ୍ରତି ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ସରକାରଙ୍କ ତରଫରୁ ୧୦ହଜାର ଟଙ୍କା ସହଯୋଗ ରାଶି ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର, ବୈଜ୍ଞାନିକ ଭାଗ୍ୟଧର ଭୋଇ, ଗୋପ ବିଡିଓ ଦୀପ୍ତିରାଣୀ ଦାଶ, ଗୋପ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର, ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ମମତା ମିଶ୍ର, ସରପଞ୍ଚ ସବିତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବାନନ୍ଦ ମହାରଣା, ଜିଲା ବିଜ୍ଞାନ ପରିଦର୍ଶକ ରବୀନ୍ଦ୍ର କୁମାର ମହାପାତ୍ର, ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ହରିଶ୍ଚନ୍ଦ୍ର ବିଦ୍ୟାପୀଠରେ ୧୦ଲକ୍ଷ ଟଙ୍କା ବ୍ୟୟରେ ମିନି ପାର୍କ ଓ ୫ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବା ମହିଳା ମହାସଂଘ ଗୃହକୁ ରାଜସ୍ୱ ମନ୍ତ୍ରୀ ମହାନ୍ତି ଉଦ୍‌ଘାଟନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

# ବେଳାଭୂମି ମାର୍ଗରେ ଭାସିଲା ନଳା ପାଣି

**ପୁରୀ ଅଫିସ, ୧୧।୧୨**

ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ଦେଶ, ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏଠାକାର ମନୋରମ ବେଳାଭୂମି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥାଏ। ହେଲେ ଉଠାଦୋକାନୀଙ୍କ ଯୋଗୁ ବେଳାଭୂମି ତାର ସୌନ୍ଦର୍ଯ୍ୟ ହରାଉଥିବା ବେଳେ ଅନେକ ସମୟରେ ବେଳାଭୂମି ମାର୍ଗରେ ଅଳିଆ ଆବର୍ଜନାକୁ ନେଇ ପର୍ଯ୍ୟଟକମାନେ କ୍ଷୋଭ ପ୍ରକାଶ କରିଥାନ୍ତି। ମଙ୍ଗଳବାର ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ସାତଲହଡ଼ି ମଠ ସମ୍ମୁଖ ବେଳାଭୂମି ମାର୍ଗରେ। ରାସ୍ତାରେ ନଳା ପାଣିର ସୁଅ ଛୁଟିଥିଲା। ଏହା ଦୁର୍ଗନ୍ଧ ହେଉଥିବାରୁ ବେଳାଭୂମି ମାର୍ଗ ଦେଇ ଯାଉଥିବା ପର୍ଯ୍ୟଟକ ନାକ ଟେକିଥିଲେ। ବର୍ତ୍ତମାନ ବେଳାଭୂମି ରାସ୍ତା ପ୍ରଶସ୍ତୀକରଣ ଚାଲିଛି। ଏଥିସହ ପାଚେରି ମଧ୍ୟ ନିର୍ମାଣ କରାଯାଉଛି। ଏଥିଲାଗି ମଙ୍ଗଳବାର ଜେସିବି ସାହାଯ୍ୟରେ ସାତଲହଡି ମଠ ସମ୍ମୁଖ ରାସ୍ତା ପାର୍ଶ୍ୱ ଖୋଳା ଯାଉଥିଲା। ଏହି ସମୟରେ ବେଆଇନ ଭାବେ ମୁଖ୍ୟ ଡ୍ରେନ୍‌କୁ ସଂଯୋଗ କରାଯାଇଥିବା କେତେକ ପାଇପ ଫାଟିଯିବାରୁ ବେଳାଭୂମି ମାର୍ଗରେ ନଳା ପାଣି ଭାସିଥିଲା। ଫଳରେ ସେହି ବାଟ ଦେଇ ଯାଉଥିବା ପର୍ଯ୍ୟଟକ ସମସ୍ୟାରେ ପଡିଥିଲେ। ବେଆଇନ ଭାବେ କେତେକ ହୋଟେଲ ଏହି ଡ୍ରେନକୁ ହୋଟେଲର ମଇଳା ପାଣି ଛାଡୁଥିବାରୁ ଏହା ଦୁର୍ଗନ୍ଧ ହେଉଥିଲା। ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ଡ୍ରେନ୍ ବର୍ଷାଜଳ ନିଷ୍କାସନ ପାଇଁ ତିଆରି କରାଯାଇଛି। କିନ୍ତୁ କେତେଜଣ ହୋଟେଲ ମାଲିକ ରାତି ଅଧିଆ ରାସ୍ତା ଖୋଳି ଡ୍ରେନ ସହ ସେମାନଙ୍କ ହୋଟେଲ ପାଇପ ସଂଯୋଗ କରିଥିଲେ। ଏବେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଖୋଳାଯିବା ପରେ ଏହା ଜଣାପଡିଛି।


ସ୍ୱେରେଜ ଡ୍ରେନ୍ ଫାଟି ଯାଇଥିବାରୁ ରାସ୍ତା ଉପରେ ଦୂଷିତ ଜଳ ପ୍ରବାହିତ ହେଉଛି।

ମା' ଜାଗୁଲାଇ କ୍ରିକେଟ୍ ଟୁର୍ନାମେଣ୍ଟ

### ଏମ୍‌ଜେସିସି, ଲାଇନ୍‌ସ କିଙ୍ଗ ବିଜୟୀ

**କଣାସ, ୧୧।୧୨(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ପଞ୍ଚାୟତର ଗଡସାନପୁଟ ଖେଳ ପଡିଆରେ ଚାଲିଥିବା ୧୨ତମ ମା'ଜାଗୁଲାଇ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଏମ୍‌ଜେସିସି କ୍ରିକେଟ୍ କ୍ଲବ ବିଜେୟୀ ହୋଇଥିବା ବେଳେ, ତୃତୀୟ ଦିବସରେ ଲାଇନସ୍ କିଙ୍ଗ କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ଦ୍ୱିତୀୟ ଦିବସରେ ଏମ୍‌ଜେସିସି କ୍ରିକେଟ୍ କ୍ଲବ ପାଟଣା ଏବଂ ଶରଧାପୁର କ୍ରିକେଟ୍ କ୍ଲବ ୬ଟି ଉଇକେଟ୍‌ରେ ହରାଇ ବିଜୟୀ ହୋଇଥିଲା। ତୃତୀୟ ଦିବସରେ ଲାୟନସ୍ କିଙ୍ଗ ଏବଂ ଏମ୍‌ଏସ୍‌ସି ହରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମ୍‌ଏସସି ପ୍ରଥମେ ବ୍ୟାଟିଂ କରି ୧୮ଓଭର ୨ଟି ବଲ୍ ଖେଳି ସମସ୍ତ ଉଇକେଟ୍ ହରାଇ ୧୦୧ରନ୍ କରିଥିବା ବେଳେ ଜବାବରେ ଲାଇନସ୍ କିଙ୍ଗ କ୍ଲବ ୧୫ଓଭର ୪ଟି ବଲ୍ ଖେଳି ୪ଟି ଉଇକେଟ୍ ହରାଇ ୧୦୨ରନ୍ କରି ବିଜୟୀ ହୋଇଥିଲା। ଲାଇନସ୍ କିଙ୍ଗର ବିଜୟ ପାତ୍ର ମ୍ୟାନ୍ ଅଫଦିମ୍ୟାଚ ଘୋଷିତ ହୋଇଥିଲେ।

### ସ୍ତ୍ରୀ ହନ୍ତା ସ୍ୱାମୀ ଜେଲଗଲେ

**ପୁରୀ ଅଫିସ,୧୧।୧୨**

ଜୁଆ ଖେଳିବାକୁ ଟଙ୍କା ନ ଦେବାରୁ ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ହତ୍ୟା କରିଥିବା ସ୍ୱାମୀ ଗଦାଧର ପ୍ରଧାନଙ୍କୁ ଟାଉନ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ପୋଲିସ ରକ୍ତଭିଜା ପ୍ୟାଣ୍ଟଶାର୍ଟ, ବ୍ୟବହୃତ ଛୁରି, ଏକ ମୋବାଇଲ ଫୋନ ଏବଂ ୩୩୭୦ ଟଙ୍କା ଜବତ କରିଛି। ଲକ୍ଷ୍ମୀପ୍ରିୟାଙ୍କ ବାପା କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଦଫା ୩୦୨/୩୪ ଆଇପିସି କେସ ନଂ. ୨୧୩/୧୮ରେ ଏକ ମାମଲା ରୁଜୁ କରିଥିଲା ।

# ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ଗୋପ, ୧୧।୧୨(ଡି.ଏନ୍.ଏ.)**

ରାଜ୍ୟ ସରକାର ରାଜ୍ୟର ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାବେଳେ କେବଳ ବିକାଶ ଦ୍ୱାରା ସବୁ ସମ୍ଭବ ବୋଲି ଗୋପ ଥାନା ନାଗପୁରଠାରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପନ ଅବସରରେ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ କହିଥିଲେ। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମଧ୍ୟ ଯୋଗ ଦେଇଥିଲେ। ଅପରାହ୍ନରେ ନାଗପୁର ମେଳାଘରଠାରୁ ପଦଯାତ୍ରା ଆରମ୍ଭ ହୋଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ପଦଯାତ୍ରା ଶେଷ ହେବା ପରେ ନାଗପୁର ବଜାରରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନିମାପଡ଼ା ସଭାପତି ପ୍ରସନ୍ନ ମହାନ୍ତି, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକ ଓ ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ବିଧାୟକ ଦାଶଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆରମ୍ଭ ହୋଇଥିବାବେଳେ ନାଗପୁରଠାରେ ଏହା ଉଦ୍‌ଯାପିତ ହୋଇଥିଲା। ଏହି ପଦଯାତ୍ରା ଅବସରରେ ୪ ହଜାରରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ମିଶିଥିଲେ।

ବିବାହିତ ପ୍ରେମୀ ଯୁଗଳ ବିଷ ପିଇବା ଘଟଣା

# ଅପମୃତ୍ୟୁ ମାମଲା ରୁଜୁ କଲା ପୋଲିସ

**ବ୍ରହ୍ମଗିରି, ୧୧।୧୨(ଡି.ଏନ୍.ଏ.)**

ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ବାବାଜୀ ଜଙ୍ଗଲରୁ ସୋମବାର ବିବାହିତ ପ୍ରେମୀଯୁଗଳଙ୍କୁ ବିଷ ପିଇ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରେମିକାଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରେମିକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ଏ ନେଇ ମେରାଇନ୍ ଥାନା ପୋଲିସ ମଙ୍ଗଳବାର ୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି । ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ବିବାହିତ ମହିଳା ନିଖୋଜ ହେବା ପରେ ତାଙ୍କ ସ୍ୱାମୀ ସାତପଡା ଫାଣ୍ଡିରେ ରବିବାର ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନ ସମୟରେ ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ବାବାଜୀ ଜଙ୍ଗଲରୁ ମହିଳା ଏବଂ ତାଙ୍କ ପ୍ରେମିକ ବିଷ ପିଇ ଗୁରୁତର ଅବସ୍ଥାରେ ପଡିଥିବା ସମୟରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମହିଳାଙ୍କର ମୃତ୍ୟୁ ହୋଇଥିଲା।

# ବ୍ଲକସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ


ପ୍ରତିଯୋଗୀମାନଙ୍କ ସହ ମୁଖ୍ୟଅତିଥି ।

**ସାକ୍ଷୀଗୋପାଳ, ୧୧।୧୨(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କୋଟଉପର ପଡିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ବଳରାମପୁରଗଡ ଏବଂ ପେଣ୍ଠପଡା ମଧ୍ୟରେ ଖେଳାଯାଇଥିଲା। ଏଥିରେ ପେଣ୍ଠପଡ଼ା ଟିମ୍‌କୁ ହରାଇ ବଳରାମପୁରଗଡ଼ ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ବ୍ଲକ ବିଜୁଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ସତ୍ୟବାଦୀ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାଶ, ବ୍ଲକ ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, ପଞ୍ଚାୟତ ଅଧିକାରୀ ମଣ୍ଟୁ ସ୍ୱାଇଁ, ବ୍ଲକ ଯୁବ ବାହିନୀ ସଂଯୋଜକ ଅମୂଲ୍ୟ କୁମାର ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ରେଫରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର, କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ତ୍ରିପାଠି ଓ ବିଜୟ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର ୨୨ଟି ଦଳ ଏଥିରେ ଭାଗ ନେଇଥିଲେ।

ଶିଶୁ ବୈଜ୍ଞାନିକ ବବୁଲଙ୍କ ଅଭିନବ ପ୍ରୟାସ

# ବିଜ୍ଞାନ ପ୍ରଦର୍ଶନୀରେ ପ୍ରଦୂଷଣମୁକ୍ତ ଯାନ

**ପୁରୀ ଅଫିସ,୧୧।୧୨**

ଦେଶରେ ଜନସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି। ସେ ଅନୁପାତରେ ଯାନବାହନ ଚଳାଚଳ ମଧ୍ୟ ବୃଦ୍ଧି ପାଇଛି। ଫଳରେ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ପରିବେଶକୁ ଖାପ ଖୁଆଇଲା ଭଳି ଏକ ଅଭିନବ ଯାନ ନିର୍ମାଣ କରିଛନ୍ତି ଶିଶୁ ବୈଜ୍ଞାନିକ ବବୁଲ ନାୟକ। ବୀର ନରସିଂହପୁର ଭାର୍ଗବୀ ହାଇସ୍କୁଲର ୯ମ ଶ୍ରେଣୀର ଏହି ଛାତ୍ର ନିର୍ମାଣ କରିଛନ୍ତି ପଲ୍ୟୁଶନ ଫ୍ରି ଭେହିକିଲ (ପ୍ରଦୂଷଣ ମୁକ୍ତ ଯାନ)। ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ହରିଶ୍ଚନ୍ଦ୍ର ସ୍ମୃତି ନୋଡାଲ ହାଇସ୍କୁଲ ପରିସରରେ ଆୟୋଜିତ ୩୭ ତମ ଜିଲାସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ର ବବୁଲଙ୍କ ଅଭିନବ ଯାନର ମୁଖ୍ୟ ଆକର୍ଷଣ ସାଜିଥିଲା। ଏକ ସାଇକେଲରେ ଡାଇନାମୋ, ବ୍ୟାଟେରି, କଣ୍ଟ୍ରୋଲର, ଏକ୍ସିଲେଟର, ସ୍ପିଡୋମିଟର, ଫ୍ରି ୱିଲ ଚେନ୍, ଡିସି ମୋଟର ଓ ବଲ୍‌ବ ବ୍ୟବହାର କରି ସେ ପ୍ରସ୍ତୁତ କରିଛନ୍ତି ଏହି ଯାନ। ଶିକ୍ଷକ ପ୍ରଶାନ୍ତ କୁମାର ଜେନା ତାଙ୍କ ଗାଇଡ୍ ରହିଛନ୍ତି।


ଶିଶୁ ବୈଜ୍ଞାନିକ ବବୁଲ ନାୟକ।

# ଜୀବନ ଯନ୍ତ୍ରଣାରେ ଶତ୍ରୁଛନ୍ତି ୩ ଅସହାୟ

**କଣାସ, ୧୧।୧୨(ସ୍ୱ.ପ୍ର.)**

ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ସରକାର ସମସ୍ତ ଚେଷ୍ଟା କରୁଥିବା କଥା କହୁଥିବାବେଳେ ଗାଁ ଗହଳିରେ କିନ୍ତୁ ଏହା ଓଲଟା ଦେଖିବାକୁ ମିଳୁଛି। କଣାସ ବ୍ଲକ ଅନ୍ତର୍ଗତ ଗଡସନାପୁଟ ପଞ୍ଚାୟତର ଲୋକାପାଳ ଗ୍ରାମରେ ଏକ ଅସହାୟ ପରିବାର ରହୁଛନ୍ତି। ଯାହାଙ୍କ ପାଖରେ କୌଣସି ସରକାରୀ ସୁବିଧା ସୁଯୋଗ ପହଞ୍ଚି ପାରୁ ନାହିଁ। ଫଳରେ ପରିବାରର ୩ସଦସ୍ୟ ଜୀବନ ଯନ୍ତ୍ରଣାରେ ଛଟପଟ ହେବା ସହ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ୨ବର୍ଷ ପୂର୍ବରୁ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ଗଣେଶଙ୍କର ମୃତ୍ୟୁ ହୋଇଥିବାବେଳେ ଘରର ମୁରବୀ ଗଣେଶ ସେଠୀ (୭୦)ଙ୍କର ହଠାତ୍ ୪ମାସ ତଳେ ମୃତ୍ୟୁ ହୋଇଥିଲା।



ବର୍ତ୍ତମାନ ପରିବାର କହିଲେ ଶାଶୁ, ବୋହୂ ଓ ୪ବର୍ଷର ନାତୁଣୀକୁ ମିଶାଇ ୩ଜଣ। ଜମିବାଡି କିଛି ନାହିଁ। ସମ୍ବଳ କହିଲେ ଭଙ୍ଗା ଚାଳଛପର ପୁରୁଣା ବାସଗୃହ ଦୁଇବଖରା। ଶାଶୁ ରଜନୀ ସେଠୀ (୬୨) ରୁଗ୍ଣ ଶରୀର। କାମକରି ଦୁଇପଇସା ରୋଜଗାର କରିବାର ଶକ୍ତି ନାହିଁ। ବୋହୂ ବାସନ୍ତୀ ସେଠୀ (୨୦)। ଗାଁ ଗହଳିରେ କାମ କରି ଅର୍ଥ ଉପାର୍ଜନର ଆଦୌ ସୁବିଧାନାହିଁ। ଦୁହେଁ ସେମିତି କୌଣସି ରୋଜଗାର କରିପାରୁ ନ ଥିବାରୁ ଛୋଟ ପିଲାଟିକୁ ସୁଷମ ଖାଦ୍ୟ ମିଳିପାରୁ ନାହିଁ। ବାପ, ପୁଅ ମରିଯିବା ପରେ ଏମାନଙ୍କ ଆଖିରୁ ଲୁହ ଶୁଖୁନାହିଁ। ବାସନ୍ତୀଙ୍କର ବିଧବା ଭତ୍ତା ମଞ୍ଜୁର ହୋଇଥିବାବେଳେ ଶାଶୁ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଶନକାର୍ଡ ମଧ୍ୟ ମିଳିନାହିଁ। ରୋଗ ହେଲେ ଘରେ ପଡିରହିବା ବ୍ୟତୀତ ଡାକ୍ତରଖାନା ଯିବା ସେମାନଙ୍କ ପାଇଁ କାଠିକର ହୋଇପଡୁଛି। ଏଭଳି ସ୍ଥିତିରେ ସେମାନେ କାଳ ବିତାଉଥିଲେ ମଧ୍ୟ ସେମାନଙ୍କ ଉପରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି କାହାର ନଜର ପଡୁନାହିଁ। ତୁରନ୍ତ ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କଣାସ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରତିଭା ସାହୁଙ୍କୁ ପଚାରିବାରୁ କ'ଣ କରାଯାଇ ପାରିବ ଦେଖିବା ବୋଲି କହିଥିଲେ।

ପର୍ଯ୍ୟଟକଙ୍କ ସୁବିଧା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

# ଜାହାନିଆଁ ପୀଠରେ ମୁତୟନ ହେବେ ଲାଇଫ୍‌ଗାର୍ଡ

**ପୁରୀ ଅଫିସ,୧୧।୧୨**

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀ ଜିଲାର ସ୍ୱତନ୍ତ୍ର ସ୍ଥାନ ରହିଛି। ଜିଲାକୁ ଆସୁଥିବା ପର୍ଯ୍ୟଟକମାନେ କିଭଳି ସୁବିଧା ସୁଯୋଗ ପାଇବେ ସେଥିଲାଗି ତତ୍ପରତା ପ୍ରକାଶ କରିଛି ଜିଲା ପ୍ରଶାସନ। ଏଥି ନିମନ୍ତେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଭୂ-ଅର୍ଜନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବିଶେଷ ସୁବିଧା ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି।ପୀଠ ଜାହାନିଆଁଠାରେ ଶୌଚାଳୟ, ପାନୀୟ ଜଳ ଯୋଗାଣ, ଲାଇଫ୍‌ଗାର୍ଡ ମୁତୟନ ସାଙ୍ଗକୁ ସୁରକ୍ଷା ପ୍ରଦାନ ନେଇ ଆଲୋଚନା କରାଯାଇଛି। ସେହିପରି ଚନ୍ଦ୍ରଭାଗା ଓ ରାମଚଣ୍ଡୀଠାରେ ବଣଭୋଜି ଏବଂ ପର୍ଯ୍ୟଟକଙ୍କ ଭ୍ରମଣ ଲାଗି ଆନୁଷଙ୍ଗିକ ସୁବିଧା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ ବ୍ୟବହାର ନ କରିବା ଏବଂ ପିକ୍‌ନିକସ୍ଥଳକୁ ପରିଷ୍କାର ରଖିବା ଲାଗି ସାଇନେଜ ମାଧ୍ୟମରେ ନିର୍ଦ୍ଦେଶନାମା ଜାରି କରାଯିବ। ପିକ୍‌ନିକ ପରେ ସେଠାରେ ଜମୁଥିବା ଅଳିଆକୁ କିପରି ସଫା କରାଯିବ ତାହା ଉପରେ ନଜର ଦିଆଯିବ। ସବୁ ପର୍ଯ୍ୟଟନସ୍ଥଳୀରେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଲାଗି ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଏବଂ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗସ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେବାକୁ ନିଷ୍ପତ୍ତି ହୋଇଛି। ଏତଦ୍‌ବ୍ୟତୀତ ଚିଲିକା ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ଉପରେ ହେଉଥିବା ଶୋଷଣ ଅଭିଯୋଗ ସଂକ୍ରାନ୍ତରେ ଜିଲା ପ୍ରଶାସନ କଡ଼ା ନଜର ରଖିଛି। ଅଭିଯୋଗ ଆସିଲେ ସତ୍ୟାସତ୍ୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ମୋଟର ବୋଟ ଆସୋସିଏଶନ ସହ ମଙ୍ଗଳବାର ଆଲୋଚନା ହୋଇଥିବା ବୈଠକରେ କୁହାଯାଇଥିଲା। ବୈଠକରେ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଚିଲିକାରେ ପର୍ଯ୍ୟଟକଙ୍କୁ ଶୋଷଣ କଲେ କାର୍ଯ୍ୟାନୁଷ୍ଠାନ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଡିସେମ୍ବର,୨୦୧୮



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର
କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ବଟି ନ ଦେବାରୁ ବ୍ୟବସାୟୀଙ୍କୁ ଆକ୍ରମଣ, ୨ ଗିରଫ

ଜଟଣୀ, ୧୧।୧୨ (ଡି.ଏନ.ଏ): ଜଟଣୀର ଏକ ବ୍ୟବସାୟ ପ୍ରତିଷ୍ଠାନ ଉପରେ କେତେଜଣ ଯୁବକ ମଙ୍ଗଳବାର ପୂର୍ବାହ୍ନରେ ଆକ୍ରମଣ କରିଥିଲେ। ଦୋକାନ ମାଲିକ ରମେଶ ଅଗ୍ରୱାଲା ଓ ତାଙ୍କ ଦୁଇପୁଅ ଗୌରବ, କରନଙ୍କୁ ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରି ଆହତ କରିଛନ୍ତି। ଆକ୍ରମଣରେ ରମେଶଙ୍କ ସମେତ ତାଙ୍କ ଦୁଇପୁଅଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସର୍ଦ୍ଦାର ପଟେଲ ମାର୍ଗ ରାସ୍ତାରେ ଥିବା ପପୁ ସପିଂମାର୍ଟ ବ୍ୟବସାୟ ପ୍ରତିଷ୍ଠାନକୁ ସ୍ଥାନୀୟ ବାଲିଛକ ମୁଣ୍ଡିଆ ସାହିର ୪ ଜଣ ଯୁବକ ଆସି ଜବରଦସ୍ତ ୨ ହଜାର ଟଙ୍କା ବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଏମାନେ ପାଇପ ଦ୍ୱାରା ଆକ୍ରମଣ କରିଥିବା କରନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ରାମଚନ୍ଦ୍ର ମହାରଣା ଓ ମୋହନ ମହାରଣାଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ଅଛନ୍ତି। ଥାନାରେ ନଂ. ୪୧୭/୧୮ରେ ମାମଲା ରୁଜୁ ହୋଇଛି।

### ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ବେଗୁନିଆ,୧୧।୧୨ (ଡି.ଏନ.ଏ.) ବେଗୁନିଆ ବ୍ଲକ ପୋଡାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଶୀତକାଳୀନ କ୍ରୀଡା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ କ୍ରୀଡାରେ ବିଦ୍ୟାଳୟର ୬୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୧ ଜଣ ପିଲା କୃତିତ୍ୱ ଅର୍ଜନ କରିଥିଲେ। ସେମାନେ ଜିଲାସ୍ତରୀୟ କ୍ରୀଡା ଉତ୍ସବକୁ ମନୋନୀତ ହୋଇଛନ୍ତି।

### ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୧୧।୧୨:ବାଣପୁର ଭଗବତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ମଧ୍ୟାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଣପୁର ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସମ୍ପାଦକ ବସନ୍ତ କୁମାର ନାୟକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ ଅତିଥି ପରିଚୟ, ଲକ୍ଷ୍ମୀପ୍ରିୟା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୧୦ଜଣ ଛାତ୍ରୀଛାତ୍ର, ଲମ୍ଫ ଡିଆଁ, ଦୌଡ ଓ ଗୋଳା ଫିଙ୍ଗା କ୍ରୀଡାରେ ଭାଗ ନେଇଥିଲେ।

### ଶ୍ରୀଅରବିନ୍ଦଙ୍କ ସମାଧି ଦିବସ

ଖୋର୍ଦ୍ଧା ଅଫିସ,୧୧।୧୨: ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଗୁଡିକରେ ଶ୍ରୀ ଅରବିନ୍ଦଙ୍କର ୬୯ତମ ମହାସମାଧି ଦିବସ ପାଳିତ ହୋଇଯାଇଛି। କାଲୁପଡା, ବଡପଦର, ବାଣପୁର, ସୁନାଖଳା, ଗମ୍ଭାରିମୁଣ୍ଡା ପରି ଅଞ୍ଚଳରେ ସ୍କୁଲର କର୍ମକର୍ତ୍ତାମାନେ ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ।

## ■ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ଦାବି
# ଆଇଆଇଟି ସମ୍ମୁଖରେ ଧାରଣା

ଜଟଣୀ,୧୧।୧୨(ଡି.ଏନ.ଏ)

ଜଟଣୀସ୍ଥିତ ଆଇଆଇଟିରେ ଘରୋଇ ସଂସ୍ଥା ମାଧ୍ୟମରେ ହେଉଥିବା ନିଯୁକ୍ତିରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ସୁଯୋଗ ମିଳୁନି। ଏଣୁ ସ୍ଥାନୀୟ ଅଞ୍ଚଳର ବେକାରଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦାବିରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ଆଇଆଇଟି ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ଆଇଆଇଟିର ମୁଖ୍ୟଗେଟରେ ଆନ୍ଦୋଳନକାରୀ ତାଲା ପକାଇ ଦେବା ଯୋଗୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ବିଦ୍ୟାର୍ଥୀଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ପରେ ଭୁବନେଶ୍ୱର ସବ୍‌କଲେକ୍ଟର ଶୁଭେନ୍ଦୁ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ଦାବି ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସ୍ଥାନୀୟ କଂଗ୍ରେସ ନେତା ଅଶୋକ ମଙ୍ଗରାଜ, ସୀତାକାନ୍ତ ଶତପଥୀ, ଉମାଶଙ୍କର ମିଶ୍ର, ଅଞ୍ଜଳି ମହାନ୍ତି, ବିଷ୍ଣୁ ସାହୁ, ଅନନ୍ତ ବେହେରା, କଳିଙ୍ଗ ସାହୁ, ସୁନୀଲ ରାଉତରାୟ, ରବି ଦାସ, ବୃନ୍ଦାବନ ସାହୁ, ସୁଲୁ ମହାନ୍ତି, ନୌସର ଅଲ୍ଲୀ ଓ ଅନ୍ୟମାନେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ବେକାର ଯୁବକଙ୍କୁ ନିଯୁକ୍ତି ଦାବିରେ କଂଗ୍ରେସ ପକ୍ଷରୁ ଆଇଆଇଟି ସମ୍ମୁଖରେ ଧାରଣା ।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଖୋର୍ଦ୍ଧା ଅଫିସ,୧୧।୧୨:

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଆଦି ଥ୍ରୀପି ଦାବିରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଚାଷୀମାନେ ଆମରଣ ଅନଶନ କରିଥିଲେ। ଅନଶନ ୨ୟ ଦିନରେ ପହଞ୍ଚିଥିବାବେଳେ ସୁଫଳ ନ ମିଳିବାରୁ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ତାଲା ପକାଇ ଦେଇଥିଲେ। ଘଟଣାସ୍ଥଳରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ ଦାସ ଓ ଟାଉନ ଥାନା ଆଇଆଇସି ରଣଜିତ୍ ସାହୁ ଫୋର୍ସ ସହ ପହଞ୍ଚି ୨୮ ଜଣଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଛନ୍ତି। ଫଳରେ ମଧ୍ୟାହ୍ନରେ ଗେଟରୁ ତାଲା ଖୋଲିଥିଲା। ଚାଷୀଙ୍କ ଅଭିଯୋଗ ଅନୁସାରେ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରରୁ ପ୍ରାଇସ୍, ପେନସନ୍ ଓ ପ୍ରେଷ୍ଟିଜ୍ ଦାବିରେ ଆନ୍ଦୋଳନ କରି ଆସୁଛନ୍ତି।

## ରିଲେ ଅନଶନରେ କାର୍ଯ୍ୟ ନିର୍ବାହୀ ଅଧିକାରୀ

ଖୋର୍ଦ୍ଧା ଅଫିସ,୧୧।୧୨:

ବେଗୁନିଆ କ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟତମା ନାୟକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆକ୍ରମଣ ଘଟଣାରେ ପୋଲିସର ନୀରବତା ପ୍ରତିବାଦରେ ଚିଲିକା ଓ ବାଣପୁର ବ୍ଲକରେ ରିଲେ ଅନଶନ ୨ଦିନ ହେଲା ଚାଲୁ ରହିଛି। ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ସାମୂହିକ ଛୁଟି ନେଇ ଆନ୍ଦୋଳନ ତ୍ୱରାନ୍ୱିତ ହୋଇଛି। ନଭେମ୍ବର ୫ରେ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟତମାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିଲା। ପରେ ଆକ୍ରମଣ କରାଯାଇଥିଲା।

## କଂଗ୍ରେସର ବିଜୟ ଦିବସ

ଖୋର୍ଦ୍ଧା ଅଫିସ,୧୧।୧୨:

ରାଜସ୍ଥାନ, ଛତିଶଗଡରେ କଂଗ୍ରେସର ବିଜୟ ପରେ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଟାଉନ ହଲଠାରେ ବିଜୟ ଦିବସ ପାଳନ କରାଯାଇଥିଲା। ନେତା ଓ କର୍ମୀମାନେ ବାଣ ଫୁଟାଇ, ମିଠା ଖୁଆଇ ଖୁସି ମନାଇଥିଲେ। ଏଥିରେ ଜିଲା କାର୍ଯ୍ୟକାରୀ ସଭାପତି ସ୍ୱାଗତିକା ପଟ୍ଟନାୟକ, ବ୍ଲକ ସଭାପତି ପଦ୍ମ ଚରଣ ପଟ୍ଟନାୟକ, ପିସିସି ସଭ୍ୟ ଶିଶିର ପରିଡା, ପିସିସି ମୁଖପାତ୍ର ଅମିତ ମହାନ୍ତି, ଯୁବ କଂଗ୍ରେସ ସଭାପତି ପ୍ଲାବନ ପଟ୍ଟନାୟକ ଓ ଶିଳାଦତ୍ୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।



କଂଗ୍ରେସ କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି ।

## ବିଦ୍ୟାଳୟରେ କନ୍ୟାରତ୍ନ କରଯତ୍ନ କାର୍ଯ୍ୟକ୍ରମ, ମୁଁ ବି ପାରିବି

ବେଗୁନିଆ,୧୧।୧୨ (ଡି.ଏନ.ଏ.)

କନ୍ୟା ରତ୍ନ ପ୍ରତି ମଣିଷ ସମାଜରେ ବିମୁଖ ମନୋଭାବ ଦେଖାଦେଇଛି। ଏହି ମନୋଭାବକୁ ଦୂରୀଭୁତ କରିବାକୁ ଆମେ ତୁମେ ସେମାନେ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆସ ଭାଇ ଆମେ ସମସ୍ତେ ସମାଜ ପାଇଁ କିଛି କରି ଦେଖାଇବା ଆଭିମୁଖ୍ୟ ନେଇ ମହତ ବାର୍ତ୍ତାକୁ ଗାଁ ଗାଁରେ ବାଣ୍ଟିବାକୁ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଢାଯାଇଛି। ଏହି ଅବସରରେ ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସଭା ଗୃହ କକ୍ଷ ପରିସରରେ ଏକ ସଭା କାର୍ଯ୍ୟ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କନ୍ୟା ଜନ୍ମ ବୁଲି ମୁଣ୍ଡକୁ ବୋଲି ପୂର୍ବ କାଳରେ ଲୋକମାନଙ୍କ ମନରେ ଭ୍ରାନ୍ତ ଧାରଣା ରହି ଆସୁଥିଲା। ମାତ୍ର ଏବେ ଯୁଗ ବଦଳିବା ସାଙ୍ଗକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ବଳରେ ଝିଅମାନେ ଏବେ କିଛି ବି କମ ନୁହନ୍ତି। ମୁଁ ବି ପାରଦର୍ଶିତା ଦେଖାଇ ପାରିବି ବୋଲି ସବୁଠି ଝିଅମାନେ ମତ ବାଢି ଚାଲିଛନ୍ତି। ହେଲେ ସେମାନଙ୍କୁ ଉତ୍ସାହିତ କରିବା ଆମମାନଙ୍କର ନିହାତି ଆବଶ୍ୟକ ବୋଲି ଅତିଥି ସାହୁ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଖୋର୍ଦ୍ଧାର ଅଧକ୍ଷ ରାମଶଙ୍କର, ଶିକ୍ଷାବିତ୍ ନଳିନୀକାନ୍ତ ପଣ୍ଡା, ସାମାଜିକ କର୍ମୀ ଗୋପୀନାଥ ସେଠୀ, ସୁଶାନ୍ତ ଶତପଥୀ, ଚିନ୍ମୟୀ ପାଇକରାୟ ଓ ଶିବ କୁମାର ମୁନି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ଏବେ କନ୍ୟାରତ୍ନ ଜନ୍ମ ଦେଇଥିବା ଦୁଇ ମହିଳା ଟୁକୁନି ବେହେରା ଏବଂ ସସ୍ମିତା ପ୍ରଧାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଗଠନର ଆବାହକ ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।



କନ୍ୟାରତ୍ନ କରଯତ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ଭଲିବଲ ଟୁର୍ନାମେଣ୍ଟ :ବଡଝାଡ ପଞ୍ଚାୟତ ଚାମ୍ପିୟନ

କୃଷ୍ଣପ୍ରସାଦ,୧୧।୧୨(ଡି.ଏନ.ଏ.)– କୃଷ୍ଣପ୍ରସାଦ ବ୍ଲକ ବିଜୁ ଯୁବ ବାହିନୀ ତରଫରୁ ଉଦୟନାଥ ଷ୍ଟାଡିୟମ ଚାରିଛକ ଠାରେ ଚାଲିଥିବା ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ,ଗୋମୁଣ୍ଡିଆ ସରପଞ୍ଚ ସଞ୍ଜୁଲତା ଜେନା,ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର,ସାତପଡା ସରପଞ୍ଚ ତ୍ରିନାଥ ଚନ୍ଦ୍ର ସାମନ୍ତରାୟ,ଗୋମୁଣ୍ଡିଆ ସମିତିସଭ୍ୟ ବିଜୟ କୁମାର ତରେଇ,ତିତିପ ସମିତିସଭ୍ୟ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍‌ଯାପନୀ ଦିବସରେ ସାତପଡା ପଞ୍ଚାୟତ ଭଲିବଲ ଟିମ ବନାମ ବଡଝାଡ ପଞ୍ଚାୟତ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ୩–୧ସେଟ୍‌ରେ ବଡଝାଡ ପଞ୍ଚାୟତ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା । ମ୍ୟାଚକୁ କ୍ରୀଡାବିତ୍ ସରପଞ୍ଚ ରମେଶ ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ ପରିଚାଳନା କରିଥିଲେ । ବ୍ଲକ ବିଜୁ ଯୁବବାହିନୀର ସଂଯୋଜକ ମନୋଜ କୁମାର ନାୟକ ପ୍ରତିଯୋଗିତାକୁ ପରିଚାଳନା କରୁଥିବା ବେଳେ ତିତିପ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅଶୋକ କୁମାର ବାରିକୀ,ଗୋମୁଣ୍ଡିଆ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି କାଳୁ ଚରଣ ଦାସଙ୍କ ସମେତ ଯୁବବାହିନୀର କର୍ମକର୍ତ୍ତାମାନେ ସହଯୋଗ କରୁଥିଲେ। ଉଭୟ ଦଳକୁ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଚାମ୍ପିୟନ ଦଳ ବୁଧବାର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାଯାଇଛି ।

## ପତଞ୍ଜଳି ଯୋଗପୀଠର ବାର୍ଷିକୋତ୍ସବ

ଖୋର୍ଦ୍ଧା ଅଫିସ,୧୧।୧୨:

ଖୋର୍ଦ୍ଧା ସହରର ଗୀତାଭବନ ସମ୍ମୁଖ ପଡିଆରେ ଚାଲୁ ରହିଥିବା ୩ ଦିନିଆ ଯୋଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଖୋର୍ଦ୍ଧାରେ ଏକ ଯୋଗ ଭବନ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତ ସ୍ୱାଭିମାନର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଧୀରେନ ପଣ୍ଡା, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ଦୁଃଶାସନ ସ୍ୱାଇଁ, ଶ୍ରୀଧର ବାରିକ, ଜୟନ୍ତ ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲା ପ୍ରଭାରୀ ସୀତାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। ଇତିଶ୍ରୀ ସାହୁ, ସୁଜାତା ମିଶ୍ର, ପ୍ରମୋଦ ସାହୁ ଏଥିରେ ସହଯୋଗ କରିଥିଲେ।

**ODISHA NURSES & MIDWIVES EXAMINATION BOARD**

(Health & Family Welfare Department, Govt. of Odisha)
Directorate of Nursing, Heads of Deptt. Building,
Bhubaneswar-1, Odisha
Email: odishanursingboard@gmail.com

No. 02 ON&MEB Dated: 10.12.2018

**Tender Call Notice for of Bar coding & decoding of the Nursing Examination answer scripts etc. for ON&MEB preparation of merit list & provisional mark sheet**

**No. 650-E:-** Odisha Nurses & Midwives Examination Board (ON&MEB), Odisha invites sealed tenders are invited from interested reputed travels agencies having GST registration, adequate experience in Bar coding and de-coding of (answer scripts), preparation of merit list & provisional mark sheet for ON&MEB. The detailed specifications and terms & conditions are available in the official websites i.e. www.nursingodisha.nic.in. Interested parties may submit their tender in a sealed cover superscribing "Tender for Coding / de-Coding of answer scripts for ON&MEB 2018-19" to the undersigned through Speed Post / Registered Post only which should reach on or before 02.01.2019 of 5PM positively. The quotation will be opened 04.01.2019 at 2.30PM. The undersigned reserves the right to reject any or all the tender without assigning any reason thereof.

*Sd./- Secretary*
*ON&MEB*

10058/11/0024/1819

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNDARGARH**
**E.Mail – rw_sundargarh@yahoo.co.in**
**No.1150-O:-** **E-PROCUREMENT NOTICE**
**BID IDENTIFICATION NO. ONLINE-EESNG-04 of 2018-19**

1. Name of the Work : Road works
2. Total No. of works : 03 nos Road
3. Estimated cost : Rs. 26.52 Lakhs to Rs. 28.29 Lakhs
4. Class of contractor : 'B'& 'C'
5. Period of completion : Three calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-04 of 2018-19 | 13.12.2018 10.00 A.M | 26.12.2018 05.00 P.M. |

Further details can be seen from the website www.tendersorissa.gov.in

**Sd./- Executive Engineer,**
**Rural Works Division, Sundargarh**

**25046/11/0005/1819**

**GOVERNMENT OF ODISHA, "e"-PROCUREMENT NOTICE**
**Bid Identification No. E.E. GTN(R&B)-07/2018-19**
No.999-B:- **E-mail address: eeghatagaon2015@gmail.com**
**Letter No. 3237** **Dt. 06.12.2018**

| | | | |
|---|---|---|---|
| 1. | Name of the work | : | Bridge Work |
| 2. | Numbers of work | : | 01 (One) |
| 3. | Estimated cost | : | Rs 35.89 Lakhs |
| 4. | Period of completion | : | 1(One) Month |
| 5. | Date & Time of availability of bid document in the portal | : | From 11.45 A.M of dt 13.12.2018 to 04.00 P.M of dt 20.12.2018 |
| 6. | Last Date/ Time for receipt of bids in the portal | : | 04.00 P.M of dt 20.12.2018 |
| 7. | Date of opening of Bid | : | 11.30 A.M of dt 21.12.2018 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./- Executive Engineer,**
**Ghatagaon(R&B)Division**

**34140/11/0010/1819**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION NAWRANGPUR**
**2nd corrigendum to Bid Identification No: EERWNGP – Online -02/2018-19**

**No.1147-O:-** In partial modification to this office Tender call notice no 02/2018-19 the following changes are made.

1. The cancellation is made in respect of the Sl. No.1 to 41, i.e., 41 (Forty one) Nos. of work due to Technically defect.

**Executive Engineer,**
**Rural Works Division, Nabarangpur**

**25092/11/0007/1819**

No.937-A

**Government of Odisha**
**Department of Water Resources**
**NOTICE**
**Simplified Procedure on Water Allocation and Payment for use of water by industrial, commercial & other establishments.**

It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.
Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.
Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.

**Chief Engineer, Water Services**
**Department of Water Resources**

**ଓଡ଼ିଶା ସରକାର**
**ଜଳ ସମ୍ପଦ ବିଭାଗ**

**ବିଜ୍ଞପ୍ତି**

**ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା**

ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି । ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha – Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ। ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର-୧ ସହିତ ଯୋଗାଯୋଗ କରିପାରିବେ।

**ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ**

32031/11/0006/1819

DADLS-216

**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା**

ତା. ୧୪.୧୨.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ମଧ୍ୟାହ୍ନ ୧୨ ଘଟିକା**

୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୪.୧୨.୨୦୧୮ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**

15001/13/0488/1819

**GOVERNMENT OF ODISHA**
**OFFICE OF THE HEALTH & F.W. DEPARTMENT**
**VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
ODISHA-768017 (Tele Fax No. 0663-2430435
Email: superintendent.vssmch@gmail.com
No. .................. / VIMSAR, Dated: .......................

**TENDER CALL NOTICE**

**No. 648-E:-** Sealed tenders in two bids are invited by the undersigned from the Registered Firms / Authorised Dealers having GST holders for supply of Consumables & others to this institution for use in the Bio Medical Waste Management Plant during the year 2019-20 so as to reach of office of the Superintendent, VSS Institute of Medical Sciences & Research Burla on or before dt.09.01.2019 upto 5.00PM through Regd. Post / Speed Post only and this will be opened on dt.10.01.2019 at 3.30PM.

The detailed list of items along with terms and condition of this tender call notice can be obtained from the office of the Superintendent, VSS Institute of Medical Sciences & Research, Burla and can be downloaded from the website www.sambalpur.nic.in from its date of publication.

*Sd./- Dean & Principal*
*VSS Inst. of Med. Sc & Research, Burla*

10012/11/0053/1819